

ପର୍ଶୁରାମଙ୍କ ଭୂମିକାରେ ଭିକି

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-229 ◆SATURDAY ◆14 FEBRUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୨୯ ◆ଶନିବାର ◆୧୪ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୨୦ ବର୍ଷ ପରେ ବାଂଲାଦେଶରେ ବିଏନ୍‌ପିର ବିଜୟ

# ତାରିକ ରହେମାନ୍ ହେବେ ପ୍ରଧାନମନ୍ତ୍ରୀ



**୩୫ ବର୍ଷ ପରେ ଦେଶକୁ ମିଳିବ ପୁରୁଷ ପ୍ରଧାନମନ୍ତ୍ରୀ**

**ରହେମାନ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦୀ, ମମତା**

**“ ନିର୍ବାଚନ ଲୋକଦେଖାଣିଆ; ଫଳାଫଳ ପୂର୍ବରୁ ସ୍ଥିର କରାଯାଇଛି, ଜାଲିଆତି ହୋଇଛି, ରଦ୍ଦ କରାଯାଉ: ହସିନା**



■ ଢାକା, ୧୩।୨ (ଏଜେନ୍ସି): ବାଂଲାଦେଶରେ ଗୁରୁବାର ଅନୁଷ୍ଠିତ ସାଧାରଣ ନିର୍ବାଚନ ବିଭିନ୍ନ ଦୃଷ୍ଟିକୋଣରୁ ଐତିହାସିକ ସାବ୍ୟସ୍ତ ହୋଇଛି। ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ଏଥର ବଡ଼ ବିଜୟ ହାସଲ କରିଛି। ମୋଟ୍ ୨୯୯ଟି ଆସନ ମଧ୍ୟରୁ ପୂର୍ବତନ ତଥା ଦିବଂଗତ ପ୍ରଧାନମନ୍ତ୍ରୀ ବେଗମ ଖାଲେଦା ଜିଆଙ୍କ ପୁଅ ତାରିକ ରହମାନଙ୍କ ନେତୃତ୍ୱାଧୀନ ବିଏନ୍‌ପି ୨୧୨ଟି ଆସନ ଜିତି ବିପୁଳ ବିଜୟ ହାସଲ କରିବା ସହ ସରକାର ଗଢ଼ିବା ନିଶ୍ଚିତ କରିଛି। ବିଏନ୍‌ପି ବହୁମତ ପାଇଁ ଆବଶ୍ୟକ ୧୫୦ ଅଙ୍କକୁ ଅତିକ୍ରମ କରିଛି।

ଅପରପକ୍ଷରେ କଠୋରପନ୍ଥୀ ଦଳ ଜମାତ-ଇ-ଇସ୍‌ଲାମୀ ନେତୃତ୍ୱରେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ୧୧ଟି ଦଳର ମେଣ୍ଟକୁ ମାତ୍ର ୭୦ଟି ଆସନ ମିଳିଛି। ଜମାତ ମୁଖ୍ୟ ଶଫିକୁର ରହେମାନ ଢାକା-୧୫ ଆସନରୁ ବିଜୟୀ ହୋଇଛନ୍ତି। ଦେଶରେ ପ୍ରାୟ ଦୁଇ ଦଶନ୍ଧି ପରେ ବିଏନ୍‌ପି ସରକାର ଗଠନ କରିବାକୁ ଯାଉଛି। ୨୦୦୮ରୁ ୨୦୨୪ ପର୍ଯ୍ୟନ୍ତ ସେଠାରେ ଶେଖ ହସିନାଙ୍କ ଆୱାମୀ ଲିଗ୍ କ୍ଷମତାରେ ଥିଲା।

ଅନ୍ୟପକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଆୱାମୀ ଲିଗ ମୁଖ୍ୟ ଶେଖ ହସିନା ନିର୍ବାଚନକୁ ସମ୍ପୂର୍ଣ୍ଣ ଲୋକ ଦେଖାଣିଆ, ପୂର୍ବ ସ୍ଥିରିକୃତ, ବେଆଇନ, ଭୋଟର ବିହୀନ ଏବଂ ଅସାମ୍ବିଧାନିକ ବୋଲି କହିଛନ୍ତି। ସେ ନିର୍ବାଚନକୁ ରଦ୍ଦ କରିବାକୁ ଦାବି କରିଛନ୍ତି। ହସିନାଙ୍କ ମତରେ, ମହମ୍ମଦ ୟୁନୁସ ବେଆଇନ ଏବଂ ଅସାମ୍ବିଧାନିକ ଭାବେ କ୍ଷମତାକୁ କବ୍‌ଜା କରିଥିଲେ। ସେ ମଧ୍ୟ ବେଆଇନ ଭାବେ ନିର୍ବାଚନ କରାଇଛନ୍ତି। ଏହି ନିର୍ବାଚନରେ ଲୋକଙ୍କୁ ଭୋଟ ଦେବାର ଅଧିକାର, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସମ୍ବିଧାନର ଭାବନାକୁ ସମ୍ମାନ କରାଯାଇ ନାହିଁ। ଆୱାମୀ ଲିଗ୍‌ର ବିନା ନିର୍ବାଚନ କରାଇ ଲୋକଙ୍କୁ ଧୋକା ଦିଆଯାଇଛି। ଗତ ୧୧ ତାରିଖ ସନ୍ଧ୍ୟାରେ ଅନେକ ମତଦାନ କେନ୍ଦ୍ରକୁ କବ୍‌ଜା କରି ଗୁଳି ମାଡ଼ କରାଯାଇଥିଲା। ଏହା ସହିତ ଟଙ୍କା ବାଣ୍ଟି ବାଲାଟ ପେପରରେ ମୋହର ମରା ଯାଇଥିଲା। ଏହି ଫଳାଫଳରେ ଏଜେଣ୍ଟଙ୍କ ସ୍ୱାକ୍ଷର ▶ପୃଷ୍ଠା-୭

# ‘ସେବା ତୀର୍ଥ’ ପିଏମ୍‌ଓର ନୂଆ ଠିକଣା

**ଡାକ ଟିକଟ ଓ ମୁଦ୍ରା ବି ଜାରି**

**କୋଠାରେ ଲେଖା ହୋଇଛି ‘ନାଗରିକ ଦେବୋ ଭବ’**

**ପୁରୁଣା କୋଠା ହେବ ସଂଗ୍ରହାଳୟ**



■ ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀର ରାଇସିନା ହିଲ୍ସ ସ୍ଥିତ ସାଉଥ ବ୍ଲକ ଆଉ କ୍ଷମତା କେନ୍ଦ୍ର ହୋଇ ନାହିଁ। ଶୁକ୍ରବାର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମଓ)ର ଠିକଣା ବଦଳି ଯାଇଛି। ‘ସେବା ତୀର୍ଥ’ ନୂଆ ପରିଚୟ ପାଲଟି ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏହି କମ୍ପ୍ଲେକ୍ସ ସହିତ କର୍ତ୍ତବ୍ୟ ଭବନ-୧ ଏବଂ କର୍ତ୍ତବ୍ୟ ଭବନ-୨କୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ସେ ଡାକ ଟିକଟ ଏବଂ ମୁଦ୍ରା ମଧ୍ୟ ଜାରି କରିଛନ୍ତି। ସେବା ତୀର୍ଥରେ ପିଏମଓ, ନ୍ୟାସନାଲ ସିକ୍ୟୁରିଟି କାଉନସିଲ ସଚିବାଳୟ (ଏନଏସସିଏସ) ଏବଂ କ୍ୟାବିନେଟ ସଚିବାଳୟ କାମ କରିବ। ଉଦ୍‌ଘାଟନୀ ଅବସରରେ ନୂଆ କମ୍ପ୍ଲେକ୍ସରେ ଲାଗିଥିବା ‘ସେବା ତୀର୍ଥ’ ଫଳକକୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଥିଲେ। ପରିସରରେ ଥିବା କାନ୍ଥ ଦେବନାଗରୀ ଲିପିରେ ‘ସେବା ତୀର୍ଥ’ ଲେଖା ଯାଇଥିଲା। ଏହାର ତଳେ ‘ନାଗରିକ ଦେବୋ ଭବ’ ଅର୍ଥାତ୍ ‘ନାଗରିକ ଭଗବାନଙ୍କ ସହ ସମାନ’ର ମନ୍ତ୍ର ମଧ୍ୟ ଲେଖାଯାଇଛି। ସେହିପରି ଆଜି ବ୍ରିଟିଶ କାଳର ‘ସେକ୍ରେଟାରିଏଟ ବିଲ୍ଡିଂ’ରେ ଶେଷ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି। ▶ପୃଷ୍ଠା-୭

# ସଂସଦରେ ଖଡ଼୍‌ଗେ ଉଠାଇଲେ ଓଡ଼ିଶାରେ ଜାତି ଭେଦଭାବ



**ରାଜ୍ୟସଭାରେ ଉଠିଲା ରାଜନଗର ଅଙ୍ଗନବାଡି ଭେଦଭାବ ପ୍ରସଙ୍ଗ**

**ଜାତିଗତ ବର୍ଣ୍ଣବୈଷମ୍ୟ ସମ୍ବିଧାନ ପ୍ରଦତ୍ତ ଶିକ୍ଷାର ଅଧିକାରରୁ ପିଲାଙ୍କୁ ବଞ୍ଚିତ କରୁଛି**

■ ଭୁବନେଶ୍ୱର, ୧୩।୨ (ସମିସ): କେନ୍ଦ୍ରାପଡା ରାଜନଗର ଅଞ୍ଚଳରେ ଏକ ଅଙ୍ଗନବାଡି କେନ୍ଦ୍ରରେ ଜାତି ଆଧାରରେ ଭେଦଭାବ କଥା ରାଜ୍ୟସଭାରେ ଉଠିଛି। ରାଜ୍ୟସଭାରେ ବିରୋଧୀ ଦଳ ନେତା ତଥା ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖରଗେ ଉପରୋକ୍ତ ପ୍ରସଙ୍ଗ ଉଠାଇ କ୍ଷୋଭ ପ୍ରକାଶ କରିଛନ୍ତି। ଏକବିଂଶ ଶତାବ୍ଦୀରେ ଏପରି ଜାତିଗତ ବର୍ଣ୍ଣବୈଷମ, ଭେଦଭାବକୁ ନେଇ ସେ ଚିନ୍ତାବ୍ୟକ୍ତ କରିବା ସହ ଏପରି ଭେଦଭାବ ରହିଲେ ସ୍ୱାଭାବିକ ଭାବେ ଏହା ପିଲାଙ୍କ ବିକାଶ ଉପରେ କୁପ୍ରଭାବ ପକାଇବ ବୋଲି କହିଛନ୍ତି।

ଶ୍ରୀ ଖରଗେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀରେ ଯେତେବେଳେ ଆମେ ସାମାଜିକ ବିକାଶ, ସଂସ୍କାରର କଥା କହୁଛେ, ହିନ୍ଦୁ ଏକ ହେବାର କଥା କହୁଛେ, ସେତେବେଳେ ଓଡ଼ିଶାରେ ଏକ ଅଙ୍ଗନବାଡି କେନ୍ଦ୍ରରେ ଜଣେ ଦଳିତା ମହିଳା ସହାୟିକାଙ୍କ ଦ୍ୱାରା ପ୍ରସ୍ତୁତ ଭୋଜନକୁ ଏକ ବିଶେଷ ସମୁଦାୟର ଲୋକେ ନିଜ ପିଲାଙ୍କୁ ଖାଇବାକୁ ଦେଉନାହାନ୍ତି। ବିଗତ ୩ ମାସ ହେଲାଣି ଏହି ଅଙ୍ଗନବାଡ଼ି ସେଣ୍ଟରକୁ କେହି ଯାଉନାହାନ୍ତି। ଅଙ୍ଗନବାଡି ସେଣ୍ଟର ପିଲାଙ୍କ ଶାରିରୀକ ଓ ମାନସିକ ବିକାଶର ମୂଳଦୁଆ ପକାଇଥାଏ। ମାତ୍ର ଯଦି ଏହିପରି ଜାତିଗତ ଭେଦଭାବ ରହିବ, ତାହେଲେ ସ୍ୱାଭାବିକ ଭାବେ ଏହା ପିଲାଙ୍କ ବିକାଶ ଉପରେ କୁପ୍ରଭାବ ପକାଇବ। ଏଭଳି ଜାତିଗତ ବର୍ଣ୍ଣବୈଷମ ସମ୍ବିଧାନର ଧାରା ୨୧(ଏ) ଦ୍ୱାରା ପ୍ରଦତ୍ତ ଶିକ୍ଷାର ଅଧିକାରକୁ ସିଧାସଳଖ ପ୍ରଭାବିତ କରୁଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡା ରାଜନଗର ଅନ୍ତର୍ଗତ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ୨୦୨୫ ନଭେମ୍ବର ୨୦ରେ ଜଣେ ଅନୁସୂଚିତ ଜାତିର ଯୁବତୀଙ୍କୁ ସହାୟିକା ଭାବେ ନିଯୁକ୍ତି ▶ପୃଷ୍ଠା-୭



**ଲୋକସଭାରେ ‘ହରଦୀପ ପୁରୀ ଇସ୍ତଫା’ ଦିଅ ସ୍ଲୋଗାନ**

**ରାହୁଲ କ୍ଷମତା ପାଇଁ ଦେଶକୁ ଭାଗ ଭାଗ କରିବାକୁ ଚାହାନ୍ତି: ବିଜେପି**

# ମାର୍ଚ୍ଚ ୯ ଯାଏଁ ସଂସଦ ମୁଲତବୀ

■ ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି): ଗୃହରେ ହଟ୍ଟଗୋଳ ଓ ହଙ୍ଗାମା ମଧ୍ୟରେ ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବି, ପୂର୍ବତନ ସେନାମୁଖ୍ୟ ଜେନେରାଲ ଏମଏମ ନରବାଣେଙ୍କ ପୁସ୍ତକ, ଲୋକସଭା ବିରୋଧୀ ଦେଳ ନେତା ରାହୁଲ ଗାନ୍ଧୀ ଟିପ୍ପଣୀକୁ ବିରୋଧ ଆଦିକୁ ନେଇ ଗୃହରେ ହୋହାଲ୍ଲା ଲାଗି ରହିଥିଲା। ତେଣୁ ସାରା ଦିନ ଗୃହ ଚାଲି ପାରି ନ ଥିଲା। ଶେଷରେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ସଂସଦର ଉଭୟ ଗୃହକୁ ମୁଲତବୀ କରିଦିଆଯାଇଥିଲା। ଆଜି ଲୋକସଭା ମାତ୍ର ୧୦ ମିନିଟ ପାଇଁ ଚାଲି ପାରିଥିଲା। ସେହିପରି ଉଚ୍ଚ ସଦନ ରାଜ୍ୟସଭାରେ ୨ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ ହୋଇଥିଲା।

ଆଜି ସକାଳ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସାଂସଦ ‘ହରଦୀପ ପୁରୀ ଇସ୍ତଫା ଦିଅ’ ଦାବି କରିଥିଲେ। ଏହାର ୫ ମିନିଟ ପରେ ଲୋକସଭାକୁ ସ୍ଥଗିତ କରିଦିଆଯାଇଥିଲା। ୧୨ଟାରେ ପୁଣି କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଶିକ୍ଷା ଏବଂ ଆଇନ ମନ୍ତ୍ରାଳୟ ସମ୍ବନ୍ଧିତ ବିଲ୍ ଉପସ୍ଥାପନ କରାଯାଇଥିଲା। ▶ପୃଷ୍ଠା-୭

**ବହୁଚର୍ଚ୍ଚିତ ଏସିଡ଼ ମାଡ଼ ମାମଲା**

# ପତ୍ନୀହନ୍ତାକୁ ଫାଶୀ



■ ବାଲେଶ୍ୱର, ୧୩।୨ (ସମିସ): ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଭିମପୁରା ଅଞ୍ଚଳରେ ୨୦୨୩ ମସିହାରେ ସଂଘଟିତ ବହୁଚର୍ଚ୍ଚିତ ଏସିଡ୍ ମାଡ଼ ଘଟଣାରେ ଆଜି ରାୟ ପ୍ରକାଶ ପାଇଛି। ବାଲେଶ୍ୱର ସ୍ପେଶାଲ କୋର୍ଟ ଜଜ୍ ଅବଦୁଲ୍ ସମିମ୍ ଅଖତର୍ ମାମଲାର ଶୁଣାଣି କରି ଆସାମୀ ଚନ୍ଦନ ରଣାଙ୍କୁ ଆଜି ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି। କୋର୍ଟ ତାକୁ ଗତ ୪ ତାରିଖରେ ଦୋଷୀ ସାବ୍ୟସ୍ତ କରିଥିଲେ। ଚନ୍ଦନର ଘର ନୀଳଗିରି ଥାନା ଅନ୍ତର୍ଗତ କାଣ୍ଡଗଡ଼ି ପଞ୍ଚାୟତ ନୟାପାଟଣା ଗ୍ରାମରେ। ଉକ୍ତ ବର୍ଷ ଫେବୃଆରି ୨୦ ତାରିଖରେ ଚନ୍ଦନ ତା’ ଦ୍ୱିତୀୟ ପତ୍ନୀ ବନିତା ସିଂ ଓ ତାଙ୍କ ପରିବାରଲୋକଙ୍କୁ ଏସିଡ୍ ମାଡ଼ କରିଥିଲା। ଘରେ ପଶି ସେ ବନିତାଙ୍କ ବଡ଼ ଭଉଣୀ ବର୍ଷା, ଝିଅାରି ମାମଲି ଓ ପୁତୁରା ବିଶ୍ୱଜିତ୍ ଉପରକୁ ଏସିଡ୍ ଫିଙ୍ଗିଥିଲା। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ବନିତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ▶ପୃଷ୍ଠା-୭

# ଦନ୍ତା ହାତୀ ଆକ୍ରମଣରେ ଚାଷୀ ମୃତ

■ ଭବାନୀପାଟଣା, ୧୩।୨ (ସମିସ): କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧୀନ ଭବାନୀପାଟଣା ସଦର ବ୍ଲକ ରେଞ୍ଜ ଅନ୍ତର୍ଗତ ଚାଞ୍ଚେର ପଞ୍ଚାୟତର ପିରୁଙ୍ଗଗୁଡା ଗ୍ରାମରେ ଶୁକ୍ରବାର ସକାଳେ ଏକ ଦନ୍ତା ହାତୀ ଆକ୍ରମଣରେ ଗ୍ରାମର ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଲୟା ମାଝୀ(୫୧)। ସେ ନିଜ ବାଡ଼ିକୁ ଶୌଚ ହେବାକୁ ଯାଇଥିବା ବେଳେ ସେଠାରେ ଆଗରୁ ଥିବା ଏକ ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ବନ ବିଭାଗ, ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରେଞ୍ଜର ଠଣ ସୁନ୍ଦର ଧରୁଆଙ୍କ ସୂଚନାନୁଯାୟୀ, ଗୁଣ୍ଡି ସଂରକ୍ଷିତ ଜଙ୍ଗଲରେ ୨୦ ଘରିଆ ଏକ ହାତୀପଲ ଚଳପ୍ରଚଳ କରୁଛନ୍ତି। ଲୟା ଶୌଚ ହେବାକୁ ଯାଇଥିବା ବେଳେ ଏକ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ଡିଏଫ୍‌ଓ ରମେଶ ବିଷ୍ଣୋଇଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର୍‌ଙ୍କ ସମେତ ଫରେଷ୍ଟର୍ ଭାଗବତ ବେହେରା, କିଶୋର ଚନ୍ଦ୍ର ସାହୁ, ସର୍ବେଶ୍ୱର ଗହୀର ପ୍ରମୁଖ ତଦନ୍ତ କରିଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ; ୨ ମୃତ

■ ଆସିକା, ୧୩।୨ (ସମିସ): କୋଟିନଡ଼ା ଥାନା ଅଧୀନ ଡିପଲ୍ ସ୍କୁଲ ନିକଟରେ ଆଜି ଦୁର୍ଘଟଣା ଦୁଇ ଜଣଙ୍କ ଜୀବନ ନେଇଛି। ଆଜି ସନ୍ଧ୍ୟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ସାଗର ଦାସ ଓ ବାଦଲ ନାହାକ। ସାଗରଙ୍କ ଘର କୋଦଳା ଥାନା ଅନ୍ତର୍ଗତ ଦିଗାପଡ଼ା ପଞ୍ଚାୟତର ଶ୍ରୀନିବାସପୁର ଗ୍ରାମରେ ହୋଇଥିବା ବେଳେ ବାଦଲ ପଡ଼ାଳ ଅଞ୍ଚଳ ନିବାସୀ। ଭଣଜା ବାହାଘର ପାଇଁ ସାଗର ଆଜି ଏକ ବାଇକ୍‌ରେ ଆସିକା ନିକଟ ପାଟିଲିଗୁଡ଼ା ଗ୍ରାମସ୍ଥିତ ବନ୍ଧୁଘରକୁ ନିମନ୍ତ୍ରଣ ଦେବାକୁ ଆସିଥିଲେ। ▶ପୃଷ୍ଠା-୭

**ସରକାରୀ ବିଧିବ୍ୟବସ୍ଥାରେ ଅଣନିଃଶ୍ୱାସୀ ଚାଷୀ**

# ଅଚଳ ଆକାଉଣ୍ଟରେ ପଡ଼ିଲା ଧାନବିକ୍ରି ଟଙ୍କା

**୧୦ ବର୍ଷ ହେଲା ଆକାଉଣ୍ଟ ବ୍ୟବହାର ହୋଇନାହିଁ**

**ବଲାଙ୍ଗିରରେ ସମ୍ପୃକ୍ତ ବ୍ୟାଙ୍କର ଶାଖା ବି ନାହିଁ**

■ ବଲାଙ୍ଗିର, ୧୩।୨ (ସମିସ): ବଲାଙ୍ଗିର ଜିଲ୍ଲାରେ ସରକାରଙ୍କ ଧାନକିଣା ବିଧି ବ୍ୟବସ୍ଥାରେ ଚାଷୀ ଅଣନିଃଶ୍ୱାସୀ ହୋଇଗଲେଣି। କିଛି ଦିନ ତଳେ, ଜିଲ୍ଲାର ଜଣେ ଯୁବଚାଷୀ କେରଳର ଏକ ବ୍ୟାଙ୍କକୁ ଟଙ୍କା ଉଠାଇବା ପାଇଁ ଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି, ଦୁଇ ତିନି ଦିନ ତଳେ ଜଣେ ଚାଷୀଙ୍କ ମୃତ୍ୟୁ ପରେ କିଭଳି ଭାବେ ତାଙ୍କ ଅସହାୟ ପରିବାର ମଣ୍ଡିରେ ଧାନ ବିକି ନପାରି ବାହାରେ ଦଲାଲଙ୍କୁ ଅଭାବୀ ଦରରେ ଧାନ ବିକିଥିଲେ, ସେ ଦୃଶ୍ୟ ବି ଲୋକ ଦେଖିବାକୁ ପାଇଥିଲେ। ବର୍ତ୍ତମାନ ପୁଣି ଆଉ ଜଣେ ଚାଷୀଙ୍କ ଏଭଳି ଏକ ସମସ୍ୟା ସାମ୍ନାକୁ ଆସିଛି। ଜିଲ୍ଲାର ଜଣେ ଚାଷୀ ମଣ୍ଡିରେ ବିକିଥିବା ଧାନ ବାବଦକୁ ଟଙ୍କା ଏକ ପୁରୁଣା ବ୍ୟାଙ୍କ ଜମାଖାତାରେ ଜମା ହୋଇଛି। ସେହି ବ୍ୟାଙ୍କର କୌଣସି ଶାଖା ବଲାଙ୍ଗିର ତଥା ଆଖପାଖ ଜିଲ୍ଲାରେ ନ ଥିବା ବେଳେ ସେ କେମିତି ଟଙ୍କା ଉଠାଇବେ, ସେନେଇ ଚିନ୍ତାରେ ବାରଦୁଆର ହେଉଛନ୍ତି। ଆବଶ୍ୟକ ପଡ଼ିଲେ, ଟଙ୍କା ଉଠାଇବା ପାଇଁ ତାଙ୍କୁ ଭୁବନେଶ୍ୱର କିମ୍ବା କୋଲକାତା ଯିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ଲୋଇସିଂହା ବ୍ଲକ୍ ଦୁମଦୁମି ଗାଁର ଯୁବଚାଷୀ ଲକ୍ଷ୍ମୀକାନ୍ତ ଥାଟି ଏଭଳି ସମସ୍ୟା ସମ୍ମୁଖୀନ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟ ଟୋକନ୍‌ରେ ୭୫ କ୍ୱିଣ୍ଟାଲ ଧାନ ବିକିବା ପାଇଁ ତାଙ୍କୁ ଅନୁମତି ମିଳିଥିଲା। ସେ ଗତ ୬ ତାରିଖରେ କନ୍ଧାପୁରୀ ମଣ୍ଡିରେ ଧାନ ବିକିଥିଲେ। ଗତ ୧୦ ତାରିଖରେ ତାଙ୍କ ମୋବାଇଲକୁ ୨ ଲକ୍ଷ ୨୩ ହଜାର ୭୨୬ ଟଙ୍କା ଜମା ହୋଇଥିବା ମେସେଜ ଆସିଥିଲା। ଖୁସିରେ ସେ ମେସେଜ୍ ଦେଖିଥିଲେ ସିନା; କିନ୍ତୁ କିଛି ସେକେଣ୍ଡ ପରେ ତାଙ୍କ ମୁଣ୍ଡ କାମ କରିବା ବନ୍ଦ କରିଦେଇଥିଲା। କାରଣ, ପ୍ରାୟ ▶ପୃଷ୍ଠା-୭




## ହାତୀ ପଲଙ୍କ ଆକ୍ରମଣ; ୬ ମୃତ

ହଜାରିବାଗ, ୧୩।୨(ଏଜେନ୍ସି): ଝାଡ଼ଖଣ୍ଡର ହଜାରିବାଗ ଜିଲ୍ଲାରେ ଗୁରୁବାର ବିଳମ୍ବିତ ରାତିରେ ହାତୀ ପଲଙ୍କ ଆକ୍ରମଣରେ ୬ ଜଣ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ବର୍ଷକର ଶିଶୁଠାରୁ ୫୦ରୁ ଅଧିକ ବୟସ୍କ ସାମିଲ ଅଛନ୍ତି। ଏହି ମର୍ମନ୍ତୁଦ ଘଟଣାଟି ଅଙ୍ଗୋ ଥାନା ଓ ଚୁରଚୁ ବ୍ଲକର ଗୋନ୍ଦୱାର ଗାଁରେ ଘଟିଛି। ଏମାନଙ୍କ ମଧ୍ୟରେ ୪ ଜଣ ଗୋଟିଏ ପରିବାରର। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାତି ପ୍ରାୟ ୧ରୁ ୧.୩୦ ମଧ୍ୟରେ ୫ଟି ହାତୀଙ୍କ ପଲ ଗାଁରେ ପହଞ୍ଚି ଉତ୍ପାତ କରିଥିଲେ। ହାତୀମାନେ ଘରର କବାଟ ଭାଙ୍ଗି ଭିତରକୁ ପଶିଯାଇଥିଲେ ଓ ଶୋଇଥିବା ଅବସ୍ଥାରେ ଲୋକଙ୍କୁ ଦଳି ଦେଇଥିଲେ। କେତେଜଣ ଝରକା ଡେଇଁ ଅନ୍ୟ ବାଟରେ ପଳାଇ ଆସି ଗାଁ ଲୋକଙ୍କୁ ସତର୍କ କରାଇଥିଲେ। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଗତ ମାସେ ହେବ ଏହି ଅଞ୍ଚଳରେ ହାତୀ ପଲ ବୁଲୁଥିଲେ ମଧ୍ୟ ବନ ବିଭାଗ କୌଣସି ସ୍ଥାୟୀ ସମାଧାନ କରିନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

## ମଧ୍ୟପ୍ରାଚ୍ୟକୁ ଆଉ ଏକ ଯୁଦ୍ଧ ଜାହାଜ ପଠାଇଲା ଆମେରିକା

ନ୍ୟୁୟର୍କ, ୧୩।୨(ଏଜେନ୍ସି): ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ଆମେରିକା ନିଜର ସାମରିକ ଶକ୍ତି ପ୍ରଦର୍ଶନ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଚାପ ପକାଇବା ପାଇଁ ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆକୁ ଦ୍ୱିତୀୟ ବିମାନବାହକ ଜାହାଜ ୟୁଏସ୍ଏସ୍ ଜେରାଲ୍ଡ ଆର ଫର୍ଡ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁଯାୟୀ, ୟୁଏସ୍ଏସ୍ ଫୋର୍ଡ ଓ ଏହାର ସହଯୋଗୀ ଯୁଦ୍ଧ ଜାହଜଗୁଡ଼ିକ କାରିବିଆନ ସାଗରରୁ ପଶ୍ଚିମ ଏସିଆ ଅଭିମୁଖେ ବାହାରିଛନ୍ତି। ପୂର୍ବରୁ ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ ଓ ୩ଟି ଗାଇଡେଡ୍ ମିସାଇଲ ଡେଷ୍ଟ୍ରୟର ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ସେଠାରେ ପହଞ୍ଚିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯଦି ଇରାନ ତୁରନ୍ତ ଏକ ବୁଝାମଣା କରିବାକୁ ନ ଆସେ, ତେବେ ତାକୁ ଆହୁରି କଠୋର ପରିଣାମ ଭୋଗିବାକୁ ପଡ଼ିବ। ସେହିପରି ଇରାନର ଶୀର୍ଷ ସୁରକ୍ଷା ଅଧିକାରୀ ଅଲି ଲାରିଜାନି କହିଛନ୍ତି ଯେ, ଓମାନରେ ଆମେରିକା ସହ ପରୋକ୍ଷ ଆଲୋଚନା ଜାରି ରହିଛି। କିନ୍ତୁ ଇରାନ ସ୍ପଷ୍ଟ କରିଛି ଯେ, ନିଜର ଶକ୍ତି ଉପାଦାନ, ଔଷଧ ତିଆରି ପାଇଁ ପରମାଣୁ ସମୃଦ୍ଧିକରଣ ପ୍ରକ୍ରିୟା ଜାରି ରଖିବେ। ଯଦି ଆମେରିକା ଆକ୍ରମଣ କରେ, ତେବେ ଇରାନ ଏହି ଅଞ୍ଚଳରେ ଥିବା ସାମରିକ ଘାଟିଗୁଡିକୁ ଟାର୍ଗେଟ କରିବ।

## ୬ ଜଣଙ୍କୁ ଗାଡ଼ି ଚଢ଼ାଇଥିବା ନାବାଳକ ଛାତ୍ର ଗିରଫ

ଲକ୍ଷ୍ନୌ, ୧୩।୨(ଏଜେନ୍ସି): ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଜଣେ ଦ୍ୱାଦଶ ଶ୍ରେଣୀର ଛାତ୍ର ଗାଡ଼ ଚଲାଇ୬ ଜଣଙ୍କୁ ଧକ୍କା ଦେବା ପରେ ପୁଲିସ ଦ୍ୱାରା ଗିରଫ ହୋଇଛି। ଏହି ଦୁର୍ଘଟଣାରେ ଜଣେ ୬ ବର୍ଷର ଶିଶୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଗୁରୁବାର ସନ୍ଧ୍ୟାରେ ୭ଟାରେ ବନ୍ଥରା ଥାନା ଅନ୍ତର୍ଗତ କାନପୁର ରୋଡ୍‌ରେ ଏହି ଦୁର୍ଘଟଣା ଘଟିଥିଲା। ଅଭିଯୁକ୍ତ ଛାତ୍ର ଗୌରବ ସିଂ ନିଜ ପ୍ରେମିକା ସହ ଏକ ଫେୟାରୱେଲ ପାର୍ଟିରୁ ଫେରୁଥିଲେ। ଏହି ସମୟରେ ସେ ଜଣକ ପରେ ଜଣକୁ ଧକ୍କା ଦେଇ ଖସିଯିବାକୁ ଚେଷ୍ଟା କରିଥିଲା। ପୁଲିସ ଗାଡ଼ି ନମ୍ବରକୁ ଆଧାର କରି ମାତ୍ର ଘଣ୍ଟାଏ ମଧ୍ୟରେ ଗୌରବକୁ ଗିରଫ କରିଛି। ସେ ଅବଧ କଲେଜିଏଟ୍‌ର ଛାତ୍ର। ଅଭିଯୁକ୍ତର ବାପା ଜଣେ ସିମେଣ୍ଟ ବ୍ୟବସାୟୀ। ଗୌରବ ଜଣେ ବନ୍ଧୁଙ୍କଠାରୁ ଗାଡ଼ି ମାଗି ଆଣି ପାର୍ଟିକୁ ଯାଇଥିଲା।

## ବିଜୟଙ୍କ ଟିଭିକେ ରାଲିରେ ହିଟ୍‌ଷ୍ଟ୍ରୋକ୍; ଜଣେ ମୃତ

ସାଲେମ୍, ୧୩।୨(ଏଜେନ୍ସି): ତାମିଲନାଡୁର ସାଲେମଠାରେ ଅଭିନେତାରୁ ରାଜନେତା ହୋଇଥିବା ବିଜୟଙ୍କ ରାଲିରେ ଆଉ ଏକ ଅଘଟଣ ଘଟିଛି। ଶୁକ୍ରବାର ତାଙ୍କ ଦଳ ତାମିଲିଗା ଭେଟ୍ରି କଝଗମ୍ (ଟିଭିକେ)ର ଅନୁଷ୍ଠିତ ରାଲିରେ ଜଣେ ବ୍ୟକ୍ତି ଅତ୍ୟଧିକ ଗରମ ତଥା ହିଟ୍‌ଷ୍ଟ୍ରୋକ୍‌ରେ ମୃତ୍ୟୁବରଣ କରିଛନ୍ତି। ଫଳରେ ବିଜୟ ପୁଣିଥରେ ବିବାଦକୁ ଟାଣି ହୋଇଛନ୍ତି। ମୃତ ବ୍ୟକ୍ତି ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ସେ ଜଣେ ହୃଦରୋଗୀ ବୋଲି ପୁଲିସ କହିଛି। ପୂର୍ବରୁ ତାଙ୍କ ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା। ମୃତକ ହେଉଛନ୍ତି ୩୭ ବର୍ଷୀୟ ସୁରଜ। ସେ ମୂଳତଃ ମହାରାଷ୍ଟ୍ରର ବାସିନ୍ଦା ହୋଇଥିଲେ ମଧ୍ୟ ଦୀର୍ଘ ଦିନ ହେବ ସାଲେମରେ ରହିଆସୁଥିଲେ। ଅନ୍ୟପଟେ ଟିଭିକେ ରାଲିକୁ ଡିଏମକେ କଫିନ କହି ସମାଲୋଚନା କରିଛି । ଏହା ପୂର୍ବରୁ ଗତ ସେପ୍ଟେମ୍ବର ମାସରେ ବିଜୟଙ୍କ କରୁର ସ୍ଥିତ ରାଲିରେ ଦଳାଚକଟା ହୋଇ ୪୧ ଜଣଙ୍କ ଜୀବନ ଯାଇଥିଲା।


**୭ ଘଣ୍ଟାରେ ଜେଲ୍‌ରୁ ମୁକୁଳିଲେ ଅରବପତିଙ୍କ ପୁଅ**

## କ୍ଷମତା ଓ ଅର୍ଥ ଆଗରେ ଆଇନ ବନ୍ଧା

କାନପୁର, ୧୩।୨ (ଏଜେନ୍ସି): କ୍ଷମତା ଏବଂ ଅର୍ଥ ଆଗରେ ନିୟମ ତଥା ଆଇନକାନୁନ ବନ୍ଧା ପଡ଼ିଛି। ଦ୍ରୁତ ଗତିରେ ଲାମ୍ବୋର୍ଘିନି ଚଳାଇ ଉତ୍ତର ପ୍ରଦେଶ କାନପୁରରେ ୬ ଜଣଙ୍କୁ ଚାପି ଦେଇଥିବା ଗୁଟ୍‌ଖା ବ୍ୟବସାୟୀ କେକେ ମିଶ୍ରାଙ୍କ ପୁଅ ଶିବମ କ୍ଷେତ୍ରରେ ଏଭଳି ହୋଇଛି। ସେ ମାତ୍ର ୭ ଘଣ୍ଟା ମଧ୍ୟରେ ଜେଲ୍‌ରୁ ବାହାରି ଯାଇଛନ୍ତି। ପୁଲିସ ଶିବମଙ୍କ ବିରୋଧରେ ଲଗାଇଥିବା ଦୁର୍ବଳ ଦଫା ଯୋଗୁଁ ଏପରି ହୋଇଛି। ଲଗା ଯାଇଥିବା ସବୁ ଧାରାରେ ଜାମିନ ପାଇବାକୁ ଯୋଗ୍ୟ ବୋଲି ବିଚାରପତି କହିଥିଲେ। ପୁଲିସ ତାଙ୍କୁ ୧୪ ଦିନ ପାଇଁ ରିମାଣ୍ଡରେ ନେବାକୁ ଅନୁମତି ମାଗିଥିଲା। ମାତ୍ର ରିମାଣ୍ଡ କାହିଁକି ଦରକାର ତାହାର ଉତ୍ତର ପୁଲିସ ଦେଇପାରି ନ ଥିଲା। ତେଣୁ ୨୦ ହଜାର ଟଙ୍କାର ବଣ୍ଡରେ କୋର୍ଟ ଜାମିନ ଦେଇଥିଲେ। ପୁଅକୁ ବଞ୍ଚାଇବା ପାଇଁ ବ୍ୟବସାୟୀ ବାପା ଅନେକ ପ୍ରୟାସ କରିଥିଲେ। ଦୁର୍ଘଟଣା ଦିନ ୮ ତାରିଖରେ ପୁଅକୁ ଆଗର ଘଟଣାସ୍ଥଳରୁ ହଟାଇ ଥିଲେ। ଭିଡିଓ ପୁଅ ସ୍ପଷ୍ଟ ଭାବେ ଗାଡ଼ି ଚଲାଉଥିବା ଦେଖାଯାଉଥିବାବେଳେ ଶିବମ ଏପରି କରି ନ ଥିବା ବାପା କହିଥିଲେ। ମାମଲା ବଢିବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାନପୁର ପୁଲିସ କମିଶନର ରଘୁବୀର ଲାଲ ସାମ୍ନାକୁ ଆସି ଶିବମ ଗାଡ଼ି ଚଲାଉ ଥିବା କହିଥିଲେ। ମାତ୍ର ବାପା କେକେ ଏହାକୁ ଅସ୍ୱୀକାର କରିଥିଲେ। ଏହା ପରେ ଅଭିଯୋଗକାରୀ ଏବଂ ପୁଲିସ ସହ ସାଲିସ ପ୍ରୟାସ ହୋଇଥିଲା। ଏଥିଅନ୍ତେ ଗତ ବୁଧବାର ସେ ଅନ୍ୟ ଜଣେ ବ୍ୟକ୍ତିକୁ କୋର୍ଟରେ ଆତ୍ମସମର୍ପଣ କରାଇବାକୁ ପ୍ରୟାସ କରିଥିଲେ। ମାତ୍ର କୋର୍ଟ ତାଙ୍କୁ ଅଭିଯୁକ୍ତ ମାନି ନ ଥିଲେ।

## ଇମ୍ରାନଙ୍କ ଗୋଟିଏ ଆଖିର ୮୫ % ଦୃଷ୍ଟିଶକ୍ତି ହ୍ରାସ

ଲହୋର, ୧୩।୨(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଗୋଟିଏ ଆଖିର ୮୫ ପ୍ରତିଶତ ଦୃଷ୍ଟିଶକ୍ତି ହ୍ରାସ ପାଇଛି। ପାକିସ୍ତାନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ହୋଇଥିବା ଯାଞ୍ଚରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଇମ୍ରାନଙ୍କ ଓକିଲ ସଲମାନ ସଫଦରଙ୍କ ରିପୋର୍ଟ ଅନୁଯାୟୀ, ଜେଲ୍‌ରେ ଥିବା ସମୟରେ ତାଙ୍କ ଡାହାଣ ଆଖିରେ ରକ୍ତ ଜମାଟ ବାନ୍ଧିବା ଯୋଗୁଁ ହିଁ ଏହି ଗୁରୁତର ସମସ୍ୟା ଦେଖାଦେଇଛି। ୨୦୨୫ ଅକ୍ଟୋବର ପର୍ଯ୍ୟନ୍ତ ତାଙ୍କ ଦୃଷ୍ଟିଶକ୍ତି ସାଧାରଣ ଥିଲା, କିନ୍ତୁ ଏବେ ଡାହାଣ ଆଖିରେ ମାତ୍ର ୧୫ ପ୍ରତିଶତ ଦୃଷ୍ଟିଶକ୍ତି ବାକି ଅଛି। ଚିକିତ୍ସାରେ ଅବହେଳା ଅଭିଯୋଗ କରି ଇମ୍ରାନ କହିଛନ୍ତି ଯେ, ତାଙ୍କୁ ନିଜସ୍ୱ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେବାକୁ ଅନୁମତି ଦିଆଯାଇନାହିଁ। ଏପରିକି ଦୁଇବର୍ଷ ମଧ୍ୟରେ ତାଙ୍କୁ ଦନ୍ତ ଚିକିତ୍ସକଙ୍କ ପାଖକୁ ମଧ୍ୟ ନିଆଯାଇନାହିଁ। ଏକା ଓ ଅଲଗା ରହିବା କାରଣରୁ ସେ ମାନସିକ ଚାପର ଶିକାର ହୋଇଛନ୍ତି।



ପରିବାର ଓ ଓକିଲଙ୍କ ସହ ସାକ୍ଷାତ ଉପରେ କଟକଣା ଲାଗୁ କରାଯାଇଛି। ନିକଟରେ ଜେଲ୍ ପ୍ରଶାସନ ବଦଳିବା ପରେ ତାଙ୍କୁ ସପ୍ତାହରେ ଥରୁଟିଏ ମାତ୍ର ୩୦ ମିନିଟ ପାଇଁ ପତ୍ନୀଙ୍କୁ ଭେଟିବାକୁ ଅନୁମିତ ଦିଆଯାଉଛି। ଯଦି ତାଙ୍କୁ ତୁରନ୍ତ ଉନ୍ନତ ମାନର ଚିକିତ୍ସା ଓ ପରିବାର ସହ ସାକ୍ଷାତର ସୁଯୋଗ ନ ମିଳେ, ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ି ଯାଇପାରେ ବୋଲି ଆଶଙ୍କା କରାଯାଉଛି।

## ମଦ ଭାବି ପିଇଗଲେ ବିଷାକ୍ତ କେମିକାଲ; ୪ ମୃତ

ଜୟପୁର, ୧୩।୨(ଏଜେନ୍ସି): ରାଜସ୍ଥାନର ଭିଲୱାଡ଼ାରେ ଏକ ଅଭାବନୀୟ ଘଟଣା ଘଟିଛି। ମଦ ଭାବେ ୫ ଜଣ ବ୍ୟକ୍ତି ବିଷାକ୍ତ କେମିକାଲ ପିଇ ଦେଇଛନ୍ତି। ଏଥିରେ ୩ ଜଣ ମହିଳାଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣଙ୍କର ଅବସ୍ଥା ଗୁରୁତର ଅଛି। ସୂଚନା ଅନୁଯାୟୀ, ସମସ୍ତେ ଶ୍ରମିକ ଶ୍ରେଣୀର ଓ ଏକ ବାହାଘର ଉତ୍ସବରୁ ମଦ ଭାବି କେମିକାଲ ଲୁଚାଇ ଆଣିଥିଲେ। ଏହି ଘଟଣା ଭଲୱାଡ଼ା ଜିଲ୍ଲାର ଅଲୋଲି ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଘଟିଛି। ଆଲୋଲୀ ନିବାସୀ ହରଦୟାଲ ସିଂଙ୍କ କହିବା ଅନୁଯାୟୀ, ଫେବୃଆରୀ ୧୦ରେ ତାଙ୍କ ପରିବାରରେ ଏକ ବିବାହ ଉତ୍ସବ ଥିଲା। ବାସନକୁସନ ସଫା କରିବା ଓ ଧୋଇବା ପାଇଁ କିଛି କେମିକାଲ ମଗାଯାଇଥିଲା। ସଫେଇ କାମ ପାଇଁ ଆସିଥିବା କିଛି ଶ୍ରମିକ ଘରକୁ ଫେରିବା ସମୟରେ ମଦ ଭାବି କେମିକାଲ ବୋତଲଗୁଡ଼ିକୁ ନିଜ ସାଙ୍ଗରେ




ଲୁଚାଇ ନେଇଥିଲେ। ଗୁରୁବାର ସନ୍ଧ୍ୟାରେ ସେମାନେ ଏହାକୁ ନିଜ ଘରେ ପିଇ ଦେଇଥିଲେ। ଏହା ପରେ ସ୍ୱାସ୍ଥ୍ୟ ବିଗିଡ଼ିଯିବାରୁ ସେମାନଙ୍କୁ ପଡୋଶୀମାନେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୨ ବର୍ଷୀୟ ସନୁ ନାମକ ମହିଳା ଗୁରୁତର ଅଛନ୍ତି। ସୂଚନା ପାଇବା ମାତ୍ରେ ପୁଲିସ ଓ ଫରେନସିକ ସାଇନ୍ସ ଲାବୋରାଟୋରୀ (ଏଫ୍ଏସ୍ଏଲ୍) ଟିମ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଛି।

# ଆରାବଳୀକୁ କେହି ଛୁଇଁ ପାରିବେ ନାହିଁ: ସୁପ୍ରିମକୋର୍ଟ


## ସଫାରୀ ପ୍ରକଳ୍ପ ଆବେଦନ ଉପରେ କୋର୍ଟଙ୍କ ବଡ଼ ନିଷ୍ପତ୍ତି

ନୂଆଦିଲ୍ଲୀ, ୧୩।୨(ଏଜେନ୍ସି): ହରିୟାଣାର ଗୁରୁଗ୍ରାମ୍ ଓ ନୁହ ଜିଲ୍ଲାରେ ପ୍ରସ୍ତାବିତ 'ଆରବଳୀ ଜଙ୍ଗଲ ସଫାରୀ' ପ୍ରକଳ୍ପକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭିଏମ୍ ପାଞ୍ଚୋଲୀଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, କୋର୍ଟଙ୍କ ବିନା ଅନୁମତିରେ ଆରାବଳୀ ପର୍ବତମାଳାର ଗୋଟିଏ ଇଞ୍ଚ ଜମିକୁ ମଧ୍ୟ କେହି ଛୁଇଁ ପାରିବେ ନାହିଁ। ହରିୟାଣା ସରକାରଙ୍କ ଆବେଦନ କ୍ରମେ ସଫାରୀ ପ୍ରକଳ୍ପର ଆକାର ୧୦, ୦୦୦ ଏକରରୁ କମାଇ ୩, ୩୦୦ ଏକର କରିଥିଲେ ଓ ସଂଶୋଧିତ ରିପୋର୍ଟ (ଡିପିଆର୍) କୁ କେନ୍ଦ୍ରୀୟ କ୍ଷମତା କମିଟି (ସିଇସି) ଦ୍ୱାରା ଯାଞ୍ଚ କରାଇବାକୁ ଅନୁମତି ମାଗିଥିଲେ।



କିନ୍ତୁ ସୁପ୍ରିମକୋର୍ଟ ଏହି ଅବେଦନକୁ ଖାରଜ କରିଦେଇଛନ୍ତି। ସିଜେଆଇ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ଆରାବଳୀ ପର୍ବତମାଳାର ସଠିକ ପରିଭାଷା ଓ ସୀମା ନିର୍ଦ୍ଧାରଣ ହୋଇନାହିଁ, ସେ ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟ ହେବ ନାହିଁ। କୋର୍ଟ କହିଛନ୍ତି ଯେ, ଆରାବଳୀ କେବଳ ହରିୟାଣା କିମ୍ବା ରାଜସ୍ଥାନର ନୁହେଁ, ଏହା ଏକ ବିଶାଳ ପର୍ବତାମାଳା। ଏହାର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ ଏକ ନିରପେକ୍ଷ ବିଶେଷଜ୍ଞ କମିଟି ଗଠନ କରାଯିବ। ଆମେ ଏହି ପ୍ରକଳ୍ପ ପାଇଁ ଗୋଟିଏ ଇଞ୍ଚ ଜମିର ଅନୁଦାନ ଦେବୁ ନାହିଁ। ଆରାବଳୀର ସୁରକ୍ଷା ପାଇଁ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ଦୃଢ଼। ଏକ ନିରପେକ୍ଷ ଏଜେନ୍ସିର ରିପୋର୍ଟ ଆସିବା ପରେ ହିଁ କୌଣସି ନିଷ୍ପତ୍ତି ନିଆଯାଇପାରିବ ବୋଲି ସିଜେଆଇ କହିଛନ୍ତି। ସୂଚନାଯୋଗ୍ୟ ଯେ, ୫ ଜଣ ଅବସରପ୍ରାପ୍ତ ବନ ବିଭାଗ ଅଧିକାରୀ ଏବଂ 'ପିପୁଲ ଫର ଆରାବଳୀ' ନାମକ ସଂସ୍ଥା ଏହି ସଫାରୀ ପ୍ରକଳ୍ପ ବିରୋଧରେ ଆବେଦନ କରିଥିଲେ। ସେମାନଙ୍କ ଅନୁଯାୟୀ, ଏହି ପ୍ରକଳ୍ପ ଦ୍ୱାରା ଆରାବଳୀର ପରିବେଶ ସନ୍ତୁଳନ ନଷ୍ଟ ହୋଇଯିବ। ପାହାଡ଼ର ଉଚ୍ଚତାକୁ ନେଇ ସରକାର ଦେଇଥିବା ନୂତନ ପରିଭାଷା ଯୋଗୁଁ ଖଣି ମାଫିଆମାନଙ୍କୁ ସୁଯୋଗ ମିଳିପାରେ।

## ୪୪ କୋଟିର ଠକେଇ: ବିକ୍ରମ ଭଟ୍ଟଙ୍କ ପତ୍ନୀଙ୍କୁ ଜାମିନ



ନୂଆଦିଲ୍ଲୀ, ୧୩।୨(ଏଜେନ୍ସି): ସୁପ୍ରିମକୋର୍ଟ ଶୁକ୍ରବାର ଦିନ ଚଳଚ୍ଚିତ୍ର ନିର୍ଦ୍ଦେଶକ ବିକ୍ରମ ଭଟ୍ଟଙ୍କ ପତ୍ନୀ ଶ୍ୱେତାମ୍ବରୀ ଭଟ୍ଟଙ୍କୁ ଏକ ବହୁକୋଟି ଟଙ୍କାର ଠକେଇ ମାମଲାରେ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। କୋର୍ଟ ଶ୍ୱେତାମ୍ବରୀଙ୍କୁ ତୁରନ୍ତ ଉଦୟପୁର ଜେଲ୍‌ରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ୨୦୨୫ ଡିସେମ୍ବର ୭ରୁ ଜେଲ୍‌ରେ ଥିଲେ। କୋର୍ଟ ଶ୍ୱେତାମ୍ବରୀଙ୍କ ଗିରଫଦାରୀକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ରାଜସ୍ଥାନ ପୁଲିସ ବିକ୍ରମ ଓ ଶେତ୍ୱାମ୍ବରୀଙ୍କୁ ମୁମ୍ବଇରୁ ଗିରଫ କରିଥିଲା ଓ ଉଭୟ ଉଦୟପୁରର ଜେଲ୍‌ରେ ଥିଲେ। 'ଇନ୍ଦିରା ଆଇଭିଏଫ୍'ର ଅଜୟ ମୁର୍ଦିଆ ଏହି ଅଭିଯୋଗ କରିଥିଲେ। ତାଙ୍କ ପତ୍ନୀଙ୍କ ବାୟୋପିକ୍ ଅର୍ଥାତ ଜୀବନୀ ଚଳଚ୍ଚିତ୍ର ନିର୍ମାଣ ପାଇଁ ଏହି ଭଟ୍ଟ ଦମ୍ପତି ତାଙ୍କଠାରୁ ପ୍ରାୟ ୪୪ କୋଟି ଟଙ୍କା ଠକେଇ କରିଛନ୍ତି। ଶୁଣାଣି ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ପ୍ରଶ୍ନକରିଥିଲେ ଯେ, ଟଙ୍କା ଆଦାୟ ପାଇଁ କାହିଁକି କ୍ରିମିନାଲ ପ୍ରୋସିଡିଂ (ଫୌଜଦାରୀ ମାମଲା) ବ୍ୟବହାର କରାଯାଉଛି? ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ ଯେ, ଚଳଚ୍ଚିତ୍ର ଫ୍ଲପ୍ ହୋଇଥିଲା। ଫିଲ୍ମ ଫ୍ଲପ୍ ହେବା ନିର୍ଦ୍ଦେଶକଙ୍କ ଭୁଲ ନୁହେଁ ଏବଂ ଏଥିପାଇଁ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ଜେଲ୍‌ରେ ରଖାଯାଇପାରିବ ନାହିଁ। ମାମଲାର ପରବର୍ତ୍ତୀ ଶୁଣାଣି ବୁଧବାର ଧାର୍ଯ୍ୟ କରାଯାଇଛି। ବିକ୍ରମଙ୍କ ଜାମିନ ଆବେଦନ ଉପରେ କୋର୍ଟ ଆସନ୍ତା ଶୁକ୍ରବାର ଶୁଣାଣି କରିବେ।

### କୃଷକ ନେତାମାନଙ୍କୁ ଭେଟିଲେ ରାହୁଲ

## କୃଷକଙ୍କ ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ

ନୂଆଦିଲ୍ଲୀ, ୧୩।୨(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ସଂସଦ ଭବନ ପରିସରରେ ଦେଶର ବିଭିନ୍ନ କୃଷକ ସଂଗଠନର ନେତାମାନଙ୍କୁ ଭେଟିଛନ୍ତି। ଏହି ବୈଠକରେ ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ କରିବା ଏବଂ କୃଷକ ଓ କୃଷି ଶ୍ରମିକଙ୍କ ଜୀବିକା ରକ୍ଷା କରିବା ଉପରେ ଆଲୋଚନା ହୋଇଥିଲା। କୃଷକ ନେତାମାନେ ଅଭିଯୋଗ କରିଛନ୍ତି ଯେ, ଏହି ବାଣିଜ୍ୟ ଚୁକ୍ତି ଯୋଗୁଁ ମକା, ସୋୟାବିନ, କପା, ଫଳ ଓ ଶୁଖିଲା ଫଳ ଚାଷ କରୁଥିବା କୃଷକଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ। ରାହୁଲ କହିଛନ୍ତି ଯେ, ଏହି ଚୁକ୍ତି ଦ୍ୱାରା କୃଷିଜାତ ଦ୍ରବ୍ୟର ଅବାଧ ଆମଦାନୀ ପାଇଁ ବାଟ ଫିଟିଯାଇଛି, ଯାହା ଅନ୍ୟାନ୍ୟ ଫସଲକୁ ମଧ୍ୟ ପ୍ରଭାବିତ କରିବ। ଏହି ଚୁକ୍ତି ବିରୋଧରେ ଏକ ବଡ଼ ଧରଣର ଜାତୀୟ ଆନ୍ଦୋଳନ କରିବା ପାଇଁ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି। ରାହୁଲ ଏକ୍ସରେ ଭିଡ଼ିଓ ଜାରି କରି କହିଛନ୍ତି ଯେ, ସରକାର ତାଙ୍କ ବିରୋଧରେ ଏଫ୍ଆଇଆର୍ କରନ୍ତୁ କିମ୍ବା କୌଣସି ମାମଲା ରୁଜୁ କରନ୍ତୁ, ସେ କିନ୍ତୁ କୃଷକଙ୍କ ସହ ଦୃଢ଼ ଭାବେ ଠିଆ ହେବେ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ



ବିରୋଧରେ ଅଭିଯୋଗ ଆଣି କହିଛନ୍ତି ଯେ, ଭାରତ- ଆମେରିକା ବାଣିଜ୍ୟ ଚୁକ୍ତି ମାଧ୍ୟମରେ ସରକାର ଦେଶକୁ ବିକ୍ରି କରୁଛନ୍ତି। ଏହି ଚୁକ୍ତି ସମ୍ପୂର୍ଣ୍ଣ ରୂପେ କୃଷକ ବିରୋଧୀ। ଏହି ବୈଠକରେ ଦେଶର ଅନେକ ଜଣାଶୁଣା କୃଷକ ନେତା ଯୋଗ ଦେଇଥିଲେ।

## ୩ଟି ମାମଲାରେ ପପୁ ଯାଦବଙ୍କୁ ମିଳିଲା ଜାମିନ

ପାଟନା, ୧୩।୨(ଏଜେନ୍ସି): ସାତ ଦିନ ଜେଲ୍‌ରେ ରହିବା ପରେ ପୂର୍ଣ୍ଣିଆ ସାଂସଦ ପପୁ ଯାଦବ ଶୁକ୍ରବାର ବାହାରକୁ ଆସିଛନ୍ତି। ୩ଟି ମାମଲାରେ ତାଙ୍କୁ ଜାମିନ ମିଳିଥିଲା। ଜେଲରୁ ବାହାରକୁ ଆସିବା ପରେ ସେ 'ସତ୍ୟମେବ ଜୟତେ' କହି ନିଜର ପ୍ରତିକ୍ରିୟା ରଖିଥିଲେ। କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଭବିଷ୍ୟତରେ ଶୁଣାଣି ସମୟରେ ତାଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ। ଫେବୃଆରୀ ୬ରେ ତାଙ୍କୁ ୩୧ ବର୍ଷର ଏକ ଜାଲିଆତି ମାମଲାରେ ଗିରଫ କରାଯାଇଥିଲା। ସେହି ମାମଲାରେ ଜାମିନ ମିଳିବା ପରେ ପୁଲିସ ତାଙ୍କ ବିରୋଧରେ ଅନ୍ୟ ଦୁଇଟି ପୁରୁଣା ମାମଲା (ସରକାରୀ କାର୍ଯ୍ୟରେ ବାଧା ଦେବା ସମ୍ବନ୍ଧୀୟ) ଯୋଡ଼ି ଦେଇଥିଲା। ଫଳରେ ତାଙ୍କୁ ଜେଲ୍‌ରେ ରହିବାକୁ ପଡ଼ିଥିଲା। ଶୁଣାଣି ସମୟରେ ପପୁ ହ୍ୱିଲଚେୟାରରେ କୋର୍ଟ ରୁମ୍‌ରେ ପ୍ରବେଶ କରିଥିଲେ। ସେ ନିଜର ସ୍ୱାସ୍ଥ୍ୟାବସ୍ଥା ଜଣାଇବା ସହ କହିଥିଲେ ଯେ, ଜେଲରେ ରହିବା ଯୋଗୁଁ ସେ ସଂସଦର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ଏନ୍ଇଇଟି ପ୍ରସଙ୍ଗରେ ଭାଗ ନେଇପାରି ନ ଥିଲେ। ସବୁବେଳେ ଜନ ସାଧାରଣଙ୍କ ସହ ରହୁଥିବା ସତ୍ତ୍ୱେ ପୁଲିସ ତାଙ୍କୁ ଫେରାର କହି କାହିଁକି ଗିରଫ କଲା ବୋଲି ପପୁ ପ୍ରଶାସନକୁ ପଚାରିଛନ୍ତି। ତାଙ୍କୁ ଗିରଫ କରିବା ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି କୁହାଯାଉଛି।

## ଖାଲି ପୁଲିସ ଘରୁ ଚୋରି କରୁଥିବା ଚୋର ଗିରଫ

ଭୋପାଳ, ୧୩।୨ (ଏଜେନ୍ସି): ମଧ୍ୟପ୍ରଦେଶ ପୁଲିସ ଏକ ଅଦ୍ଭୁତ ଚୋରକୁ ଧରିଛି। ଏହି ଚୋର ପୁଲିସ କର୍ମଚାରୀଙ୍କ ମଧ୍ୟରେ ଭୟ ସଞ୍ଚାର କରିଥିଲା। ଗିରଫ ଚୋର କେବଳ ପୁଲିସଙ୍କ ଘରୁ ଚୋରି କରୁଥିଲା। ମଧ୍ୟପ୍ରଦେଶର ବିଭିନ୍ନ ଜିଲ୍ଲାକୁ ଯାଇ କେବଳ ପୁଲିସ କର୍ମଚାରୀଙ୍କ ଘରେ କଳାକନା ବୁଲାଇ ଦେଉଥିଲା। ଏହି ଚୋରର ନାମ ଦୀପେଶ। ଜାନୁଆରୀ ୨୦ରେ ଖଣ୍ଡୱାର ପୁଲିସ ଲାଇନରେ କନଷ୍ଟେବଲ କରନପାଲ ସିଂହ ଏବଂ ସୁରେଶ ଖାତେଙ୍କ ଘରେ ପଶି ସେ ଅଳଙ୍କାର, ଲକ୍ଷାଧିକ ଟଙ୍କା ଚୋରି କରି ନେଇଥିଲା। ଚୋରକୁ ଧରିବା ପାଇଁ ଝାବୁଆ, ଅଲିରାଜପୁର ଏବଂ ଧର ଜିଲ୍ଲାରେ ପୁଲିସ ଚଢ଼ଉ କରିଥିଲା। ମାତ୍ର ବାରମ୍ବାର ଠିକଣା ବଦଳାଉ ଥିବାରୁ ସେ ଧରା ପଡୁ ନ ଥିଲା। ଶେଷରେ ଦୀପେଶ ବୁରହାନପୁର ଯାଉଥିବା ଜଣାପଡୁଥିଲା। ଏହି ଅଞ୍ଚଳରେ ଏକ ଘରୁ ଚୋରି କରୁଥିବା ସମୟରେ ଧରା ପଡ଼ିଥିଲା। ଜେରା ସମୟରେ ଦୀପେଶ କହିଥିଲା ଯେ ୧୫ ବର୍ଷ ତଳେ ଷ୍ଟେସନ ହାଉ ଅଫିସର ପ୍ରବୀଣ ଆର୍ଯ୍ୟ ତାକୁ ବାଡ଼େଇ ଥିଲେ। ସେହି ଦିନଠାରୁ ସେ ଖାଲି ପୁଲିସଙ୍କ ଘରୁ ଚୋରି କରିବାକୁ ଶପଥ କରିଥିଲା। ପୁଲିସ ଲାଇନରେ ଚୋରି କରିବା ପୂର୍ବରୁ ପରିବା ବିକାଳୀ ଭାବେ ରେକି କରିଥିବା ଦୀପେଶ କହିଥିଲା।

**'ଏକ ଦେଶ-ଏକ ନିର୍ବାଚନ'କୁ ନେଇ ପୂର୍ବତନ ସିଜେଆଇଙ୍କ ଟିପ୍ପଣୀ**

## ସଂଘୀୟ ବ୍ୟବସ୍ଥା ଉପରେ ପ୍ରଭାବ ପଡ଼ିବନି

ନୂଆଦିଲ୍ଲୀ, ୧୩।୨(ଏଜେନ୍ସି): ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚରପତି (ସିଜେଆଇ) ଜଷ୍ଟିସ୍ ବିଆର ଗଭାଇ ଗୁରୁବାର 'ଏକ ଦେଶ-ଏକ ନିର୍ବାଚନ'କୁ ନେଇ ନିଜ ମତ ରଖିଛନ୍ତି। ଯୁଗ୍ମ ସଂସଦୀୟ କମିଟି (ଜେପିସି) ବୈଠକରେ ଯୋଗଦେଇ ସେ କହିଛନ୍ତି ଯେ, ଏହା ଦ୍ୱାରା ମତଦାତାଙ୍କ ଅଧିକାର କିମ୍ବା ଦେଶର ସଂଘୀୟ ବ୍ୟବସ୍ଥା ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡ଼ିବ ନାହିଁ। ଏହା ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟା କେବଳ ଥରେ ବଦଳି ଥାଏ। ତେଣୁ ଏହା କୌଣସି ସିଦ୍ଧାନ୍ତର ଉଲ୍ଲଙ୍ଘନ କରୁନାହିଁ। ନିର୍ବାଚନୀ ଢାଞ୍ଚା ଏବଂ ଭୋଟରଙ୍କ ଅଧିକାର ପୂର୍ବ ଭଳି ରହିବ। ତେଣୁ ସଂଶୋଧନ ସାମ୍ବିଧାନିକ। ଗଭାଇ ଯୁକ୍ତି ବାଢ଼ିଛନ୍ତି ଯେ, ସମ୍ବିଧାନ ଅନୁଯାୟୀ ନିର୍ବାଚନକୁ ଏକସାଙ୍ଗରେ କରାଇବା ପାଇଁ ଆବଶ୍ୟକ ସଂଶୋଧନ କରିବାର କ୍ଷମତା ସଂସଦ ପାଖରେ ରହିଛି। ସମ୍ବିଧାନ (୧୨୯ତମ ସଂଶୋଧନ) ବିଲ୍, ୨୦୨୪ ସମ୍ପୂର୍ଣ୍ଣ ରୂପେ ସାମ୍ବିଧାନିକ ପରିସରରେ ରହିଛି। ବୈଠକରେ ସରକାରଙ୍କ ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନ ଉଠିବାରୁ ସେ ସ୍ପଷ୍ଟ କରିଥିଲେ ଯେ, 'ଅନାସ୍ଥା ପ୍ରସ୍ତାବ' ଭଳି ସାମ୍ବିଧାନିକ ବ୍ୟବସ୍ଥା ପୂର୍ବପରି ଜାରି ରହିବ, ଯଦି କୌଣସି ସରକାର ବହୁମତ ହରାଇବେ, ତେବେ ତାଙ୍କୁ ପଦ ଛାଡ଼ିବାକୁ ହେବ।

ରିପୋର୍ଟ ଅନୁଯାୟୀ, ଏହି ବିଷୟରେ ଜେପିସି ତାହାର ଚୂଡାନ୍ତ ନିଷ୍ପତ୍ତିର ନିକଟତର ହୋଇଛି ଓ ମାର୍ଚ୍ଚ ସୁଦ୍ଧା ଏହାର ରିପୋର୍ଟ ଆସିପାରେ। ସେହିପରି ପୂର୍ବତନ ସିଜେଆଇ ୟୁୟୁ ଲଳିତ କହିଥିଲେ ଯେ ପ୍ରସ୍ତାବ ମୂଳ ଢାଞ୍ଚାର ବିରୋଧୀ ନୁହେଁ। କିନ୍ତୁ ନିର୍ବାଚନ କମିଶନଙ୍କୁ ସାବଧାନତାର ସହ କ୍ଷମତା ପ୍ରୟୋଗ କରିବାକୁ ପଡ଼ିବ। ପୂର୍ବତନ ସିଜେଆଇ ଜଷ୍ଟିସ ରଞ୍ଜନ ଗୋଗୋଇ ମତ ଦେଇଥିଲେ ଯେ ବିଲ୍ ସାମ୍ବିଧାନିକ ଦୃଷ୍ଟିକୋଣରୁ ମଜବୁତ। ମାତ୍ର କିଛି ନିୟମ ସ୍ପଷ୍ଟ ହେବା ଦରକାର।

### ପାସ୍‌ପୋର୍ଟ ମାନ୍ୟତାରେ ୫ ସ୍ଥାନ ଉପରକୁ ଉଠିଲା ଭାରତ

## ୫୫ଟି ଦେଶକୁ ମିଳିବ ଭିସା ମୁକ୍ତ ପ୍ରବେଶ

ନୂଆଦିଲ୍ଲୀ, ୧୩।୨(ଏଜେନ୍ସି): ପାସ୍‌ପୋର୍ଟର ନୂତନ ମାନ୍ୟତା ଅନୁଯାୟୀ ଭାରତୀୟ ନାଗରିକମାନେ ଏବେ ୫୬ଟି ଦେଶକୁ ଭିସା ମୁକ୍ତ ଅର୍ଥାତ ଭିସା ଅନ୍ ଆରାଇଭାଲ (ପହଞ୍ଚିବା ପରେ ଭିସା) ସୁବିଧାରେ ଯାତ୍ରା କରିପାରିବେ। ଫେବୃଆରୀରେ ପ୍ରକାଶିତ ସ୍ୱତନ୍ତ୍ର 'ହେନଲେ ପାସ୍‌ପୋର୍ଟ ଇଣ୍ଡେକ୍ସ'ରେ ଭାରତୀୟ ପାସପୋର୍ଟ ୫ଟି ପାହାଚ ଉପରକୁ ଉଠି ତାହାର ବିଶ୍ୱସ୍ତରୀୟ ସ୍ଥିତିରେ ସୁଧାର ଆଣି ୭୫ତମ ସ୍ଥାନରେ ପହଞ୍ଚିଛି। ଚଳିତ ବର୍ଷ ପ୍ରାରମ୍ଭରେ ଭାରତ ମାନ୍ୟତାର ୮୦ତମ ସ୍ଥାନରେ ରହିଥିବା ବେଳେ ୨୦୨୫ରେ ଏହା ୮୫ତମ ସ୍ଥାନରେ ଥିଲା। ମୋଟାମୋଟି ଭାବେ ଭାରତ ମାନ୍ୟତାରେ ୧୦ଟି ସ୍ଥାନ ଉପରକୁ ଉଠିଛି।

ଅପରପକ୍ଷରେ ପାକିସ୍ତାନ ମାନ୍ୟତାର ୯୭ତମ ସ୍ଥାନରେ ରହି ପାଲେଷ୍ଟାଇନ୍, ଉତ୍ତର କୋରିଆ ଓ ସୋମାଲିଆ ତଳେ ରହିଛି। ପାଲେଷ୍ଟାଇନ୍ ୯୧, ଉତ୍ତର

**■ ପାଲେଷ୍ଟାଇନ, ଉତ୍ତର କୋରିଆ, ସୋମାଲିଆ ତଳେ ପାକିସ୍ତାନ**

କୋରିଆ ୯୪ ଏବଂ ସୋମାଲିଆ ୯୬ତମ ସ୍ଥାନରେ ରହିଛି। ସିଙ୍ଗାପୁର ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛି। ସିଙ୍ଗାପୁରର ପାସପୋର୍ଟ ଧାରି ୧୯୨ଟି ଦେଶକୁ ଭିସା-ମୁକ୍ତ ଯାତ୍ରା କରିପାରିବ। ମାନ୍ୟତାରେ ଉନ୍ନତି ଭାରତୀୟ ନାଗରିକଙ୍କ ପାଇଁ ଅଧିକ ଯାତ୍ରା ସ୍ୱାଧୀନତା ପ୍ରଦାନ କରୁଛି। ଏହାଦ୍ୱାରା ପର୍ଯ୍ୟଟନ, ବ୍ୟବସାୟ ଓ ସାଂସ୍କୃତିକ ଆଦାନ ପ୍ରଦାନ ପାଇଁ ଅନ୍ତର୍ଜାତୀୟ ଯାତ୍ରା ଅଧିକ ସୁଲଭ ହୋଇଛି। ଏସିଆ, ଆଫ୍ରିକା, କାରିବିଆନ ଓ ଓସେନିଆ ଦେଶଗୁଡ଼ିକ ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ଭିସା ନିୟମ କୋହଳ କରିଛନ୍ତି। ସୂଚନାଯୋଗ୍ୟ ଯେ, ଭାରତ ୨୦୦୬ରେ ୭୧ତମ ସ୍ଥାନରେ ଥିଲା ଓ ଏହା ଭାରତ ପାଇଁ ଏପର୍ଯ୍ୟନ୍ତ ସର୍ବୋତ୍ତମ ମାନ୍ୟତା। ଗତ ଏକ ଦଶନ୍ଧିରେ ଏହି ମାନ୍ୟତାରେ ଅନେକ କରିବର୍ତ୍ତନ ହୋଇଛି।



# ପରଲୋକରେ ପୂର୍ବ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା

ଭୁବନେଶ୍ୱର,୧୩।୨(ସମିସ): ବରିଷ୍ଠ ରାଜନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କର ଶୁକ୍ରବାର ସକାଳୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ରାଜ୍ୟରେ ୪ ଜଣ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ମନ୍ତ୍ରୀ ଭାବରେ କାର୍ଯ୍ୟ କରିବା ସହିତ ପିସିସି ସଭାପତି ଓ



ରାଜ୍ୟସଭା ସଦସ୍ୟ ଭାବରେ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହରାଓଙ୍କ ମନ୍ତ୍ରିମଣ୍ଡଳରେ କେନ୍ଦ୍ର ରେଳ ଓ କୃଷି ରାଷ୍ଟ୍ରମନ୍ତ୍ରୀ ଭାବରେ ସେ ଦାୟିତ୍ୱ ନିର୍ବାହ କରିଥିଲେ। କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ଭାବରେ ଓଡ଼ିଶାରେ ରେଳ ବିକାଶ ଲାଗି ସେ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ।

କାହ୍ନୁଚରଣ ୧୯୩୯ ମସିହା ମାର୍ଚ୍ଚ ୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ଛାତ୍ର ଜୀବନରେ ସେ କଂଗ୍ରେସ ପ୍ରତି ଆକୃଷ୍ଟ ହୋଇଥିଲେ। ସେବା ଦଳର କର୍ମୀ ଭାବରେ କାର୍ଯ୍ୟ ଆରମ୍ଭ କରି ୧୯୭୧ ମସିହାରେ ଚୌଦ୍ୱାର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ ଏବଂ ଜନତାଦଳର ତୁଙ୍ଗ ନେତା ବିଜୁ ପଟ୍ଟନାୟକଙ୍କୁ ହରାଇଥିଲେ। ବିଜୁବାବୁଙ୍କୁ ହରାଇଥିବାରୁ ପ୍ରଥମ ବିଧାୟକତ୍ୱରେ ତାଙ୍କୁ ମନ୍ତ୍ରୀ ପଦ ମିଳିଥିଲା। ସେହିପରି ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଶିଳ୍ପମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୬୭ରୁ ୧୯୬୯ ସେ କଟକ ଜିଲ୍ଲା ଯୁବ କଂଗ୍ରେସର ସଭାପତି ହୋଇଥିଲେ। ସେହି ସମୟରେ ପ୍ରଦେଶ କଂଗ୍ରେସ କମିଟିକୁ ମଧ୍ୟ ମନୋନୀତ ହୋଇଥିଲେ ଓ ପରବର୍ତ୍ତୀ ସମୟରେ କଟକ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ହୋଇଥିଲେ। ୧୯୭୧, ୧୯୭୪, ୧୯୮୦ ଏବଂ ୧୯୯୫ରେ ସେ ବିଧାୟକ ଭାବରେ ଚୌଦ୍ୱାର ଆସନରୁ ନିର୍ବାଚିତ ହୋଇଥିଲେ। ୧୯୮୦ରେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସରକାରରେ ସେ ରାଜସ୍ୱ ମନ୍ତ୍ରୀ ହୋଇଥିଲେ। ଏହାପରେ ୧୯୯୫ରୁ ୨୦୦୦ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଭାବରେ ଜାନକୀବଲ୍ଲଭ ପଟ୍ଟନାୟକ, ଗିରିଧର ଗମାଙ୍ଗ ଏବଂ ହେମାନନ୍ଦ ବିଶ୍ୱାଳଙ୍କ ମନ୍ତ୍ରିମଣ୍ଡଳରେ କାର୍ଯ୍ୟ କରିଥିଲେ। ସେ ୧୯୮୮ରୁ ୧୯୯୪ ରାଜ୍ୟସଭା ସଦସ୍ୟ ଥିଲେ ଏବଂ କେନ୍ଦ୍ରରେ ରେଳ ଓ କୃଷି ରାଷ୍ଟ୍ରମନ୍ତ୍ରୀ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ। ତାଙ୍କ ସମୟରେ ଖୋର୍ଦ୍ଧା ରୋଡ଼-ବଲାଙ୍ଗିର ରେଳପଥ ମଞ୍ଜୁରୀ ଲାଭ କରିଥିଲା।

ସୂଚନାଯୋଗ୍ୟ ଯେ ଶୁକ୍ରବାର ସ୍ୱର୍ଗତଃ ଲେଙ୍କାଙ୍କ ମରଶରୀରକୁ ବିଧାନସଭାରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହାପରେ ତାଙ୍କ ମରଶରୀର ପିସିସି କାର୍ଯ୍ୟାଳୟରେ ରଖାଯାଇଥିବା ବେଳେ ବହୁ ବ୍ୟକ୍ତିବିଶେଷ ତାଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଶ୍ରଦ୍ଧାଞ୍ଜଳି ଜଣାଇଲେ ମୋହନ, ନବୀନ

### ଶୋକବ୍ୟକ୍ତ କଲେ ଧର୍ମେନ୍ଦ୍ର, ଭକ୍ତ, ମନମୋହନ

ଭୁବନେଶ୍ୱର,୧୩।୨(ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି।

ଏକ୍ସରେ ଉଲ୍ଲେଖ କରି ନିଜ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପୂର୍ବତନ ସାଂସଦ କାହ୍ନୁ ଚରଣ ଲେଙ୍କାଙ୍କ ଦେହାନ୍ତ ବିଷୟରେ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କର ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ଶ୍ରଦ୍ଧାଞ୍ଜଳି ବାର୍ତ୍ତାରେ କହିଛନ୍ତି ଯେ ବିଶିଷ୍ଟ ରାଜନେତା, ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କ ପରଲୋକ ବିଷୟରେ ଜାଣି ମୁଁ ଦୁଃଖିତ। ଦୀର୍ଘଦିନର ରାଜନୈତିକ ଜୀବନରେ ଲୋକଙ୍କ ସେବା ତଥା ଉନ୍ନତି ପାଇଁ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପୂର୍ବତନ ସାଂସଦ କାହ୍ନୁ ଚରଣ ଲେଙ୍କାଙ୍କ ଦେହାନ୍ତ ବିଷୟରେ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ଏହି ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପୂର୍ବତନ ସାଂସଦ କାହ୍ନୁ ଚରଣ ଲେଙ୍କାଙ୍କ ଦେହାନ୍ତ ବିଷୟରେ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଏତଦ୍ ବ୍ୟତୀତ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟ ମନ୍ତ୍ରୀମଣ୍ଡଳ ବହୁ ସଦସ୍ୟ, ବିଭିନ୍ନ ଦଳର ନେତୃବୃନ୍ଦ ପ୍ରମୁଖ ସ୍ୱର୍ଗତଃ ଲେଙ୍କାଙ୍କୁ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

# ବୋର୍‌ୱେଲରେ ପଡ଼ି ଦେଢ଼ବର୍ଷର କନ୍ୟା ମୃତ

ପୁରୀ, ୧୩।୨ (ସମିସ): ଘର ପାଖରେ ଖେଳୁଥିବା ବେଳେ ବୋରୱେଲ୍‌ରେ ପଡ଼ି ଦେଢ଼ବର୍ଷର ଶିଶୁକନ୍ୟାର ମୃତ୍ୟୁ। ପୁରୀ ସହରର ରାୟବାହାଦୁର ଲେନ୍‌ରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଶିଶୁକନ୍ୟାଜଣଙ୍କ ହେଲା, ନରେନ୍ଦ୍ରକୋଣ ମଙ୍ଗଳାସାହିର ଅଜୟ ନାୟକଙ୍କ ଦେଢ଼ବର୍ଷର ଝିଅ।

ସୂଚନା ଅନୁଯାୟୀ, ଶିଶୁକନ୍ୟାଜଣଙ୍କ ମାମୁଘର ରାୟବାହାଦୁର ଲେନ୍‌କୁ ବୁଲିବାକୁ ଆସିଥିଲେ। ଶୁକ୍ରବାର ମଧ୍ୟାହ୍ନରେ ସେ ତା' ଭାଇ ସହ ଖେଳୁଥିଲା। ମାମୁଘର କଡ଼କୁ ଲାଗି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟର ନୂଆ କୋଠା ପାଇଁ ବୋରୱେଲ୍ ଖୋଳାଯାଇଥିଲା। ଘର ଭିତରେ ଖେଳୁଥିବା କୁନି ଝିଅଟି ପରିବାର ସଦସ୍ୟଙ୍କ ଅଜାଣତରେ କେତେବେଳେ ଘର ବାହାରକୁ ଚାଲି ଆସିଥିଲା। ଖେଳୁଖେଳୁ ସେ ସେହି ବୋରୱେଲରେ ପଡ଼ି ଯାଇଥିଲା। କାଦୁଅ ପାଣି ଭିତରେ କିଛି ସମୟ ଭିତରେ ବୁଡ଼ିଯାଇଥିଲା। ପରିବାରଲୋକେ ବହୁ ଖୋଜାଖୋଜି କରିବା ପରେ ବୋରୱେଲରୁ ତାକୁ ଉଦ୍ଧାର କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆବଶ୍ୟକତା ଥିଲା, ସୁରକ୍ଷା ଦିଗ ପ୍ରତି କାହିଁକି ଅଣଦେଖା କରାଯାଇଥିଲା। ପରିବାରଲୋକ କହିଛନ୍ତି ଯେ ତିନିଦିନ ହେବ ଏହି ବୋରୱେଲ ଖୋଳାଯାଇଥିଲା। ଏହା ପୂର୍ବରୁ ସେମାନେ ଏହାର ଚାରିପାଖ ଆବଦ୍ଧ କରିବା ଲାଗି ସମ୍ପୃକ୍ତ ଠିକାସଂସ୍ଥା କର୍ମଚାରୀଙ୍କୁ ଜଣାଇଥିଲେ।

**■ ଘର ପାଖରେ ଖେଳୁଥିବା ବେଳେ ଖସି ପଡିଥିଲେ**
**■ ବୋରୱେଲ ଚତୁଃପାର୍ଶ୍ୱକୁ ଆବଦ୍ଧ କରାଯାଇ ନ ଥିଲା କାହିଁକି?**

ଏନେଇ କୁମ୍ଭାରପଡ଼ା ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୨୬) ରୁଜୁ କରି ଘଟଣାର ତଦନ୍ତ କରୁଛି।

ଅନ୍ୟପକ୍ଷରେ, ପରିବାରଲୋକେ ଏଥିପାଇଁ ନିର୍ମାଣାଧୀନ ସଂସ୍ଥା ଏବଂ ପ୍ରଶାସନକୁ ଦାୟୀ କରିଛନ୍ତି। ଏକ ଜନଗହଳି ଅଞ୍ଚଳରେ ଯଦି ବୋରୱେଲ ଖୋଳାଯିବାର ହେଲେ କେହି ଶୁଣିନଥିଲେ। ଗୁରୁବାର ସକାଳେ ମଧ୍ୟ ସମ୍ପୃକ୍ତ ପରିବାର ପକ୍ଷରୁ ଏ ସଂପର୍କରେ ଅବଗତ କରାଯାଇଥିଲା। କିନ୍ତୁ, କୌଣସି ପଦକ୍ଷେପ ନିଆ ନଯିବାରୁ ମଧ୍ୟାହ୍ନରେ ଏଭଳି ଏକ ବଡ଼ ଦୁର୍ଘଟଣା ଘଟିଲା। ଏଠାରେ ପ୍ରଶ୍ନ ଉଠୁଛି, ସମ୍ପୃକ୍ତ ପରିବାରର ଏତେବଡ଼ କ୍ଷତି ପାଇଁ ଦାୟୀ କିଏ?

## ଚାଷୀଙ୍କୁ ଠକିଦେଲେ ମହାଜନ
## ନେଇଥିଲା ଅସଲି ଗହଣା; ଫେରାଇଲା ନକଲି

ପାଟଣାଗଡ଼, ୧୩।୨(ସମିସ): ଚାଷବାସ ସହ ଦିନମଜୁରି କରି ପରିବାର ପ୍ରତିପୋଷଣ କରୁଥିଲେ। ଚାଷ ପାଇଁ ଟଙ୍କା ଅଭାବ ହେବାରୁ ସ୍ତ୍ରୀର ସୁନାହାର ବନ୍ଧା ପକାଇ ମହାଜନଠାରୁ ଟଙ୍କା ଧାର ଆଣିଥିଲେ। ହେଲେ ଧାର ଟଙ୍କା ଶୁଝିବା ପରେ ମହାଜନ ତାଙ୍କୁ ନକଲି ବଦଳରେ ନକଲି ସୁନାଗହଣା ଦେଇ ଖସିଯିବାକୁ ଉଦ୍ୟମ କରିଛି। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ନେହେନାବନ୍ଧ ଗାଁରେ



ଏଭଳି ଏକ ଘଟଣା ଘଟିଛି। ଗାଁର ଚାଷୀ ସଦାନନ୍ଦ ସାହୁ ଏଭଳି ଠକେଇର ଶିକାର ହୋଇଛନ୍ତି। ତାଙ୍କ କହିବାନୁଯାୟୀ, ୪ବର୍ଷ ତଳେ ଅଭାବ ଯୋଗୁଁ ଚାଷ କାମ ପାଇଁ ନିଜ ସ୍ତ୍ରୀର ସୁନାହାର ଦେଇ ସୋଲବନ୍ଧ ଗାଁର ମହାଜନ ରାମ ମେହେରଙ୍କଠାରୁ ସେ ୪୩ହଜାର ଟଙ୍କା ଧାର ନେଇଥିଲେ। ଅଭାବ ଲାଗି ରହିଥିବାରୁ ସୁନାହାର ମୁକୁଳାଇ ପାରୁନଥିଲେ। ୭ ଦିନ ତଳେ ହଠାତ ରାମ ସଦାନନ୍ଦଙ୍କ ଘରକୁ ଆସି ସୁନାହାର ଫେରାଇଥିଲେ। ୪ବର୍ଷର ସୁଧ ସହ ଟଙ୍କା ମାଗି ପକାଇଥିଲେ। ହେଲେ ସୁନାହାରଟି ଦେଖିବାରୁ ତାହା ତାଙ୍କର ହୋଇ ନ ଥିବା ସଦାନନ୍ଦ ଜାଣିବାକୁ ପାଇଥିଲେ। ଏନେଇ ସେ ମହାଜନଙ୍କୁ ଫୋନ୍ କରି ଜଣାଇଥିଲେ। ମହାଜନ ରାମ ନିରୀହ ଲୋକଙ୍କୁ ଏଭଳି ଜାଲିଆତି କରି ଠକୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅସଲ ସୁନାହାର ନ ଫେରାଇଲେ ବାଧ ହୋଇ ଥାନାର ଦ୍ୱାରସ୍ଥ ହେବେ ବୋଲି ସଦାନନ୍ଦ କହିଛନ୍ତି। ଏ ବିଷୟରେ ମହାଜନ ରାମ ମେହେରଙ୍କୁ ପଚାରିବାରୁ ସଦାନନ୍ଦଙ୍କ ସୁନାହାର ସେ ରଖିଥିଲେ ବୋଲି ସ୍ୱୀକାର କରିଛନ୍ତି। ମାମଲାର ସମାଧାନ କରିଦେବା ପାଇଁ କହିଛନ୍ତି।

# ତୋମାରଙ୍କ ଇଙ୍ଗିତ; ତେଜିଲା ଘୋଡ଼ା ବେପାର ଆଶଙ୍କା

**■ ୪ର୍ଥ ଆସନକୁ ନେଇ ଏବେଠାରୁ ଆକଳନ କଷ୍ଟକର: ସମୀକ୍ଷକ**
**■ ଚତୁର୍ଥ ଆସନରେ ନିର୍ଣ୍ଣାୟକ ହେବ ବିଜେଡି ସୁପ୍ରିମୋଙ୍କ ନିଷ୍ପତ୍ତି**

ଭୁବନେଶ୍ୱର,୧୩।୨(ସମିସ): ଆସନ୍ତା ଏପ୍ରିଲରେ ଖାଲି ହେଉଥିବା ଓଡ଼ିଶାର ୪ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ। ନିର୍ବାଚନକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଆଲୋଚନା ଜୋର୍ ଧରିଥିବା ବେଳେ ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାରଙ୍କ ଇଙ୍ଗିତ ଅନେକ ଗୁରୁତ୍ୱବହନ କରୁଛି। ୪ଟି ଆସନରୁ



ବିଜେପି ୩ଟି ଆସନ ଜିତିବ ବୋଲି ଶ୍ରୀ ତୋମାରଙ୍କ ଦୃଢ଼ୋକ୍ତି ଘୋଡ଼ାବେପାର ଦିଗକୁ ଇଙ୍ଗିତ କରିଛି। ସଂଖ୍ୟା ହିସାବରେ ବିଜେପି ଖାତାକୁ ୨ଟି ଆସନ ଯିବା ନିଶ୍ଚିତ ଥିବା ବେଳେ ତୃତୀୟ ଆସନ ପାଇଁ କାହା ପାଖରେ ବି ସଂଖ୍ୟା ନାହିଁ। ଏପରି ସ୍ଥିତିରେ ତୋମାର କେଉଁ ଆଧାରରେ ଆଉ ଗୋଟିଏ ଆସନ ଦଖଲ କରିବା ନିମନ୍ତେ ଆକଳନ କରିଛନ୍ତି, ତାହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଦାନା ବାନ୍ଧିଛି।

ସୂଚନାଯୋଗ୍ୟ ଯେ ୪ଟି ଆସନରୁ ୨ଟି ବିଜେପି ଜିଣିବା ଏକପ୍ରକାର ନିଶ୍ଚିତ ଥିବାବେଳେ ଗୋଟିଏ ବିଜେଡି ଖାତାକୁ ଯିବ। ଚତୁର୍ଥ ଆସନ ପାଇଁ କାହା ପାଖରେ ଆବଶ୍ୟକୀୟ ସଂଖ୍ୟା ବଳ ନ ଥିବାରୁ ଏହାକୁ ନେଇ ସ୍ଥିତି ରୋଚକ ହେବାରେ ଲାଗିଛି। ଏପରିକି ଚତୁର୍ଥ ଆସନରେ ଜଣେ ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ କରାଗଲେ ।ମେ ବିଜେଡିକୁ ସମର୍ଥନ ଦବାକୁ ପ୍ରସ୍ତୁତ ଅଛୁ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ମତ ରଖି ସାରିଛନ୍ତି। ସଂଖ୍ୟା ଖେଳ, ରାଜନୈତିକ ସମୀକରଣ ତଥା ଗୋଟିଚାଳନା ଦୃଷ୍ଟିରୁ ଚତୁର୍ଥ ଆସନ ହାତେଇବା କ୍ଷେତ୍ରରେ ବିଜେଡିର ପଲ୍ଲା ଭାରି ରହିଛି। ନବୀନଙ୍କ କୋର୍ଟରେ ବଲ୍ ଥିବାବେଳେ ତାଙ୍କ ନିଷ୍ପତ୍ତିକୁ ସମସ୍ତେ ଚାହିଁ ରହିଛନ୍ତି। ଏପରିସ୍ଥଳେ ବିଜେପି ଚତୁର୍ଥ ଆସନ ଜିଣିବା ନେଇ ତୋମାରଙ୍କ ଦୃଢ଼ୋକ୍ତି ଘୋଡ଼ାବେପାର ଆଡ଼କୁ ଇସାରା କରୁଛି ବୋଲି ରାଜନୈତିକ ମହଲ ମତବ୍ୟକ୍ତ କରିଛି।

ରାଜନୈତିକ ସମୀକ୍ଷକଙ୍କ ମତରେ ରାଜ୍ୟସଭା ନିର୍ବାଚନକୁ ଆହୁରି ୨ ମାସ ବାକି ଅଛି। ଚତୁର୍ଥ ଆସନକୁ ନେଇ ଏବେଠାରୁ କୌଣସି ମତ, ମନ୍ତବ୍ୟ ଦେବା କିମ୍ବା ଆକଳନ କରିବା କଷ୍ଟକର। ରାଜନୀତିରେ ନବୀନ ଜଣେ ପୋଖତ୍ ଖେଳାଳୀ ହୋଇଥିବା ବେଳେ ବିଜେପି ମଧ୍ୟ ସୁଯୋଗ ହାତଛଡ଼ା କରିବାକୁ ଚାହିଁବ ନାହିଁ। ଚତୁର୍ଥ ଆସନର ଗଣିତ ଆଗାମୀ ଦିନରେ ରାଜ୍ୟ ରାଜନୀତିକୁ ନୂଆ ମୋଡ଼ ଦେବାର କ୍ଷମତା ରଖୁଛି। ତେଣୁ ଶ୍ରୀ ତୋମାରଙ୍କ ଦୃଢ଼ୋକ୍ତି କେବଳ ଦଳୀୟ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଁ ଆଧାରିତ। ଚତୁର୍ଥ ଆସନରେ କିଛି ବି ଘଟିପାରେ ବୋଲି ରାଜନୈତିକ ମହଲ ମତପ୍ରକାଶ କରିଛି।

# ଶ୍ରୀଲୋକନାଥଙ୍କ ପୀଠରେ ପଙ୍କୋଦ୍ଧାର ଏକାଦଶୀ

ପୁରୀ,୧୩।୨(ସମିସ): ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିର। ବର୍ଷତମାମ୍ ଠାକୁରଙ୍କ ପ୍ରତ୍ୟକ୍ଷଲିଙ୍ଗ ସର୍ବଦା ପାଣିରେ ବୁଡ଼ି ରହିଥାନ୍ତି। ଭକ୍ତମାନେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଦର୍ଶନ କରିଥାନ୍ତି। ପଙ୍କୋଦ୍ଧାର ଏକାଦଶୀରେ ଗମ୍ଭୀରାରୁ ପଙ୍କ ବାହାର କରାଯାଏ ଏବଂ ବର୍ଷକରେ ଏହି ଗୋଟିଏ ଦିନ

**■ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କଲେ ଭକ୍ତ**
**■ ରବିବାର ଜାଗର ଯାତ୍ରା**



ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥା'ନ୍ତି। ଶୁକ୍ରବାର ସଅଳ ନୀତିକାନ୍ତି ଯୋଗୁଁ ପଙ୍କୋଦ୍ଧାର ପରେ ସକାଳ ୯ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତ ଗମ୍ଭୀରା ଭିତରକୁ ଯାଇ ପ୍ରଭୁ ଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥିଲେ। ଆସନ୍ତା ରବିବାର ପୀଠରେ ମହାଶିବରାତ୍ରୀ ବା ଜାଗର ଯାତ୍ରା ଅନୁଷ୍ଠିତ ହେବ।

ପଙ୍କୋଦ୍ଧାର ଏକାଦଶୀ ନୀତି ଓ ଦର୍ଶନ ଶୃଙ୍ଖଳିତ କରିବା ଲାଗି ଗୁରୁବାର ରାତି ସାଢ଼େ ୧୨ଟାରେ ଦ୍ୱାର ଫିଟାଯିବାକୁ ନୀତି ନିର୍ଘଣ୍ଟ ହୋଇଥିଲା। କିନ୍ତୁ, ୨୫ ମିନିଟ୍ ପୂର୍ବରୁ ଅର୍ଥାତ୍ ରାତି ୧୨ଟା ୫ରେ ମନ୍ଦିର ଦ୍ୱାର ଫିଟିଥିଲା। ପରେ ଠାକୁରଙ୍କ ମଙ୍ଗଳଆଳତି, ଅବକାଶ ଆଦି ନୀତି ବଢ଼ିଥିଲା। ପରେପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସକାଳ ଧୂପ ବଢ଼ି ଭୋର୍ ୪ଟାରୁ ପଙ୍କୋଦ୍ଧାର ନୀତି ଆରମ୍ଭ ହୋଇଥିଲା। ସେବାୟତମାନେ ଗମ୍ଭୀରାରୁ ପଙ୍କ ବାହାର କରିଥିଲେ। ସକାଳ ୮ଟା ସୁଦ୍ଧା ପଙ୍କୋଦ୍ଧାର ସରି ଠାକୁରଙ୍କ ମାଘସ୍ନାନ ନୀତି ବଢ଼ିଥିଲା। ଏକାଦଶୀ ଦର୍ଶନ ପରେ ସକାଳ ୯ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ରାତି ୧୧ଟା ପର୍ଯ୍ୟନ୍ତ ଶ୍ରୀଲୋକନାଥଙ୍କ ଦିବ୍ୟ ଲିଙ୍ଗ ଦର୍ଶନ କରିଥିଲେ ହଜାର ହଜାର ଭକ୍ତ। ଦର୍ଶନ ସରିବା ପରେ ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ ଓ ଅନ୍ୟାନ୍ୟ ନୀତି ବଢ଼ି ପ୍ରଭୁ ଲୋକନାଥଙ୍କ ବଡ଼ସିଂହାର ବେଶ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ୍ ବ୍ୟବସ୍ଥା ସହ ୭ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ। ସେବାୟତଙ୍କ ସହଯୋଗ ଫଳରେ ନୀତିକାନ୍ତି ସଅଳ ହେବାରୁ ଭକ୍ତଙ୍କ ଦର୍ଶନ ଶୃଙ୍ଖଳିତ ହୋଇଛି ବୋଲି ଉପଜିଲ୍ଲାପାଳ ରାଜକିଶୋର ଜେନା ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଅନ୍ୟ କୌଣସି ଶୈବପୀଠ କିମ୍ବା ମନ୍ଦିରରେ ପଙ୍କୋଦ୍ଧାର ସ୍ୱତନ୍ତ୍ର ରୀତିନୀତି ନାହିଁ। ଶ୍ରୀମନ୍ଦିର ସହ ପ୍ରତ୍ୟକ୍ଷ ସମ୍ପୃକ୍ତ ଶ୍ରୀଲୋକନାଥ ମନ୍ଦିରରେ ମହାଶିବରାତ୍ରିର ଗୋଟିଏ ଦିନ ପୂର୍ବରୁ ପଙ୍କୋଦ୍ଧାରର ସ୍ୱତନ୍ତ୍ର ନୀତି କରାଯାଇଥାଏ। ମହାପ୍ରଭୁଙ୍କୁ ଭକ୍ତ ଯେଉଁ ବେଲପତ୍ର, କଦଳୀ, ଛାଚି, ଫୁଲ, ରୁପାର ଅଙ୍ଗ ଯାହା ସମର୍ପି ଦେଇଥା'ନ୍ତି, ତାହା ଗମ୍ଭୀରାରେ ବର୍ଷସାରା ରହି ପଙ୍କରେ ପରିଣତ ହୋଇଥାଏ। ଏହି ଗୋଟିଏ ଦିନ ପଙ୍କ ଉଦ୍ଧାର କରାଯାଇ ଗମ୍ଭୀରାକୁ ସମ୍ପୂର୍ଣ୍ଣ ପରିଷ୍କାର କରାଯାଏ। ଫଳରେ ମୁଖ୍ୟ ଗମ୍ଭୀରାରେ ଭକ୍ତମାନେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଲିଙ୍ଗ କିଛି ସମୟ ପାଇଁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ପ୍ରଭୁ ଲୋକନାଥଙ୍କ ମସ୍ତକରୁ ଝରୁଥିବା ଗଙ୍ଗା ଜଳରେ ପୁନଶ୍ଚ ଗମ୍ଭୀରା ପୂର୍ଣ୍ଣ ହୋଇଥାଏ। ତେଣୁ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗଙ୍କ ଦୁର୍ଲଭ ଦର୍ଶନ କରିବା ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥାଏ।



## ଜଳିଲା ବୃହତ୍ ଜଗତ ମଙ୍ଗଳ ଦୀପ

ପୁରୀ, ୧୩।୨(ସମିସ): ମହାଶିବରାତ୍ରୀ ଅବ୍ୟବହିତ ପୂର୍ବରୁ ପବିତ୍ର ପଙ୍କୋଦ୍ଧାର ଏକାଦଶୀ ତିଥିରେ ଶ୍ରୀଲୋକନାଥଙ୍କ ପୀଠରେ ଜଳିଛି ଷୋଡ଼ଶତମ ବୃହତ୍ ଜଗତ ମଙ୍ଗଳ ଜାଗର ଦୀପ। ସନ୍ଧ୍ୟାରେ ଶ୍ରୀଲୋକନାଥଙ୍କ ଗମ୍ଭୀରାରୁ ଦୀପ ଆସି ଏହି ବୃହତ୍ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ଦିବ୍ୟାଜ୍ୟୋତି ପରିଡ଼ା, ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ପୂର୍ବରୁ, ଏହି ବୃହତ୍ ଦୀପ ମାଟିରେ ପ୍ରସ୍ତୁତ କରାଯାଉଥିବା ବେଳେ ୨୦୨୪ ମସିହାଠାରୁ ଅଷ୍ଟଧାତୁରେ ନିର୍ମିତ ହୋଇଛି। ପ୍ରାୟ ୬ଫୁଟ ଲମ୍ବ, ୪ଫୁଟ ଓସାର ଏବଂ ୩ଫୁଟ ଗଭୀର ଏହି ଦୀପରେ ଏକାଥରେ ଦେଢ କୁଇଣ୍ଟାଲ ଶୁଦ୍ଧ ଘିଅ ଜଳାଯିବ। ପେଙ୍କୋଦ୍ଧାର ଏକାଦଶୀ ସନ୍ଧ୍ୟାରୁ ମହାଶିବରାତ୍ରୀ ଜାଗର ଦିନ ଶ୍ରୀଲୋକନାଥଙ୍କ ମହାଦୀପ ଉଠିବା ପର୍ଯ୍ୟନ୍ତ ଅର୍ଥାତ୍ ୧୬ ତାରିଖ ପ୍ରତ୍ୟୁଷ ଯାଏ ଏହି ଦୀପ ଜଳାଯିବ। ୬ ଇଞ୍ଚ ଚଉଡ଼ା ଏବଂ ୧୦ ମିଟର ଲମ୍ବ ବଳିତା ଏହି ଦୀପରେ ବ୍ୟବହାର କରାଯାଇଛି। ବିଶ୍ୱଶାନ୍ତି ତଥା ଜଗତ କଲ୍ୟାଣ ପାଇଁ ଏହି ଦୀପ ପ୍ରତ୍ୟେକ ବର୍ଷ ଶ୍ରୀଲୋକନାଥଙ୍କ ପୀଠରେ ପ୍ରଜ୍ୱଳନ କରାଯାଉଥିବା ଦୀପର ଉଦ୍ୟୋକ୍ତା ରାମକୃଷ୍ଣ ହୋତା କହିଛନ୍ତି।

# ନିର୍ଯାତନା ଦେଉଥିବା ପୁଅ-ବୋହୂଙ୍କୁ ଘରୁ ବେଦଖଲ କରିପାରିବେ ବାପା-ମା': ହାଇକୋର୍ଟ

କଟକ,୧୩।୨(ସମିସ): ନିଜ ଘରେ ପୁଅ ଏବଂ ବୋହୂଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ନେଇ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଏବଂ କଲ୍ୟାଣ ନିଶ୍ଚିତ କରିବା ପୁଲିସ ପ୍ରଶାସନର ପ୍ରାଥମିକ ଦାୟିତ୍ୱ ବୋଲି କହିଛନ୍ତି ହାଇକୋର୍ଟ। ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳ ନିବାସୀ ଦୁଇଜଣ ବରିଷ୍ଠ ନାଗରିକଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦି ପୁଅ-ବୋହୂଙ୍କ ସହ ବିବାଦର ସମାଧାନ ନହୁଏ, ତେବେ ଆବେଦନାକରୀ ପିତାମାତା ବରିଷ୍ଠ ନାଗରିକ ଆଇନ -୨୦୦୭ ତଥା ଓଡ଼ିଶା ବରିଷ୍ଠ ନାଗରିକ ତଥା ପିତାମାତାଙ୍କ ଭରଣପୋଷଣ ନିୟମାବଳୀ-୨୦୦୯ ଅନୁଯାୟୀ ସେମାନଙ୍କୁ ନିଜ ଘରୁ ବେଦଖଲ କରିବା ପାଇଁ ପଦକ୍ଷେପ ନେଇପାରିବେ। ଏପରିକି, ଏଥିରେ ପୁଲିସ୍ ସେମାନଙ୍କୁ ସାହାଯ୍ୟ କରିପାରିବ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଆରକ୍ଷୀ ଅଧୀକ୍ଷକ ମଧ୍ୟ ବରିଷ୍ଠ ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା



**'ବରିଷ୍ଠ ନାଗରିକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପୁଲିସର ପ୍ରାଥମିକ ଦାୟିତ୍ୱ'**

ଜରୁରୀ। ସେହିଭଳି ବରିଷ୍ଠ ନାଗରିକ ଏବଂ ପିତାମାତାଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ ଅନୁଯାୟୀ, ପିତାମାତା ଯେପରି ଏକ ସ୍ୱାଭାବିକ ଜୀବନ ଅତିବାହିତ କରିବେ, ତାହା ନିଶ୍ଚିତ କରିବା ସନ୍ତାନମାନଙ୍କର ଆଇନଗତ ଦାୟିତ୍ୱ ବୋଲି ଅଦାଲତ କହିଛନ୍ତି।

ମାମଲାରୁ ପ୍ରକାଶ, ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ବରିଷ୍ଠ ନାଗରିକ ଦମ୍ପତି ସେମାନଙ୍କ ପୁଅ ଓ ବୋହୂଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ନିଜସ୍ୱ ଅର୍ଜିତ ସମ୍ପତ୍ତିରେ ନିର୍ମିତ ଘରେ ରହୁଥିଲେ ମଧ୍ୟ ସେମାନଙ୍କୁ ସେଠାରେ ଅଶାନ୍ତିର ସାମ୍ନା କରିବାକୁ ପଡୁଥିଲା। ପୂର୍ବରୁ ସେମାନେ ସ୍ପିଡ୍-ପୋଷ୍ଟ ଯୋଗେ ଥାନାକୁ ଅଭିଯୋଗ ପଠାଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଯଦି କୌଣସି ଅଭିଯୋଗରୁ ଧର୍ତ୍ତବ୍ୟ ଅପରାଧର ସୂଚନା ମିଳୁଛି, ତେବେ ପୁଲିସ ତୁରନ୍ତ ମାମଲା ରୁଜୁ କରିବା ଉଚିତ ବୋଲି କହିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ।

## ମୁରବୀ ବିହୀନ ମାନବାଧିକାର କମିସନ; ଜଣେ ମାତ୍ର ସଦସ୍ୟ

# ନୂତନ ମାମଲାର ଶୁଣାଣି ବନ୍ଦ, ନ୍ୟାୟ ପାଇଁ ଲୋକେ ହନ୍ତସନ୍ତ

ଭୁବନେଶ୍ୱର,୧୩।୨(ସମିସ): ରାଜ୍ୟରେ ମାନବାଧିକାର ସ୍ଥିତି ବିଗିଡ଼ିବାରେ ଲାଗିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ଜଣେ ପାଚିକାଙ୍କୁ ଜାତିଆଣ ଆକ୍ଷେପ କରିବା ଅଭିଯୋଗରେ ସ୍ଥାନୀୟ ଲୋକେ ବହିଷ୍କାର କରୁଛନ୍ତି। ଏଲ୍‌ଆର୍‌ସି ଥାଇ ମଧ୍ୟ ପ୍ରଶାସନ ବସ୍ତିବାସିନ୍ଦାଙ୍କ ଘର ଭାଙ୍ଗି ଦେଉଛି। ବିଭିନ୍ନ ପୁଲିସ ଥାନା ଲୋକଙ୍କ ଏତଲା ରଖୁନାହାନ୍ତି; ଓଲଟା ଅତ୍ୟାଚାର କରୁଛନ୍ତି। ହାଜତମୃତ୍ୟୁ ଭଳି ଜଘନ୍ୟ କାଣ୍ଡ ସାମ୍ନାକୁ ଆସୁଛି। ପ୍ରଶାସନିକ ଅବହେଳା ଏବଂ ପୁଲିସ ଅତ୍ୟାଚାର ବିରୋଧରେ ଆଇନଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ରାଜ୍ୟ ମାନବାଧିକାର କମିସନଙ୍କ ବିରୋଧରେ ଆରମ୍ଭ ହୋଇଛି ସରକାରୀ ଷଡ଼ଯନ୍ତ୍ର। ଏହି ଷଡ଼ଯନ୍ତ୍ରର ଫଳସ୍ୱରୂପ ରାଜ୍ୟ ମାନବାଧିକାର କମିସନରେ କମିସନ ଅଧ୍ୟକ୍ଷ ପଦ ସମେତ ସଦସ୍ୟ ପଦ ଖାଲି ପଡ଼ିଛି। ବିନା ଅଧ୍ୟକ୍ଷରେ ୨ଦିନ ହେବ ନୂତନ ମାମଲାର ଶୁଣାଣି ବନ୍ଦ ହୋଇଯାଇଛି। ରାଜ୍ୟ ସରକାର କମିସନଙ୍କୁ ମୁଣ୍ଡବିହୀନ କରିଦେଇଛନ୍ତି।

ରାଜ୍ୟ ମାନବାଧିକାର କମିସନ୍ ୩ ଜଣିଆ ସଦସ୍ୟ ବିଶିଷ୍ଟ ଅନୁଷ୍ଠାନ। ଏଥିରେ ଜଣେ ଅଧ୍ୟକ୍ଷ ଏବଂ ୨ଜଣ ସଦସ୍ୟ ରହିଥା'ନ୍ତି। ଗତ ୧୦ ତାରିଖରୁ ଏହି କମିସନ୍ ଏକପ୍ରକାର ପଙ୍ଗୁ ହୋଇ ଯାଇଛି। ଅଧ୍ୟକ୍ଷ ଦାୟିତ୍ୱରେ

**ରାଜ୍ୟରେ ବିଗୁଡୁଛି ମାନବାଧିକାର ସ୍ଥିତି**

ଶତ୍ରୁଘ୍ନ ପୂଜାରୀ ଏବଂ ସଦସ୍ୟ ଅସିମ୍ ଅଭିତାଭ ଦାସଙ୍କ ୩ ବର୍ଷିୟା କାର୍ଯ୍ୟକାଳ ଶେଷ ହୋଇଛି। ସେମାନଙ୍କ ସ୍ଥାନରେ ଏପର୍ଯ୍ୟନ୍ତ କୌଣସି ନୂତନ ଅଧ୍ୟକ୍ଷ କିମ୍ବା ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ରାଜ୍ୟବାସୀଙ୍କ ମାନବାଧିକାର ସ୍ୱାର୍ଥରେ ଏହି କମିସନ୍ କାର୍ଯ୍ୟ କରୁଥିଲେ ମଧ୍ୟ ଏହି ପଦବୀ ପୂରଣ ପାଇଁ କୌଣସି ଆଗୁଆ ପଦକ୍ଷେପ ଗ୍ରହଣ କରାଗଲା ନାହିଁ। କିମ୍ବା ଦୁଇ ଦିନ ହେବ ଏହି ପଦବୀଗୁଡ଼ିକ ପୂରଣ ପାଇଁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ।

ଅଧ୍ୟକ୍ଷ ନ ଥିଲେ କମିସନ କୌଣସି ନୂତନ ମାମଲାର ଶୁଣାଣି କରି ପାରିବେ ନାହିଁ। ଏପରିକି ଜରୁରୀକାଳୀନ ପରିସ୍ଥିତିରେ




ମଧ୍ୟ ନୂତନ ମାମଲାର ଶୁଣାଣି ହୋଇପାରୁ ନାହିଁ। ନୂତନ ଅଭିଯୋଗ ଆସିଲା କେବଳ ମାମଲା ରୁଜୁ କରାଯାଇ କମିସନ ଅଭିଯୋଗ ଫର୍ଦ୍ଦକୁ ସାଇତି ରଖୁଛନ୍ତି। ମାମଲା ଆଗକୁ ବଢି ପାରୁ ନାହିଁ। ନୂତନ ମାମଲାର ଶୁଣାଣି ନ ହେବା ଯୋଗୁଁ ରାଜ୍ୟରେ ମାନବାଧିକାର କର୍ମୀମାନେ ଆଉ ନୂଆ ଅଭିଯୋଗ କରୁନାହାନ୍ତି। ଜଣେ ମାନବାଧିକାର କର୍ମୀଙ୍କ କହିବା ଅନୁଯାୟୀ, ଯଦି କମିସନଙ୍କ ଶେଷ ସଦସ୍ୟଙ୍କୁ ଆକ୍ଟିଂ ଚେୟାରମ୍ୟାନ ଭାବେ ବି ରାଜ୍ୟପାଳ ଘୋଷଣା କରନ୍ତି, ତେବେ ମଧ୍ୟ ଜରୁରୀକାଳୀନ ଏବଂ ନୂତନ ମାମଲାର ଶୁଣାଣି ହୋଇପାରନ୍ତା। କିନ୍ତୁ ସେଭଳି କିଛି ନ ହେବାରୁ ଏହି ଅନୁଷ୍ଠାନ ଦୁର୍ବଳ ହେବା ସହ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି।

ପଦବୀ ପୂରଣ ନ ହେବାକୁ ନେଇ ଏକାଧିକ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। କିଏ କହୁଛି ସରକାରଙ୍କ ପାଖରେ ଅର୍ଥ ନାହିଁ। ସରକାର ଦରମା ଦେଇ ପାରିବେନି ବୋଲି ଏଭଳି ନୂତନ ନିଯୁକ୍ତ କରୁ ନାହାନ୍ତି। ଆଉ କିଏ କହୁଛି, ରାଜ୍ୟ ମାନବାଧିକାର କମିସନଙ୍କ ଯୋଗୁଁ ସରକାରଙ୍କ ବିରୋଧରେ ଏକାଧିକ ମାମାଲା ଆସୁଛି। ରାୟ ସ୍ୱାର୍ଥର ବିପରୀତ ଦିଗରେ ଯାଉଛି। ଯାହାଫଳରେ ପ୍ରଶାସନିକ ଅଧିକାରୀମାନେ ଅସୁବିଧାରେ ପଡୁଛନ୍ତି। କିଛି ଅଧିକାରୀ ମାନବାଧିକାର ଉଲଙ୍ଘନ କରି ଏକଚାଟିଆ କାର୍ଯ୍ୟ କରିବାକୁ ଚାହୁଁଛନ୍ତି ଏଣୁ ସରକାର ନୂତନ ନିଯୁକ୍ତି କରୁ ନାହାନ୍ତି।

## ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡ

**ଭବାନୀପାଟଣା, ୧୩।୨ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅଧୀନ ଗୋଇପିଟା ଗ୍ରାମର ମୋହନ ଭାଟି ସ୍ତ୍ରୀ ମୀନା ଭାଟିକୁ ଗତ ୧୨ ଡିସେମ୍ବର ୨୦୨୩ ଡିସେମ୍ବର ମାସରେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା। ଏନେଇ ଝିଅ ନିରୁପମା ଭାଟି ମାଙ୍କ ହତ୍ୟା ନେଇ ବାପାଙ୍କ ବିରୋଧରେ ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି କୋର୍ଟ ଚାଲାଣ କରିଥିଲେ। ମାମଲାର ବିଚାର କରି ଆଜି ଏଡିଜି ତଥା ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରିନାରାୟଣ ନନ୍ଦ ଅଭିଯୁକ୍ତକୁ ଦୋଷୀ ଦର୍ଶାଇକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୬ମାସ ଜେଲ ଦଣ୍ଡ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି କେସ୍‌କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ପ୍ରଦୀପ ବିହାର ଓ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ରାଜେଶ କୁମାର ନାୟକ ପରିଚାଳନା କରିଥିଲେ।

# ଧାନକିଣାରେ ଅବ୍ୟବସ୍ଥା; ଗର୍ଜିଲା ବିଜେଡି

**ନୂଆପଡ଼ା, ୧୩।୨(ସମିସ)**

ଧାନ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା ଦିଆଯିବା ସହ ସମସ୍ତ ଧାନ ଠିକ୍ ସମୟରେ କିଣାଯିବ ବୋଲି ଡବଲ ଇଞ୍ଜିନ ସରକାର ଭାଷଣ ମାରୁଥିବାବେଳେ ବର୍ତ୍ତମାନ ନୂଆପଡ଼ା ଜିଲ୍ଲାରେ ଖରିଫ ଧାନ ସଂଗ୍ରହରେ ବହୁ ଅବ୍ୟବସ୍ଥା ଦେଖାଦେଇଛି। ଲୋକେ ନିଜର କଷ୍ଟ

## ଜିଲ୍ଲାପାଳଙ୍କ ଅଫିସ ଘେରଉ

ଉପାର୍ଜିତ ଧାନ ବିକି ପାରୁନାହାନ୍ତି ବୋଲି ନୂଆପଡ଼ା ଜିଲ୍ଲା ବିଜେଡି ଗର୍ଜି ଉଠିଛି। ଅସନ୍ତୋଷ କର୍ମୀମାନେ ନୂଆପଡ଼ା ଜିଲ୍ଲାପାଳ ଅଫିସକୁ ଘେରଉ କରି ଦାବି ପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ପୁଲିସ ପଡ଼ିଆରେ ବିଜେଡି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଶୀଙ୍କ ନେତୃତ୍ୱରେ ଶତାଧିକ ବିଜେଡି ନେତା, କର୍ମୀ ଓ ସମର୍ଥକମାନେ ଏକତ୍ରିତ ହୋଇଥିଲେ। ସେଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳ ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ସମାଲୋଚନା କରିଥିଲେ। ପରେ ଜିଲ୍ଲାପାଳ ଅଫିସ ଘେରଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନୂଆପଡ଼ା ଏକ ଚାଷୀ ପ୍ରଧାନ ଜିଲ୍ଲା। ଏଠି ଅର୍ଦ୍ଧାଧିକ ଲୋକେ ଚାଷକାର୍ଯ୍ୟରେ ଉପରେ ନିର୍ଭରକରି ଜୀବିକା ନିର୍ବାହ



କରନ୍ତି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଅବହେଳାହେତୁ ଚାଷୀଙ୍କ ଦୁଃଖ ବଢ଼ିବାରେ ଲାଗିଛି। ଏବର୍ଷ ଜିଲ୍ଲାରେ ୫୧ହଜାର ୩୪୧ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି। ଜିଲ୍ଲାରେ ବିଳମ୍ବରେ ମଣ୍ଡି ଖୋଲିବା ସହ ଧାନ ସଂଗ୍ରହରେ ଅଚଳାବସ୍ଥା ଜାରି ରହିଥିବାରୁ ବହୁ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଚଳିତବର୍ଷ ରାଜ୍ୟ ସରକାର ୭୩ ଲକ୍ଷ ମ୍ୟାଟ୍ରିକ ଟନ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ୩୦.୪୯ଲକ୍ଷ ମ୍ୟାଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। ଏବେ ଚାଷୀଙ୍କ ଧାନ ସଂଗ୍ରହରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବିଫଳ ହୋଇଛି। ଏଠି ବିନା କଟ୍‌ନୀ ଛଟନୀରେ ଧାନ ସଂଗ୍ରହ ହେଉ ନ ଥିବାରୁ ଚାଷୀ ବହୁ କ୍ଷତି ସହୁଛନ୍ତି। ଓଡ଼ିଶା ତୁଳନାରେ ଛତିଶଗଡ଼ ଛୋଟ ରାଜ୍ୟ ଓ କମ ଧାନ ଉତ୍ପାଦନ ହୋଇଥିଲେ ବି'ମାନ ସୁଦ୍ଧା ୧୨୭ଲକ୍ଷ ମ୍ୟାଟ୍ରିକ ଟନ୍ ଧାନ ସଂଗ୍ରହ ହୋଇ ସାରିଛି। ଏଥିରେ ରାଜ୍ୟ ସରକାର ଓ ନୂଆପଡ଼ା ଜିଲ୍ଲା ପ୍ରଶାସନ ବିଫଳତା ସ୍ପଷ୍ଟ ବାରି ହେଉଛି। ରାଜ୍ୟରେ ୪୦୮୩ଟି ମଣ୍ଡିରେ ଧାନ ସଂଗ୍ରହ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୮୯୩ଟି ମଣ୍ଡିରେ ଧାନ ସଂଗ୍ରହ ହେଉଛି। କେନ୍ଦ୍ର ସରକାର ଧାନ ସର୍ବନିମ୍ନ ସହାୟକ ମୂଲ୍ୟରେ ୬୯ ଟଙ୍କ ବୃଦ୍ଧି କରିଛନ୍ତି। ଏଣୁ ରାଜ୍ୟ ସରକାରଙ୍କ ବୋନସ୍‌କୁ ମିଶାଇ ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୬୯ଟଙ୍କା ଦେବା କଥା। କିନ୍ତୁ ଏବେ ଚାଷୀଙ୍କୁ ୩୧୦୦ଟଙ୍କା ମିଳୁଛି। ଏଠି ଚାଷୀଙ୍କୁ କୁଇଣ୍ଟାଲ ପିଛା ୬୯ ଟଙ୍କା କିଏ ଖାଉଛି ବୋଲି ପ୍ରଶ୍ନ କରିଥିଲେ। ବର୍ତ୍ତମାନ ଜଣେ ଚାଷୀଙ୍କ ଠାରୁ ୧୫୦କୁଇଣ୍ଟାଲ ଧାନ ସଂଗ୍ରହ ହେବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ଏଣୁ ବକେୟା ଧାନ କିଏ କିଣିବ ବୋଲି କହିଛନ୍ତି। ଏଠି ଅନେକ ଚାଷୀଙ୍କୁ ଟୋକନ ମିଳି ନ ଥିବାରୁ ଧାନ ବିକ୍ରିରୁ ବଞ୍ଚିତ ହେଉଛନ୍ତି। ଏଣୁ ତୁରନ୍ତ ଧାନ ସଂଗ୍ରହରେ ସୁଧାର ନ ଆଣିଲେ, ଆଗାମୀ ଦିନରେ ମଣ୍ଡିରୁ ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ଆନ୍ଦୋଳନ ଆହୁରି ଭୟାବହ ହେବ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ରାଜେଶ ନିଗମ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପସିଂ ମାଝୀ, ଚିତ୍ତରଞ୍ଜନ ବେହେରା, ବରିଷ୍ଠ ନେତା ହରିଶ୍ଚନ୍ଦ୍ର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ କାର୍ତ୍ତିକ ଦୀପ, ହେମନ୍ତ କର, କ୍ଷମାସିଂ ନିଆଲ, ଟେକରାମ ସାହୁ, ତୁରନସିଂ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ନିଖୋଜ; ଥାନାରେ ଏତଲା

**କଲମପୁର, ୧୩।୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନା ବଲାଗାଁର ଜନୈକ ବିବାହିତା ମହିଳା ନିଖୋଜ ହୋଇଥିବା ନେଇ ତାଙ୍କ ସ୍ୱାମୀ ଭଜମନ ଦୁର୍ଗା କଲମପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବଲାଗାଁର ଭଜମନଙ୍କ ସ୍ତ୍ରୀ ରଶ୍ମିତା ଦୁର୍ଗା ଗତ ୩ ତାରିଖ ଦିନ କାହାକୁ କିଛି ନ କହି ଘରୁ କୁଆଡେ ଚାଲିଯାଇଛନ୍ତି। ବହୁ ଖୋଜାଖୋଜି ପରେ ବି ରଶ୍ମିତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ଶେଷରେ ଭଜମନ ଗତ



୧୦ତାରିଖରେ କଲମପୁର ଥାନାରେ ଅଭିଯୋଗ କରିଛନ୍ତି। କଲମପୁର ଥାନା ପୋଲିସ ମାମଲା ପଞ୍ଜିକୃତ କରି ତଦନ୍ତ ଆରମ୍ଭ କରିଛି। ଭଜମନଙ୍କ ଦୁଇଟି ସନ୍ତାନ ରହିଛନ୍ତି। ଜଣେ ଏକ ବର୍ଷ ଓ ଅନ୍ୟ ଜଣେ ଛଅ ବର୍ଷର ହୋଇଥିବା ଜଣାପଡ଼ିଛି। ଭଜମନଙ୍କ ସ୍ତ୍ରୀ ରଶ୍ମିତାକୁ କେହି ନେଇ ଯାଇଥିବା ଭଜମନ ସନ୍ଦେହ କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ରଶ୍ମିତାଙ୍କର କୌଣସି ସନ୍ଧାନ ମିଳି ପାରିନାହିଁ।

## ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ସାଇକଲ ବଣ୍ଟନ



**ମ. ରାମପୁର, ୧୩।୨(ସମିସ):** କଳାହାଣ୍ଡି ଜିଲ୍ଲା ଉର୍ଲା ଦାନୀ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସାଇକଲ ବଣ୍ଟନ କରାଯାଇଛି। ସହୀଦ ରେଣ୍ଡୋ ମାଝୀ ବିଦ୍ୟାଳୟର ୯ ଜଣ ଛାତ୍ରୀଙ୍କୁ ଏହି ସାଇକଲ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉର୍ଲା ଦାନୀ ସିଆରପିଏଫ କ୍ୟାମ୍ପର ୬୪ ବାଟାଲିୟନର ଇନିସ୍ପେକ୍ଟର ଯୁଗଳ କିଶୋର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସାଇକଲ ପ୍ରଦାନ କରିଥିଲେ। ଉର୍ଲାଦାନୀ ଷ୍ଟେଟ ବ୍ୟାଙ୍କ ଶାଖାର ପରିଚାଳକ ଭିକାରୀ ଚରଣ ସାହୁ ଏହାକୁ ପରିଚାଳନା କରିଥିଲେ।

## ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

**ଗୋଲାମୁଣ୍ଡା, ୧୩।୨(ସମିସ):** ଗୋଲାମୁଣ୍ଡା ବ୍ଲକ ମାନଝରି ପଞ୍ଚାୟତ ଅଧୀନ ଗ୍ରିଣ୍ଡୋଲ ଗ୍ରାମରେ ତିନି ଦିନ ଧରି ଚାଲିଥିବା ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ମହାଯଜ୍ଞ ଶାନ୍ତିକୁଞ୍ଜ ହରିଦ୍ୱାର ଗାୟତ୍ରୀ ପୀଠ ନିର୍ଦ୍ଦେଶ କ୍ରମେ ଲକ୍ଷ୍ମୀବାଇ ମହିଳା ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ହାତିବନ୍ଧା ଗାୟତ୍ରୀ ପୀଠର ସଦାନନ୍ଦ ନାମଦେବ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ସାନିଟାରୀ ପ୍ୟାଡ୍ ବଣ୍ଟନ

**କେସିଙ୍ଗା, ୧୩।୨(ସମିସ):** ଜିଲ୍ଲାର ସ୍ୱାସ୍ଥ୍ୟସେବାକୁ ପ୍ରମୁଖ ଭାବରେ ଗ୍ରହଣ କରିଥିବା ଏସବିଆଇ ଓ ରାମକୀ ଫାଉଣ୍ଡେସନ ପକ୍ଷରୁ ଶୁକ୍ରବାର କେସିଙ୍ଗା ବ୍ଲକ ଉକ୍ରେଳା ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ସାନିଟାରୀ ପେଡ୍ ବଣ୍ଟନ କରାଯାଇଥିଲା। ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଫାଉଣ୍ଡେସନକୁ ଧନ୍ୟବାଦ୍ ଜଣାଇଛନ୍ତି। ଫାଉଣ୍ଡେସନର ପ୍ରୋଜେକ୍ଟ କୋର୍‌ଡିନେଟରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଡାକ୍ତର ବିମଳ ଚରଣ ଷଡ଼ଙ୍ଗୀ, ଫାର୍ମାସିଷ୍ଟ ଯୋସ୍ନା ରାଣୀ ବେହେରା, ପଙ୍କଜିନି ରଣା, ଲ୍ୟାବ୍ ଟେକ୍ନିସିଆନ୍ ନିତୁ ନାଏକ, ନିରଞ୍ଜନ ହାତୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସ, ଶ୍ରୀୟା ପ୍ରସାଦିନି କର, ହେମନ୍ତ କୁମାର ସାହୁ ଓ କୁମୁଦ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

## କୋକସରା ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ଶିବିର

**କୋକସରା, ୧୩।୨(ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଦିବ୍ୟାଙ୍ଗଜନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ସେମାନଙ୍କୁ ପ୍ରମାଣପତ୍ର ଓ



ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଶିବିରମାନ ଆୟୋଜନ କରାଯାଉଛି। ଏହି କ୍ରମରେ ଶୁକ୍ରବାର କୋକସରା ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସୁନ୍ଦର ନାଏକଙ୍କ ଅଧ୍ୟକ୍ଷତାରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡ.ଆଦିତ୍ୟ ସାହୁ ମୁଖ୍ୟବକ୍ତା, ବ୍ଲକ ଜିପିଡିଓ ମିଲୁ ପ୍ରଧାନୀ, ହିସାବ ରକ୍ଷକ ଅଧିକାରୀ ଦିଲ୍ଲୀପ ଶବର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଶିବିରକୁ ବ୍ଲକର ୨୨ଟି ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମ ମହିଳା, ଯୁବକ, ଯୁବତୀ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଡାକ୍ତରଙ୍କ ପରାମର୍ଶ ପରେ ତାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇ। ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅସ୍ଥିସଲ୍ୟ ବିଶେଷଜ୍ଞ ଡା.ପ୍ରମାତେଶ କଶ୍ୟପ ପଣ୍ଡା, ମାନସିକ ରୋଗୀ ବିଶେଷଜ୍ଞ ଡା. ଚେତୁରାମ ମେହେର, ଇଏନ୍‌ଟି ବିଶେଷଜ୍ଞ ଡା. ପ୍ରଦ୍ୟୁମ୍ନ କୁମାର ପଣ୍ଡା, ଅଫ୍‌ଥାଲମୋଲୋଜିଷ୍ଟ ଡା. ସ୍ମୃତି ସ୍ମୃତିଲେଖା ସାହୁ, ଫିଜିଓଥେରାପିଷ୍ଟ ଡା.ସମ୍ବିତ ପଣ୍ଡା, ଟେଲି ମେଡିସିନ ନିବେଦିତା ସାହୁ, ପିଏସ୍‌ଡବ୍ଲୁ ଅନ୍ୟାତ ମହମ୍ମଦ, ଆରାଧନା ବେହୁରା, ଏମ୍‌ଆଇ ନିବେଶ ଚନ୍ଦ୍ର ସାହୁ, ପି.ଏ ଲକ୍ଷ୍ୟପତି ପୁଝାରି, ଡିଇଓ ଆଶୁତୋଷ ପ୍ରଧାନ ପ୍ରମୁଖ ରୋଗୀଙ୍କ ପରୀକ୍ଷା ସହ ଚିକିତ୍ସା କରିଥିଲେ। ଶିବିରରେ ମୋଟ୍ ୨୨୨ ପଞ୍ଜିକରଣ ହୋଇଥିବାବେଳେ ୪୫ ଜଣ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର, ୫ ଜଣଙ୍କୁ ଟ୍ରାଇ ସାଇକେଲ ଓ ୩ ଜଣ ହିତାଧିକାରୀଙ୍କୁ ହ୍ୱିଲ ଚେୟାର, ଜଣେ ମହିଳାଙ୍କୁ ଆଶାବାଡ଼ି ପ୍ରଦାନ କରାଯାଇଛି। ପିଇଓ ବିରଞ୍ଚି ଖର୍ସେଲ ସଂଯୋଜନା କରିଥିବାବେଳେ ପିଇଓ, ଏଡିଓ ବ୍ଲକର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ପ୍ରଶିକ୍ଷଣ ଶିବିର




**ଲାଞ୍ଜିଗଡ଼, ୧୩।୨(ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସ୍ଥିତ ପିଭିଟିଜି ବାଳକ ଆଶ୍ରମ ସ୍କୁଲରେ ଲାଞ୍ଜିଗଡ଼ ବ୍ଲକସ୍ତରୀୟ ପଞ୍ଚଦିବସୀୟ "ଓଡ଼ିଶା ପାଠ୍ୟକ୍ରମ ରୂପରେଖା୨୦୨୬ ଓ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର 'ପ୍ରବୋଧନ' ସଫଳତାର ସହିତ ଆୟୋଜିତ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ଲାଞ୍ଜିଗଡ଼ ଓ ହରେକୃଷ୍ଣପୁର କ୍ଲଷ୍ଟରର ମୋଟ ୫୦ ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ପ୍ରଶିକ୍ଷଣ ଇନ୍‌ଚାର୍ଜ ଭାବେ ଜଳନ୍ଧର ମାଝୀ ଦାୟିତ୍ୱ ନେଇଥିଲେ। ଶିଶୁ ବାଟିକାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟପୁସ୍ତକର ନାମ ପରିବର୍ତ୍ତନ ତଥା ନୂତନ ପାଠ୍ୟକ୍ରମ ସଂଯୋଗ କରାଯାଇଥିବା ସହ, ଆଗାମୀ ଶିକ୍ଷା ବର୍ଷରୁ ଏହି ନୂତନ ପୁସ୍ତକଗୁଡ଼ିକ ପାଠଦାନରେ ଅନୁପ୍ରବେଶ କରାଯିବ ବୋଲି ସୂଚନା ମିଳିଥିଲା। ଶିବିରର ତୃତୀୟ ଦିବସରେ ମନିଟରିଂ ପାଇଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭରତଭୂଷଣ ସାହୁ ଯୋଗଦେଇଥିବା ବେଳେ ଚତୁର୍ଥ ଦିବସରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ଶୃଙ୍ଖଳ ଦେବ ମୁଣ୍ଡ ଉପସ୍ଥିତ ଥିଲେ। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର ଶିବିରକୁ ପରିଦର୍ଶନ କରିବା ସହ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟି ଫିକେଟ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରକ ପ୍ରଭାତ ପାଠୀ, ସନ୍ତୋଷ ସେଠୀ, ମୋନାଲିସା ଜେନା ଓ ବିନୋଦ ମହାରଣା ପରିଚାଳନା କରିଥିଲେ।

## ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିରାପତ୍ତା ଓ ବିପର୍ଯ୍ୟୟ ପ୍ରଶମନ ତାଲିମ



**ଲାଞ୍ଜିଗଡ଼, ୧୩।୨ (ସମିସ) :** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆଜି ଅଗ୍ନି ନିରାପତ୍ତା ଓ ବିପର୍ଯ୍ୟୟ ପ୍ରଶମନ ସମ୍ପର୍କିତ ମକ୍‌ଡ୍ରିଲ ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସନତ ପ୍ରଧାନଙ୍କ ନେତୃତ୍ୱରେ ହାବିଲଦାର ଦେବରାଜ ସାରକା, ସୁବାସ ମଲ୍ଲିକ, ଦୁଷ୍ମନ୍ତ ସାହୁ, ଶରତ ଚନ୍ଦ୍ର ବେହେରା, ସୁଧାଂଶୁ ଶେଖର ଦାସ ପ୍ରମୁଖ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କିତ ତାଲିମ ପ୍ରଦାନ କରିବା ସହିତ ବିପର୍ଯ୍ୟୟ ପ୍ରଶମନ ଉପରେ ମଧ୍ୟ ବିସ୍ତୃତ ଭାବେ ତାଲିମ ପ୍ରଦାନ କରିଥିଲେ। ଲାଞ୍ଜିଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜମ୍ବେଶ୍ୱର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ବନିତା ଧଙ୍ଗଡ଼ାମାଝୀ, ଅମିତା ସ୍ୱାଇଁ, ଶିକ୍ଷକ ବିନୋଦ ବାତ୍ରା, ନାଗେଶ୍ୱର ସା, କାହ୍ନୁ ଚରଣ ଡାକୁଆ, ସିରିପୁରମ ମୋହନ ରାଓ, ସୁନୀଲ କୁମାର ପାଠକ, ଶିକ୍ଷୟିତ୍ରୀ ରୋଜାଲିନୀ ପାଢ଼ୀ, ଶିକ୍ଷକ ବିଷ୍ଣୁପ୍ରସାଦ ରାଉତ, ପ୍ରତାପ କୁମାର ବାରିକ, ସୁରେଶ ଚନ୍ଦ୍ର ପଟେଲ ଓ ଶୁଭଲକ୍ଷ୍ମୀ ହୋତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମାଟ୍ରିକ୍ ପରୀକ୍ଷା ବେଳେ ରୌପ୍ୟ ଜୟନ୍ତୀ

**ଧର୍ମଗଡ଼, ୧୩।୨(ସମିସ):** ଆସନ୍ତା ଫେବୃଆରୀ ୧୯ ତାରିଖରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଫେବୃଆରୀ ୧୭ ତାରିଖରେ ଗୋଲାମୁଣ୍ଡା ବ୍ଲକ ଲେଡେର ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ କରାଯିବ। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି। ପରୀକ୍ଷା ପାଇଁ ପ୍ରସ୍ତୁତି ଏବଂ ରୌପ୍ୟ ଜୟନ୍ତୀର ଆୟୋଜନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଚିନ୍ତାର ବିଷୟ ପାଲଟିଛି। ଏଥିପାଇଁ କାର୍ଡ ଛପାହୋଇ ବଣ୍ଟା ସରିଛି ଓ ଅତିଥି ମାନଙ୍କୁ ମଧ୍ୟ ନିମନ୍ତ୍ରଣ ପତ୍ର ମଧ୍ୟ ଦିଆ ସରିଛି।




ସେହିପରି ବିଦ୍ୟାଳୟ ପରିସରରେ ରୌପ୍ୟ ଜୟନ୍ତୀ ପାଳନକୁ ନେଇ ଜୋର ପ୍ରସ୍ତୁତି ଚାଲିଛି। ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ରୌପ୍ୟ ଜୟନ୍ତୀର ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଯାହାକୁ ନେଇ ଏବେ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ମାଟ୍ରିକ୍ ପରୀକ୍ଷା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ରାଜ୍ୟର ୩୦୮୨ଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୫ ଲକ୍ଷ ୬୦ ହଜାର ୫୧୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଏବଂ ଓଏମଆର ସିଟ୍ ଗୁଡ଼ିକ କଡ଼ା ସୁରକ୍ଷା ବଳୟରେ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିସାରିଛି। ଫେବୃଆରୀ ୧୭ ତାରିଖ ସୁଦ୍ଧା ସମସ୍ତ ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୩୨୨ଟି ନୋଡାଲ ସେଣ୍ଟର ପ୍ରସ୍ତୁତ କରାଯାଇଛି। ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ ଏକ ଐତିହାସିକ ମୁହୂର୍ତ୍ତ ହୋଇଥିବାବେଳେ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ଏହାର ଆୟୋଜନ ଛାତ୍ରଛାତ୍ରୀଙ୍କ ଉପରେ ମାନସିକ ଚାପ ପକାଇପାରେ। ଏଭଳି ପରିସ୍ଥିତିରେ, ଉଭୟ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଏକ ସନ୍ତୁଳିତ ପଦ୍ଧତି ଆପଣେଇବା ଅତ୍ୟନ୍ତ ଜରୁରୀ। ଅନ୍ୟପଟେ ଏନେଇ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଙ୍କୁ ପଚାରିବାରୁ ପରୀକ୍ଷାକୁ ଦୃଷ୍ଟିରେ ରଖି କୌଣସି ମୁହୂର୍ତ୍ତରେ ମଧ୍ୟ ରୌପ୍ୟ ଜୟନ୍ତୀ ପାଳନ ହେବା କଥା ନୁହଁ, ସ୍ଥଗିତ କରିବା ପାଇଁ ମୁଁ ତାଙ୍କୁ ନିର୍ଦ୍ଦେଶ ଦେଉଛି ବୋଲି କହିଥିଲେ।

## ସିନାପାଲି କଲେଜରେ ପୁରସ୍କାର ବିତରଣ ଉତ୍ସବ



**ସିନାପାଲି, ୧୩।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ମହାବିଦ୍ୟାଳୟର ୩୯ତମ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିନାପାଲି ମହାବିଦ୍ୟାଳୟ ଅଧ୍ୟକ୍ଷା ଏ.ବି. ଡୁଙ୍ଗଡୁଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବରେ ସିନାପାଲି ବ୍ଲକ ଉପାଧ୍ୟକ୍ଷା ମିନା ଘିଭେଲା ଓ ମୁଖ୍ୟବକ୍ତା ଭାବରେ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧ୍ୟାପକ ରଜନୀକାନ୍ତ ମେହେର ଓ ବ୍ରଜମୋହନ ଧାକଡ ଯୋଗଦେଇ ଥିଲେ। ଗଣିତ ଅଧ୍ୟାପକ କ୍ଷେତ୍ର ମୋହନ ଦୁରିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଟଙ୍କଧର ସାହୁ ଓ ନୀତେଶ ମେହେର, ଉମାକାନ୍ତ ବିଶି, ବିଘ୍ନେଶ୍ୱର ସାହୁ, ତୀର୍ଥ ସୁନାନି, ସୋମନାଥ ମେହେର, କ୍ଷୀରୋଦ ମେହେର, ଚୈତନ୍ୟ ମଶ୍ରା ପୁରସ୍କାର ବିତରଣରେ ସହଯୋଗ କରିଥିଲେ।

## ଗୋର୍ଲା ସେବାଶ୍ରମରେ ବାର୍ଷିକ ଉତ୍ସବ

**ସିନାପାଲି, ୧୩।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଗୋର୍ଲା ସେବାଶ୍ରମର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗୋର୍ଲା ସେବାଶ୍ରମର ପ୍ରଧାନଶିକ୍ଷକ



ବିପିନ ବିହାରୀ ମାଳିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଞ୍ଜୟ ଭୋଇ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝୀ, ସମ୍ମାନିତ ଅତିଥି ଭାବେ ସିନାପାଲି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁନୀଲ କୁମାର ସାମଲ, ଗୋର୍ଲା ପଞ୍ଚାୟତ ସରପଞ୍ଚ ଦମୟନ୍ତୀ ଦଣ୍ଡସେନା, ଢ଼କନଲାଲ ଚଲାନ, ବରିଷ୍ଠ ଶିକ୍ଷକ ପୁସ୍ତମ ନାଏକ, ଗଙ୍ଗାରାମ ବାଗ, ଅଖିଳ ଧରୁଆ, ଶୋଭାରାମ ଜଗତ, ଦିଲୀପ ମାଝୀ, ଯୋଗୀନ୍ଦ୍ର ନାଗ, ମୀନକେତନ ଦଣ୍ଡସେନା, ଭୁବନେଶ୍ୱର ମାଝୀ ଖଗେଶ୍ୱର ବାଗ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଲକ୍ଷ୍ମୀକାନ୍ତ ମାଝୀ ମଞ୍ଚ ପରିଚାଳନା କରିଥିଲେ। ମୀନକେତନ ହଂସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବାର୍ଷିକ ଉତ୍ସବରେ ଭୀଷ୍ମରାଜ ମେହେର, ଦିଲୀପ କୁମାର ପୁରୋହିତ, ସନ୍ଧ୍ୟାରାଣୀ ଘିଭେଲା, ତୁଳାରାମ ମାଝୀ, ସୁଶାନ୍ତ ମାଝୀ, କୁନ୍ତୀ ମାଝୀ ଶ୍ରବଣ ନାଗ ପ୍ରମୁଖ ସହଯୋଗ କରିଥିଲେ।

# ଚିଲିଗୁଡ଼ା କେଜିବିଭିର ବାର୍ଷିକ ଉତ୍ସବ

**କୋକସରା, ୧୩।୨(ସମିସ)**

ଶିକ୍ଷା ଗ୍ରହଣ କେବଳ ଚାକିରି କରିବା ନୁହେଁ, ବରଂ ନିଜକୁ ଉତ୍ତମ ଭାବେ ଗଢ଼ି ତୋଳିବାର ଏକ ମାର୍ଗ। ଶିକ୍ଷା ଜୀବନକୁ ଉନ୍ନତରୁ ଉନ୍ନତ କରେ। ଶିକ୍ଷା ଦ୍ୱାରା ଜଣେ ମଣିଷ ନିଜକୁ ଉତ୍ତମ ଭାବରେ ଗଢିଥାଏ, ଶିକ୍ଷା ଜୀବନ ଜିଇଁବାର ରାହା ଦେଖାଇଥାଏ। ଶିକ୍ଷା କେବଳ ବିଦ୍ୟାଳୟରେ ମିଳିଥାଏ ତାହା ନୁହେଁ, ଚତୁର୍ଦ୍ଦିଗରୁ ଶିକ୍ଷା ହାସଲ ହୋଇଥାଏ। ଶିକ୍ଷକ ଶିଶୁକୁ ଗନ୍ତବ୍ୟ ପଥରେ ବାଟ ଦେଖାଇ ଥାଏ। ତେଣୁ ଶିକ୍ଷା ଦାନରେ କୌଣସି ଭେଦଭାବ ରହେ ନାହିଁ ବୋଲି କୋକସରା ବ୍ଲକ ଚିଲିଗୁଡ଼ା ସର୍ବମଙ୍ଗଳା ସରକାରୀ ଉ.ପ୍ରା ବିଦ୍ୟାଳୟ ଏବଂ କସ୍ତୁରବା ଗାନ୍ଧୀ ବାଳିକା ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉତ୍କର୍ଷ' ରେ ଅତିଥିମାନେ ଏଭଳି ମତ ପ୍ରକାଶ




କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୁକ୍ତା ଖମାରୀଙ୍କ ଅଧ୍ୟକ୍ଷତାରେ ଗଡ଼ରାମାଲ ସ୍କୁଲର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ନାଏକ ସଭାପତିତ୍ୱ କରିଥିଲେ। ଏଥିରେ କୋକସରା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତୋଫାନ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନୋଡାଲ ସିଆରସିସି ବୈକୁଣ୍ଠ ଜାଲ ମୁଖ୍ୟବକ୍ତା, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷା କଳ୍ପନା ମଞ୍ଜରୀ ସିଂ, ଶିକ୍ଷକ ଦୁର୍ଯ୍ୟୋଧନ ବାଗ, ମଧୁସୂଦନ ପୁଞ୍ଜି, ବବୃବାହନ ବିଶି, ବ୍ୟାପ୍ତି ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି କ୍ରମରେ ଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗାୟତ୍ରୀ ଲେଙ୍କା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଗିତାଞ୍ଜଳି ଗିରି ମଞ୍ଚ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ତରୁଲତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁମନ ଅର୍ପିତ ପଣ୍ଡା, ଭାଗ୍ୟଶ୍ରୀ ଗିରି, କିଶନ ଲାଲ ଧଙ୍ଗଡ଼ାମାଝୀ, କେଜିବିଭିର ଗୀତାଞ୍ଜଳି ଲେଙ୍କା, ସୁଭଦ୍ରା ନାଏକ, ବିଣାପାଣି ରାଉତ, ସନ୍ଧ୍ୟାମୟୀ ପଟେଲ, ମଧୁସ୍ମିତା ପ୍ରଧାନୀ, ସଂଯୁକ୍ତା ଗୋପାଳ, କୈକେୟୀ ବେମାଲ, ତ୍ରିବେଣୀ ପଟ୍ଟନାୟକ, ହେମନ୍ତ କୁମାର ନାଗ ପ୍ରମୁଖ ସହଯୋଗ କରିଥିଲେ।

# ପରିଚୟ, ରୋଜଗାର ଦେଇଛି ଷ୍ଟ୍ରବେରି

ବଣାଇଁ, ୧୩।୨(ସମିସ)



ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ନରେନ୍ଦ୍ର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନରେନ୍ଦ୍ର ଗାଁର ଯୁବ ଚାଷୀ ଡିଲେଶ୍ୱର ବେହେରା ଷ୍ଟ୍ରବେରି ଚାଷ କରି ଅନ୍ୟ ଚାଷୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଉଚ୍ଚ ଶିକ୍ଷିତ ହୋଇ ବି ଚାକିରି କି ବ୍ୟବସାୟ ପଛରେ ନ ଗୋଡ଼ାଇ ପରିବା ଚାଷ ପ୍ରତି ଆଗ୍ରହ ଦେଖାଇ ୫ ବର୍ଷ ହେଲା ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଥିଲେ। ଏକ ଏନଜିଓ ସଂସ୍ଥାରେ କାର୍ଯ୍ୟ କରିବା ବେଳେ ଷ୍ଟ୍ରବେରି ଚାଷ ବିଷୟରେ ଜାଣିବାକୁ ପାଇଥିଲେ। ପରେ ଉଦ୍ୟାନ ବିଭାଗର ସହଯୋଗରେ ଏବେ ପ୍ରଥମଥର ପାଇଁ ଷ୍ଟ୍ରବେରି ଚାଷ କରି ଭଲ ଦି ପଇସା ଲାଭ ପାଇବା ଆଶା ରଖିଛନ୍ତି। ୩୦୦୦ ଷ୍ଟ୍ରବେରି ଚାରା ଆଣି ଅଧ ଏକରରୁ ଊର୍ଦ୍ଧ୍ୱ ଜମିରେ ରୋପଣ କରିଛନ୍ତି। ପ୍ରଥମ ଥର ପାଇଁ ଡିସେମ୍ବର ମାସରେ ଚାଷ ଆରମ୍ଭ କରିଥିବାରୁ ତାଙ୍କ ଅଞ୍ଚଳର ଜଳବାୟୁ ଷ୍ଟ୍ରବେରି ଚାଷ ପାଇଁ କେତେଦୂର ସହାୟକ ହେବ ସେନେଇ ସେ ଆଶା ଆଶଙ୍କାରେ ଥିଲେ। ପ୍ରଥମ କରି ଚଳିତ ସପ୍ତାହରେ ୧୦ କିଲୋରୁ ଅଧିକ ଅମଳ କରିଥିବା ବେଳେ ସ୍ଥାନୀୟ ବଜାରରେ ୩ ଶହ ଟଙ୍କା ଦରରେ ବିକ୍ରି କରୁଛନ୍ତି। ପ୍ରଥମ ଥର ପାଇଁ ଏକ ଲକ୍ଷ ଟଙ୍କା ରୋଜଗାର କରିବା ସହ ଏଥିରେ ସେ ତାଙ୍କ ଗାଁର ୫ରୁ ଅଧିକ ଶ୍ରମିକଙ୍କୁ ନିଯୋଜିତ କରି ରୋଜଗାର ଦେଉଛନ୍ତି। ଷ୍ଟ୍ରବେରି ଭଳି ବିଦେଶୀ ଫଳ ଉତ୍ପାଦନ କରି ସଫଳ ହେବା ସହ ପ୍ରଶଂସା ସାଉଁଟୁଛନ୍ତି। ଏହାଦ୍ୱାରା ବଣାଇଁ ଅଞ୍ଚଳରେ ଚାଷ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି ଡିଲେଶ୍ୱର। ଚାଷ କାମରେ ଡିଲେଶ୍ୱରଙ୍କ ସଫଳତା ଆଗାମୀ ଦିନରେ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବା ସହ ଯୁବ ଚାଷୀମାନଙ୍କୁ ଫଳ ଚାଷ ପାଇଁ ପ୍ରେରଣା ଯୋଗାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ସେଲ୍ ସାବାସ୍ ଯୋଜନାରେ ଆର୍‌ଏସ୍‌ପିର ବରିଷ୍ଠ ଅଧିକାରୀ ପୁରସ୍କୃତ



**ରାଉରକେଲା, ୧୩।୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ମନ୍ଥନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ଉତ୍ସବରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଆଲୋକ ବର୍ମା ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ସେଲ୍‌ର ଶାବାସ ପୁରସ୍କାର ଯୋଜନା ଅଧୀନରେ କାରଖାନାର ୫ ଜଣ ବରିଷ୍ଠ ଅଧିକାରୀଙ୍କୁ ପୁରସ୍କୃତ କରିଛନ୍ତି। ଏହି ଅବସରରେ ଏମଡି-ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ବି.କେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀଙ୍କ ସହ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୁରସ୍କୃତ ଅଧିକାରୀଙ୍କ ମଧ୍ୟରେ ଏମ୍‌ଆରଡି ବିଭାଗର ଜିଏମ୍ ଏସ୍‌କେ ଭୂୟାଁ, ପିଡି ବିଭାଗର ଜିଏମ୍ ଜିବି ମିଶ୍ର, ଏଚଆର ଓଡି ବିଭାଗର ଜିଏମ୍ ଏସ୍ ବଡ଼ପଣ୍ଡା, ଏଫ୍ ଆଣ୍ଡ ଏ ବିଭାଗର ଡିଜିଏମ୍ ଡିକେ ସିଂହ ଏବଂ ଏମ୍‌ଏମ-ପର୍ଚେଜ୍ ବିଭାଗର ଏଜିଏମ୍ ବିପିନ ନାରାୟଣ ସାମିଲ ଥିଲେ। ଉଲ୍ଲେଖନୀୟ ଯେ, ଜି ବି ମିଶ୍ରଙ୍କୁ ୧୩୨ କେଭି ଟାୱାର ପୁନଃନିର୍ମାଣ କାର୍ଯ୍ୟ (ଏମଏସଡିଏସ-୩ ରୁ ସିପିପି-୨) ପାଇଁ ଓପିଟିସିଏଲ ରୁ ୫୩ ଲକ୍ଷ ଟଙ୍କାର ସଫଳ ସମନ୍ୱୟ ଏବଂ ପୁନରୁଦ୍ଧାରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ମିଳିଛି। ଏସ୍ କେ ଭୂୟାଁଙ୍କୁ ସର୍ବାଧିକ ୧୧.୦୭ ଲକ୍ଷ ଟନ୍ ବିଓଏଫ ସ୍ଲାଗ୍ (ଏପ୍ରିଲ-ଜାନୁଆରୀ'୨୬) ପ୍ରେରଣରେ ଯୋଗଦାନ ପାଇଁ ପୁରସ୍କୃତ କରାଯାଇଥିଲା। ଶ୍ରୀ ବଡପଣ୍ଡାଙ୍କୁ ରାଉରକେଲାରେ ପ୍ରଥମ ହାଫ୍ ମାରାଥନ୍ ୨୦୨୬ର ସଫଳ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଏହି ପୁରସ୍କାର ମିଳିଛି। ଡିକେ ସିଂହ ଆରଏସପିରେ କୋକ୍ ଡ୍ରାଏ କୁଲିଂ ପ୍ଲାଣ୍ଟ ଚୁକ୍ତିନାମା ପାଇଁ ମେସର୍ସ ଭିଲାଇ ଇଞ୍ଜିନିୟରିଂ କର୍ପୋରେସନ ଲିମିଟେଡ୍ ଦ୍ୱାରା ଦାଖଲ କରାଯାଇଥିବା ୪୦.୩୭ କୋଟି ଟଙ୍କାର ଏକ ନକଲି ପରଫର୍ମାନ୍ସ ବ୍ୟାଙ୍କ ଗ୍ୟାରେଣ୍ଟି ଚିହ୍ନଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ପାଇଁ ପୁରସ୍କୃତ ହୋଇଥିଲେ। ବିପିନ ନାରାୟଣଙ୍କୁ ୨୦୨୫ ମସିହାରେ ସେଲର କ୍ରୟ କାର୍ଯ୍ୟରେ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଡିଜିଟାଲ୍ ନବସୃଜନ ମାଧ୍ୟମରେ ତାଙ୍କର ଅସାଧାରଣ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା।

## ବନାଗ୍ନି ନିୟନ୍ତ୍ରଣ ନେଇ ପ୍ରଶିକ୍ଷଣ ଶିବିର

**କୋଇଡା, ୧୩।୨(ସମିସ):** କୋଇଡା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ନେଇ କୋଇଡା ଅଗ୍ନିଶମ ବାହିନୀ ଓ ବନ ବିଭାଗ ପକ୍ଷରୁ ମିଳିତ ଭାବେ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। କୋଇଡା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ, କୋଇଡା ଫରେଷ୍ଟର ପ୍ରତାପ କୁମାର ସାହୁ, ତୋଡା ଫରେଷ୍ଟର ପ୍ରତାପ ସାମଲ, ଜାମୁଡିହି ଫରେଷ୍ଟର ପଦ୍ମଲୋଚନ ସିଂ, ରାଣିସାଲ ଫରେଷ୍ଟର ମନୋଜ କୁମାରଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମରେ କୋଇଡା ଅଗ୍ନିଶମ ବାହିନୀ ଅଧିକାରୀ ଅର୍ଜୁନ ମହାନ୍ତ ଓ ଟିମ୍ ଉପସ୍ଥିତ ଥିଲେ। ବନ ସୁରକ୍ଷା ବାହିନୀ, ବନ ବିଭାଗ କର୍ମଚାରୀଙ୍କୁ ତାଲିମ ଏଥିରେ ତାଲିମ ପ୍ରଦାନ କରାଯାଇଥିଲା।

## ଗୁରୁକୁଳ ବୈଦିକ ଆଶ୍ରମର ବାର୍ଷିକୋତ୍ସବ

**ରାଉରକେଲା, ୧୩।୨(ସମିସ):** ବେଦ ସଫଳ ମାନବ ଜୀବନର ଦିଗବାରେଣୀ ବୋଲି ବିଶିଷ୍ଟ ବୈଦିକ ବିଦ୍ୱାନମାନେ ବେଦବ୍ୟାସ ସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମର ୬୬ତମ ବାର୍ଷିକ ମହୋତ୍ସବ ଓ ବେଦ ପାରାୟଣ ମହାଯଜ୍ଞରେ ମତ ପ୍ରକାଶ କରିଛନ୍ତି। ପ୍ରଭାତରେ ବର୍ଷିୟାନ୍ ବୈଦିକ ବିଦ୍ୱାନ ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ ଓମ୍ ଧ୍ୱଜା ଉତ୍ତୋଳନ କରି ଆଶ୍ରମର ସଂସ୍ଥାପକ କର୍ମଯୋଗୀ ଦିବଙ୍ଗତ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ପରିବ୍ରାଜକ ସନ୍ଥ ଦିବଂଗତ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀ ଏବଂ ପୂର୍ବତନ ଅଧିଷ୍ଠିତା ଦିବଂଗତ ଆଚାର୍ଯ୍ୟ ଡଃ. ଦେବବ୍ରତଙ୍କର ବୈଦିକ ଚିନ୍ତନ, ସାଧ୍ୟାୟ ଓ ନିରଳସ ସେବା ସମ୍ପର୍କରେ ସୂଚନା ଦେଇଥିଲେ। ସଭାପତି ଡଃ. ଉମାକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶିଷ୍ଟ ବେଦଜ୍ଞମାନେ ଆଶ୍ରମର ବ୍ରହ୍ମଚାରୀଙ୍କ ସହିତ ଏକ ପଟୁଆରରେ ନଗର ପରିକ୍ରମା କରିଥିଲେ। ଯଜ୍ଞ ପ୍ରବଚନ କାର୍ଯ୍ୟକ୍ରମରେ ବିଶିଷ୍ଟ ବେଦ ପ୍ରବାଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସ୍ୱାମୀ ସୋମବେଶ, ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ବିଶୁଦ୍ଧାନନ୍ଦ, ପ୍ରାଧ୍ୟାପକ ଡଃ. ଉମାକାନ୍ତ ପଣ୍ଡା, ପଣ୍ଡିତ ଦୀନମଣି ବାରିକ୍, ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର, ବ୍ରହ୍ମଚାରୀ ନୃସିଂହ ନାଥ, ପଣ୍ଡିତ ବାସୁଦେବ ବ୍ରତୀ, ଆଚାର୍ଯ୍ୟ ଯୋଗେନ୍ଦ୍ର ଉପାଧ୍ୟାୟ, ଆଶ୍ରମର ସମ୍ପାଦକ ଅଶୋକ କୁମାର ଅଗ୍ରୱାଲ, ପଣ୍ଡିତ ଦୀନବନ୍ଧୁ ଶାସ୍ତ୍ରୀ, ପଣ୍ଡିତ ନକୁଳ ଦେବ ଆର୍ଯ୍ୟ, ପଣ୍ଡିତ ସୂର୍ଯ୍ୟନାଥ ସାହୁ, ଟ୍ରଷ୍ଟି ଅକ୍ଷେଶ୍ୱର ଧାରୁଆ, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ବାରିକ, ଶରତ କୁମାର ଦେହୁରୀ, ପଣ୍ଡିତ ପରିତୋଷ ଦାସ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ପ୍ରଭାତଫେରିରେ ଯୋଗ ଦେଇଥିଲେ। ବେଦ ପାରାୟଣ ମହାଯଜ୍ଞରେ ଜାମ୍ମୁ ଓ କାଶ୍ମୀରର ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ରଶ୍ମିରଞ୍ଜନ ସ୍ୱାଇଁ ଓ ତାଙ୍କ ସହଧର୍ମିଣୀ ରଞ୍ଜିତା ଦାସ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଡଃ. ପୀତବାସ ମିଶ୍ର ଓ ରୀତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶନିବାର ବେଦ ସମ୍ମେଳନ ପ୍ରବଚନ ସହିତ ବ୍ରହ୍ମଚାରୀମାନଙ୍କ ଦ୍ୱାରା ଶାରୀରିକ କ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯିବ। ୧୫ ତାରିଖ ମହାଶିବରାତ୍ରି ଦିନ ଏହା ଉଦ୍‌ଯାପିତ ହେବ ବୋଲି ଜଣାପଡ଼ିଛି।

## ଆର୍‌ଡି ବର୍ମନଙ୍କ ସ୍ମୃତିରେ ସଙ୍ଗୀତ ସନ୍ଧ୍ୟା



**ରାଉରକେଲା, ୧୩।୨(ସମିସ):** ରାଉରକେଲାର ଭଞ୍ଜଭବନ ଅଡିଟୋରିଅମ୍ ହଲ୍‌ରେ ଆରଡି ବର୍ମନଙ୍କ ସ୍ମୃତିରେ ସଙ୍ଗୀତ ସଂଧ୍ୟା 'ଇକୋଦିଲା' ଆୟୋଜିତ ହୋଇଛି। ଅଶୋକ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ତ୍ରିଲୋଚନ ଛାବ୍ରା, ସୁନୀଲ କାୟାଲ, ଆଡଭୋକେଟ୍ ସତ୍ୟବ୍ରତ ଓଝା, କମଳ ଅଗରୱାଲ, ନିରଞ୍ଜନ ଗୁପ୍ତ ଓ ଦିଲୀପ ଜେନା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭାରତର ମହାନ ସଙ୍ଗୀତ ଯାଦୁଗର ଆର୍‌ଡି ବର୍ମନଙ୍କୁ ଆୟୋଜକ ଓ ସମସ୍ତ କଳାକାରମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଉରକେଲାର ଦୁଇଜଣ ଅତ୍ୟନ୍ତ ଲୋକପ୍ରିୟ କଳାକାର ଶମ୍ମି ଓ ତରୁଣଙ୍କ ଦ୍ୱାରା ଆୟୋଜିତ ରଙ୍ଗାରଙ୍ଗ ସନ୍ଧ୍ୟାରେ 'ଦୋରେ ମି ମ୍ୟୁଜିକାଲ ବ୍ୟାଣ୍ଡ, ରାଞ୍ଚି'ର କଳାକାରମାନେ ମଧୁର ସଙ୍ଗୀତ ପ୍ରସ୍ତୁତି ଦ୍ୱାରା ସମଗ୍ର ପରିବେଶକୁ ସୁରମ୍ୟ କରିଥିଲେ। ସ୍ୱେତାଲୀନା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଉରକେଲା ସହିତ ସହର ବାହାରୁ ଆସିଥିବା ପ୍ରତିଭାଶାଳୀ ଓ ଅଭିଜ୍ଞ ଗାୟକମାନଙ୍କ ମଧ୍ୟରେ ରଞ୍ଜୁ ମହାନ୍ତି, ତରୁଣ, ଦୀପକ ଶ୍ରେଷ୍ଠ ଓ ରାହୁଲ ଶତପଥୀଙ୍କ ସମେତ ମହିଳା ଗାୟିକା ସୁଜାତା, ମାହି, ସିମି ଓ ବର୍ଷା ପ୍ରମୁଖ ଯୋଗଦେଇ ସଙ୍ଗୀତ ଗାନ କରିଥିଲେ। ଶଙ୍କର ବାସୁଦେବନ କାର୍ଯ୍ୟକ୍ରମକୁ ସଫଳତାର ସହିତ ସମ୍ପନ୍ନ କରିଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ

**ବଣାଇଁ, ୧୩।୨(ସମିସ):** ବଣାଇଁ ବ୍ଲକ ସ. ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତିର ସାଧାରଣ ବୈଠକ ହୋଇଯାଇଛି। ଏହି ଅବସରରେ ଯକ୍ଷ୍ମା ରୋଗୀଙ୍କ ପୁଷ୍ଟି ନିମନ୍ତେ ଏମସିଏଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ଖାଦ୍ୟ ସାମଗ୍ରୀକୁ ବଣେଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯକ୍ଷ୍ମା ରୋଗୀଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ଉତ୍ତମ ପୁଷ୍ଟିକର ଖାଦ୍ୟ ଖାଇବା ସହିତ ଔଷଧର ଉଚିତ ମାତ୍ରା ଖାଇଲେ ଯକ୍ଷ୍ମା ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ମିଳିପାରିବ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିସାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷ ଡ. ବିଶ୍ୱ ରଞ୍ଜନ ସାହୁ, ଡ. ଶୁଭ୍ରାଂଶୁ ବେହେରା, ଶିଶୁ ବିକାଶ ଅଧିକାରୀ ବୀଣାପାଣି ନାଏକ, ବିପିଏମ୍ ତୁଷାରକାନ୍ତ ମହାପାତ୍ର, ପିଏଚଇଓ ପ୍ରଦୀପ୍ତ ମିଶ୍ର, ଏସ୍‌ଟିଏସ୍ ପ୍ରଦୀପ୍ତ ମଲ୍ଲ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଜିଲ୍ଲା ମହୋତ୍ସବ 'ଯତରା' ଉଦ୍‌ଯାପିତ



**ରାଉରକେଲା, ୧୩।୨(ସମିସ):** ଉଦ୍‌ଯାପିତ ହୋଇଛି ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ ଯତରା-୨୦୨୬। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଯତରା ମଞ୍ଚକୁ ହକି କିମ୍ବଦନ୍ତୀ ମାଇକେଲ କିଣ୍ଡୋଙ୍କ ନାମରେ ସମର୍ପଣ କରାଯାଇଥିଲା। ଏହି ଅବସରରେ କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁଶ୍ରୀ ଲକ୍ଷ୍ମୀ ପ୍ରଭା ପତି ଓ ସୁଶ୍ରୀ ସସ୍ମିତା ଏବଂ ସମାଜପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ 'ଟିମ ଶ୍ମଶାନ ବନ୍ଧୁ' କୁ ସୁନ୍ଦରଗଡ଼ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ସାହସିକତା ନିମନ୍ତେ ପୁଲିସ କର୍ମଚାରୀ, ଅଗ୍ନିଶମ କର୍ମଚାରୀ ଏବଂ ରାଉରକେଲାର ଜରୁରୀକାଳୀନ ବିମାନ ଅବତରଣ ସମୟରେ ସହଯୋଗ କରିଥିବା ଜଣେ ଗ୍ରାମବାସୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବ୍ଲକସ୍ତରୀୟ ଯତରା ଆୟୋଜନ ନିମନ୍ତେ ସମସ୍ତ ବ୍ଲକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଯତରା ଅବସରରେ ବିଭିନ୍ନ ଛକମାନଙ୍କରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ଅନୁଷ୍ଠାନ, ବିଭିନ୍ନ କମିଟି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ରାଉରକେଲାର ନୃତ୍ୟ ମଲ୍ହାର ଦ୍ୱାରା ଓଡ଼ିଶୀ ନୃତ୍ୟ, କଳାହାଣ୍ଡିର ଘୁମୁରା ନୃତ୍ୟ, ମହାରାଷ୍ଟ୍ରର ଲାଭନୀ ନୃତ୍ୟ, ଫେଟ୍ ଫାଇଟରେ, ପୁରୀ ଦ୍ୱାରା ମାଲଖମ୍ବ ଏବଂ ଓଲିଉଡରୁ ଦିବ୍ୟାଦିଶା ମହାନ୍ତି ଓ କୁକିଜ ସ୍ୱାଇଁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ସନ୍ଧ୍ୟାରେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ସମ୍ବଲପୁରୀ ସମେତ ବହୁ ହିଟ୍ ଗୀତ ଗାଇ ଦର୍ଶକଙ୍କୁ ଝୁମାଇଥିଲେ।

## ରାଉରକେଲା ପୁସ୍ତକ ମହୋତ୍ସବ ଉଦ୍‌ଯାପିତ




ରାଉରକେଲା, ୧୩।୨(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ସହଭାଗିତାରେ ଭଞ୍ଜ ସାଂସ୍କୃତିକ ନ୍ୟାସ ଦ୍ୱାରା ଆୟୋଜିତ ରାଉରକେଲା ପୁସ୍ତକ ମହୋତ୍ସବ-୨୦୨୬ ଗୁରୁବାର ଭଞ୍ଜ ଭବନ ପରିସରରେ ଉଦ୍‌ଯାପିତ ହୋଇଥିଲା। ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥ, ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ସିଜିଏମ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ଉପାଧ୍ୟକ୍ଷ ମାନସ ରଥ, ସିସିଡବ୍ଲ୍ୟୁ ବିଭାଗର ସିଜିଏମ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ସମ୍ପାଦକ ଆଲୋକ କୁମାର ବେହେରା, ଭଞ୍ଜ ସାଂସ୍କୃତିକ ନ୍ୟାସର ଅନ୍ୟାନ୍ୟ ସଦସ୍ୟ, ସହରର ବହୁ ପ୍ରସିଦ୍ଧ ଲେଖକ ଏବଂ କଳାକାର, ବହୁ ସଂଖ୍ୟକ ପୁସ୍ତକପ୍ରେମୀ ଉପସ୍ଥିତ ଥିଲେ। ଓଡ଼ିଶାର ପ୍ରସିଦ୍ଧ କଳାକାର ଏବଂ ନାଟ୍ୟକାର ଲଲାଟେନ୍ଦୁ ରଥଙ୍କୁ କଳା, ସଂସ୍କୃତି, ନାଟକ ଏବଂ ସିନେମା କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ 'ରାଉରକେଲା ପୁସ୍ତକ ମହୋତ୍ସବ ସମ୍ମାନ-୨୦୨୬'ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପ୍ରଫେସର ରଥ ନିୟମିତ ପାଠ ପିଲାମାନଙ୍କ ମଧ୍ୟରେ ଧୈର୍ଯ୍ୟ, ଦୃଢ଼ତା ଏବଂ ବୌଦ୍ଧିକ ଗଭୀରତା କିପରି ବିକଶିତ କରେ ତାହା ଉପରେ ଆଲୋକପାତ କରିଥିଲେ। ଶ୍ରୀମତୀ ବର୍ମା ପୁସ୍ତକ ମେଳା ଲୋକଙ୍କ ପାଇଁ ସେମାନଙ୍କର ଜ୍ଞାନ ଦିଗନ୍ତକୁ ବିସ୍ତାର କରିବା ପାଇଁ ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରେ ବୋଲି କହିଥିଲେ। ପ୍ରଫେସର ରଥ ଏବଂ ଶ୍ରୀମତୀ ବର୍ମା ଏହି ମହୋତ୍ସବ ସମୟରେ ଆୟୋଜିତ ଶାସ୍ତ୍ରୀୟ ଏବଂ ଅର୍ଦ୍ଧ ଶାସ୍ତ୍ରୀୟ ସଙ୍ଗୀତ, ତବଲା ବାଦନ, ଶ୍ଳୋକ ସଙ୍ଗୀତ, ବକ୍ତୃତା, ଶାସ୍ତ୍ରୀୟ ଏବଂ ଅର୍ଦ୍ଧ ଶାସ୍ତ୍ରୀୟ ନୃତ୍ୟ, ଫ୍ୟାନ୍ସି ଡ୍ରେସ୍, ଚିତ୍ରାଙ୍କନ ଏବଂ ପାଠୋଦ୍ଧାର ଭଳି ପ୍ରତିଯୋଗିତାରେ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଭଞ୍ଜ କଳା କେନ୍ଦ୍ରର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ୧୦ ଦିନିଆ ପୁସ୍ତକ ମହୋତ୍ସବରେ କଟକ, ଭୁବନେଶ୍ୱର, ସମ୍ବଲପୁର ଏବଂ ନୂଆଦିଲ୍ଲୀର ପ୍ରସିଦ୍ଧ ପ୍ରକାଶକଙ୍କ ୧୧୦ଟି ଷ୍ଟଲ୍ ଖୋଲିଥିଲା।

## ବିପଣନ ମାଧ୍ୟମରେ ସେଲ୍‌ର ୨୦ ନିୟୁତ ଟନ୍ ବିକ୍ରି ଲକ୍ଷ୍ୟ ଧାର୍ଯ୍ୟ

**ରାଉରକେଲା, ୧୩।୨(ସମିସ):** ଭାରତର ସର୍ବବୃହତ ରାଷ୍ଟ୍ରାୟତ ଇସ୍ପାତ କମ୍ପାନୀ, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌), ଭବିଷ୍ୟତ ପାଇଁ ଏକ ନୂତନ ଏବଂ ଦୃଢ଼ ଯୋଜନା ଆରମ୍ଭ କରୁଛି। କମ୍ପାନୀର ପ୍ରାଥମିକ ଉଦ୍ଦେଶ୍ୟ ଏହାର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା, ବଜାର ଉପସ୍ଥିତିକୁ ସୁଦୃଢ଼ କରିବା ରହିଛି। ଏହାସହ ସେଲ୍‌ର ଋଣଭାର ହ୍ରାସ କରିବା ମଧ୍ୟ ଲକ୍ଷ୍ୟ ରହଛି। ଦେଶରେ ଇସ୍ପାତର ବର୍ଦ୍ଧିତ ଚାହିଦାକୁ ପୁଞ୍ଜି କରିବା ପାଇଁ ସେଲ୍‌ ଏହାର ପରିସରକୁ ବିସ୍ତାର କରୁଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିକ୍ରୟ ୧୭.୯ ନିୟୁତ ଟନ୍ ଥିବା ବେଳେ, ୨୦୨୫-୨୬ ଆର୍ଥିକ ବର୍ଷରେ ଏହାକୁ ୨୦ ନିୟୁତ ଟନ୍‌କୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ଆର୍ଥିକ ବର୍ଷ ୨୦୨୬ର ତୃତୀୟ ତ୍ରୟମାସିକ ଆୟ ଆଲୋଚନା ହୋଇଥିଲା। ନିର୍ଦ୍ଦେଶକ (ଅର୍ଥ) ତଥା ନିର୍ଦ୍ଦେଶକ (ବାଣିଜ୍ୟିକ ଅତିରିକ୍ତ ଦାୟିତ୍ୱ) ଡକ୍ଟର ଏକେ ପଣ୍ଡା କମ୍ପାନୀର ସଫଳତା ଉପରେ ଆଲୋକପାତ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଋଣ ହ୍ରାସ ଉପରେ ଗୁରୁତ୍ୱ ଦିଆଯାଉଛି। ୨୦୨୫ ଏପ୍ରିଲରୁ ନଅ ମାସ ମଧ୍ୟରେ ୫୦୦୦ କୋଟି ଋଣ ପରିଶୋଧ ହୋଇଛି। ୨୦୨୫ ଡିସେମ୍ବର ୩୧ ସୁଦ୍ଧା ଋଣ ୨୪୮୫୨ କୋଟି ଥିଲା, ଏହା ପରେ ୨୦୨୬ ଜାନୁଆରୀରେ ୨୦୦୦ କୋଟିକୁ ହ୍ରାସ ପାଇଛି। ଏହି ଶୃଙ୍ଖଳିତ ଡିଲିଭେରେଜିଂ ଆର୍ଥିକ ଖର୍ଚ୍ଚ ହ୍ରାସ କରିଛି ଏବଂ ଅଭିବୃଦ୍ଧି ନିବେଶ ପାଇଁ ସୁଯୋଗ ସୃଷ୍ଟି କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ନଅ ମାସ (ଏପ୍ରିଲ-ଡିସେମ୍ବର ୨୦୨୫) ମଧ୍ୟରେ ବିକ୍ରୟ ପରିମାଣରେ ୧୬.୩% ବୃଦ୍ଧି ଘଟିଛି। କମ୍ପାନୀ ଗୁରୁତ୍ୱପୂର୍ଣ୍ଣ ଇନଭେଣ୍ଟରୀ ଲିକ୍ୟୁଡେସନ୍ ମଧ୍ୟ ସକ୍ଷମ କରିଛି। ପ୍ରକ୍ରିୟାକରଣ ଚୂଡାନ୍ତ ଇସ୍ପାତ ଷ୍ଟକ୍ ଉଭୟକୁ ହ୍ରାସ କରି, ସେଲ ନଗଦ ପ୍ରବାହ ବୃଦ୍ଧି କରିଛି ଏବଂ କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତାକୁ ହ୍ରାସ କରିଛି। କମ୍ପାନି ଖର୍ଚ୍ଚ ହ୍ରାସ କରିବା ଦ୍ୱାରା ପ୍ରତି ଟନ୍ ପ୍ରତି କର୍ମଚାରୀ ଖର୍ଚ୍ଚ ଦକ୍ଷତାରେ ନିରନ୍ତର ଉନ୍ନତି ହେଉଛି। ଏହା ସହିତ, ସେଲ ଅନୁପାଳନ ଆବଶ୍ୟକତା ପୂରଣ କରିବା ଏବଂ ଖର୍ଚ୍ଚ ହ୍ରାସ କରିବା ପାଇଁ ଅଧିକ ନବୀକରଣୀୟ ଶକ୍ତି ବ୍ୟବହାର କରୁଛି, ଯାହା ଫଳରେ ଶକ୍ତି ଖର୍ଚ୍ଚରେ ଢାଞ୍ଚାଗତ ସଞ୍ଚୟ ହେଉଛି। ଏହି ପଦକ୍ଷେପଗୁଡିକ କମ୍ପାନୀର ବ୍ୟାପକ ସ୍ଥାୟୀତ୍ୱ ଏଜେଣ୍ଡା ଅନୁରୂପ ରହିଛି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁତ୍ରା, ୧୩।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଗଇରବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରତ କୁମାର ପତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କୁତ୍ରା ଥାନା ଅଧିକାରୀ ଲୋକେଶ୍ୱର ସାହୁ, କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ହେମାନନ୍ଦ ବାରିକ, ଏସବିଆଇ ମେନେଜେର ସନାତନ ଭୋଇ, ସ୍ୱେଚ୍ଛାସେବୀ ବିଦ୍ୟାଧର ସାହୁ, ନୂଆଁ ଗାଁ ସରପଞ୍ଚ ସାୟୁନ ସମାଦ ଓ ସମିତିସଭ୍ୟା ଜ୍ୟୋତ୍ସ୍ନା କେରକେଟା ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶ୍ନ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଶୋକ ସିନ୍ଧୁରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ତରକେର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସଞ୍ଜୟ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ପୁନମ ତୀର୍କି, ସମିର ପୁରୋହିତ, ଅଜୟ ପ୍ରଧାନ, ପୁଲସ୍ତି ସାହୁ, ଧନୁ ସାହୁ, ଜସବନ୍ତି ନାୟକ, ବିଶାଳ ନାଗ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## କୋଇଡାରେ ଲାଗିଲା ୨୭ ସିସିଟିଭି

**କୋଇଡା, ୧୩।୨(ସମିସ):** କୋଇଡା ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ କୋଇଡା ଖଣି ବହୁଳ ଅଞ୍ଚଳରେ ଦୈନନ୍ଦିନ ବଢୁଥିବା ଚୋରି, ଡକାୟତି ଓ ବିଭିନ୍ନ ଅପରାଧୀକ ମାମଲାରେ ଅଙ୍କୁଶ ଲଗାଇବା ପାଇଁ କୋଇଡା ସହର ସାରା ଉଚ୍ଚମାନର ୨୭ଟି ୱେବ୍ ସିସିଟିଭି କ୍ୟାମେରା ଲଗାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମାଞ୍ଚଳ ରାସ୍ତା, ବାଇପାସ୍ ଓ ମୁଖ୍ୟ ଛକ ମାନଙ୍କରେ ସିସିଟିଭି କ୍ୟାମେରା ଲଗାଯିବାର ପ୍ରସ୍ତାବ ରହିଛି। ଏହି ସିସିଟିଭି କ୍ୟାମେରା ଅପରାଧୀକ ମାମଲା ହ୍ରାସ ହେବା ସହିତ ଟ୍ରାଫିକ୍ ନିୟନ୍ତ୍ରଣରେ ସହାୟକ ହେବ ବୋଲି ଶ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ।

# ଆନ୍ତଃ ଜିଲ୍ଲା ଭଲିବଲ ପ୍ରତିଯୋଗିତା; କୁତ୍ରା ଚାମ୍ପିଅନ୍

ରାଉରକେଲା, ୧୩।୨(ସମିସ)



ସ୍ଥାନୀୟ ସେକ୍ଟର-୯ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ସେକ୍ଟର-୯ ମାର୍କେଟ ପଡ଼ିଆରେ ଏକ ତ୍ରି ଦିବସୀୟ ଇଣ୍ଟର ସୁନ୍ଦରଗଡ଼ ଓ ଭେଟେରାନ୍ ଭଲିବଲ ପ୍ଲେୟାର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚଳିତ ଫେବୃଆରୀ ୧୦ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୋଟ ୯ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ନକ୍ ଆଉଟ ପଦ୍ଧତିରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୪ ଗୋଟି ଦଳ ମଧ୍ୟରେ ସେକ୍ଟର - ୯ ବରିଷ୍ଠ ବର୍ଗ, ସେକ୍ଟର-୯ କନିଷ୍ଠ ବର୍ଗ, ଜଲଦା ଓ କୁତ୍ରା ସେମିଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟତା ହାସଲ କରିଥିଲେ। ଶେଷରେ କୁତ୍ରା ଓ ସେକ୍ଟର - ୯ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ କୁତ୍ରା ଦଳ ସେକ୍ଟର -୯ ବରିଷ୍ଠକୁ ହରାଇ ଚାମ୍ପିଅନ୍ ହୋଇଥିଲା। ଶେଷରେ ଚମ୍ପିୟାନ ଦଳ କୁତ୍ରା ଦଳକୁ ୫ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଦଳ ସେକ୍ଟର -୯ ଦଳକୁ ୪ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସର୍ବଶ୍ରେଷ୍ଠ ଖେଳାଳି ଭାବେ କୁତ୍ରା ଦଳର ଅସିତ ଓ ଶ୍ରେଷ୍ଠ ସେଟପର ଭାବେ ସେକ୍ଟର-୯ ଦଳର ଖେଳାଳି ରାଜେଶ ଆଚାର୍ଯ୍ୟ ପୁରସ୍କୃତ ହୋଇଥିଲେ। ଭେଟେରାନ କପ ପ୍ରତିଯୋଗିତାରେ ସେକ୍ଟର-୯ ଦଳ ସେକ୍ଟର-୬ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲେ। ଜାତୀୟ ରେଫେରୀ ନିରଞ୍ଜନ ନାୟକ, ଖେଲୋ ଇଣ୍ଡିଆର ରେଫରୀ ସସ୍ମିତା ଦାସ, ରେଫେରୀ ସଞ୍ଜୀବ କୁମାର ଚାନ୍ଦ, ଶୁଶାନ୍ତ ଶେଖର ଗୌଡ ଏବଂ ରେଫରୀ ଆନ୍ନା କେରକେଟା, ଭେଟେରାନ ରେଫେରୀ ଜ୍ଞାନ ରଞ୍ଜନ ପ୍ରହରାଜ ପରିଚାଳନା କରିଥିଲେ। ସେକ୍ଟର-୯ ସ୍ପୋର୍ଟସ କ୍ଲବର ମୁଖ୍ୟ ମାନସ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଭଲିବଲ ଦଳର ପୂର୍ବତନ ଖେଳାଳି ତଥା ରାଜ୍ୟ ଚେସ୍‌ର ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ ଶିଳ୍ପପତି ତଥା କ୍ଲିନ ଏଣ୍ଡ ଗ୍ରୀନ ସମ୍ପାଦକ ପ୍ରଦୀପ କୁମାର ଦାସ ଯୋଗ ଦେଇଥିଲେ। ସେକ୍ଟର-୯ ମଙ୍ଗଳା ମନ୍ଦିର ସଭାପତି ବିଜୟ କୁମାର ମହାରଣା, ସେକ୍ଟର-୯ ୱେଲଫେୟାର କମିଟି ସମ୍ପାଦକ ପ୍ରଶାନ୍ତ ଗଡ଼ନାୟକ ଓ ସେକ୍ଟର-୯ ଦୁର୍ଗାପୂଜା କମିଟିର ସଭାପତି କେଦାରନାଥ ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ। ଭେଟେରାନ୍ ଭଲିବଲ ମ୍ୟାଚକୁ ବିକାଶ ସ୍କୁଲର ଅଧ୍ୟକ୍ଷ ବାପୁନ ରାଉତ ଉଦଘାଟନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସେକ୍ଟର-୯ ଡିପିସିର ସଭାପତି କେଦାର ପରିଡ଼ା, ୱେଲଫେୟାର କମିଟିର ସମ୍ପାଦକ ପ୍ରଶାନ୍ତ ଗଡ଼ନାୟକ, ସମାଜସେବୀ ବିଶ୍ୱଜିତ ତ୍ରିପାଠୀ ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାକୁ ସେକ୍ଟର-୯ ୱେଲଫେୟାର କମିଟିର ସଦସ୍ୟ ପୂର୍ଣ୍ଣନନ୍ଦ ବାରିକ, ପ୍ରଫୁଲ୍ଲ ରାଉତ, ମିଟୁ ସେଠ, ସତ୍ୟନାରାୟଣ ନେଟି, ଚନ୍ଦନ ମଜୁମଦାର, ରାଜେନ୍ଦ୍ର ଜେନା, ପରିକ୍ଷିତ ଗୁରୁ, ରାଜେଶ ଦାସ, ଅଶୋକ ବେହେରା ଓ ସେକ୍ଟର-୯ ସ୍ପୋର୍ଟସ୍ କ୍ଲବର ସଦସ୍ୟ ଅକ୍ଷୟ, ଗଣେଶ୍ୱର, କମଳ, ମନୋଜ, ଗୁଲିଡି, ଧୀରୁ, ଗୋପାଳ, ଶ୍ରୀନି ମୃତ୍ୟୁଞ୍ଜୟ, କରୁଣା, ଉମାକାନ୍ତ, ସୁଶାନ୍ତ, ଅମରଜିତ, ବିଶ୍ୱ, ବିକି, ସ୍ୟାଣ୍ଡି, ଶ୍ରୀନିବାସ, ନିର୍ମାଲ୍ୟ, ଚିତ୍ତ ରଞ୍ଜନ, ଦେବାଶିଷ, ପ୍ରମୁଖ ସହଯୋଗ କରିଥିଲେ।

ସମ୍ପାଦକୀୟ



ବିରୋଧ ଓ ସମାଲୋଚନା କରିବାର ଅଧିକାର ହିଁ ଗଣମାଧ୍ୟମର ବାସ୍ତବ ସ୍ୱାଧୀନତା।
-ଜର୍ଜ ଅରୱେଲ୍

ସକାଳ
THE SAKALA

# ବାଂଲା ରାଜନୀତି ଅସ୍ପଷ୍ଟ

ବାଂଲାଦେଶରେ ବହୁପ୍ରତୀକ୍ଷିତ ସାଧାରଣ ନିର୍ବାଚନ ସମାପ୍ତ ହୋଇଛି। ଏଥିରେ ସ୍ପଷ୍ଟ ବହୁମତ ପାଇଥିବା 'ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି'(ବିଏନ୍‌ପି) ନିରଙ୍କୁଶ ସରକାର ଗଢ଼ିବାକୁ ଯାଉଛି। ୨୦୨୪ ଅଗଷ୍ଟ ମାସରେ ହିଂସାତ୍ମକ ବିଦ୍ରୋହ ବଳରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଗାଦିଚ୍ୟୁତ ହେବା ପରେ ସେଠାରେ ନୋବେଲ୍ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏକ କାମଚଳା ସରକାର ଚାଲିଛି। ଶାନ୍ତି ଓ ରାଜନୈତିକ ସ୍ଥିରତା ସହିତ ସାଧାରଣ ନିର୍ବାଚନ ଜରିଆରେ ବାଂଲାଦେଶରେ ଗଣତାନ୍ତ୍ରିକ ଶାସନର ପୁନଃପ୍ରତିଷ୍ଠା ଥିଲା କାମଚଳା ସରକାରର ମୁଖ୍ୟ ଲକ୍ଷ୍ୟ। ଏହି ଲକ୍ଷ୍ୟ ଆପାତତଃ ପୂରଣ ହୋଇଛି। କିନ୍ତୁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବେ ଏବଂ ସରକାରର ଆଭିମୁଖ୍ୟ କ'ଣ ହେବ ତାହାର ଚିତ୍ର କିଛିଟା ଅସ୍ପଷ୍ଟ ରହିଛି।

ଯଦି ସେଭଳି କିଛି ଅପ୍ରତ୍ୟାଶିତ ଘଟଣା କିମ୍ବା ବ୍ୟତିକ୍ରମ ନ ଘଟେ ତେବେ ସଦ୍ୟତମ ନିର୍ବାଚନ ଫଳାଫଳ ସ୍ଥିତି ଆଧାରରେ ବିଏନ୍‌ପି ଅଧ୍ୟକ୍ଷ ତାରିକ୍ ରହମାନ୍ ବାଂଲାଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ଏକପ୍ରକାର ସ୍ପଷ୍ଟ ହୋଇଥିଲେ ହେଁ ଶତପ୍ରତିଶତ ନିଶ୍ଚିତ ନୁହେଁ। ପ୍ରାୟ ୧୭ ବର୍ଷ ଧରି ଦେଶାନ୍ତର ଦଣ୍ଡ ଭୋଗୁଥିବା ତାରିକ୍ ସାମ୍ପ୍ରତିକ ବାଂଲାଦେଶର ରାଜନୈତିକ-ସାମାଜିକ-ଅର୍ଥନୈତିକ-ଧାର୍ମିକ ପରିସ୍ଥିତି ସହିତ ଖାପ୍‌ଖୁଆଇବା ପାଇଁ କିଛି ସମୟ ନେବେ। ଏହା ନିଃସନ୍ଦେହ ଯେ ତାଙ୍କ ପଛରେ ବିପୁଳ ଜନସମର୍ଥନ ରହିଛି। ବିଶେଷକରି ସେଠାକାର ସଂଖ୍ୟାଲଘୁ ଭୋଟ ମଧ୍ୟ ତାଙ୍କୁ ମିଳିଛି। କିନ୍ତୁ ରାଜନୈତିକ ଲୋକପ୍ରିୟତା ଓ ଶାସନଗତ ପରିପକ୍ୱତା ଦୁଇଟି ଭିନ୍ନ ପ୍ରସଙ୍ଗ। ଅଭିଜ୍ଞତା ଓ ଦକ୍ଷତା ଦୃଷ୍ଟିରୁ ଅର୍ଥନୈତିକ-ରାଜନୈତିକ ଅସ୍ଥିର ବାଂଲାଦେଶର ଆଭ୍ୟନ୍ତରୀଣ ଓ ବାହ୍ୟ ପରିସ୍ଥିତିକୁ ସମ୍ଭାଳିବା ତାରିକ୍‌ଙ୍କ ପାଇଁ କାଠିକର ପାଠ ହେବ। ଉତ୍କଟ ମୁଦ୍ରାସ୍ଫୀତି ନିୟନ୍ତ୍ରଣ, ବୟନ ଶିଳ୍ପର ପୁନରୁଦ୍ଧାର, ବିଦେଶୀ ନିବେଶକଙ୍କ ଆସ୍ଥା ଫେରିପାଇବା ଏବେ ବାଂଲାଦେଶ ପାଇଁ ମୁଖ୍ୟ ସମସ୍ୟା। ଏହାଛଡ଼ା ସାମ୍ପ୍ରତିକ ଦକ୍ଷିଣ ଏସିଆର ଭୂରାଜନୀତିରେ ବାଂଲାଦେଶ ପଶାପାଲିର କ୍ଷେତ୍ର ପାଲଟିଛି। ଏସିଆର ଦୁଇ ମହାଶକ୍ତି ତଥା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ଚୀନ୍ ସହିତ ସମ୍ପର୍କରେ ସମତୁଲତା ରକ୍ଷା ପାଇଁ ବାଂଲାଦେଶର କୂଟନୈତିକ ରଣନୀତି ନିର୍ଦ୍ଧାରଣରେ ତାରିକ୍ କେତେ ସକ୍ଷମ ହେବେ ତା' ଉପରେ ସ୍ୱାଭାବିକ ଭାବେ ସନ୍ଦେହ ରହିଛି। ଏହାଛଡ଼ା ଏବେ ବାଂଲାଦେଶ ଉପରେ ଆମେରିକା ଓ ପାକିସ୍ତାନର ଆଖି ରହିଛି। କାମଚଳା ସରକାର ସମୟରେ ଚୀନ୍ ଓ ପାକିସ୍ତାନ ସହିତ ଯେଉଁ କେତେକ ସାମରିକ-ଭିତ୍ତିଭୂମି ବିକାଶ ଚୁକ୍ତି ହୋଇଥିଲା ତାହାର ଭବିଷ୍ୟତ କ'ଣ ହେବ ତାହା ମଧ୍ୟ ଆଉ ଏକ ପ୍ରଶ୍ନ। କୃଷକଙ୍କ ଋଣ ଛାଡ଼, ୨୦ ଲକ୍ଷ ଯୁବକଙ୍କୁ ରୋଜଗାର ସୁଯୋଗ, ମହିଳାଙ୍କୁ ମାଗଣା ଶିକ୍ଷା, ସଂଖ୍ୟାଲଘୁଙ୍କ ପ୍ରତି ହିଂସା ବିରୋଧରେ ଶୂନ୍ୟ ସହନଶୀଳତା ଆଦି ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରିବା ମଧ୍ୟ ତାରିକ୍‌ଙ୍କ ସରକାର ପ୍ରତି ଏକ ଆହ୍ୱାନ ହେବ।

ଏହି ପୃଷ୍ଠଭୂମିରେ କାମଚଳା ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କ ଭୂମିକା ଚର୍ଚ୍ଚାକୁ ଆସୁଛି। କୂଟନୀତିଜ୍ଞଙ୍କ ଗୋଟିଏ ମହଲର କହିବା କଥା ହେଲା ରାଜନୈତିକ-କୂଟନୈତିକ-ଅର୍ଥନୈତିକ ସ୍ଥିରତା ସ୍ଥାୟୀ ହେବା ପର୍ଯ୍ୟନ୍ତ ଅସଲ କ୍ଷମତା ୟୁନୁସ୍‌ଙ୍କ ହାତରେ ରହିବ ଏବଂ ତାରିକ୍ କେବଳ ପ୍ରଧାନମନ୍ତ୍ରୀଙ୍କ ଚେହେରା ହୋଇରହିବେ। ଆଉ କିଛି ମହଲର ଯୁକ୍ତି ଅନୁଯାୟୀ ଏ ପର୍ଯ୍ୟନ୍ତ କ୍ଷମତା ହସ୍ତାନ୍ତର ନେଇ ୟୁନୁସ୍ ସ୍ପଷ୍ଟ ସଂକେତ ଦେଇ ନାହାନ୍ତି। ଏବେ ବାଂଲାଦେଶ ସରକାର ପାଇଁ ସବୁଠାରୁ ବଡ଼ ଆହ୍ୱାନ ଅର୍ଥନୈତିକ ସ୍ଥିରତା ଓ ଅଭିବୃଦ୍ଧି ହୋଇଥିବାରୁ ଭାରତ(ଡ. ମନମୋହନ ସିଂହ) ଅନୁକରଣରେ ଅର୍ଥନୀତିଜ୍ଞ ୟୁନୁସ୍‌ଙ୍କୁ ହିଁ ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ କରାଯିବ। ୟୁନୁସ୍‌ଙ୍କ ବ୍ୟକ୍ତିତ୍ୱର ଗୁରୁତ୍ୱ ଦୃଷ୍ଟିରୁ ଆମେରିକା, ଚୀନ୍ କିମ୍ବା ପାକିସ୍ତାନ ଆଡ଼ୁ ବାଂଲାଦେଶ ପ୍ରତି ହଠାତ୍ ଅସୂୟା ମନୋଭାବ ପ୍ରକାଶ ପାଇବ ନାହିଁ। ତେଣୁ ୟୁନୁସ୍‌ଙ୍କୁ ଏତେଶୀଘ୍ର ସରକାରରୁ ଦୂରେଇ ଦେବାର ମୂର୍ଖାମୀ ବିଏନ୍‌ପି ହୁଏତ କରିବ ନାହିଁ। ଏହିସବୁ ଦୃଷ୍ଟିକୋଣରୁ ସେଠାକାର ଆଗାମୀ ସରକାରରେ ୟୁନୁସ୍‌ଙ୍କ ଭୂମିକା ନିର୍ଣ୍ଣାୟକ ହେବାକୁ ଯାଉଛି। ହୁଏତ ସମସ୍ତ କଳ୍ପନାଜଳ୍ପନାକୁ ଏଡ଼ାଇ ଯାଇ ସେ କ୍ଷମତାମୋହ ତ୍ୟାଗ କରିପାରନ୍ତି କିମ୍ବା ତାଙ୍କୁ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ରୂପେ ଘୋଷଣା କରାଯାଇପାରେ। ସ୍ଥିତିରେ ସୁଧାର ଆସିବା ପରେ ତାରିକ୍ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇପାରନ୍ତି।

ବାଂଲାଦେଶରେ ଆଗାମୀ ପାଞ୍ଚବର୍ଷ ପାଇଁ ଏକ ସ୍ଥିର ସରକାର ଗଠନ ହେବାକୁ ଯାଉଥିବାରୁ ଭାରତକୁ ସେହି ଅନୁଯାୟୀ ସ୍ଥିର କୂଟନୀତି ନିର୍ଦ୍ଧାରଣ କରିବାକୁ ପଡ଼ିବ। ବିଏନ୍‌ପିର ବିପୁଳ ବିଜୟ ପରେ ତାରିକ୍‌ଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି ଏବଂ ବିଏନ୍‌ପି ମଧ୍ୟ ଏହାକୁ ସ୍ୱାଗତ କରିଛି। କିନ୍ତୁ ନିର୍ବାଚନ ବିଜୟ ପରେ ଜନସାଧାରଣଙ୍କୁ ତାରିକ୍‌ଙ୍କ ପ୍ରଥମ ସମ୍ବୋଧନରେ ହିଁ ହସିନା ପ୍ରସଙ୍ଗ ସ୍ଥାନ ପାଇଛି। ଭାରତରେ ଶରଣ ନେଇଥିବା ଶେଖ୍ ହସିନାଙ୍କୁ ଯଥାଶୀଘ୍ର ବାଂଲାଦେଶ ଫେରାଇ ଅଣାଯିବ ବୋଲି ସେ ସୂଚାଇ ଦେଇଛନ୍ତି। ତେଣୁ ହୁଏତ ଆଗାମୀ ଦିନରେ ଭାରତ-ବାଂଲାଦେଶ ସମ୍ପର୍କରେ ହସିନା ପ୍ରସଙ୍ଗ କଣ୍ଟା ରୂପେ ଉଭା ହୋଇପାରେ। ଏପରିକି ଦଲାଇ ଲାମା ସମ୍ପର୍କିତ କାହାଣୀର ପୁନରାବୃତ୍ତି ମଧ୍ୟ ଘଟିବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇନ ପାରେ। ତେଣୁ ଭାବପ୍ରବଣତାକୁ ପରିହାର କରି ସମୟର ଆବଶ୍ୟକତା ଅନୁଯାୟୀ ଭାରତ କୂଟନୈତିକ ନିଷ୍ପତ୍ତି ଗ୍ରହଣ କରିବା ଆବଶ୍ୟକ।

ବାଂଲାଦେଶରେ ସ୍ଥିର ସରକାର ଭାରତର ସୀମାନ୍ତ ସୁରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସେଠାରେ ଏବେ ବିରୋଧୀ ଆସନରେ ବସିବାକୁ ଯାଉଥିବା ମୌଳବାଦୀ ଜମାତ୍ ଏ ଇସ୍‌ଲାମୀ ପାକିସ୍ତାନ ପ୍ରରୋଚନାରେ ଭାରତ ବିରୋଧୀ ଆଭିମୁଖ୍ୟକୁ ଜୋରଦାର କରିବା ଅସମ୍ଭବ ନୁହେଁ। ଏହାଦ୍ୱାରା ବିଏନ୍‌ପି ସରକାରକୁ ବଦ୍‌ନାମ କରିବା ସହିତ ଭାରତ ବିରୋଧୀ କାର୍ଯ୍ୟକ୍ରମ ମଧ୍ୟ ସଫଳ ହୋଇପାରିବ। ପାକିସ୍ତାନ ସମର୍ଥିତ ଏହି ମୌଳବାଦୀ ସଂଗଠନର ଭାରତରେ ହିଂସାକାଣ୍ଡକୁ ପ୍ରୋତ୍ସାହନ ଦେବାର ଉଦାହରଣ ରହିଛି। ତେଣୁ ଉତ୍ତର-ପୂର୍ବ ରାଜ୍ୟ, ବିଶେଷକରି ମଣିପୁର ଓ ଆସାମରେ ଅଶାନ୍ତି ଆହୁରି ବଢ଼ିପାରେ। ଏବେ କ୍ରିକେଟ୍‌କୁ ନେଇ ଦୁଇଦେଶ ମଧ୍ୟରେ ଯେଉଁ ତିକ୍ତତା ସୃଷ୍ଟି ହୋଇଛି ତାହା ଯେପରି ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ନାହିଁ ସେଥିପ୍ରତି ମଧ୍ୟ ଦୁଇ ଦେଶ ଗୁରୁତ୍ୱ ଦେବାର ବେଳ ଆସିଛି।

# ନିଃସଙ୍ଗ 'ପେଙ୍ଗୁଇନ୍' ଓ 'ସିଗଲ୍'ର ଉଡ଼ାଣ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

କିଛିଦିନ ହେଲା ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରସାରିତ ଗୋଟିଏ ଦଳତ୍ୟାଗୀ ପେଙ୍ଗୁଇନ୍‌ର ଦୂରସ୍ଥ ପାହାଡ଼ ଅଭିମୁଖେ ନିରବ, ନିଃସଙ୍ଗ ଯାତ୍ରା ଯେଉଁସବୁ ମତମନ୍ତବ୍ୟ ସାଉଁଟି ଚାଲିଛି, ସେଥିରୁ ଅର୍ଦ୍ଧାଧିକରେ ପ୍ରତିଫଳିତ ହୋଇଛି ବର୍ତ୍ତମାନ ସମୟର ମଣିଷ ଅନୁଭବ କରୁଥିବା ବିଷାଦ, ନୈରାଶ୍ୟ ଓ ବେଦନାବୋଧ। ଜୀବନ ଓ ଜଗତ ପ୍ରତି ଏକବିଂଶ ଶତାବ୍ଦୀର ଏଇ କେତୋଟି ଦଶକ ମଧ୍ୟରେ ଯେଉଁ ନକାରାତ୍ମକ ଦୃଷ୍ଟିକୋଣ ବା ଆଭିମୁଖ୍ୟ ପୋଷଣ କରିବା ପାଇଁ ମଣିଷ ଏକପ୍ରକାର ବାଧ୍ୟ ହୋଇଚାଲିଛି, ତା'ରି ନିଛକ ପ୍ରତିଫଳନ ଆମେ ପାଇଛେ ଏଇସବୁ ମତମନ୍ତବ୍ୟରେ।

ଏଇଠି କିନ୍ତୁ ମନେ ପଡ଼ିଯାଏ ଏଇ ପେଙ୍ଗୁଇନଟି ପରି ଆଉ ଗୋଟିଏ ସାମୁଦ୍ରିକ ପକ୍ଷୀ 'ସିଗଲ୍' ବା 'ଗଙ୍ଗାଚିଲ୍ଲି'ର କଥା। ସେଇଟିକୁ ଗତ ଶତାବ୍ଦୀର ଷାଠିଏ ଦଶକର ମଣିଷମାନେ ଭେଟିଥିଲେ ଗୋଟିଏ ଉପନ୍ୟାସିକାରେ, ଯା'ର ସ୍ରଷ୍ଟା ଥିଲେ 'ରିଚାର୍ଡ ବାଖ୍'। 'ସିଗଲ୍'ଟିର ନାମ ଥିଲା 'ଜୋନାଥନ୍ ଲିଭିଂଷ୍ଟୋନ' ଏବଂ ସେ କ୍ଷୁଦ୍ର ସାହିତ୍ୟକୃତିଟିର ଶୀର୍ଷକ ବି ଥିଲା 'ଜୋନାଥନ୍ ଲିଭିଂଷ୍ଟୋନ ସିଗଲ୍'। ମୁଖ୍ୟ ବିଷୟବସ୍ତୁ ଥିଲା ଜୋନାଥନ୍ ଲିଭିଂଷ୍ଟୋନର 'ଉଡ଼ାଣ'। ନୀଳ ଆକାଶର ବକ୍ଷ ଚିରି ଦୂରଦିଗନ୍ତ ଅଭିମୁଖେ ପକ୍ଷ ମେଲି ଦେବା ପାଇଁ ସେଇ ପକ୍ଷୀର ଆବେଗଘନ ପ୍ରଚେଷ୍ଟା ଓ ଅସାଧ୍ୟ ସାଧନ କରିବା ପାଇଁ ତା'ର ବ୍ୟାକୁଳତାର ମାର୍ମିକ ବର୍ଣ୍ଣନା ରହିଛି ଏଇ ରୂପକାତ୍ମକ କୃତିଟିରେ। 'ଉଡ଼ାଣ'ର ଶୀର୍ଷତା ଓ ପରିସୀମାର ପୂର୍ବସ୍ୱୀକୃତ, ପୂର୍ବଅନୁସୃତ ସମସ୍ତ ସୀମା ସରହଦକୁ ଅତିକ୍ରମ କରି ନବ ନବ ଉଲ୍ଲାସ, ଅନୁଭୂତିର ସନ୍ଧାନରେ ଆପଣାର କୁନି କୁନି ପକ୍ଷ ମେଲିଦେବା ପାଇଁ ଗୋଟିଏ ପକ୍ଷୀର ନିଶ୍ଚଳ ପ୍ରତିଶ୍ରୁତିବଦ୍ଧତା ଫୁଟି ଉଠିଛି ଏଥିରେ।

ସ୍ରଷ୍ଟା ରିଚାର୍ଡ ବାଖ୍ ଏମିତି ଏକ ଅଭିନବ ପକ୍ଷୀଚରିତ୍ରର କଳ୍ପନା କରିଥିଲେ ଯେଉଁ କାଳଖଣ୍ଡରେ, ସେଇଟି ଥିଲା କେତେକାଂଶରେ ବର୍ତ୍ତମାନର କାଳଖଣ୍ଡଠାରୁ ନିଆରା ନିଶ୍ଚୟ। କାରଣ 'ଜୋନାଥନ୍ ଲିଭିଂଷ୍ଟୋନ' ଯେମିତି ତା'ର ଡେଣାର ଉଡ଼ାଣ-ସାମର୍ଥ୍ୟ ସୀମିତ ନୁହେଁ ବୋଲି ବିଶ୍ୱାସ କରି ଦିଗନ୍ତଚୁମ୍ବୀ ହେବାର ଅଭିଳାଷ ପୋଷଣ କରିଥିଲା, ସେମିତି ଅଭିଳାଷ ମଣିଷ ପୋଷଣ କରୁ ଏବଂ ଉତ୍ତରଣ-ପ୍ରୟାସୀ ହେଉ - ଏଇ ଗୂଢ଼ ବାର୍ତ୍ତାଟି ଦେବାକୁ ଚାହିଁଥିଲେ ଲେଖକ। ଏମିତି ଏକ ବାର୍ତ୍ତା ଶୁଣିବାକୁ, ଏମିତି ଏକ ବାର୍ତ୍ତାର ସାରମର୍ମକୁ ବୁଝିବାକୁ ଯେଉଁପ୍ରକାର ବୌଦ୍ଧିକ ବା ଭାବଗତ ସାମର୍ଥ୍ୟ ଲୋଡ଼ା, ତାହା ନିଶ୍ଚୟ ଥିଲା ସେତେବେଳର ମଣିଷମାନଙ୍କ ମଧ୍ୟରୁ ଅନେକଙ୍କ ପାଖରେ। ଜୀବନ ଓ ଜଗତ ପ୍ରତି ସେମାନଙ୍କ ପ୍ରେମଭାବନା କ୍ଷୁଣ୍ଣ, ଖଣ୍ଡିତ ନଥିଲା, ଯେମିତି ହୋଇଚାଲିଛି ଏକବିଂଶ ଶତାବ୍ଦୀର ଏଇ ବିପର୍ଯ୍ୟସ୍ତ, ବିଭାଜିତ, ଘୃଣାବିଦ୍ୱେଷପୂର୍ଣ୍ଣ କାଳଖଣ୍ଡରେ।

ବର୍ତ୍ତମାନର ଏଇ ବିମର୍ଷକର ବାତାବରଣରେ ମଣିଷ ଘାରି ହୋଇଚାଲିଛି ଦ୍ୱନ୍ଦ୍ୱସଂକୁଳ ଅସ୍ତିତ୍ୱଗତ ବେଦନାରେ, ମୋହଭଙ୍ଗ-ଘଟିତ ବିଷାଦବୋଧରେ। ତୁଟି ଚାଲିଛି ଜୀବନପ୍ରତି ତା'ର ଶ୍ରଦ୍ଧା ଓ ଅନ୍ତରଙ୍ଗତା। ଅବିମୋଚନୀୟନିର୍ବେଦତା, ନିସ୍ତେଜତା, ଜୀବନବିତୃଷ୍ଣ ଉଦାସୀନତାର ଅସହାୟ ଶରବ୍ୟ ହୋଇଚାଲିଛି ସେ ଆଜିର ଅର୍ଥହୀନ କୋଳାହଳ ଭିତରେ, ଡିଜିଟାଲ୍ ଦୁନିଆର ସଂକ୍ରମିତ ଆବହାୱାରେ। ସ୍ୱାର୍ଥାନ୍ୱେଷୀ ରାଜନେତା, ଅନିୟନ୍ତ୍ରିତ ମହତ୍ତ୍ୱାକାଂକ୍ଷା-ପୀଡ଼ିତ ବିଜ୍ଞାନୀ ଓ ଟେକ୍‌ନୋକ୍ରାଟ୍, ସଂକୀର୍ଣ୍ଣ ଜାତୀୟତାବାଦ ଓ ଦେଶପ୍ରେମର ଧ୍ୱଜାଧାରୀ ଅଳ୍ପଜ୍ଞ ମଣିଷଙ୍କ ବିକୃତ ଚେତନା-ପ୍ରସୂତ ରାଜନୈତିକ ତଥା ଧର୍ମୀୟ ନାରାବାଜିରେ ମୋହିତ ଅନ୍ଧଭକ୍ତମାନଙ୍କ ବିଷମୟ ପ୍ରଭାବରେ ସାଧୁ, ସଚ୍ଚୋଟ ମାନବବାଦୀମାନଙ୍କ ଦୃଷ୍ଟିକୋଣ, ଆଭିମୁଖ୍ୟ ଆଜି ଘୋର ଦ୍ୱନ୍ଦ୍ୱସଙ୍କୁଳ। ଅଘୋରୀ ସାଧକମାନଙ୍କ ପରି ଏକାଗ୍ର ପ୍ରତିଶ୍ରୁତିବଦ୍ଧତା ସହ ଧର୍ମୀୟ, ସାଂପ୍ରଦାୟିକ ଘୃଣାରଞ୍ଜିତ ଉନ୍ମାଦନାର ବୀଜବପନ କରିଚାଲିଥିବା ଆଜିର ଅନ୍ଧଭକ୍ତମାନଙ୍କ ଦୌରାତ୍ମ୍ୟରେ ଭଲମଣିଷମାନେ ଏକପ୍ରକାର ମୁହ୍ୟମାନ ହୋଇ ଧୀରେ ଧୀରେ ପାସୋରି ଯାଉଛନ୍ତି ସେମାନଙ୍କ ଦାୟିତ୍ୱ, ସେମାନଙ୍କ ଆତ୍ମିକ ବିଭବ ଓ ଭାବଐଶ୍ୱର୍ଯ୍ୟ।

ଅଷ୍ଟାଦଶ ଶତାବ୍ଦୀର ଜ୍ଞାନାଲୋକର ବିଚ୍ଛୁରଣରେ ମଣିଷର ଚେତନା-ମୃତ୍ତିକାରେ ପଲ୍ଲବିତ ହୋଇଥିବା ସମତା, ସ୍ୱାଧୀନତା, ଭ୍ରାତୃତ୍ୱବାଦ, ଧର୍ମନିରପେକ୍ଷତା, ବୈଜ୍ଞାନିକ ବିଚାରଶୀଳତା ପରି ଶ୍ରେଷ୍ଠ ଭାବାଦର୍ଶ ସବୁ ପରବର୍ତ୍ତୀ ଦୁଇ ଶତାବ୍ଦୀରେ, ଶତସହସ୍ର ବାଧାବିଘ୍ନ ସତ୍ତ୍ୱେ, ତଥାପି ଥିଲେ କାମ୍ୟ ଓ ଅନୁସରଣୀୟ। ମାତ୍ର ଏକବିଂଶ ଶତାବ୍ଦୀର ଏଇ ତିନୋଟି ଦଶକ ମଧ୍ୟରେ ସେ ଭାବାଦର୍ଶ, ସେ ଆଧୁନିକ ଗଣତାନ୍ତ୍ରିକ ମୂଲ୍ୟବୋଧ ସବୁ ପ୍ରାୟତଃ ଅଲୋଡ଼ା, ଅପାଂକ୍ତେୟ ହୋଇସାରିଲେଣି। ଫଳସ୍ୱରୂପ, ଆମ ଭିତରେ ଥିବା ସତ୍‌ସଚେତନଶୀଳ ମଣିଷମାନେ କାମ୍ୟୁ, କାଫ୍‌କା, ସାର୍ତ୍ରେ କିମ୍ବା ଉଇଲିୟମ୍ ବେକେଟ୍‌ଙ୍କ ପରି ସ୍ଥିତିବାଦୀ ଚିନ୍ତକମାନଙ୍କ ସହ ସ୍ୱର ମିଳାଇ ଏ ଜୀବନ, ଏ ଜଗତକୁ ଉଦ୍ଭଟ, ଅର୍ଥହୀନ ବୋଲି ମଣିବାକୁ ଏକପ୍ରକାର ବାଧ୍ୟ ହୋଇଚାଲିଛନ୍ତି; ଏକପ୍ରକାର ଆତ୍ମସମର୍ପଣ କରି ଦେଇଛନ୍ତି ଘନେଇ ଚାଲିଥିବା ଅନ୍ଧକାର ପାଖରେ ଏବଂ ଛଳଯୋଗୀ, ଛଳତ୍ୟାଗୀମାନଙ୍କ ପାଖରେ। କିନ୍ତୁ ଅନ୍ତରାତ୍ମା ସେମାନଙ୍କର ଚିତ୍କାର କରିଚାଲିଛି ନିଃଶବ୍ଦରେ। ବେଦନାକ୍ତ ହୃଦୟରେ ସେମାନଙ୍କ ମଧ୍ୟରୁ ଅନେକ ହୁଏତ ଖୋଜି ଚାଲିଛନ୍ତି ସଂପୂର୍ଣ୍ଣ ବିସ୍ମୃତିର ମାର୍ଗ ବା ଆତ୍ମଚେତନାର ସଂପୂର୍ଣ୍ଣ ବିଲୋପନର ମାର୍ଗ। ସେଥିପାଇଁ ବୋଧହୁଏ ଯେ ଜ୍ଞାତିକୁଟୁମ୍ବମାନଙ୍କ ଦଳ ପରିତ୍ୟାଗ କରି ପାହାଡ଼ମୁହାଁ ହେଉଥିବା ଏ ପେଙ୍ଗୁଇନ୍‌ର ନିରବ ଯାତ୍ରାଟି ତା'ର ଏକ ଆତ୍ମଘାତୀ ପଦକ୍ଷେପ ବୋଲି ଧରି ନେଇଛେ ଆମେ। ତା'ର ଏ ଓଲଟଗତିଟି ସ୍ୱାଭାବିକ ଭାବରେ ତେଣୁ ପ୍ରତୀକ ପାଲଟି ଯାଇଛି ଆମ ହତାଶାବୋଧର, ଜୀବନବିମୁଖତାର ଓ ପଳାୟନପନ୍ଥୀ ମନୋଭାବର। ଜୋନାଥନ୍ ଲିଭିଂଷ୍ଟୋନ ସିଗଲ୍ ଏବଂ ଚର୍ଚ୍ଚିତ ନିଃସଙ୍ଗ ଯାତ୍ରୀ ପେଙ୍ଗୁଇନ୍- ଏହି ପକ୍ଷୀ ଦୁଇଟିଙ୍କ ପ୍ରତୀକାତ୍ମକତା ମଧ୍ୟରେ ଏହି ହେଉଛି ଫରକ।

ତଥାପି ଏ ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତି ସତ୍ତ୍ୱେ ଆମକୁ ସ୍ମରଣ କରିବାକୁ ହେବ ଯେ ବର୍ତ୍ତମାନର ଆହ୍ୱାନ ହେଉଛି ଜୀବନ ଓ ସମାଜକୁ ଭ୍ରଷ୍ଟ, ବିକୃତ କରୁଥିବା ଅପଶକ୍ତିମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା। ଅପଶକ୍ତିମାନଙ୍କ ପାଖରେ ଆତ୍ମସମର୍ପଣ ନୁହେଁ, ନିର୍ଭୟତାର ସହ ଆତ୍ମତତ୍ତ୍ୱର ପରାକାଷ୍ଠା ଜାହିର କରିବା ଏବଂ ତାହା ସେତିକିବେଳେ କରିପାରିବା ଯେତେବେଳେ ଆମେ ଏକାନ୍ତ ନିବିଷ୍ଟତାର ସହ ନିଜ ନିଜର ସ୍ୱାଧୀନଇଚ୍ଛା, ସ୍ୱାତନ୍ତ୍ର୍ୟର ଗରିମା ପ୍ରତିପାଦନ କରିପାରିବା ପାଇଁ ଦୃଢ଼ତା ପ୍ରକାଶ କରିପାରିବା। ଆମମାନଙ୍କ ମଧ୍ୟରୁ ଯେଉଁମାନେ ଏହି ସକାରାତ୍ମକ ଆଭିମୁଖ୍ୟର ସାରବତ୍ତା ହୃଦୟଙ୍ଗମ କରିଥିବେ, ସେମାନେ ଚର୍ଚ୍ଚିତ ଭାଇରାଲ୍ ପେଙ୍ଗୁଇନ୍ ଓ ରିଚାର୍ଡ ବାଖ୍‌ଙ୍କ ଜୋନାଥନ୍ ଲିଭିଂଷ୍ଟୋନ ସିଗଲ୍ ମଧ୍ୟରେ ଥିବା ମହତ୍ତ୍ୱପୂର୍ଣ୍ଣ ସାମ୍ୟଟିକୁ ବୁଝିପାରିବେ ନିଶ୍ଚୟ।

ଏ ଉଭୟ ପକ୍ଷୀ ଆପଣା ଆପଣାର ସ୍ୱାଧୀନ ଇଚ୍ଛା ଜାହିର କରିଛନ୍ତି ଭିନ୍ନ ଭିନ୍ନ ଢଙ୍ଗରେ - ପେଙ୍ଗୁଇନ୍ ପକ୍ଷୀଟି ପାହାଡ଼ ଅଭିମୁଖେ ନିରବ ଯାତ୍ରା ଆରମ୍ଭ କରିଦେଇଛି। ଏ ଯାତ୍ରା ହେଉଛି ତା'ର ଏକ ନିରବ ବିଦ୍ରୋହ ଗତାନୁଗତିକ ଜୀବନଧାରା ବିରୋଧରେ। ଶଗଡ଼ଗୁଳାର ଜୀବନ ବଞ୍ଚିବାରେ ଅଭ୍ୟସ୍ତ ଥିବା ତା'ର ଜ୍ଞାତିକୁଟୁମ୍ବମାନଙ୍କ ବିଶ୍ୱାସ, ଆନୁଗତ୍ୟ ବିରୋଧରେ ଏ ବିଦ୍ରୋହ ତା'ର। ଏ ବିଦ୍ରୋହ ତା'ର ଆତ୍ମଘାତୀ ହୋଇପାରେ କିମ୍ବା ଆତ୍ମଉତ୍ତରଣର ନବପର୍ବ ହୋଇପାରେ। ଠିକ୍ ସେମିତି ଜୋନାଥନ୍ ଲିଭିଂଷ୍ଟୋନ ସିଗଲ୍ ଆପଣାର ସୀମିତ ଉଡ଼ାଣ କ୍ଷମତାକୁ ଅସ୍ୱୀକାର କରି ଉଡ଼ିଯାଇଛି ନୂତନ ଦିଗନ୍ତର, ନୂତନ ଅନୁଭୂତିର ସନ୍ଧାନରେ। ବରିଷ୍ଠ ଗରିଷ୍ଠମାନେ ତା'ର ଉଡ଼ାଣମାର୍ଗର ଲକ୍ଷ୍ମଣରେଖା ସଂପର୍କରେ ତାକୁ ବାରମ୍ବାର ସ୍ମରଣ କରାଇଦେଇ ସେହି ରେଖାକୁ ଅଙ୍ଗୀକାର କରିବାକୁ ବାଧ୍ୟ କରୁଥିଲେ ବି ସେ ଅମାନ୍ୟ କରିଛି। ଆରମ୍ଭ କରିଦେଇଛି ନିରବ ବିଦ୍ରୋହ। ଆରମ୍ଭ କରିଦେଇଛି ତା'ର ନିଃସଙ୍ଗ ଉଡ଼ାଣ।

ଏ ଉଭୟ ପକ୍ଷୀଙ୍କ ଲକ୍ଷ୍ୟ ସ୍ଥିର, ନିର୍ଦ୍ଦିଷ୍ଟ ଓ ସ୍ୱାଧୀନ ଇଚ୍ଛା -ପ୍ରଚୋଦିତ। ଏମିତି ଏକ ଗଭୀର ଆଶାବାଦୀ, ଗଭୀର ସକାରାତ୍ମକ ଦୃଷ୍ଟିକୋଣ ନେଇ ଆମକୁ ମଧ୍ୟ ବଞ୍ଚିବାକୁ ହେବ ବର୍ତ୍ତମାନର ଅଶାନ୍ତ, ଅରାଜକ, ବହୁଧା ବିଭାଜିତ କାଳଖଣ୍ଡରେ। କ୍ଷମତାଲିପ୍‌ସୁ ଓ ଆତ୍ମଘୋଷିତ ଗୁରୁମାନଙ୍କ ଅନ୍ଧ ଅନୁଗାମୀମାନେ ଆମକୁ ଶିଖାଇ ଚାଲିଥିବା ଅଖଣ୍ଡ ଆନୁଗତ୍ୟର ମନ୍ତ୍ରସବୁକୁ ଭୁଲିଯାଇ ଖୋଜିବାକୁ ହେବ ମୁକ୍ତ ଆତ୍ମଅଭିବ୍ୟକ୍ତିର ମାର୍ଗ। ଆତ୍ମଅଭିବ୍ୟକ୍ତିର ସ୍ୱାଧୀନତା ଯେଉଁଠି ଥିବ, ସେଇଠି ଉଦାର ଗଣତାନ୍ତ୍ରିକ, ଭେଦଭାବହୀନ ଧର୍ମୀୟ ତଥା ବିଶ୍ୱଜନୀନ ମୂଲ୍ୟବୋଧର ସକ୍ରିୟ ପୃଷ୍ଠପୋଷକତା କରୁଥିବା ସତ୍‌ମଣିଷମାନଙ୍କର ଆବିର୍ଭାବ ଯୁଗେ ଯୁଗେ ହୋଇଚାଲିଥିବ -ଏହା ନିଃସନ୍ଦେହ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ବିଶ୍ୱର ସର୍ବବୃହତ ଖଦି ତ୍ରିରଙ୍ଗା ଓ ଆତ୍ମନିର୍ଭରଶୀଳ ଭାରତ

ମନୋଜ କୁମାର

କଚ୍ଛର ଶ୍ୱେତ ମରୁଭୂମି, ଯେଉଁଠାରେ ପୃଥିବୀ ଓ ଆକାଶର ଦିଗନ୍ତ ଦେଖାଯାଏ, ତାହା ଏବେ ନୂତନ ଭାରତର ପରିବର୍ତ୍ତିତ ଆତ୍ମବିଶ୍ୱାସର ଏକ ଜୀବନ୍ତ ପ୍ରତୀକରେ ପରିଣତ ହୋଇଛି। ଏହି ବିଶାଳ ପରିସର ମଧ୍ୟରେ ଗତ ଗଣତନ୍ତ୍ର ଦିବସ ଅବସରରେ ବିଶ୍ୱର ସର୍ବବୃହତ ପ୍ରତୀକାତ୍ମକ ଖଦି ତ୍ରିରଙ୍ଗାର ଏକ ଭବ୍ୟ ଓ ଦିବ୍ୟ ପ୍ରଦର୍ଶନ ଆୟୋଜନ ହୋଇଥିଲା। ଏହା କେବଳ ଏକ କାର୍ଯ୍ୟକ୍ରମ ନଥିଲା, ବରଂ ସ୍ୱଦେଶୀ ପରମ୍ପରା, ଜାତୀୟ ସଂକଳ୍ପ ଓ ସମସାମୟିକ ଭାରତର ବିକାଶ ଦୃଷ୍ଟିକୋଣର ଏକ ଶକ୍ତିଶାଳୀ ସାର୍ବଜନୀନ ପ୍ରକାଶନ ଥିଲା। ଦେଶର କାରିଗର, ସଶସ୍ତ୍ର ବାହିନୀର କର୍ମଚାରୀ ଏବଂ ସାଧାରଣ ନାଗରିକମାନେ ଏହି ଅଦ୍ଭୁତ, ଅବିଶ୍ୱସନୀୟ ଓ ଅକଳ୍ପନୀୟ ଦୃଶ୍ୟର ସାକ୍ଷୀ ଥିଲେ। ଏହା ଏକ ନୂତନ ଇତିହାସ ସୃଷ୍ଟି କଲା। କାରଣ ସମଗ୍ର ଦେଶର ଲକ୍ଷାଧିକ ଖଦି କାରିଗର ଭିଡିଓ ବାର୍ତ୍ତା ମାଧ୍ୟମରେ ଜାତୀୟ ପତାକାକୁ ସଲାମ ଜଣାଇ ଏକ ଅଦ୍ୱିତୀୟ ଅଭିଲେଖ ସ୍ଥାପନ କରିଥିଲେ।

ଏହି ତ୍ରିରଙ୍ଗା କେବଳ ଏକ ବସ୍ତ୍ରର ପ୍ରସାର ନୁହେଁ, ବରଂ ଏକ ଚିନ୍ତାଧାରାର ପ୍ରସାର। ଯେଉଁ ଖଦିକୁ କେବେ ସ୍ୱାଧୀନତା ଆନ୍ଦୋଳନର ଆତ୍ମା ବୋଲି କୁହାଯାଉଥିଲା, ସେହି ଖଦିକୁ ଆଜି ସ୍ୱାବଲମ୍ବୀ ଭାରତର ଶକ୍ତି ଭାବେ ପୁନର୍ବ୍ୟାଖ୍ୟା କରାଯାଉଛି। ମହାତ୍ମା ଗାନ୍ଧୀଙ୍କ କଥା 'ଖଦି ହେଉଛି ଭାରତର ଆର୍ଥିକ ସ୍ୱାଧୀନତା ଓ ସ୍ୱାଭିମାନର ପ୍ରତୀକ' - ଆଧୁନିକ ଭାରତ ପରିପ୍ରେକ୍ଷୀରେ ଏକ ନୂତନ ଅର୍ଥ ସହ ଜୀବନ୍ତ ହୋଇଉଠିଛି।

ଏହି ଜାତୀୟ ପୁନରୁତ୍ଥାନକୁ ବୁଝିବା ପାଇଁ ଭୁଜ ସହରକୁ ଦେଖିବା ହିଁ ପର୍ଯ୍ୟାପ୍ତ। ଏକ ଭୟାବହ ଭୂମିକମ୍ପ ଏହି ସହରକୁ ଗଭୀର ଆଘାତ ପହଞ୍ଚାଇଥିଲା। କିନ୍ତୁ ସେହି ସଙ୍କଟକାଳୀନ ମୁହୂର୍ତ୍ତରେ ଜଣେ ନେତା ପୁନର୍ନିର୍ମାଣକୁ କେବଳ ଆବଶ୍ୟକତା ଭାବେ ନୁହେଁ, ବରଂ ଏକ ସୁଯୋଗ ଭାବେ ଦେଖିଥିଲେ। ସେତେବେଳର ମୁଖ୍ୟମନ୍ତ୍ରୀ ଓ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଯୋଜନାବଦ୍ଧ ସହରୀକରଣ, ସୁଦୃଢ଼ ପ୍ରାଥମିକ ଢାଞ୍ଚା ଉନ୍ନୟନ ଓ ସମୁଦାୟର ପୁନଃସ୍ଥାପନା ମାଧ୍ୟମରେ ଭୁଜର ପୁନର୍ଜନ୍ମ ଘଟିଥିଲା। ୨୫ ବର୍ଷର ପୁନଃନିର୍ମାଣ ପରେ ଭୁଜ ଏବେ ଆଗକୁ ବଢ଼ୁଛି। ଏହା ଏହି ସତ୍ୟର ଏକ ସ୍ପଷ୍ଟ ପ୍ରମାଣ ଯେ, ଯେତେବେଳେ ନେତୃତ୍ୱରେ ସ୍ପଷ୍ଟ ଦୃଷ୍ଟିକୋଣ ଓ ଦୃଢ଼ ସଙ୍କଳ୍ପ ଥାଏ, ସେତେବେଳେ ବିପର୍ଯ୍ୟୟ ମଧ୍ୟ ବିକାଶର ଏକ ମୁଖବନ୍ଧ ହୋଇପାରେ।

ଭୌଗୋଳିକ ଦୃଷ୍ଟିକୋଣରୁ ସୀମାଞ୍ଚଳ ଅଞ୍ଚଳରେ ଅବସ୍ଥିତ ହେବାରୁ ଭୁଜର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ଏଠାରେ ଉନ୍ନତି ଓ ସୁରକ୍ଷା ପରସ୍ପର ବିରୋଧୀ ନୁହେଁ, ବରଂ ପରସ୍ପର ପରିପୂରକ। ସଦା ସଚେତନ ଭାବରେ ଭାରତୀୟ ସେନାନୀମାନଙ୍କର ସତର୍କ ଉପସ୍ଥିତି ଆମକୁ ସ୍ମରଣ କରାଏ ଯେ, ଜାତିର ଆର୍ଥିକ ଅଗ୍ରଗତି ତାହାର କୌଶଳଗତ ସ୍ଥିରତା ଉପରେ ନିର୍ଭରଶୀଳ। 'ଅପରେସନ୍ ସିନ୍ଦୂର' ର ପ୍ରେରଣାଦାୟକ ଆତ୍ମାରୁ ପ୍ରେରିତ ହୋଇ, ବିଶ୍ୱର ସର୍ବବୃହତ ପ୍ରତୀକାତ୍ମକ ଖଦି ତ୍ରିରଙ୍ଗାକୁ ଜଣାଇଥିବା ସଲାମ ବାସ୍ତବରେ ସେହି ଅସଂଖ୍ୟ ବୀର ସନ୍ତାନମାନଙ୍କ ପ୍ରତି ଜାତିର ସାମୂହିକ କୃତଜ୍ଞତାର ପ୍ରତୀକ, ଯାହାଙ୍କର ତ୍ୟାଗ ଓ ବଳିଦାନ ଦେଶର ଉନ୍ନତିର ଅବିରତ ଧାରାକୁ ସୁନିଶ୍ଚିତ କରିଥାଏ। ଯଦି ତ୍ରିରଙ୍ଗା ଜାତୀୟ ଗୌରବର ପ୍ରତୀକ, ତେବେ ଖଦି ସେହି ଗୌରବର ଆତ୍ମା। ପ୍ରଧାନମନ୍ତ୍ରୀ ଶ୍ରୀମୋଦୀଙ୍କ କହିବା ଅନୁଯାୟୀ, 'ଖଦି କେବଳ ଏକ ବସ୍ତ୍ର ନୁହେଁ, ବରଂ ଏହା ସ୍ୱାବଲମ୍ବୀ ଭାରତର ଏକ ଚିନ୍ତାଧାରା ଓ ଜନଆନ୍ଦୋଳନ।'

ଏହି ଜନଆନ୍ଦୋଳନ ସମଗ୍ର ଜାତିକୁ ନୂତନ ଉତ୍ସାହ ଓ ସଚେତନତାରେ ପ୍ରେରିତ କରିଛି। 'ଗ୍ରାମ ସ୍ୱରାଜ'ର ମହାନ ଧାରଣା ଏବେ ପ୍ରାୟୋଗିକ ଅର୍ଥନୀତିରେ ପରିଣତ ହେଉଥିବା ପ୍ରତୀକ ହୋଇଛି। ଖଦି ଓ ଗ୍ରାମୋଦ୍ୟୋଗ ଉତ୍ପାଦର ବିକ୍ରୟ ପରିମାଣ ୧.୭୦ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଛି ଏବଂ ଶୀଘ୍ର ୨ ଲକ୍ଷ କୋଟି ଟଙ୍କାର ସୀମା ସ୍ପର୍ଶ କରିବାକୁ ଯାଉଛି। ଏହି କ୍ଷେତ୍ର ଦୁଇକୋଟିରୁ ଅଧିକ ଲୋକଙ୍କୁ ଜୀବିକାର ସୁଯୋଗ ପ୍ରଦାନ କରି ଗ୍ରାମୀଣ ଭାରତକୁ କେବଳ ଉପଭୋକ୍ତା ଭାବେ ନୁହେଁ ବରଂ ଉତ୍ପାଦନଶୀଳ ଓ ସ୍ୱାବଲମ୍ବୀ ଶକ୍ତି ରୂପେ ସ୍ଥାପିତ କରିଛି। ଗତ ୧୧ ବର୍ଷ ମଧ୍ୟରେ ୨.୮୮ ଲକ୍ଷରୁ ଅଧିକ ମେସିନ୍ ଏବଂ ଟୁଲକିଟ୍ ବଣ୍ଟନ ସୂଚାଇ ଦେଉଛି ଯେ ଭାରତର ବିକାଶ ଆଉ ମହାନଗରଗୁଡ଼ିକରେ ସୀମିତ ନାହିଁ। ଏହା ଗ୍ରାମ, କୁଟୀର ଶିଳ୍ପ ଓ ପାରମ୍ପରିକ କାରିଗରମାନଙ୍କ ମାଧ୍ୟମରେ ଏକ ବ୍ୟାପକ ସାମାଜିକ ଭିତ୍ତିଭୂମି ହାସଲ କରୁଛି। ଏହି ପରିବର୍ତ୍ତନର ମୂଳରେ ଅଛି ଶ୍ରମର ମର୍ଯ୍ୟାଦା। ଖଦି କାରିଗରଙ୍କ ମଜୁରୀ ପ୍ରତି ହ୍ୟାଙ୍କ ପାଇଁ ୧୫ ଟଙ୍କାକୁ ବୃଦ୍ଧି ପାଇଛି, ଯାହାକୁ ୨୦ ଟଙ୍କାକୁ ବୃଦ୍ଧି କରିବାର ଯୋଜନା ରହିଛି।

ଡିଜିଟାଲ୍ ଯୁଗରେ ପ୍ରତୀକଗୁଡ଼ିକର ଶକ୍ତି ଆହୁରି ବୃଦ୍ଧି ପାଇଛି। ହାସଟ୍ୟାଗ୍ ଆଇକନିକ୍‌ଖଦିତିରଙ୍ଗା ସାମାଜିକ ଗଣମାଧ୍ୟମରେ ୨୦ ନିୟୁତରୁ ଅଧିକ ଦର୍ଶନ ହାସଲ କରିବା କେବଳ ପ୍ରଶଂସାର ଏକ ସଙ୍କେତ ନୁହେଁ, ବରଂ ଏକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ। ଏହି ପ୍ରତୀକ ସହିତ ସଂଯୋଗ ସୂଚାଇ ଦିଏ ଯେ ନୂତନ ପିଢ଼ି ବିଶ୍ୱ ଆକାଂକ୍ଷା ସହିତ, ସମାନ ବିଶ୍ୱାସ ସହିତ ଏହାର ସାଂସ୍କୃତିକ ପରିଚୟକୁ ଗ୍ରହଣ କରିବାକୁ ଇଚ୍ଛୁକ। ଭୁଜର ପୁନରୁତ୍ଥାନ, ଖଦିର ପୁନର୍ଜୀବନ ଏବଂ ଗ୍ରାମ ସ୍ୱରାଜର ନୂତନ ସଚେତନତା ଏକତ୍ରିତ ହୋଇ ଏମିତି ଏକ ଭାରତ ଗଢ଼ୁଛି, ଯାହା କେବଳ ସମ୍ଭାବନାର ନୁହେଁ, ବରଂ ସାଧନାର ଭାରତ ଆତ୍ମବିଶ୍ୱାସୀ, ସ୍ୱାବଲମ୍ବୀ ଓ ଦୃଢ଼ କୁଶଳୀ।

ଅଧ୍ୟକ୍ଷ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ,
ଭାରତ ସରକାର

# ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ


ପ୍ରବୀର କୁମାର ପଟ୍ଟନାୟକ

ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

'ଅଙ୍ଗୁତ୍ତର ନିକାୟ'ରେ ଉଲ୍ଲେଖ ମୁତାବକ ବୁଦ୍ଧ ସେମାନଙ୍କୁ ନିଜର କିଛି ନଖ ଓ କେଶ ପ୍ରଦାନ କରିଥିଲେ ସ୍ମୃତି ସ୍ୱରୂପ। ଦୁଇଭ୍ରାତା ଏହି ପବିତ୍ର ପଦାର୍ଥକୁ ନିଜର ଜନ୍ମ ସ୍ଥାନ 'ଅସିତାଞ୍ଜନ'କୁ ନେଇ ଚିତ୍ତାକର୍ଷକ ଚୈତ୍ୟ ନିର୍ମାଣ କରି ସେଥିରେ ସେହି ପବିତ୍ର ପଦାର୍ଥକୁ ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ତପସ୍‌ସୁ ଜଣେ 'ସୋତାପନ୍ନ' (ସିଦ୍ଧିର ଚାରିଗୋଟି ସ୍ତର ମଧ୍ୟରୁ ଏହା ପ୍ରାରମ୍ଭିକ ବା ପ୍ରଥମ ସ୍ତର) ରୂପେ ପରିଣତ ହୋଇଥିଲେ। ପରେ 'ଦବାଚକ' ଭାବରେ ଜଣେ ଖ୍ୟାତିସଂପନ୍ନ ଉପାସକ ଭାବେ ତାଲିକାଭୁକ୍ତ ହୋଇ ପାରିଥିଲେ। ଅନ୍ୟପକ୍ଷରେ ଭଲ୍ଲିକ ସଂଘରେ ପ୍ରବେଶ କରି ଜଣେ ଅର୍ହତ ହୋଇପାରିଥିଲେ।

ଏହି ତପସ୍‌ସୁ-ଭଲ୍ଲିକ ବୃତ୍ତାନ୍ତ ବୌଦ୍ଧ ଜଗତରେ ଏତେ ଲୋକପ୍ରିୟତା ତଥା ଗ୍ରହଣୀୟତା ଅର୍ଜନ କରିଥିଲା ଯେ ପରବର୍ତ୍ତୀକାଳରେ ଏହା ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ କାହାଣୀର ରୂପ ନେଇ ଉପସ୍ଥାପିତ ହୋଇଥିଲା। ଉଦାହରଣ ସ୍ୱରୂପ ସିଂହଳର 'ପୂଜାବଳୀୟ'ରେ ଏହି ଦୁଇ ବଣିକ ଭ୍ରାତା ସେହି ଦେଶର ପୂର୍ବତଟ ଅଞ୍ଚଳ ପରିଦର୍ଶନ କରିଥିବା ଏବଂ ସେଠାରେ ଏକ ଚୈତ୍ୟ ନିର୍ମାଣ କରିଥିବା ବିଷୟ ବର୍ଣ୍ଣନା କରାଯାଇଛି। ଏହି ପ୍ରସଙ୍ଗ ସେ ଦେଶରେ ଏତେ ଲୋକପ୍ରିୟତା ହାସଲ କରିଥିଲା ଯେ ଏହାର ସମର୍ଥନରେ ବିଭିନ୍ନ ଅଭିଲେଖୀୟ ପ୍ରମାଣ ମଧ୍ୟ ସୃଷ୍ଟି କରାଯାଇଛି। ସେହିଭଳି ବର୍ମା (ବର୍ତ୍ତମାନ ମ୍ୟାଁମାର) ର ପ୍ରାଚୀନ ଉପାଖ୍ୟାନରେ ବର୍ଣ୍ଣନା କରାଯାଇଛି ତପସ୍‌ସୁ (ତପୂସ) ଓ ଭଲ୍ଲିକ (ପାଲେକତ)



ଯେଉଁମାନେ କି ଓକ୍କଳ ସହରର ନିବାସୀ, ସେମାନେ ଅଜ୍ଝିତ୍ତ ବନ୍ଦରରେ ପହଞ୍ଚିବା ପରେ ସୂୱାମ ଅଞ୍ଚଳକୁ ଗଲେ ଏବଂ ସେଠାରୁ ରାଜଗୃହ ଯାତ୍ରା କରି ଭାଗବାନ ବୁଦ୍ଧଙ୍କୁ ଗୟା ନିକଟ ଉରୁବେଲାଠାରେ ଭେଟି ପାରିଥିଲେ। ଏହି ଅଜ୍ଝିତ୍ତ ବନ୍ଦରକୁ ତାମ୍ରଲିପ୍ତ ତଥା ସୂୱାମକୁ ସୂହ୍ମ ରାଜ୍ୟ ଭାବେ ବର୍ଣ୍ଣନା କରାଯାଇଛି। ଯଦିଚ ଏହି ଉପାଖ୍ୟାନରେ ବଣିକ ଦୁଇଭାଇଙ୍କୁ ବର୍ମାର ବାସିନ୍ଦା ଭାବରେ ଉପସ୍ଥାପିତ କରାଯାଇଛି ଏବଂ ସେମାନଙ୍କୁ ଇରାବତୀ (ଇରାବଦୀ) ନଦୀ ମୁହାଣର ତ୍ରିକୋଣ ଭୂମିର ଓକ୍କଳବଠାରେ ସ୍ଥାନିତ କରିବା ଏସବୁ କେବଳ ଉତ୍କଳ ଦେଶର ଅନ୍ୟ ଏକ ବର୍ଣ୍ଣନା। ଏଥିରେ ଉତ୍କଳକୁ ଏକ ସହର ଭାବେ ଉଲ୍ଲେଖ କରାଯାଇଛି।

'ଲଳିତବିସ୍ତର' ଓ 'ମହାବସ୍ତୁ' ଆଦି ପରବର୍ତ୍ତୀ ବୌଦ୍ଧ ସାହିତ୍ୟରେ ଉତ୍କଳକୁ ତପସ୍‌ସୁ ଓ ଭଲ୍ଲିକଙ୍କର ଜନ୍ମସ୍ଥାନ ଭାବେ ଉଲ୍ଲେଖ କରାଯାଇଛି ଏବଂ ଉତ୍କଳ ଭାରତର ଦକ୍ଷିଣ-ପୂର୍ବ ଭାଗରେ ଅବସ୍ଥିତ ବୋଲି ଦର୍ଶା ନ ଯାଇ ଏହାକୁ ଉତ୍ତର-ପଶ୍ଚିମ, ଅର୍ଥାତ୍ ଉତ୍ତରାପଥରେ ଅବସ୍ଥିତ ହୋଇଥିବା କୁହାଯାଉଛି। 'ଲଳିତବିସ୍ତର'ରେ ଉତ୍କଳ ନାମକ ସହର ଉତ୍ତରାପଥରେ ରହିଥିବା ଦର୍ଶାଯିବା ସହ ସେହି ଅଞ୍ଚଳର ଅନ୍ୟ ଦୁଇଟି ସହର କେଶସ୍ଥଳୀ ଓ ଭଲ୍ଲୁଖୋ ବୋଲି ଦର୍ଶାଯାଇ ସେଠାରେ ତପସ୍‌ସୁ ଓ ଭଲ୍ଲିକ ଦୁଇ ଭାଇ ବୁଦ୍ଧଙ୍କ କେଶ ଓ ନଖ ଧାତୁକୁ କେଶସ୍ତୂପ ଓ ନଖସ୍ତୂପ ନିର୍ମାଣ କରାଇ ସ୍ଥାପିତ କରିଥିବା ଉଲ୍ଲେଖ କରାଯାଇଛି। ଚୀନ ପରିବ୍ରାଜକ ହୁଏନସାଂ ମଧ୍ୟ ସପ୍ତମ ଶତାବ୍ଦୀରେ ଭାରତ ଭ୍ରମଣରେ ଆସିଥିବା ସମୟରେ ଏହି ଦୁଇଟି ଯାକ ସହର ତାଙ୍କ ସମୟରେ ଭାରତର ଉତ୍ତର-ପଶ୍ଚିମ ଭାଗରେ ରହିଥିବା କଥା ଦର୍ଶାଇଛନ୍ତି। ସେ କହିଛନ୍ତି 'ରାଜଧାନୀ ବଲ୍‌ଖ(ବର୍ତ୍ତମାନ ଆଫଗାନସ୍ଥାନରେ) ଠାରୁ ଉତ୍ତର-ପଶ୍ଚିମକୁ ପଚାଶ ଲି (ପ୍ରାୟ ପଚିଶ କି.ମି) ଦୂରରେ ତି-ୱେଇ ସହର ଏବଂ ଚାଳିଶ ଲି ଉତ୍ତର ଦିଗକୁ ପୋ-ଲି ସହର ଅବସ୍ଥିତ।' ଏହି ଦୁଇଟି ସହରକୁ ତପସ୍‌ସୁ ଓ ଭଲ୍ଲିକ ସହର ଭାବରେ ଚିହ୍ନଟ କରାଯାଇଛି।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ଜମି ବିକ୍ରି ନାଁରେ ଜାଲିଆତି କରି ୩.୫ କୋଟି ଠକେଇ

## ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

କଟକ, ୧୩।୨ (ସମିସ): ପିପିଲି ଅଞ୍ଚଳରେ ଜମି ବିକ୍ରି ନାଁରେ କୋଟିକୋଟି ଟଙ୍କା ଠକେଇ ଘଟଣାର ଅଭିଯୁକ୍ତ କେଳୁଚରଣ ବେହେରା ଓରଫ୍ ଚିତ୍ତରଞ୍ଜନ ପଟ୍ଟନାୟକଙ୍କୁ ହାଇକୋର୍ଟ ଜାମିନ୍ ପ୍ରଦାନ କରିଛନ୍ତି। ଅଭିଯୁକ୍ତଜଣଙ୍କ ଦୁରାରୋଗ୍ୟରେ ପୀଡ଼ିତ ତଥା ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୧ଲକ୍ଷ ଟଙ୍କାର ଜାମିନ ବଣ୍ଡ ସହ ଦୁଇଜଣ ଜାମିନଦାର ବଦଳରେ ହାଇକୋର୍ଟ ଏହି ସର୍ତ୍ତମୂଳକ ଜାମିନ ମଂଜୁର କରିଛନ୍ତି। ସେହିଭଳି ଅଦାଲତଙ୍କ ବିନା ଅନୁମତିରେ ସେ ଦେଶ ବାହାରକୁ ଯାଇପାରିବେ ନାହିଁ ଏବଂ ନିମ୍ନ ଅଦାଲତରେ ପାସ୍‌ପୋର୍ଟ ଦାଖଲ କରିବେ। ପ୍ରତି ଶୁଣାଣି ସମୟରେ କୋର୍ଟରେ ହାଜର ହେବେ ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ନିଜର ବର୍ତ୍ତମାନର ଠିକଣା ଓ ମୋବାଇଲ ନମ୍ବର ପ୍ରଦାନ କରିବେ। ସର୍ତ୍ତ ଉଲ୍ଲଂଘନ କଲେ, ତାଙ୍କ ବିରୋଧରେ ନୂତନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି କୁହାଯାଇଛି। ମାମଲାରୁ ପ୍ରକାଶ ଯେ ମୃତ ବ୍ୟକ୍ତିଙ୍କୁ ଜମି ମାଲିକ ସଜାଇବା ସହ ଜାଲ୍ ଦଲିଲ୍ ଦେଖାଇ ବିଭିନ୍ନ ଲୋକଙ୍କଠାରୁ ୩ କୋଟି ୫୦ ଲକ୍ଷ ଟଙ୍କା ହଡ଼ପ କରିଥିବା ନେଇ ଅଭିଯୁକ୍ତଙ୍କ ବିରୋଧରେ ପିପିଲି ଥାନାରେ ତିନୋଟି ପୃଥକ ମାମଲା ରୁଜୁ ହୋଇଥିଲା।

## କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ ଗୁରୁତର

କଟକ,୧୩।୨(ସମିସ): ଓଲିଉଡ୍‌ର ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ ଗୁରୁତର ଅସୁସ୍ଥ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗତକାଲି ସନ୍ଧ୍ୟାରେ ଏକ ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମୟରେ ସେ ହଠାତ୍ ମସ୍ତିଷ୍କାଘାତର ଶିକାର ହୋଇଥିଲେ। ପ୍ରଥମେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଏହା ପରେ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ର ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଥିବା ହସ୍ପିଟାଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସାହିତ୍ୟ ସଭାରେ ସେ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଚାଲିଥିବା ସମୟରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବା ସହ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା।

**ମସ୍ତିଷ୍କାଘାତ ପରେ ଘରୋଇ ହସ୍ପିଟାଲ୍‌ର ଆଇସିୟୁରେ ଭର୍ତ୍ତି**



ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମସ୍ତିଷ୍କାଘାତ ହୋଇଥିବା ଜଣାପଡ଼ିଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ପରିବାରଲୋକେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ପ୍ରକାଶଥାଉ କି, ୧୯୭୦ ମସିହାରୁ ଓଡ଼ିଆ ସଙ୍ଗୀତ ଜଗତ ସହ ଜଡ଼ିତ ଗୀତା ନିଜର ମଧୁର ସ୍ୱର ପାଇଁ ଘରେ ଘରେ ପରିଚିତ। ବିଶେଷକରି ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସହ ତାଙ୍କର ଅନେକ ଡୁଏଟ୍ ଗୀତ ଆଜି ମଧ୍ୟ ଶ୍ରୋତାଙ୍କ ମନରେ ସତେଜ ରହିଛି। ଫୁର୍ କିନା ଉଡ଼ିଗଲା ବଣି, ଏମିତି ପୁଅକୁ ମୁଁ ବାହା ହୁଅନ୍ତି, ବାହା ମୁଁ ହେବି, ଏବଂ ମୋ ଦେହରେ ଭଳି ଅନେକ କାଳଜୟୀ ଗୀତ ଗାଇ ସେ ଓଡ଼ିଆ ସଙ୍ଗୀତକୁ ସମୃଦ୍ଧ କରିଛନ୍ତି।

ଘରୋଇ ଜମି ଡିମାର୍କେସନ ବେଳେ ପୁଲିସର ଉପସ୍ଥିତି

## ଗୃହ ବିଭାଗ ଗଣିବେ ୨ଲକ୍ଷ, କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩।୨(ସମିସ): ଜୟନ୍ତୀ ମୁଣ୍ଡା ନାମକ ଜଣେ ଆଦିବାସୀ ମହିଳାଙ୍କ ମାନବାଧିକାର ଉଲ୍ଲଙ୍ଘନ ଘଟଣାରେ ରାଜ୍ୟ ସରକାରଙ୍କୁ ୨,୦୦,୦୦୦ (ଦୁଇ ଲକ୍ଷ) କ୍ଷତିପୂରଣ ଦେବାକୁ ରାଜ୍ୟ ମାନବିକ ଅଧିକାର କମିଶନ ଆଦେଶ ଦେଇଛନ୍ତି। ଅଭିଯୋଗକାରୀ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଥାନା ନୟାପଲ୍ଲୀ ଗ୍ରାମର ବାସିନ୍ଦା ଜୟନ୍ତୀ ମୁଣ୍ଡା ଓ ତାଙ୍କ ସ୍ୱାମୀ ହରିଚରଣ ମୁଣ୍ଡା। ସେମାନେ ଅଭିଯୋଗ କରିଥିଲେ ଯେ ପ୍ଲଟ୍ ନଂ ୬୫, ଖାତା ନଂ ୪୬/୩୨ ଉପରେ ସେମାନଙ୍କ ଦଖଲ ଥିଲା। ଗତ ୨୦୨୩ ମସିହା ଡିମାର୍କେସନ ସମୟରେ ତାଙ୍କ ଘର ଛାଉଣି ଭଙ୍ଗାଯାଇଥିଲା। ଘଟଣା ସମୟରେ ପୁଲିସ୍ ଉପସ୍ଥିତ ଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ ଅଭିଯୋଗ ଗ୍ରହଣ କରି ନ ଥିଲା। ପୁଲିସ୍ ଓ ପ୍ରଶାସନିକ ତଦନ୍ତ ସମ୍ବଲପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟ ଅନୁସାରେ ଜମି ବିବାଦଟି ସିଭିଲ୍ ପ୍ରକୃତିର। ତହସିଲଦାରଙ୍କ ଉପସ୍ଥିତିରେ ଡିମାର୍କେସନ କାର୍ଯ୍ୟ ହୋଇଥିଲା। ଅଭିଯୋଗକାରୀଙ୍କ ଦ୍ୱାରା କୁହାଯାଇଥିବା ସରକାରୀ ଘର ଭଙ୍ଗାଯାଇଥିବା ଅଭିଯୋଗ ପ୍ରମାଣିତ ହୋଇ ନ ଥିଲା। ତଥାପି ଘଟଣା ସମୟରେ ପୁଲିସ୍ ଉପସ୍ଥିତି ଥିବା ସ୍ପଷ୍ଟ ହୋଇଥିଲା। ଆୟୋଗ ଦେଖିଲେ ଯେ ଜମି ବିବାଦ ସିଭିଲ୍ ପ୍ରକୃତିର ହେଉଥିବା ସତ୍ତ୍ୱେ ପୁଲିସ୍ ହସ୍ତକ୍ଷେପ ଓ ଡିମାର୍କେସନ ସମୟରେ ଉପସ୍ଥିତି ଆଇନଗତ ସୀମା ଅତିକ୍ରମ। ଅଭିଯୋଗକାରୀଙ୍କ ଏଫ୍‌ଆଇଆର୍ ଗ୍ରହଣ ନ କରିବା ନେଇ ସନ୍ଦେହ ରହିଛି। ଏହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ଜୀବନ ଓ ମର୍ଯ୍ୟାଦାର ଅଧିକାର ଉଲଂଘନ। ଆୟୋଗ ନିମ୍ନଲିଖିତ ସୁପାରିସ କରିଛନ୍ତି ଯେ ଗୃହ ବିଭାଗ ମାଧ୍ୟମରେ ଜୟନ୍ତୀ ମୁଣ୍ଡାଙ୍କୁ ୨ଲକ୍ଷ କ୍ଷତିପୂରଣ ପ୍ରଦାନ କରାଯାଉ। ସମ୍ପୃକ୍ତ ତତ୍କାଳୀନ ଆଇଆଇସି ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅଭିଯୋଗକାରୀ ଓ ତାଙ୍କ ପରିବାରକୁ ଆଗାମୀ ଦିନରେ ସୁରକ୍ଷା ପ୍ରଦାନ କରାଯାଉ। ତିନି ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଆଦେଶ ଆୟୋଗର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଏସ୍. ପୁଜାହାରୀଙ୍କ ଦ୍ୱାରା ଜାରି କରାଯାଇଛି।

**ସନ୍ଦେହ ଘେରରେ ପୁଲିସର ଭୂମିକା**


**NOTICE**

By virtue of an affidavit sworn before the Executive Magistrate, Tangi- Choudwar dated 03.02.2026, I Ganeswar Behera resident of Vill- Mangarajpur, P.o- Mangarajpur, Ps-Choudwar, Dist-Cuttack, Odisha, Pin-754028 declare that I have changed the name of my minor son from **Chiranjibee Behera to Chiranjib Behera**. Henceforth, He shall be known as **Chiranjib Behera** for all purposes.

Sd/- Ganeswar Behera

**VEHICLE FOR SALE**

TATA LPT 1816, MODEL 2023, Regn. No -OD-02-CP-0966, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891, within 7 days


## ମହାଶିବରାତ୍ରି ପରଦିନ ହାଇକୋର୍ଟ ଛୁଟି

କଟକ,୧୩।୨(ସମିସ): ଆସନ୍ତା ଫେବୃଆରି ୧୬ ତାରିଖ ତଥା ମହାଶିବରାତ୍ରି ପରଦିନ ସୋମବାର ହାଇକୋର୍ଟ ଛୁଟି ରହିବ ବୋଲି ଜଣାପଡ଼ିଛି। ଏହି ଛୁଟି ବଦଳରେ ଆସନ୍ତା ମେ' ୨ତାରିଖ ଶନିବାରକୁ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି। ଆଜି ଏନେଇ ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶଥାଉକି ମହାଶିବରାତ୍ରି ରବିବାର ପଡୁଥିବାରୁ ପରଦିନ ଛୁଟି ଭାବେ ଘୋଷଣା ପାଇଁ ହାଇକୋର୍ଟ ବାର୍ ଆସୋସିଏସନ୍ ତରଫରୁ ହାଇକୋର୍ଟଙ୍କୁ ଅନୁରୋଧ କରାଯାଇଥିଲା ବୋଲି ଆସୋସିଏସନ୍‌ର ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ସୂଚନା ଦେଇଛନ୍ତି।

ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ମାମଲା

## ୩ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ

କଟକ,୧୩।୨(ସମିସ): ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ମାମଲାରେ ୩ ଜଣଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଗୋପାଳକୃଷ୍ଣ ଦାସ, ଅନ୍ୱେଷ ନାୟକ ଓ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଏଗୁଡିକୁ ଖାରଜ କରିଛନ୍ତି ଜଷ୍ଟିସ ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ। ଗୋଲନ୍ଥରା ଥାନାରେ ଏହି ମାମଲା ରୁଜୁ ହୋଇଥିଲା। ସିବିଆଇକୁ ଏହାର ତଦନ୍ତ ହସ୍ତାନ୍ତର କରାଯାଇଥିଲା।

ତଦନ୍ତରୁ ଜଣାପଡ଼ିଛି ଯେ ମାର୍ଚ୍ଚ ୨୦୨୫ରେ ପ୍ରାୟ ୪୦୦ ପରୀକ୍ଷାର୍ଥୀଙ୍କୁ ପଶ୍ଚିମବଙ୍ଗର ଦୀଘା ଏବଂ ସୁନ୍ଦରବନର ବିଭିନ୍ନ ହୋଟେଲକୁ ନିଆଯାଇ ପରୀକ୍ଷା ପୂର୍ବରୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଦେଖାଯାଇଥିଲା। ଏଥିପାଇଁ ଅପରାଧିକ ଷଡ଼ଯନ୍ତ୍ର କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ବଡ଼ଧରଣର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍ କରିବା ପାଇଁ ତଦନ୍ତକାରୀ ସଂସ୍ଥାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ମିଳିବା ଆବଶ୍ୟକ। ଆଗୁଆ ଜାମିନ ପ୍ରଦାନ ତଦନ୍ତରେ ବାଧା ସୃଷ୍ଟି କରିପାରେ ବୋଲି ଅଦାଲତ କହିଛନ୍ତି। ସିବିଆଇ ଦ୍ୱାରା ଦାଖଲ କରାଯାଇଥିବା ହୋଟେଲ ଲଗ୍, ବିଲ୍ ଏବଂ ମୋବାଇଲ୍ ଲୋକେସନ ତଥ୍ୟ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଥିଲା। ଏହି ଆଧାରରେ ସେମାନଙ୍କୁ ସିବିଆଇ ପକ୍ଷରୁ ନୋଟିସ୍ କରାଯାଇଥିଲା। ସେମାନଙ୍କ ନାମ ଏତଲାରେ ନ ଥିବା ବେଳେ ଗିରଫଦାରୀ ଏଡ଼ାଇବା ପାଇଁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତାରିକ ରହେମାନ...

କରାଯାଇଥିଲା। ୧୨ ତାରିଖ ସକାଳ ସୁଦ୍ଧା ବହୁତ କମ ଲୋକ ମତଦାନ କେନ୍ଦ୍ରକୁ ଭୋଟ ଦେବାକୁ ଯାଇଥିଲେ। ଅନେକ ସ୍ଥାନରେ କୌଣସି ମତଦାନ ମଧ୍ୟ ହୋଇନାହିଁ। ତେଣୁ ନିର୍ବାଚନକୁ ରଦ୍ଦ କରାଯାଉ ବୋଲି ହସିନା ଦାବି କରିଛନ୍ତି।

ଏହି ଐତିହାସିକ ବିଜୟ ସହ ବିଏନ୍‌ପି ଅଧ୍ୟକ୍ଷ ତାରିକ ରହମାନ ପ୍ରଧାନମନ୍ତ୍ରୀ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ତାରିକ ଦୁଇଟି ଆସନରୁ ଲଢ଼ିଥିଲେ ଓ ଉଭୟ ଆସନରୁ ବିଜୟୀ ହୋଇଛନ୍ତି। ସେ ଢାକା-୧୭ ଓ ବଗୁରା-୬ ଅଭୟ ଆସନରୁ ବିଜୟୀ ହୋଇଛନ୍ତି। ସେ ଗତ ଡିସେମ୍ବରରେ ଦୀର୍ଘ ୧୭ ବର୍ଷ ପରେ ଲଣ୍ଡନରୁ ନିର୍ବାସନରେ ରହିବା ପରେ ଦେଶକୁ ଫେରିଥିଲେ। ବାଂଲାଦେଶରେ ୩୫ ବର୍ଷ ପରେ କୌଣସି ପୁରୁଷ ନେତା ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଏହା ପୂର୍ବରୁ ପୁରୁଷ ଭାବେ ଶେଷଥର ପାଇଁ ୧୯୮୮ରେ କାଜି ଜାଫର ଅହମ୍ମଦ ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହାପରେ ୧୯୯୧ରୁ ୨୦୨୪ ପର୍ଯ୍ୟନ୍ତ ଦେଶର ରାଜନୀତିରେ ପୂର୍ବତନ ପ୍ରଧାନମନ୍ତ୍ରୀ ବେଗମ ଖାଲେଦା ଜିଆ ଓ ଶେଖ ହସିନାଙ୍କ ପ୍ରାଧାନ୍ୟ ରହି ଆସିଥିଲା।

ବିଏନ୍‌ପିର ଏହି ବୃହତ ବିଜୟ ଦେଶର କଠୋରପନ୍ଥୀମାନଙ୍କ ପାଇଁ ଝଟ୍‌କା ସଦୃଶ ହୋଇଛି। ବିଶେଷଜ୍ଞମାନେ ବିଏନ୍‌ପିର ଏହି ଏକତରଫା ବିଜୟ ପଛରେ ୩ଟି ମୁଖ୍ୟ କାରଣ ଦର୍ଶାଇଛନ୍ତି। ଶେଖ ହସିନାଙ୍କ ଆୱାମୀ ଲିଗ୍‌ର ଭୋଟ୍, ବିଶେଷ କରି ହିନ୍ଦୁ ଭୋଟରମାନେ ବିଏନ୍‌ପିକୁ ଆଡ଼କୁ ଢଳିଲେ। ସେହିପରି ବାଂଲାଦେଶର ମୁକ୍ତି ସଂଗ୍ରାମକୁ ବିରୋଧ କରିଥିବା ଜମାତ-ଇ- ଇସଲାମୀର ପୁରୁଣା କଳା ଦାଗ ଓ ଇତିହାସକୁ ଲୋକ ଏବେ ଭୁଲିନାହାନ୍ତି। ପୁଣି ଛାତ୍ର ସଂଗଠନର ବିଫଳତା ମଧ୍ୟ ବିଏନ୍‌ପିକୁ ସୁହାଇଥିଲା। ଶେଖ ହସିନାଙ୍କୁ ଶାସନରୁ ହଟାଇଥିବା ଛାତ୍ରମାନଙ୍କର ଦଳ 'ନ୍ୟାସନାଲ ସିଟିଜେନ ପାର୍ଟି' (ଏନ୍‌ସିପି)କୁ ଲୋକମାନେ ପ୍ରତ୍ୟାଖାନ କରିଛନ୍ତି। ନିର୍ବାଚନ ସମୟରେ କେତୋଟି ସ୍ଥାନରେ ହିଂସାକାଣ୍ଡ ଘଟିଥିଲା। ବାଂଲାଦେଶ ନିର୍ବାଚନରେ ଏଥର ୫୯.୪୪ ପ୍ରତିଶତ ମତଦାନ ହୋଇଥିଲା। ୨୦୨୪ରେ ସାଧାରଣ ନିର୍ବାଚନରେ ୪୧.୮ ପ୍ରତିଶତ ମତଦାନ ହୋଇଥିଲା ଅର୍ଥାତ ଏଥର ୧୭ ପ୍ରତିଶତ ଅଧିକ ମତଦାନ ହୋଇଛି। ଏବେ ହସିନାଙ୍କୁ ଭାରତ ସରକାର ଦେଶକୁ ପଠାନ୍ତୁ ବୋଲି ବିଏନପି ପକ୍ଷରୁ ଦାବି ହୋଇଛି। ଦେଶରେ ତାଙ୍କ ବିରୋଧରେ ମାମଲା ଚାଲିବ ବୋଲି କୁହାଯାଇଛି।

ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଏନ୍‌ପିର ଐତିହାସିକ ବିଜୟ ପାଇଁ ତାରିକ୍ ରହମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି ଯେ, ଏହି ବିଜୟ ତାରିକ ରହମାନଙ୍କ ନେତୃତ୍ୱପ୍ରତି ବାଂଲାଦେଶୀବାସୀଙ୍କ ବିଶ୍ୱାସକୁ ଦର୍ଶାଉଛି। ଭାରତ ଏକ ଗଣତାନ୍ତ୍ରିକ, ପ୍ରଗତିଶୀଳ ଓ ସମସ୍ତଙ୍କୁ ସାଥିରେ ନେଇ ଚାଲୁଥିବା ବାଂଲାଦେଶ ସହିତ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଉଛି। ଶେଖ ହସିନାଙ୍କ ସରକାରର ପତନ ପରେ ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ପର୍କରେ ଅବନତୀ ହୋଇଥିଲା। ଏବେ ସମ୍ପର୍କକୁ ସୁଦୃଢ଼ କରିବା ନୂଆ ସରକାର ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ହେବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଂଲାଦେଶ ନିର୍ବାଚନରେ ପୂର୍ଣ୍ଣ ବହୁମତ ହାସଲ କରିଥିବାରୁ ବିଏନ୍‌ପି ଅଧ୍ୟକ୍ଷ ତାରିକ ରହମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ନିଜର ଏକ୍ସ ପୋଷ୍ଟରେ ଲେଖିଛନ୍ତି ଯେ, ବାଂଲାଦେଶରେ ବିଏନ୍‌ପିର ଏହି ଚମତ୍କାର ବିଜୟ ପାଇଁ ମୋର ଭାଇ ତାରିକ, ତାଙ୍କ ଦଳ ଓ ବାକି ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା। ବାଂଲାଦେଶ ସର୍ବଦା ଭାରତ ସହିତ ସୁସମ୍ପର୍କ ବଜାୟ ରଖୁ।

### ନୂଆ ପ୍ରଧାନମନ୍ତ୍ରୀ ଅଫିସ...

୧୯୪୭ରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ଏହି କୋଠାରେ ଥିଲା। ଏହା ୭୮ ବର୍ଷ ହେଲା କ୍ଷମତା କେନ୍ଦ୍ର ଥିଲା। ୨୦୧୪ରେ କ୍ଷମତାସୀନ ହେବା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଗୁଲାମୀର ପ୍ରତୀକ ହଟାଇବାକୁ ସରକାର ପଦକ୍ଷେପ ନେଇ ଚାଲିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ନର୍ଥ ବ୍ଲକ ଏବଂ ସାଉଥ ବ୍ଲକର କୋଠାଗୁଡ଼ିକ ବ୍ରିଟିଶ ଶାସନର ପ୍ରତୀକ ଥିଲା। ଏହି ଭବନ ବ୍ରିଟେନ ମହାରାଜାଙ୍କ ଚିନ୍ତାଧାରାକୁ ଗୋଲାମ ଭାରତରେ ଲାଗୁ କରିବାର ମାଧ୍ୟମ ଥିଲା। ଗୋଲାମର ଏହି ମାନସିକତାରୁ ବାହାରିବା ଜରୁରୀ ଥିଲା। ଦିଲ୍ଲୀର କୋଠାରେ, ଐତିହାସିକ ସ୍ଥଳରେ ଗୋଲାମର ଚିହ୍ନ ରହିଛି। ସ୍ୱାଧୀନ ଭାରତରେ ସହିଦ ହୋଇଥିବା ସୈନିକଙ୍କ ପାଇଁ ସେଠାରେ କୌଣସି ସ୍ମାରକ ନ ଥିଲା। ୨୦୧୪ରେ ଗୋଲାମର ମାନସିକତା ଆଉ ଚଳିବ ନାହିଁ ବୋଲି ଦେଶ ଧାର୍ଯ୍ୟ କରିଥିଲା। ପୁରୁଣା ଭବନରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ କୋଠାକୁ ଭାଙ୍ଗିବା ପରିବର୍ତ୍ତେ ମ୍ୟୁଜିୟମ (ସଂଗ୍ରହାଳୟ) ନିର୍ମାଣ କରାଯିବ। ଏହା ଦ୍ୱାରା ନୂଆ ପିଢି ଇତିହାସକୁ ବୁଝିପାରିବେ।

ନୂଆ ପିଏମଓରେ ପ୍ରଧାନମନ୍ତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲକୁ ମଧ୍ୟ ମଞ୍ଜୁରି ଦେଇଛନ୍ତି। ଏହା ମଧ୍ୟରେ ଜରୁରୀ ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତିକରଣ, କୃଷି ଭିତ୍ତିଭୂମି ଆଦିକୁ ଅନୁମୋଦନ ଦେଇଛନ୍ତି। ଏଥିରେ 'ପିଏମ ରାହତ ସ୍କିମ' ସାମିଲ ରହିଛି। ଏହା ମାଧ୍ୟମରେ ଦୁର୍ଘଟଣା ପୀଡ଼ିତଙ୍କୁ ତତ୍କାଳ ମେଡିକାଲ ସହାୟତା ସୁନିଶ୍ଚିତ କରାଯିବ। ଯୋଜନାରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାସଲେସ ଚିକିତ୍ସା ମିଳିବ। ସେହିପରି ଲକ୍ଷପତି ଦିଦି ଯୋଜନାର ଲକ୍ଷ୍ୟକୁ ଦୁଇ ଗୁଣ କରି ୩ରୁ ୬ କୋଟି କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

### ସଂସଦରେ ଖଡ୍‌ଗେ...

ମିଳିଥିଲା। ମାତ୍ର ଜଣେ ଅନୁସୂଚିତ ଜାତିର ମହିଳାଙ୍କୁ ସହାୟିକା ଭାବେ ନିଯୁକ୍ତି ଦେବାରୁ ଗ୍ରାମବାସୀ ଏହାର ବିରୋଧ କରିଥିଲେ। କେବଳ ଏତିକି ନୁହେଁ, ଗ୍ରାମବାସୀମାନେ ନିଜ ପିଲାଙ୍କୁ ସେଠାରେ ଖାଦ୍ୟ ଖାଇବାକୁ ଦେଇନଥିଲେ। ଜାତିପ୍ରଥାର କୁତ୍ସିତ ପରମ୍ପରାକୁ ଜାବୁଡ଼ି ଧରି ଗାଁ ଲୋକେ ତାଙ୍କ ଶିଶୁଙ୍କୁ ପାଠ ପଢ଼ିବାକୁ ମଧ୍ୟ ଛାଡୁନାହାନ୍ତି। ଫଳରେ ପାଖାପାଖି ତିନିମାସ ହେବ ପିଲାମାନେ ଅଙ୍ଗନବାଡି କେନ୍ଦ୍ରକୁ ଯାଉନାହାନ୍ତି ଏବଂ ମୌଳିକ ଶିକ୍ଷରୁ ବଞ୍ଚିତ ହେଉଛନ୍ତି। ଗଣମାଧ୍ୟମରେ ଉକ୍ତ ଖବର ପ୍ରକାଶିତ ହେବା ପରେ ସାରା ଦେଶରେ ଏହା ଆଲୋଡ଼ନ ସୃଷ୍ଟି କରିଛି।

### ଦୁଇ ବାଇକ୍...

ସେ ଘରକୁ ଫେରୁଥିବା ବେଳେ ଡିପଲ୍ ସ୍କୁଲ ନିକଟରେ କଲେଜ ଛକପଟୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ବାଦଲ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ସାଗରଙ୍କ ମୃତ୍ୟୁ ହୋଇଯାଇଥିଲା। କୋଟିନଡ଼ା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବାଦଲଙ୍କୁ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍ ଜବତ କରିବା ସହ ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି।

### ଅଚଳ ଆକାଉଣ୍ଟରେ...

୧୦ବର୍ଷ ପୂର୍ବରୁ ଖୋଲା ଯାଇଥିବା ଓ ୧୦ବର୍ଷ ହେଲା ବ୍ୟବହାର ହୋଇନଥିବା ଏକ ଘରୋଇ ବ୍ୟାଙ୍କ ଜମାଖାତାରେ ଏହି ଟଙ୍କା ଜମା ହୋଇଥିବା ସେ ଜାଣିବାକୁ ପାଇଥିଲେ।

ତାଙ୍କ କହିବା ଅନୁସାରେ, ୨୦୧୭ ମସିହାରେ ସେ ଏକ ଘରୋଇ ସଂସ୍ଥାରେ ଇଞ୍ଜିନୟର୍ ଭାବେ କାମ କରୁଥିବା ବେଳେ ଉକ୍ତ ସଂସ୍ଥା ତାଙ୍କ ନାମରେ ଭୁବନେଶ୍ୱର କୋଟାକ୍ ମହିନ୍ଦ୍ରା ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲା। ଦୁଇତିନି ମାସ ପରେ ଉକ୍ତ ସଂସ୍ଥା ସେହି ବ୍ୟାଙ୍କ ଜମାଖାତାକୁ ବ୍ୟବହାର କରିବା ବନ୍ଦ କରିଦେଇଥିଲା। ଫଳରେ ସେହି ଦିନଠାରୁ ଶ୍ରୀ ଥାଟି ମଧ୍ୟ ଆଉ ବ୍ୟବହାର କରୁନଥିଲେ। ଜମାଖାତାର ଏଟିଏମ୍ ମଧ୍ୟ ଅଚଳ ହୋଇସାରିଛି। ତେବେ ବର୍ତ୍ତମାନ ଧାନ ବିକ୍ରି ଟଙ୍କା ଉକ୍ତ ଆକାଉଣ୍ଟରେ ଜମା ହେବା ପରେ ତାକୁ କେମିତି ଉଠାଇବେ, ସେନେଇ ସେ ଚିନ୍ତାରେ ପଡ଼ିଛନ୍ତି। କିଛି ଦିନ ପରେ ପୁଣି ଆଉ ଏକ ଟୋକନରେ ସେ ଆହୁରି ୭୫ କ୍ୱିଣ୍ଟାଲ ଧାନ ବିକିବେ। ପୁଣି ଉକ୍ତ ଆକଉଣ୍ଟରେ ଟଙ୍କା ଜମା ହେବା ଏକପ୍ରକାର ସ୍ପଷ୍ଟ। ଏମିତିରେ, ସେ ଉକ୍ତ ବ୍ୟାଙ୍କର ଶାଖା ବିଷୟରେ ସୂଚନା ଖୋଜୁଥିବା ବେଳେ ବଲାଙ୍ଗିର କିମ୍ବା ଆଖପାଖ ଜିଲ୍ଲାରେ ବି କୌଣସି ଶାଖା ନ ଥିବା ଜାଣିବାକୁ ପାଇଛନ୍ତି। ଏଥିପାଇଁ ତାଙ୍କୁ ଭୁବନେଶ୍ୱରରେ କିମ୍ବା କୋଲକାତା ଯିବାକୁ ପଡ଼ିବ ବୋଲି ସେ କହିଛନ୍ତି। ତାଙ୍କ ନାମରେ ଅନ୍ୟ ସକ୍ରିୟ ବ୍ୟାଙ୍କ ଜମାଖାତା ରହିଥିବା ବେଳେ ବର୍ଷବର୍ଷ ଧରି ବ୍ୟବହାର ନ ହୋଇ ପଡ଼ି ରହିଥିବା ଆକାଉଣ୍ଟରେ ଧାନବିକ୍ରି ଟଙ୍କା ଜମା ହେବାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

କିଛି ଦିନ ତଳେ ଆଗଲପୁର ବ୍ଲକ ନଅଗାଁ(କ)ର ଚାଷୀ ବଳରାମ ପଧାନଙ୍କ କେରଳରେ ଥିବା ଏକ ବ୍ୟାଙ୍କ ଆକାଉଣ୍ଟରେ ଧାନ ବିକ୍ରି ଟଙ୍କା ଜମା ହୋଇଥିଲା। ତାହାକୁ ଉଠାଣ ପାଇଁ ସେ ଯାଇଥିବା ବେଳେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। କିଭଳି ଚାଷୀମାନେ ସରକାରୀ ବିଧିବ୍ୟବସ୍ଥାରେ ଅଣନିଃଶ୍ୱାସୀ ଓ ହଇରାଣ ହେଉଛନ୍ତି, ଏହା ହେଉଛି ତାହାର ଏକ ନଗ୍ନ ନମୁନା।

### ମାର୍ଚ୍ଚ ୯ ଯାଏଁ...

ପରେ ସଭାପତିତ୍ୱ କରୁଥିବା ସନ୍ଧ୍ୟା ରାୟ ଲୋକସଭାକୁ ୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ୯ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ। ଅନ୍ୟପଟେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଆଜି ରାହୁଲ ଗାନ୍ଧୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇ ଥିଲେ। ରାହୁଲ କ୍ଷମତା ପାଇଁ ଦେଶକୁ ଭାଗ ଭାଗ କରିବାକୁ ଯୋଜନା କରୁଥିବା ଦୁବେ କହିଥିଲେ। ଅନ୍ୟପଟେ ଅଣସଂସଦୀୟ ଭାଷା ବ୍ୟବହାରକୁ ନେଇ ରାହୁଲଙ୍କ ବିରୋଧରେ କୌଣସି ପ୍ରସ୍ତାବ ଅଣାଯିବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ କହିଛନ୍ତି। କାରଣ ଏଭଳି ଏକ ନୋଟିସ ବିଜେପି ସଦସ୍ୟ ପୂର୍ବରୁ ଆଣି ସାରିଛନ୍ତି। ଏହା ପୂର୍ବରୁ ବିରୋଧୀ ଦଳର ସଦସ୍ୟ ସଂସଦ ଭବନର ମକର ଦ୍ୱାର ସାମ୍ନାରେ ବିରୋଧ ପ୍ରଦର୍ଶନ କରିଥିଲେ।

### ପତ୍ନୀହନ୍ତାକୁ ଫାଶୀ...

କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ବିନତାଙ୍କ ବାପା କାର୍ତ୍ତିକ ସିଂଙ୍କ ଅଭିଯୋଗ ଆଧାରରେ ସହଦେବଖୁଣ୍ଟା ପୁଲିସ ନମ୍ବର ୫୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

୩୪ଜଣ ସାକ୍ଷ୍ୟ, ୧୧୦ ଗୋଟି ଦସ୍ତାବିଜ୍ ଓ ପୁଲିସ ତଦନ୍ତକୁ ଆଧାର କରି କୋର୍ଟ ଚନ୍ଦନକୁ ଦୋଷୀ ସାବ୍ୟସ୍ତ କରିବା ସହ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ସଂଜୟ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ତାଙ୍କୁ ଏତଲାକାରୀଙ୍କ ତରଫରୁ ନିଯୁକ୍ତ ଆଇନଜୀବୀ ସୁଲଳିତ କର ସହାୟତା କରିଥିଲେ। ଅପରପକ୍ଷେ, ଏହି ଘଟଣାରେ ଅନ୍ୟ ୬ଜଣ ଅଭିଯୁକ୍ତଙ୍କୁ ସାକ୍ଷ୍ୟପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।


**LOST**

I, **Usha Gupta,** resident of 11/A/3 Sunny Park, Mohini Mansion, 1st floor, Ballygunge, Kolkata-700019. This is to inform you that we have lost original lease of land deed between government of Odisha and Usha Gupta (my self) dated 28 July 1992 from our residence 11/A/3 sunny park, Ballygunge, Kolkata-700019 of a GA PLOT situated in the city of Bhubaneswar,on 15.01.2026 we have searched a lot but could not trace the same. please feel free to call or whatsapp me for any further queries or questions on **9830200208.**

**WANTED**

A well-established firm invites applications for the following positions:

**1. Senior Accountant - (1 No.)**
Experience : 10 yrs. above

**2. Junior Accountant - (1 No.)**
Experience : 2-5 yrs. above

**3. Supervisor - (2 Nos.)**
Experience : 2-5 yrs. above

**4. Sales Executive - (1 No.)**
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to Email: 19sanatang@gmail.com

Contact 7978386707

**AFFIDAVIT**

I, Mrs KUSHNAZ RAHEMAN, W/o-Md. Muzammilur Rahman Resident of Aradbazar, PS-Sahadevkhunta, Balasore, Pin-756001, Odisha. Declare by this Affidavit No-7238, dt-20/06/2025, Now onwards I Shall be Known as **KHOOSNAZ RAHEMAN** for all future purpose .

**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ**

ସା/ପୋ.: ଘଟଗାଁ, ଜିଲ୍ଲା- କେନ୍ଦୁଝର-୭୫୮୦୨୭ (ଓଡ଼ିଶା)

ନୋଟିସ୍ ନଂ. ୩୧ | ଡା. ୧୩.୦୨.୨୦୨୬

**ଟେଣ୍ଡର ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨୦୨୬-୨୭ ବର୍ଷ ପାଇଁ ନିମ୍ନଲିଖିତ ଜଉମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ। ଏଣୁ ଇଚ୍ଛୁକ ବ୍ୟକ୍ତି, ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ **ଟ.୧୫୦୦/- (ଏକ ହଜାର ପାଞ୍ଚ ଶହ)** ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ। ପ୍ରଥମ ପର୍ଯ୍ୟାୟ ପାଇଁ **ଦିବା ୧୧ ଘ. ଠାରୁ ଦିବା ୧ଘ. ଓ ଅପରାହ୍ନ ୫ଘ. ଠାରୁ ସନ୍ଧ୍ୟା ୬ଘ. ମଧ୍ୟରେ ତା.୧୫.୦୨.୨୦୨୬ରିଖ ଠାରୁ ତା.୨୨.୦୨.୨୦୨୬ରିଖ** ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ। ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ। ହେବାକୁ ଥିବା ଟେଣ୍ଡର ମଧ୍ୟରୁ ଯେଉଁ ଟେଣ୍ଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ ହୋଇଥିବ ସେହି ଟେଣ୍ଡର ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ତୃତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ। ପରିଚାଳନା କମିଟି ଚାହିଁଲେ ବିନା କାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ। ପ୍ରଥମ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ତୃତୀୟ ପର୍ଯ୍ୟାୟରେ ଗ୍ରହଣ ଯୋଗ୍ୟ ନୁହେଁ। ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବସାଇଟରେ ଦେଖିପାରିବେ।

| ଟେଣ୍ଡର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ପ୍ରଥମ ପର୍ଯ୍ୟାୟ | ତା.୨୩.୦୨.୨୦୨୬ରିଖ ୧୧ ଘଟିକା | ତା.୨୩.୦୨.୨୦୨୬ରିଖ ୧୨.୦୦ ଘଟିକା |
| ଦ୍ୱିତୀୟ ପର୍ଯ୍ୟାୟ | ତା.୦୨.୦୩.୨୦୨୬ରିଖ ୧୧ ଘଟିକା | ତା.୦୨.୦୩.୨୦୨୬ରିଖ ୧୨.୦୦ ଘଟିକା |
| ତୃତୀୟ ପର୍ଯ୍ୟାୟ | ତା.୦୯.୦୩.୨୦୨୬ରିଖ ୧୧ ଘଟିକା | ତା.୦୯.୦୩.୨୦୨୬ରିଖ ୧୨.୦୦ ଘଟିକା |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧ | ମନ୍ଦିର ସମ୍ମୁଖରେ ଫଟୋ ଉଠା | ଟ.୩୧,୮୭,୫୮୦/- | ଟ.୩,୧୮,୭୫୮/- |
| ୨ | ଖୁଣ୍ଟା ମୌଜା ଚାଷ ଜମି | ଟ.୬,୦୦୦/- | ଟ.୬୦୦/- |
| ୩ | ଚଇତି ପର୍ବ ଟେଣ୍ଟ, ବାରିକେଡ୍ ଯୋଗାଇବା | ଟ.୧୫,୧୨,୫୦୦/- | ଟ.୧,୫୧,୨୫୦/- |
| ୪ | ଚଇତି ପର୍ବ ଲାଇଟ୍, ଜେନେରେଟର ଯୋଗାଇବା | ଟ.୪,୪୪,୪୦୦/- | ଟ.୪୪,୪୪୦/- |
| ୫ | ଚଇତି ପର୍ବ ମାଇକ୍ ଯୋଗାଇବା | ଟ.୧,୨୪,୩୦୦/- | ଟ.୧୨,୪୩୦/- |
| ୬ | ଚଇତି ପର୍ବ LED Display ଯୋଗାଇବା Video Camera ଓ Steel Photo | ଟ.୬୯/- Per Sqft. (LED Display) | ଟ.୨୫,୦୦୦/- |

ସା/- କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର

**NOTICE**
(above 18 years of age)

By virtue of an affidavit sworn before **Executive Magistrate, Udala, Mayurbhanj, dated 04.02.2026**, I, Ashok Kumar Patra Address At - Ambajoda, Po-Taradasol, Ps- Khunta, Dist - Mayurbhanj - 757085 declare that I have changed my name from Ashok Patra to Ashok Kumar Patra. Henceforth I shall be known as **Ashok Kumar Patra** for all purposes.

**Ashok Kumar Patra**

**AFFIDAVIT**

By virtue of an affidavit sworn before The Executive Magistrate, G.UDAYAGIRI, DIST: KANDHAMAL (Odisha), dated: 06/02/2026, I, Kanha Arjali, resident of Village: Padasahi, P.O.: G.Udayagiri, P.S.: G.Udayagiri, Dist: Kandhamal, State: Odisha, PIN: 762100, declare that I have changed my son name from Barun Arjali to Krishna Arjali. Henceforth, he shall be known as Krishna Arjali for all purposes.

**GOVERNMENT OF ODISHA**
**DEPARTMENT OF WATER RESOURCE**
**OFFICE OF THE SUPERINTENDING ENGINEER,**
**NAHARANGPUR IRRIGATION DIVISION**
**NABARANGPUR, DIST-NABARANGPUR(ODISHA)**
Email id- senidivision@gmail.com

32001/88/2526

Lr. No. 214 | Dated 10.02.2026

**E-PROCUREMENT NOTICE**
**BID IDENTIFICATION NO-SE-NID- 07 /2025-26 (01-03)**

1. Nature of the work - Construction of Through wall & Improvement ofServive Road.
2. Total Nos. of works - 03 (Three) Nos.
3. Tender cost of the works- From Rs.9.03 lakhs to Rs.6.91 lakhs (excluding GST)
4. Class of Contractor - 'D' & 'C' Class
5. Period of completion-01 (One) Month
6. Other details as follows:

| Procurement Officer | Bid Identification No. | Availability of Bid online | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division, Naharangpur | SE-NID-07/2025-26(01-03) | 16.02.2026 (10.00AM) | 25.02.2026 (up to 05.00 PM) | 20.02.2026 up to 5.00 PM | 26.02.2026 at 11.00 A M in the O/o the Superintending Engineer. Nabarangpur Irrigation Division Nabaranepur. |

Further details can be seen from the Government web site www.tendersodislia.gov.in
Addendum/Corrigendum/Cancellation if any required will be published in Govt. website only.

Superintending Engineer
Nabarangpur Irrigation Division
Nabarangpur

OIPR-32001/32361/1/25-26/0002

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଲୁଇସ୍ ରୋଡ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଲୁଇସ୍ ରୋଡ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଲୁଇସ୍ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ କଳିଙ୍ଗ ସାନିଟାରୀ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଆଲୋକ ରଞ୍ଜନ ବେଉରା,** ପିତା: ଜତିନ୍ଦ୍ର ନାଥ ବେଉରା, **ଠିକଣା-୧:** ଭୁବନେଶ୍ୱର ହୋଟେଲ ନିକଟ, କଟକ ରୋଡ, ଭୁବନେଶ୍ୱର, **ଠିକଣା-୨:** ସା: ତଳ ତେଲେଙ୍ଗା ବଜାର, ପୁରୀ ଘାଟ, କଟକ-୭୫୩୦୦୯, **ଠିକଣା-୩:** ଫ୍ଲାଟ୍ ନଂ.: ୨୧, ରାଣୀ ଅନ୍ନପୂର୍ଣ୍ଣା ଆପାର୍ଟମେଣ୍ଟ, ଟଙ୍କପାଣି ରୋଡ, ଭୁବନେଶ୍ୱର-୭୫୧୦୧୪ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଜୟନ୍ତୀ ପରିଡା,** ସ୍ୱାମୀ: ଶ୍ରୀ ଆଲୋକ ରଞ୍ଜନ ବେଉରା, ସା: ଫ୍ଲାଟ୍ ନଂ.: ୨୧, ରାଣୀ ଅନ୍ନପୂର୍ଣ୍ଣା ଆପାର୍ଟମେଣ୍ଟ, ଟଙ୍କପାଣି ରୋଡ, ଭୁବନେଶ୍ୱର-୭୫୧୦୧୪ | ଟ.୯,୪୨,୩୦୪.୦୩ + ସେବାବଦ ସୁଧ | ୦୧.୦୮.୨୦୧୫ / ୧୦.୦୨.୨୦୨୬ | ଶ୍ରୀ ଆଲୋକ ରଞ୍ଜନ ବେଉରାଙ୍କ ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୪୫ଡିସିମିଲିରୁ ଏକର୦.୧୫ ଡିସିମିଲି, ଖାତା ନଂ.: ୨୦୧, ପ୍ଲଟ୍ ନଂ.: ୧୧୩୪, ମୌଜା: ଗାଡକଣ, କିସମ: ଶାରଦ-୨, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଗନ୍ଧର୍ବ ପରିଡା, ପଶ୍ଚିମ: ମାଗୁଣି ମଙ୍ଗରାଜ, ଉତ୍ତର: ଭ୍ରମର ଭୋଇ, ଦକ୍ଷିଣ: ଅପର୍ଣ୍ଣ ଭୋଇ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୩.୦୨.୨୦୨୬

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଛାତ୍ରୀଙ୍କୁ ଭାଲେଣ୍ଟାଇନ ଶିକ୍ଷା ଘଟଣା


# ଅଭିଯୁକ୍ତ ଶିକ୍ଷକ ଥାନାରେ ଅଟକ

ଦେବଗଡ଼,୧୩।୨(ସମିସ)

କୁଣ୍ଢେଇଗୋଳା ସରକାରୀ ବିଦ୍ୟାଳୟରେ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକଙ୍କ ଭାଲେଣ୍ଟାଇନ ସପ୍ତାହରେ ହଗ ଡେ, ଚକୋଲେଟ ଡେ ପାଳିବାକୁ ଶିକ୍ଷା ଓ ଛାତ୍ରୀଙ୍କୁ ଆଶାଳୀନ ମନ୍ତବ୍ୟ ନେଇ ସମ୍ପୃକ୍ତ ଶିକ୍ଷକଙ୍କୁ ଥାନାରେ ଅଟକ ରଖାଯାଇଛି । ଘଟଣା ନେଇ ଗତକାଲି ଅଭିଯୋଗ ହୋଇଥିଲା । ଆଜି ମଧ୍ୟ ବିଦ୍ୟାଳୟରେ ଉତ୍ତେଜନା ଦେଖାଦେଇଥିଲା । ପୀଡିତା ଛାତ୍ରୀଙ୍କ ମା'ଙ୍କ ଅଭିଯୋଗ

### ବିଦ୍ୟାଳୟ ସମ୍ମୁଖରେ ଉତ୍ତେଜନା, ପୁଲିସ ଉପସ୍ଥିତିରେ ବିଇଓଙ୍କ ବୁଝାସୁଝା

ଆଧାରରେ କୁଣ୍ଢେଇଗୋଳା ଥାନା ପୁଲିସ ଅଭିଯୁକ୍ତ ଶିକ୍ଷକ ତପନ ମିଶ୍ରଙ୍କ ବିରୁଦ୍ଧରେ ପକ୍ସୋ ଆକ୍ଟରେ ମାମଲା ରୁଜୁ କରି ଥାନାରେ ଅଟକ ରଖିଥିବା ଜଣାପଡିଛି ।





ଅନ୍ୟ ପକ୍ଷରେ ବିଭାଗୀୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ବିଦ୍ୟାଳୟରୁ ଅଭିଯୁକ୍ତ ଶିକ୍ଷକଙ୍କୁ ତୁରନ୍ତ ଅପସାରଣ ଦାବିରେ ସ୍କୁଲ ଫାଟକରେ ତାଲା ପକାଇ ଅଭିଭାବକ ଓ ଛାତ୍ରଛାତ୍ରୀ ଆଜି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ । ଗାଁରେ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନାକୁ ଦୃଷ୍ଟିରେ ରଖି କୁଣ୍ଢେଇଗୋଳା ଥାନା ପୁଲିସ ପକ୍ଷରୁ ସ୍କୁଲ ପରିସରରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଛି । ରିଆମାଳ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋ ଆନ୍ଦୋଳନକାରୀ ଛାତ୍ର ଓ ଅଭିଭାବକଙ୍କୁ ବୁଝାସୁଝା କରିଥିଲେ । ଶ୍ରୀ କାଲୋ ଅଭିଯୁକ୍ତ ଶିକ୍ଷକ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ଦେବାର ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ପରିସ୍ଥିତି ଶାନ୍ତ ପଡ଼ିବା ସହ ଆନ୍ଦୋଳନକାରୀ ଅଭିଭାବକ ଓ ଛାତ୍ରଛାତ୍ରୀ ସ୍କୁଲ ଫାଟକକୁ ଖୋଲିଥିଲେ । ତେବେ ଅଭିଯୁକ୍ତ ଶିକ୍ଷକ ତପନ ମିଶ୍ର ଜିଲ୍ଲାରେ ଚାକିରିରେ ଯୋଗ ଦେବା ଦିନ ଠାରୁ ଏକାଧିକ ସ୍କୁଲରେ ଅବସ୍ଥାପିତ ହୋଇଛନ୍ତି ଏବଂ ବିଭିନ୍ନ କାରଣରୁ ସମ୍ପୃକ୍ତ ବିଦ୍ୟାଳୟ ଗୁଡିକରୁ ଜନଆକ୍ରୋଶର ଶିକାର ହୋଇ ତଡାଖାଇ କୁଣ୍ଢେଇଗୋଳା ସରକାରୀ ହାଇସ୍କୁଲରେ ଅବସ୍ଥାପିତ ହୋଇଥିଲେ । ଏହାସତ୍ତ୍ୱେ ତାଙ୍କ ଚରିତ୍ରରେ କୌଣସି ପରିବର୍ତ୍ତନ କରି ପାରି ନଥିବାରୁ ଗତକାଲି ଠାରୁ କୁଣ୍ଢେଇଗୋଳା ଅଞ୍ଚଳରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି । ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ବିଦ୍ୟାଳୟରୁ ଅପସାରଣ କରା ନଗଲେ ପୁଣି ଥରେ ଅଭିଭାବକମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।

## ଧୁତରା ରେଳ ପାୱାର ହାଉସ୍ ସମ୍ମୁଖ ବିଲରେ ନିଆଁ

ଝାରସୁଗୁଡ଼ା,୧୩।୨(ସମିସ): ଦକ୍ଷିଣ ପୂର୍ବ ହାୱଡା-ବମ୍ବେ-ଚକ୍ରଧରପୁର ଡିଭିଜନ ଧୁତରା ରେଳଷ୍ଟେସନ ନିକଟସ୍ଥ ସାରସମାଳର ବିଲରେ କେହି ଜଣେ ଦୁର୍ବୃତ୍ତ ନିଆଁ ଲଗେଇ ଦେଇଥିବା ଜଣାପଡ଼ିଛି । ଫଳରେ ବିଲରେ ଥିବା ସମସ୍ତ ନଡ଼ା, ପାଳ, ଶୁଖିଲା କାଠ, ଗଛପତ୍ର ହୁତୁହୁତୁ ହୋଇ ଜଳିଯାଇଥିଲା । ରେଳ ଷ୍ଟେସନ ନିକଟରେ ଏଭଳି ଭୀଷଣ ନିଆଁ



ଗୋପାଳପୁର ସ୍ଥିତ ଲାଇକେରାରୁ ଧୁତରା ରେଳଷ୍ଟେସନ ଦେଇ ଯାତାୟାତ କରୁଥିବା କୋଇଲା ବୋଝେଇ ମାଲଗାଡି ପାଇଁ ବିପଦ ସୃଷ୍ଟି କରିଥିଲା । ଏହାସହିତ ମାତ୍ର ଶହେ ଦୁଇଶହ ମିଟର ଦୂରରେ ଥିବା ଆଇଓସିଏଲ ତଥା ଗାଁ, ସହର, ଜିଲ୍ଲା ଓ ଅଞ୍ଚଳ ପାଇଁ ସମ୍ଭାବ୍ୟ ଦୁର୍ଘଟଣାର କାରଣ ପାଲଟିଥିଲା । ତେବେ ନିଆଁ ଲାଗିବା କ୍ଷଣି ଦମକଳ ବାହିନୀ ସଦଳବଳେ ପହଞ୍ଚିଥିଲା । ସେମାନଙ୍କ ଅକ୍ଳାନ୍ତ ପରିଶ୍ରମରୁ ନିଆଁ ଲିଭା କାର୍ଯ୍ୟ ସମ୍ଭବ ହୋଇଥିଲା । ଫଳରେ ଏକ ବଡ଼ ଧରଣର ବିପତ୍ତି ଟଳିଯାଇଥିଲା । ତେବେ ଥରେ ନୁହେଁ ଦୁଇଥର ନୁହେଁ, ପ୍ରତ୍ୟେକ ବର୍ଷ ଏହି ସମୟରେ ଅଞ୍ଚଳରେ କିଛି ରେଳ ହେଉ କିମ୍ବା କୌଣସି ସରକାରୀ ବେସରକାରୀ, ଠିକାଦାରୀ କାର୍ଯ୍ୟର ସଫେଇ କାମ ପାଇଁ ଅଞ୍ଚଳର ବିଲବାଡ଼ି ସହ ଜମି ମାନଙ୍କରେ ନିଆଁ ଲଗାଇ ଦିଆଯାଉଛି । ଯାହାଫଳରେ କ୍ଷେତରେ ଥିବା ବଡବଡ ଗଛଲତା, ଜୀବଜନ୍ତୁ, କୀଟପତଙ୍ଗ, ସରୀସୃପ ଜଳିପୋଡି ଯିବା ସହ ଜନଧନ ତଥା ଜୀବନ ହାନୀର ବିପଦ ସୃଷ୍ଟି କରୁଛି । ଆଗାମୀ ଦିନରେ ବଡଧରଣର ଦୁର୍ଘଟଣାକୁ ଏଡାଇବା ପାଇଁ ଉଚ୍ଚ ପ୍ରଶାସନିକ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବାକୁ ଜନମତ ପ୍ରକାଶ ପାଇଛି ।

## ତୃତୀୟ ଲିଙ୍ଗୀଙ୍କ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୩।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଶୁକ୍ରବାର ତୃତୀୟଲିଙ୍ଗିଙ୍କ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁରମା ବେସନ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥି ମାନେ ତୃତୀୟଲିଙ୍ଗି ବ୍ୟକ୍ତି ମାନଙ୍କ ବିଭିନ୍ନ ସମସ୍ୟା, ସେମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ସହିତ ଜିଲ୍ଲା ଆଇନସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ପୀଡିତା କ୍ଷତିପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ କୋର୍ଟରେ ବିଚାରାଧୀନ ମାମଲା ଗୁଡିକର ସମାଧାନ, ନାଲ୍ସାର ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । ଉପସ୍ଥିତ ଜନସାଧାରଣଙ୍କୁ ଏହି ସମସ୍ତ ବିଷୟରେ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ ।

## ଶିବ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ



କୁଣ୍ଢେଇଗୋଳା,୧୩।୨(ସମିସ): ରିଆମାଳ ବ୍ଲକ୍ କୁଣ୍ଢେଇଗୋଳା ଗ୍ରାମ ସ୍ଥିତ ଟିକିରା ନଦୀ ନିକଟସ୍ଥ ଶିବ ମନ୍ଦିରରେ ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର କମିଟି ସଭାପତି ଦେବେନ୍ଦ୍ର ପ୍ରଧାନ ଓ ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏବଂ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁରଲୀ ଧର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ସରସ୍ୱତୀ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଚମ୍ପେଶ୍ୱର୍ ହୋତା, କିଶୋର ଚନ୍ଦ୍ର ପାଣିଗ୍ରାହୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ସୂର୍ଯ୍ୟ ପୂଜା, ଜଳଧିବାସ, ପୀଠ ମଣ୍ଡପ ପୂଜା, ମନ୍ଦିର ମହାସ୍ନାନ, ଦେବତା ଅଭିଷେକ, ଧ୍ୟାନଭିଶେକ୍, ଠାକୁର ମହାସ୍ନାନ, ବିଗ୍ରହ ପ୍ରାଣ ପ୍ରତିଷ୍ଠା, ବିଗ୍ରହ ମନ୍ଦିର ପୂଜା ପରେ ପୂର୍ଣ୍ଣାହୁତି ହୋଇଥିଲା । କୁଣ୍ଢେଇଗୋଳା, ଖଣ୍ଡାଧୁଆଁ ଗ୍ରାମର ସଙ୍କୀର୍ତ୍ତନମାନେ ଯୋଗଦେଇ ଶିବ ଭଜନ ଗାନ କରିଥିଲେ । ଏହି ଅବସରରେ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

● ଅନିତ ଚକ୍ରବର୍ତ୍ତୀ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା

## ରାଞ୍ଚିକୁ ହରାଇ ଝାରସୁଗୁଡ଼ା ସେମିରେ

ବ୍ରଜରଜନଗର,୧୩।୨(ସମିସ): ସ୍ଥାନୀୟ ଇଣ୍ଟିଗ୍ରିଟି କ୍ରିକେଟ ପଡିଆରେ ଚାଲିଥିବା ପ୍ରଥମ ଅନିତ ଚକ୍ରବର୍ତ୍ତୀ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାରେ ଶୁକ୍ରବାର ରକଅନ ରାଞ୍ଚି ଓ ସାଇନିଂଷ୍ଟାର ଝାରସୁଗୁଡ଼ା ମଧ୍ୟରେ ଖେଳାଯାଇଛି । ଏଥିରେ ସାଇନିଂଷ୍ଟାର ଝାରସୁଗୁଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୬୩ ରନ କରିଥିଲା । ଜବାବରେ ରାଞ୍ଚି ଭଲ ଖେଳ ପ୍ରଦର୍ଶନ କରିଥିଲେ ସୁଦ୍ଧା ଶେଷ ସମୟରେ ନିୟମିତ ୱିକେଟ ହରାଇ ୧୪୫ ରନ କରି ଅଲ ଆଉଟ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲା । ମୋହନ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ । ପ୍ରଜ୍ୱଳ ପଟେଲ ଓ ଜୟ ସିଂ ଆମ୍ପାୟର ହୋଇ ଖେଳ ପରିଚାଳନା କରିଥିଲେ । ଆୟୋଜକ ଇଣ୍ଟିଗ୍ରିଟି କ୍ଲବ୍‌ର ସଭାପତି ଅଭିଷେକ ସିଂ, ଚନ୍ଦନ ଶ୍ରୀବାସ୍ତବ, ଭିକି ପାତ୍ର, ରାକେଶ ଶ୍ରୀବାସ୍ତବ, କିସମତ ଅଲି, ଅଭିଦ ହୁସେନ, ନେହାଲ ଯାଦବ, ତନ୍ମୟ ମାଇତି, ବିନୋଦ ଯାଦବ, କଏସ ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ ।



## ଚୋରି ବାଇକ୍ ଜବତ, ୨ ଗିରଫ

ପଦ୍ମପୁର,୧୩।୨(ସମିସ): ପଦ୍ମପୁର-ଜଗଦଲପୁର ରାସ୍ତାରୁ ଏକ ବାଇକ ଚୋରି ଘଟଣାରେ ୨ ଅଭିଯୁକ୍ତଙ୍କୁ ଶୁକ୍ରବାର ପଦ୍ମପୁର ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଦୀପକ ସାହୁ (୨୫) ଏବଂ ମନୋଜ ମହାନନ୍ଦ (୨୩) । ଉଭୟ ଅଭିଯୁକ୍ତ ବୁର୍ଲା ଥାନା ଅଞ୍ଚଳର ଗାନ୍ଧୀପଡା ନିବାସୀ ବୋଲି ପୁଲିସ ସୂଚନା ଦେଇଛି । ଗତ ୨ ତାରିଖରେ ହୋଇଥିବା ଏହି ଚୋରି ଘଟଣା ନେଇ ପଦ୍ମପୁର ଥାନାରେ ଅଭିଯୋଗ ହୋଇଥିଲା । ମାମଲା ରୁଜୁ ପରେ ବିହିତ



ତଦନ୍ତ କରି ପଦ୍ମପୁର ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାହୋଇଛି । ପଦ୍ମପୁର ଥାନାର ଭାରପ୍ରାପ୍ତ ଅଧିକାରୀ କେ ସିମିରିଆ ମାମଲା ସମ୍ପର୍କରେ ସୂଚନା ଦେଇଛନ୍ତି ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ବରଗଡ଼,୧୩।୨(ସମିସ): ବରଗଡ଼ ସହର ଉପକଣ୍ଠ ବରାହଗୋଡାରେ ମର୍ମନ୍ତୁଦ ବାଇକ ଦୁର୍ଘଟଣା ଘଟିଛି । ଏଥିରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ମୃତକ ବାଇକ୍ ଆରୋହୀ ବରଗଡ଼ ମନାବନ୍ଧ ପଡାର ସନ୍ତୋଷ



ରଣା (୨୦) ବୋଲି ଜଣାପଡ଼ିଛି । ତେବେ ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଛି । ଆଜି ସନ୍ଧ୍ୟା ୫ରେ ବରଗଡ଼-ବରାହଗୁଡା ରାସ୍ତାରେ ଦୁର୍ଘଟଣା ଘଟିଛି । ଘଟଣା ସ୍ଥଳରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା ଓ ଅନ୍ୟ ଜଣେ ଏଥିରେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିବା ବେଳେ ଘଟଣା ସ୍ଥଳରେ ଗ୍ରାମାଞ୍ଚଳ ଥାନା ଅଧିକାରୀ ସୁଶାନ୍ତ ଦାଶ ଓ ତାଙ୍କ ଷ୍ଟାଫ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି ।

## ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ବୈଠକ



ବରଗଡ଼,୧୩।୨(ସମିସ): ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ, ବରଗଡ଼ର ନବ ନିଯୁକ୍ତ ଜିଲ୍ଲା କନଭେନର, ସହ କନଭେନର, ବ୍ଲକ୍ କନଭେନର ଓ ଜିଲ୍ଲା କମିଟିକୁ ନେଇ ଜିଲ୍ଲା କନଭେନର ଦିଲୀପ ଦାସ ଓ ସହ କନଭେନର ବାସମତି ବଞ୍ଛୋରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ବରଗଡ଼ ଠାରେ ଅନୁଷ୍ଠିତ ହୋଇଛି । ଏଥିରେ ଓଡ଼ିଶା ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ସମ୍ପାଦକ ବରିଷ୍ଠ କଂଗ୍ରେସ ନେତା ତଥା ସମାଜସେବୀ ପାଣ୍ଡବ କର୍ଣ୍ଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟ ତଥା କେନ୍ଦ୍ର ବିଜେପି ସରକାରର ବିଫଳତା, ଦୋମୁହାଁ ନୀତି, ଚାଷୀ ଓ ଶ୍ରମିକଙ୍କ ସମସ୍ୟା, ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା, ନାରୀ ନିର୍ଯାତନା, ମନରେଗା ଯୋଜନା, ୩୦୦ ୟୁନିଟ ମାଗଣା ବିଦ୍ୟୁତ୍ ଯୋଗାଣ, ସ୍ମାର୍ଟ ମିଟର, ଧାନର ଅଭାବୀ ବିକ୍ରି, ଆବଶ୍ୟକୀୟ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶ ଛୁଆଁ ମୂଲ୍ୟବୃଦ୍ଧି ଆଦି ବିଷୟରେ ଆଲୋଚନା କରିଥିଲେ । ଆଗାମୀ ଦିନରେ ପ୍ରତିବାଦ ସଭା ମାନ ଆୟୋଜନ ସହିତ ପଞ୍ଚାୟତ ଏବଂ ଅନ୍ୟାନ୍ୟ ନିର୍ବାଚନରେ ସଂଗଠନର ଭୂମିକା ଆଲୋଚନା ହୋଇଥିଲା । କଂଗ୍ରେସ ଦଳର ଆଭିମୁଖ୍ୟରେ ଉଦ୍‌ବୁଦ୍ଧ ହୋଇ ଅନେକ ଯୁବକ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନରେ ଯୋଗ ଦେଇଛନ୍ତି ।

ସେମାନେ ହେଲେ ରାକେଶ ରୋସନ୍ ଦାସ, ହେମନ୍ତ ବେହେରା, ଦୁଃଖବନ୍ଧୁ ବଗର୍ତ୍ତି ଓ ଅନ୍ୟମାନେ । ଆଜିର ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆନନ୍ଦ ପଧାନ, ଦୋଳଗୋବିନ୍ଦ ବେହେରା, ଠାକୁର ସାହୁ, ଅବସର ପ୍ରାପ୍ତ ମେଜର ସୁବେଦାର୍ ନିତ୍ୟାନନ୍ଦ ବିଶ୍ୱାଳ, ଯୁଧିଷ୍ଠିର ଭୁଏ, ପ୍ରତାପ ମେହେର, ଠକୁ ଭୋଇ, ବିର୍ ସେନ୍ ଖମାରୀ, ବଳରାମ ଭୋଇ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର

ଦେବଗଡ଼,୧୩।୨(ସମିସ): ୨୦୨୭ ଜନଗଣନା କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଦେବଗଡ଼ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଶିବିର ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖୀ ଯୋଗ ଦେଇଥିଲେ । ପ୍ରତି ୧୦ ବର୍ଷରେ ଦେଶରେ ଜନଗଣନା କରାଯିବା ନିୟମ ରହିଥିବା ସେ କହିଥିଲେ । ଶେଷ ଜନଗଣନା ୨୦୧୧ରେ ହୋଇଥିବା ଏବଂ କୋଭିଡ ମହାମାରୀ କାରଣରୁ ୨୦୨୧ରେ ହୋଇ ନ ପାରି ୨୦୨୭ରେ ଜନଗଣନା କରାଯାଉଥିବା ପ୍ରକାଶ କରିଥିଲେ । ୨୦୨୭ ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ । ପ୍ରଥମ ପର୍ଯ୍ୟାୟରେ ୨୦୨୬ ଏପ୍ରିଲ ୧୬ରୁ ମେ ୧୫ ତାରିଖ ମଧ୍ୟରେ ଗୃହ ତାଲିକା ଓ ଗୃହ ଗଣନା କରାଯିବ । ନାଗରିକ ମାନେ ସେନସସ୍ ପୋର୍ଟାଲ୍‌ରେ ଲଗ୍‌ଇନ୍ କରି ଆତ୍ମଗଣନା କରିପାରିବେ । ଏହା ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ଶ୍ରୀ ମୁଖୀ ସୂଚନା ଦେଇଥିଲେ । ଏହାପରେ ଅଧିକାରୀମାନେ ମୋବାଇଲ୍ ଆପ ଜରିଆରେ ଘରକୁ ଘର



ଯାଇ ତଥ୍ୟ ସଂଗ୍ରହ କରିବେ । ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ଜନଗଣନା ହେବ ଏବଂ ମାର୍ଚ୍ଚ ୧ରୁ ୫ ପର୍ଯ୍ୟନ୍ତ ସଂଶୋଧନ ରାଉଣ୍ଡ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ । ବର୍ତ୍ତମାନ ଗୃହ ଗଣନା ପାଇଁ ଗୃହ ତାଲିକା ବ୍ଲକ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଉଥିବା ପ୍ରକାଶ କରିଥିଲେ । ଏହି ଜନଗଣନା ପ୍ରଥମ ଥର ପାଇଁ ଡିଜିଟାଲ ହେବାରୁ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ସେଲ୍ଫ ଏନ୍ୟୁମେରେସନ, ସଧାରଣ ଜନତାଙ୍କ ସୁବିଧା ପାଇଁ ନାଗରିକମାନେ ନିଜର ତଥ୍ୟ ପ୍ରଦାନ କରିପାରିବେ । ଏହା ବ୍ୟତୀତ ମୋବାଇଲ୍ ଆପ୍ଲିକେଶନରେ ମଧ୍ୟ ଜନଗଣନା ପାଇଁ ନିଜେ ନିଜର ସମ୍ପୂର୍ଣ୍ଣ ତଥ୍ୟ ଦେଇ ପାରିବେ । ଏଥିରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କୁ ମାଷ୍ଟର ଟ୍ରେନର, ତହସିଲ ସ୍ତରୀୟଙ୍କୁ କ୍ଷେତ୍ରୀୟ ଟ୍ରେନର ଏବଂ ଶିକ୍ଷକ ମାନଙ୍କୁ ଗଣନାକାରୀ ଓ ସୁପରଭାଇଜର ଭାବେ ନିୟୋଜିତ କରାଯିବ ବୋଲି ପ୍ରକାଶ କରିଥିଲେ । ବୈଠକରେ ଦେବଗଡ଼ ତହସିଲଦାର କର୍ଣ୍ଣ ମଲିକ, ରିଆମାଳ ତହସିଲଦାର ବିଜୟଲକ୍ଷ୍ମୀ ନାୟକ, ବାରକୋଟ ତହସିଲଦାର ରବୀନ୍ଦ୍ର ସାମଲ, ପୌର ପରିଷଦ ନିର୍ବାହୀ ଅଧିକାରୀ ରିତିକାନ୍ତ ଶୁକ୍ଲା, ଜିଲ୍ଲା ଶିକ୍ଷା ଅଧିକାରୀ ଗେହ୍ରାକୁଜୁର, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ଜିଲ୍ଲା ଇ-ପ୍ରଶାସକ ପରିଚାଳକ ବିକାଶ ସାହୁ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ତରଣୀ ବେହେରା, ଜନଗଣନା ନିର୍ଦ୍ଦେଶାଳୟର କୀର୍ତ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଅତିରିକ୍ତ ତହସିଲଦାର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ବ୍ରଜରାଜନଗରରେ କିଶୋରୀ ମେଳା



ବ୍ରଜରାଜନଗର,୧୩।୨(ସମିସ): ବ୍ରଜରାଜନଗର ପୌରପରିଷଦ ଅଧୀନ ୱାର୍ଡ ୯ ଓ ୧୦ର ୭ଟି ଅଙ୍ଗନବାଡି କେନ୍ଦ୍ରକୁ ନେଇ ଶୁକ୍ରବାର 'କିଶୋରୀ ମେଳା (ଏମ୍‌ପିଏସ୍‌ୱାଇ ୨୦୨୫-୨୬)' ଆୟୋଜିତ ହୋଇଯାଇଛି । ୱାର୍ଡ ନଂ ୧୦ର କାଉନସିଲର କିରଣ ଛତ୍ରୀୟା ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ କିଶୋରୀ ଝିଅ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ସଂଗୀତ, ତର୍କ-ବିତର୍କ ଓ ବିଜ୍ଞାନ ପ୍ରଦର୍ଶନୀ ଆଦି ଆୟୋଜିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କିଶୋରୀ ମାନଙ୍କୁ ଟ୍ରଫି ଓ ଉପହାର ଦେଇ ପୁରସ୍କୃତ କରାଯାଇଥିଲା । ଆୟୋଜନକୁ ସଫଳ କରିବାରେ ଆଙ୍ଗନବାଡି କର୍ମୀ ସୁଷ୍ମା ନାୟକ, ସବିତା ପୁରୋହିତ, ଢୁଲୁନା, କୁନୁ, ସ୍ନେହଲତା ନାୟକ, ନମ୍ରତା ଗୁରୁ ଓ ପୂର୍ଣ୍ଣିମା ମହାନନ୍ଦ ସହଯୋଗ କରିଥିଲେ ।

ସ୍ୱାସ୍ଥ୍ୟ ବିଭାଗର ଆଶା ଓ ଏଏନଏମ୍ କର୍ମୀମାନେସହିତବହୁସଂଖ୍ୟକଅଭିଭାବକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

### ପଞ୍ଚପଡ଼ା ଶିଶୁବିକାଶ ବିଦ୍ୟାମନ୍ଦିରର ୭ମ ବାର୍ଷିକ ଉତ୍ସବ

# ଶିଶୁଙ୍କ ବିକାଶ ହିଁ ରାଷ୍ଟ୍ରର ବିକାଶ

ଝାରସୁଗୁଡ଼ା,୧୩।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ପଞ୍ଚପଡା ଶିଶୁ ବିକାଶ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ବିଦ୍ୟାମନ୍ଦିରରେ ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ଯୋଗ ଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଆୟୋଜିତ ଉତ୍ସବରେ ନିମନ୍ତ୍ରିତ ଅନ୍ୟ ଅତିଥିଙ୍କ ମଧ୍ୟରେ ଝାରସୁଗୁଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ଅନିଲ ପଟେଲ, ୱାର୍ଡ ନଂ ୯ର କାଉନସିଲର ପ୍ରତିମା ଭୈଷାଲ, ଆଇନଜୀବୀ ରଘୁମଣି ପଟେଲ, ଅଶୋକ ଦାସ, ପ୍ରଧାନଆଚାର୍ଯ୍ୟା ମମତା ସିଂହ ଓ ବିଦ୍ୟାଳୟ ସମ୍ପାଦକ ଦିଗାମ୍ବର ମାଝୀ ପ୍ରମୁଖ ମଞ୍ଚାସୀନ ରହିଥିଲେ । ବିଦ୍ୟାଳୟର ସମ୍ପାଦକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟା ମମତା ସିଂହ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଡ.ଗଡତିଆ ନିଜ ଅଭିଭାଷଣରେ ଶିଶୁଙ୍କର ବିକାଶ ହିଁ ହେଉଛି ରାଷ୍ଟ୍ରର ବିକାଶ ବୋଲି କହିଥିଲେ । ବ୍ଲକ୍ ଶିକ୍ଷା ଅଧିକାରୀ ଅନିଲ




ପଟେଲ ଶିଶୁବିକାଶ ବିଦ୍ୟାମନ୍ଦିରର ଶିକ୍ଷଣ ପଦ୍ଧତି ଓ ସଂସ୍କାର ମୂଳକ ଶିକ୍ଷା ଜିଲ୍ଲା ପାଇଁ ଦୃଷ୍ଟାନ୍ତ ବୋଲି କହିଥିଲେ । ମୁଖ୍ୟ ଅତିଥି ଡ. ଗଡତିଆଙ୍କ ଦ୍ୱାରା ଝାରସୁଗୁଡ଼ା ସେତୁ ପତ୍ରିକା ସମ୍ପାଦକ ତଥା ସାରଳା ପୁରସ୍କାର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ବରିଷ୍ଠ ସାହିତ୍ୟିକ ଗଇନ୍ତିଆ ଜମିଉଲ୍ଲାଙ୍କୁ ସମ୍ମାନିତ କରାହୋଇଥିଲା । ଚଳିତ ଶିକ୍ଷାବର୍ଷରେ ସରକାରୀ ମେଧାବୃତ୍ତିରେ ବିଦ୍ୟାଳୟ ପାଇଁ କୃତିତ୍ୱ ଅର୍ଜନ କରିଥିବା ପଞ୍ଚମ ଶ୍ରେଣୀରେ ସାଇକ୍ରିଷ୍ଣା ମାଝୀ, ପ୍ରିୟାଂଶୁ ଜେନା, ଭବେଶ ବେହେରା ଓ ତୃତୀୟ ଶ୍ରେଣୀରେ ସ୍ନେହାଶ୍ରୀ ବିଶ୍ୱାଳ, ସ୍ୱର୍ଣ୍ଣପ୍ରଭା ବିଷୋଇଙ୍କୁ ମଞ୍ଚାସୀନ ଅତିଥି ପୁରସ୍କୃତ କରିଥିଲେ । ବାର୍ଷିକ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟର କୁନିକୁନି ଶିଶୁ ଭାଇଭଉଣୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ମନ୍ଦାକିନୀ ମାକର ପରିଚାଳନା କରିଥିଲେ । ତାଙ୍କୁ କୁସୁମ ନଇ, ବୀଣାପାଣି ପ୍ରଧାନ, ଯଶୋବନ୍ତୀ ମେହେର, ମୈଥିଳି ସାହୁ, ରଞ୍ଜିତା ନାଏକ, ଚନ୍ଦ୍ରିକା କିଷାନ, ଝରଣା ସାହୁ, ଶିବାନୀ ସାହୁ, ଅମୟ ନାଏକ ପ୍ରମୁଖ ସହଯୋଗ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ 'ମୋବାଇଲ ଫୋନ' ପ୍ରଦର୍ଶିତ ହୋଇଥିଲା । ନାଟକଟିରେ ବିଦ୍ୟାଳୟର ରଶ୍ମିପ୍ରଭା ବେହେରା, ସମ୍ପୂର୍ଣ୍ଣା ପ୍ରିୟଦର୍ଶନୀ, ରିସୀମା ପଟେଲ, ପ୍ରଜ୍ଞାନ ପରିଡା, ଭବେଶ ବେହେରା, ସାଇକ୍ରିଷ୍ଣା ମାଝୀ, ସାଇରାମ ଗଉଡ, ପ୍ରିୟାଂଶୁ ଜେନା ଅତିଜୀବନ୍ତ ଭାବେ ଅଭିନୟ କରିଥିଲେ । ପ୍ରିୟଙ୍କା ମହାରଣା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ବ୍ରଜରାଜନଗର ନାଟ୍ୟଗୁରୁ ବିପିନ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପଞ୍ଚପଡାର ଗୋବିନ୍ଦ ସାହୁ ଓ ନୀଳ ପାଣ୍ଡେଙ୍କର ମହିଳା ସଂକୀର୍ତ୍ତନ ମଣ୍ଡଳୀ ଅତିଥିଙ୍କ ସ୍ୱାଗତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ସୁଭାଷ ଜୟପୁରିଆ, ପ୍ରେମାନନ୍ଦ ପଟେଲ, ଅଜିତ ମେହେର, ଚନ୍ଦ୍ରକାନ୍ତ ମହାରଣା, ଉଦିତ ପଣ୍ଡା, ଚିତ୍ରସେନ କଣ୍ଟା, କେଶବ ଭୈଷା, ବିକ୍ରମ ବିଶ୍ୱାଳ, ନୀଳ ପାଣ୍ଡେ, ମନୋଜ ପାତ୍ର, ସୁଶୀଲ ନାୟକ, ମନୋଜ ବେହେରା, ଲବ ଖଟୁଆ, ତପନ ମିଶ୍ର, ପ୍ରଦୀପ ମାଝୀ, ସଂକୀର୍ତ୍ତନ ପଟେଲ, ସନ୍ୟାସୀ ଗଉଡ଼, ମଧୁସ୍ମିତା ନାଏକ, ଗୀତାଞ୍ଜଳି ନାଏକ, ଭୂମିସୁତା ବେହେରା, ଶ୍ରଦ୍ଧାଞ୍ଜଳି ପଡିହାରୀ, ଲିଲିମା ପଟେଲ ପରିଶେଷରେ ହଜାର ହଜାର ଲୋକଙ୍କ ପ୍ରସାଦ ପ୍ରସ୍ତୁତି ପାଇଁ ମୀରା ନଇ, ସୁରେ ବିଶି, ସବିତା ପାଣ୍ଡେ, ଗୋଲାପୀ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟର କୋଷାଧକ୍ଷା ପ୍ରିୟଙ୍କା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ।



■ ଏପ୍ରିଲ ୧ରେ ମାରାଗୁଡ଼ା ଲୋକ ମହୋତ୍ସବ

# କାର୍ଯ୍ୟକ୍ରମସ୍ଥଳକୁ ନେଇ ସଂସ୍କୃତିପ୍ରେମୀ ଖପ୍ପା

**ନୂଆପଡ଼ା, ୧୩।୨ (ସମିସ):** ନୂଆପଡ଼ା ଜିଲ୍ଲାର କଳାସାହିତ୍ୟ ସଂସ୍କୃତିର ମହାପାର୍ବଣ ମାରାଗୁଡ଼ା ଲୋକମହୋତ୍ସବ ମହାସମାରୋହରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ସ୍ଥାନୀୟ ସଦଭାବନା ଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା ଦିପ, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଣଜିତ ନାୟକ, ଉପଜିଲ୍ଲାପାଳ ସୁରମୀ ସୋରେନ, ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର, ଖଡିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖରିଆରରୋଡ ଏନଏସି ଅଧକ୍ଷା ଡ. ସୋନିଆ ଜୈନ, ଲୋକପ୍ରତିନିଧି, ସମାଜର ବିଭିନ୍ନ ବର୍ଗର ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ, କଳାକାର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ସଭା ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ଗତ ବର୍ଷର ମାରାଗୁଡ଼ା ଲୋକମହୋତ୍ସବର ବିବରଣୀ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ମାରାଗୁଡ଼ା ଲୋକମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆସନ୍ତା ଏପ୍ରିଲ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ନ୍ୟାସନାଲ କଲେଜ ପଡ଼ିଆରେ ଆୟୋଜନ କରିବାକୁ ବୈଠକରେ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା। ଉଲ୍ଲେଖଯୋଗ୍ୟ ଯେ ମିନି ନିଷ୍ଟାଡିୟମ ଏଥର ନିର୍ମାଣାଧୀନ ରହିଥିବାହେତୁ ବହୁ ଟଣାଓଟରା ପରେ ନ୍ୟାସନାଲ କଲେଜ ପଡ଼ିଆରେ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ହେଲେ ଏହି ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରୁ ପ୍ରତିବାଦରେ ସ୍ୱର ଆସୁଛି। ନୂଆପଡ଼ା ସହର ଛାଡ଼ି ଦୂରରେ କାର୍ଯ୍ୟକ୍ରମ ହେଲେ ଲୋକଙ୍କର ଗ୍ରହଣୀୟତା ହେବନାହିଁ ବୋଲି ମତ ଆସୁଛି। ତେବେ ସୁଚାରୁରୂପେ ଓ ସଫଳ ଭାବେ ପାଳନ କରିବା ପାଇଁ ୧୩ଟି କମିଟି ଗଠନ କରାଗଲା। ସେଗୁଡ଼ିକ ହେଲାଉପଦେଷ୍ଟା କମିଟି, ଅଭ୍ୟର୍ଥନା କମିଟି, ବିତ୍ତ କମିଟି, ପ୍ରଦର୍ଶନୀ କମିଟି, ଖାଦ୍ୟ କମିଟି, ବାସ କମିଟି, ମଞ୍ଚ ପରିଚାଳନା କମିଟି, ପ୍ରଚାର ପ୍ରସାର କମିଟି, ସୁରକ୍ଷା ଓ ନିରାପତ୍ତା କମିଟି, ପରିମଳ କମିଟି, ସାଂସ୍କୃତିକ କମିଟି, ସ୍ମରଣିକା କମିଟି ଓ ବୌଦ୍ଧିକ କମିଟି। ପ୍ରତ୍ୟେକ କମିଟିକୁ ନିଜ ନିଜ ଦାୟିତ୍ୱ ସୁଚାରୁ ଭାବେ ପାଳନ କରିବାକୁ ଦାୟିତ୍ୱ ଦିଆଗଲା। ଜିଲ୍ଲାପାଳ ଲୋକମହୋତ୍ସବକୁ ଜିଲ୍ଲାର ଗୌରବମୟ ପରମ୍ପରା ଓ ସଂସ୍କୃତିର ପ୍ରତିକ ଭାବେ ବିବେଚନା କରି ସମସ୍ତ ଲୋକପ୍ରତିନିଧି, ନୂଆପଡ଼ାବାସୀ, ସରକାରୀ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସମନ୍ୱୟ ଓ ସହଯୋଗ କାମନା କରିଥିଲେ। କବି ଗୌରାଙ୍ଗ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରସ୍ତୁତି ବୈଠକକୁ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା ଆୟୋଜନ କରିଥିଲେ।




ମହିଳାଙ୍କୁ ହତ୍ୟା ପରେ ମାଟିତଳେ ପୋତିବା ଘଟଣା

# ସ୍ୱାମୀ ସହ ୪ ଅଭିଯୁକ୍ତ କୋର୍ଟ ଚାଲାଣ

**ଭବାନୀପାଟଣା, ୧୩।୨(ସମିସ)**

ଭବାନୀପାଟଣା ସହର ଉପକଣ୍ଠ ଶ୍ରୀପୁରସ୍ଥିତ ଏକ ଫାର୍ମହାଉସ ଅଞ୍ଚଳରୁ ପୁଲିସ ଗତ ୯ତାରିଖ ଦିନ ମାଟିତଳୁ ଜଣେ ଗର୍ଭବତୀ ମହିଳାଙ୍କ ଶବ ଉଦ୍ଧାର କରିଥିଲା। ଏହି ହତ୍ୟା ମାମଲାରେ ପୁଲିସ ଆଜି ମୁଖ୍ୟ ଅଭିଯୁକ୍ତ ମହିଳାଙ୍କ ସ୍ୱାମୀ ଲଳିତ ଓ ସହଯୋଗୀ ଦୁଷ୍ମନ୍ତ ସମେତଙ୍କ ଲଳିତଙ୍କ ମା' ସୁମିତ୍ରା ପଟେଲ (୫୦) ଓ ମାଉସୀ ଗୀତାଞ୍ଜଳି ପଟେଲ (୪୦)ଙ୍କୁ କୋର୍ଟ ଚାଲାଣ କରିଛି। ମୃତ ମହିଳାଙ୍କ ନାମ ବର୍ଷା ପଟେଲ (୨୫) ଓ ସେ ଭବାନୀପାଟଣା ସଦର ଥାନା ଅଧୀନ ସରଲାଞ୍ଜିର ବୋଲି ଜଣାପଡ଼ିଥିଲା।

ସୂଚନା ଅନୁସାରେ, ତଣ୍ଟିଚିପି ହତ୍ୟା ଘଟଣା ପରେ ମୃତ ମହିଳାଙ୍କ ସ୍ୱାମୀ ନୀଳାମ୍ବର ଓରଫ ଲଳିତ ପଟେଲ ଫେରାର ହୋଇଯାଇଥିବାରୁ ପୁଲିସର ସନ୍ଦେହ ବଢ଼ିଥିଲା। ପରେ ପୁଲିସ ଲଳିତକୁ ଧରିବା ପାଇଁ ଜାଲ ବିଛାଇ ସବୁ ପ୍ରକାର ଉଦ୍ୟମ କରିଥିଲା। ଶେଷରେ ଲଳିତକୁ ଧରିବା ପାଇଁ ପୁଲିସ ପ୍ରଥମେ ଚେନ୍ନାଇରେ ପହଞ୍ଚିଥିଲା। ଲଳିତ ଟ୍ରେନରେ ବସିଥିବା ଜାଣିପାରି ପୁଣି ତିରୁପତି ଫେରି ଏକ ବଡ଼ ଇଟା ଭାଟିରୁ ଧରିବାରେ ସକ୍ଷମ ହୋଇଥିଲା। ପୁଲିସ ତଦନ୍ତର ଟିକି ନିଖି ଖବର ଫାର୍ମ ହାଉସରେ ରହି ଲଳିତର ସହଯୋଗୀ ଚକ୍ରଧର ନଗରର ଦୁଷ୍ମନ୍ତ ଖବର ଦେଉଥିଲା। ଦୁଷ୍ମନ୍ତ ସେହି ଫାର୍ମ ହାଉସରେ କାର୍ଯ୍ୟକରେ। ସବୁଠାରୁ ରୋଚକପୂର୍ଣ୍ଣ କଥାହେଲା ଆରମ୍ଭରେ ଯେତେବେଳେ ପୁଲିସ ଖବରପାଇ ଫାର୍ମ ହାଉସକୁ ଯାଇଥିଲା ସେତେବେଳେ ଦୁଷ୍ମନ୍ତ କିଛି ନଜାଣିବା ଅଭିନୟ କରି ପୁଲିସ ନିକଟରେ ଉପସ୍ଥିତଥିଲା ଏବଂ ପୁଲିସ ଯାହା ପଚାରିଲେ ସବୁ କହୁଥିଲା। ଏହି ହତ୍ୟା ଘଟଣାରେ ଲଳିତକୁ ସହଯୋଗ କରିଥିବା ଦୁଷ୍ମନ୍ତ ଗଉଡ଼ ନିଜକୁ ବଞ୍ଚାଇବା ଲାଗି ମୃତଦେହ ଉଦ୍ଧାର ପର୍ଯ୍ୟନ୍ତ ରହିଥିଲା। ପୁଲିସ ଯେତେବେଳେ ତିରୁପତି ନିକଟରୁ ଲଳିତକୁ ଗିରଫ କଲା ଠିକ ସେହି ସମୟରେ ଦୁସ୍ମନ୍ତର ଅସଲ ସ୍ୱରୂପ ପୁଲିସ ଜାଣିପାରିଲା। ତୁରନ୍ତ ଦୁଷ୍ମନ୍ତକୁ ପୁଲିସ ଉଠାଇ ଆଣିଥିଲା। ଲଳିତର ମାଉସୀ ଗୀତାଞ୍ଜଳି ପଟେଲ ଦୁଷ୍ମନ୍ତକୁ ଟଙ୍କା ଲୋଭ ଦେଖାଇଥିଲା। ଲଳିତଙ୍କ ମାଆ ସୁମିତ୍ରା ପଟେଲ (୫୦) ଗ୍ରୁପ୍ ଟଙ୍କା ଉଠାଇ ପ୍ରଥମେ ୫୦ହଜାର ଟଙ୍କା ଏବଂ ସମୟରେ ପୂର୍ବରୁ ୪୦ହଜାର ଟଙ୍କା ଦୁଷ୍ମନ୍ତକୁ ଦେଇଥିଲେ।


ମୃତ ମହିଳା



ବର୍ଷାକୁ ଜୀବନରେ ମାରିବା ପାଇଁ ଦୀର୍ଘ ଦୁଇ ମାସ ପୂର୍ବରୁ ଲଳିତ, ତାଙ୍କ ମାଆ ଓ ମାଉସୀ ଚକ୍ରାନ୍ତ ଚଳାଇଥିଲେ। ଗତ ଜାନୁଆରୀ ୨୬ ତାରିଖରେ ବର୍ଷାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବାବେଳେ ଦୁଷ୍ମନ୍ତ ସହଯୋଗରେ ତିନିଦିନ ଆଗରୁ ଗାତ ଖୋଳି ସାରିଥିଲେ। ସେପଟେ ଲଳିତ ତୁର୍କେଲ ଗାଁ ନିକଟସ୍ଥ ଅନ୍ୟ ଏକ ଝିଅ ସହ ପରକିୟା ପ୍ରୀତିରେ ମାତିବା ଓ ବିବାହ ପାଇଁ ମନସ୍ଥ କରିସାରିଥିଲା। ତେଣୁ ବର୍ଷାକୁ ରାସ୍ତାରୁ ହଟାଇବା ଜରୁରୀବୋଲି ଭାବି ୮ମାସର ଗର୍ଭବତୀ ସ୍ତ୍ରୀକୁ ଜୀବନରେ ମାରିଦେବାକୁ ଷଡ଼ଯନ୍ତ୍ର କରିଥିଲା। ପ୍ରକାଶ ଯେ, ବର୍ଷାକୁ ଗତ ଜାନୁଆରୀ ୨୬ରେ ସମ୍ବଲପୁର ମେଡିକାଲ ଯିବାକୁ କହି ଏକ କାର୍‌ରେ ଉକ୍ତ ଫାର୍ମ ହାଉସକୁ ନେଇଥିଲେ। ସେଠାରେ ଆଉ ଏକ ଗାଡି ଧରି ଯିବା ବୋଲି ବର୍ଷାକୁ ଲଳିତ କହିଥିଲା। ହେଲେ ସେଠାରେ ପହଞ୍ଚିବା ପରେ

### ୮ମାସର ଗର୍ଭବତୀ ଥିଲେ ବର୍ଷା

ବର୍ଷାକୁ ସ୍ୱାମୀ ଲଳିତ ଓ ତାଙ୍କ ସହଯୋଗୀ ତଣ୍ଟିଚିପି ହତ୍ୟା କରିଥିଲେ। ଏହାପରେ ଲଳିତ ତାଙ୍କ ମାଆ ସୁମିତ୍ରା ଓ ମାଉସୀ ଗୀତାଞ୍ଜଳିଙ୍କୁ ମଧ୍ୟ ଘଟଣାସ୍ଥଳକୁ ଡାକିକି ଆଣିଥିଲେ। ପରେ ସମସ୍ତେ ମିଶି ବର୍ଷାର ମୃତଦେହକୁ ପୋତିଥିଲେ। ଗୁରୁବାର ପୁଲିସ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ କରିବା ବେଳେ ସତ କଥା ଓଗାଳି ଥିଲା ଅଭିଯୁକ୍ତ ଲଳିତ। ଏନେଇ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ନାରୀ ହିଁ ନାରୀର ଶତ୍ରୁ ପାଲିଛି। ମାଆ ଓ ମାଉସୀ କଥାରେ ପଡ଼ି ଲଳିତ ନିଜ ସ୍ତ୍ରୀକୁ ହତ୍ୟା କରିଥିଲା।

# ୧୫ ଫୁଟ୍ ତଳକୁ ପଡ଼ି ବାଇକ୍ ଚାଳକ ମୃତ

**ଥୁଆମୂଳ ରାମପୁର, ୧୩।୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅଧୀନ ତୁନାପାରୀ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ନିୟନ୍ତ୍ରଣ ହରାଇ ଏକ ବାଇକ୍ ରାସ୍ତାରୁ ପ୍ରାୟ ୧୫ ଫୁଟ୍ ତଳ ଚାଷ ଜମିକୁ ଖସିପଡ଼ିଥିବାରୁ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକଙ୍କ ନଜରକୁ ଆସିବା ପରେ ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ଦିଆଯାଇଥିଲା। ଥୁଆମୂଳ ରାମପୁର ପୁଲିସ ଥାନା ପକ୍ଷରୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରାଯାଇଥିଲା। ପ୍ରଥମେ ମୃତକଙ୍କ ପରିଚୟ ମିଳିନଥିଲେ ମଧ୍ୟ, ତାଙ୍କ ପ୍ୟାଣ୍ଟ ପକେଟରୁ ମିଳିଥିବା ମୋବାଇଲ୍ ଫୋନ୍ ଆଧାରରେ ପରିଚୟ ସ୍ଥିର କରାଯାଇଥିଲା। ମୃତକ ଜଣକ ହେଲେ ଗୁଣପୁର ନିକଟ ବାଲିସରା ଗ୍ରାମର କୁମାର ମାଝୀ (୫୫) ବୋଲି ପୁଲିସ ପକ୍ଷରୁ ଜଣାପଡ଼ିଛି। ଘଟଣା ସମ୍ପର୍କରେ ଗ୍ରାମବାସୀ ଓ ପରିବାରଲୋକଙ୍କୁ ସୂଚନା ଦିଆଯାଇଥିଲା। ପରେ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାରମ୍ଭିକ ସୂଚନା ଅନୁସାରେ, ଗୁରୁବାର କୁମାରୁ ମାଝୀ କୌଣସି କାମରେ ନିଜ ପୁଅର ବାଇକ୍‌ରେ ଥୁଆମୂଳ ରାମପୁର ଆସିଥିଲେ। ରାତିରେ ଘରକୁ ଫେରୁଥିବା ବେଳେ ଅନୁମାନ କରାଯାଉଛି ଯେ ବାଇକ୍ ନିୟନ୍ତ୍ରଣ ହରାଇ ରାସ୍ତାରୁ ତଳକୁ ଖସିପଡ଼ିଥିଲା, ଯାହାରେ ଏହି ଅଘଟଣ ଘଟିଥିଲା। ଏନେଇ ଥୁଆମୂଳ ରାମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଜୟପାଟଣା ପୌର ନିର୍ବାଚନ ପାଇଁ ସଜବାଜ

**ଜୟପାଟଣା, ୧୩।୨(ସମିସ):** ୨୦୨୪ ଫେବୃଆରୀ ୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟପାଟଣାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିଲେ। କିନ୍ତୁ ନିର୍ବାଚନ ଆଚରଣ ବିଧି ଲାଗୁ ହେବାପରେ ତାହାର ପରବର୍ତ୍ତୀ ପ୍ରକ୍ରିୟା ହୋଇ ନ ଥିଲା। ବର୍ତ୍ତମାନ ଓଡ଼ିଶା ଶାସନରେ ଥିବା ମୋହନ ସରକାର ରାଜ୍ୟରେବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିବା ବେଳେ ଜୟପାଟଣା ମଧ୍ୟ ସ୍ଥାନ ପାଇଛି। ଯାହାକୁ ନେଇ ବର୍ତ୍ତମାନ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଚିଠି ନମ୍ବର ୩୩୩/୧୨-୦୨-୨୫ ଅନୁଯାୟୀ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ଦର୍ଶାଯାଇଛି। ଚିଠି ପ୍ରକାଶନର ୧୦ ଦିନ ଆପତ୍ତି ଅଭିଯୋଗର ସମୟ ଦିଆଯାଇଛି। ଜୟପାଟଣାରେ ୧୨, ଖରିରମାଲରେ-୧ ଚିର୍କାରେ ଦୁଇଟି ସହ ଖାଲିଆଭଟା ପଞ୍ଚାୟତର ବନମାଳୀପୁରକୁ ସାମିଲ କରାଯାଇଛି। ସର୍ବମୋଟ୍ ୧୫ ୱାର୍ଡ ଗଠନ ହୋଇଛି। ଏଥିରେ କାଉନସିଲର ପଦ ପାଇଁ ୱାର୍ଡ ନମ୍ବର ୧୧ ଓ ୧୫ ଅନୁସୂଚିତ ଜନଜାତି(ମହିଳା) ପାଇଁ ଦୁଇଟି, ୱାର୍ଡ ନମ୍ବର-୪ ଅନୁସୂଚିତ ଜନଜାତି ପାଇଁ ଗୋଟିଏ, ୱାର୍ଡ ନମ୍ବର -୨ ଅନୁସୂଚିତ ଜାତି (ମହିଳା) ପାଇଁ ଗୋଟିଏ, ୱାର୍ଡ ନମ୍ବର-୫ ଅନୁସୂଚିତ ଜାତି ପାଇଁ ଗୋଟିଏ ଓ ଅନ୍ୟ ମହିଳାଙ୍କ ପାଇଁ ୱାର୍ଡ ନମ୍ବର-୬, ୧, ୭, ୧୨ ଓ ୧୩ ପାଞ୍ଚଟି ଆସନ ସଂରକ୍ଷିତ ରହିଛି। ଅନ୍ୟୱାର୍ଡ ୩, ୮, ୯, ୧୦ ଓ ୧୪ ପାଞ୍ଚଗୋଟି ୱାର୍ଡ ଅଣସଂରକ୍ଷିତ ଆସନ ରହିଛି। ତେବେ ଏବେଠାରୁ ଆରମ୍ଭ ହେଲାଣି ରାଜନୈତିକ ଉଷ୍ମତା। ବିଜେଡି, ବିଜେପି ଓ କଂଗ୍ରେସ କାହା କାହାକୁ ନିଜର ଦଳୀୟ ଟିକେଟ ଦେଉଛି ତା ଉପରେ ସମସ୍ତଙ୍କ ନଜର ରହିଛି। ଜୟପାଟଣା ବ୍ଲକ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଥିବା ବେଳେ ବର୍ତ୍ତମାନ ବିଜେଡିର ବିଧାୟକ ରହିଛନ୍ତି। ସେ ମଧ୍ୟ ସର୍ବାଧିକ ସିଟ ହାସଲ କରିବା ସହ ନିଜର ଅଧକ୍ଷ ଦେବା ପାଇଁ ଚେଷ୍ଟିତ ରହିଛନ୍ତି। ଅନ୍ୟପକ୍ଷରେ ତତ୍କାଳୀନ ଶାସନ ରେ ଥିବା ବିଜେପି ମଧ୍ୟ ଅନେକ ସିଟ ଅକ୍ତିଆର ସହ ନିଜର ଅଦକ୍ଷ ପାଇଁ ଚେଷ୍ଟା କରିବ। କଂଗ୍ରେସ ମଧ୍ୟ ଏହି ରେସ ରେ ପଛରେ ରହିବନି ସେ ମଧ୍ୟ ନିଜର ଅଦକ୍ଷ ପାଇଁ ପ୍ରୟାସ ଆରମ୍ଭ କଲାଣି। କିଏ ଜୟପାଟଣା ଲୋକଙ୍କ ମନ ମୋହୁଛି ତାହା ଆଗାମୀ ଦିନରେ କିଏ ଏନଏ ସିଂହାସନ ଅକ୍ତିଆର କରୁଛି ଦେଖିବାକୁ ବାକି ରହିଲା।



କୋମନା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅଚଳବସ୍ଥା

# ସ୍ଥାୟୀ କିରାଣି ଅଭାବରୁ ଗୁରୁତ୍ୱପୂର୍ଣ୍ଣ କାମରେ ବାଧା



**କୋମନା, ୧୩।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବେ ସମସ୍ୟା ଘେରରେ। ଦୀର୍ଘ ଦିନ ଧରି ସ୍ଥାୟୀ କିରାଣିଙ୍କ ଅଭାବ ଯୋଗୁଁ କାର୍ଯ୍ୟାଳୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ଫଳରେ ବ୍ଲକର ଶିକ୍ଷା ବ୍ୟବସ୍ଥା ଏବଂ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନରେ ଅହେତୁକ ବିଳମ୍ବ ପରିଲକ୍ଷିତ ହେଉଛି। ସ୍ଥାୟୀ କିରାଣି ନ ଥିବାରୁ ଦୈନନ୍ଦିନ ଫାଇଲ୍ କାମ, ଚିଠିପତ୍ର ଆଦାନ ପ୍ରଦାନ ଏବଂ ସରକାରୀ ଯୋଜନାର ତଥ୍ୟ ପ୍ରସ୍ତୁତିରେ ବଡ଼ ଧରଣର ବାଧା ସୃଷ୍ଟି ହେଉଛି। ଶିକ୍ଷକମାନଙ୍କର ଦରମା ବୃଦ୍ଧି, ସେବା ପୁସ୍ତିକା ଅଦ୍ୟତନ, ପେନସନ୍ ସମ୍ବନ୍ଧୀୟ କାର୍ଯ୍ୟ ଏବଂ ଅନ୍ୟାନ୍ୟ ପ୍ରଶାସନିକ କାମ ପାଇଁ ଶିକ୍ଷକମାନେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେଉଛନ୍ତି। ସୂଚନାଯୋଗ୍ୟ ଅଟେ, ଏହି କାର୍ଯ୍ୟାଳୟରେ ଜଣେ ମୁଖ୍ୟ କିରାଣି ଓ ଦୁଇଜଣ ସିନିଅର ଆସିଟାଣ୍ଟ ପଦ ଆବଶ୍ୟକତା ଥିବା ବେଳେ ବର୍ତ୍ତମାନ ସମୂହ ପଦ ଖାଲି ରହିଛି। ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସ୍ଥାୟୀ କିରାଣି ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।

ଖଡ଼ିଆଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢ଼ଉ

# ୧୫୦ଲିଟର ମଦ ଜବତ, ୭ ଗିରଫ

**ଖଡ଼ିଆଳ, ୧୩।୨(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମଦ ବିକ୍ରି ହେଉଛି। ଏହାକୁ ଧରିବା ପାଇଁ ନୂଆପଡ଼ା ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନେତୃତ୍ୱରେ ଖଡ଼ିଆଳ ଅବକାରୀ ବିଭାଗ ଖଡ଼ିଆଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୫୦ ମଦ ଜବତ କରିଥିବା ଜଣାପଡ଼ିଛି। ଏନେଇ ଅବକାରୀ ବିଭାଗ ହରିଶ କୁମାର ମହାରଥା(୨୬), ସୁଶାନ୍ତ କୁମାର (୩୩), ନକୁଳ କୁରାରେ(୨୪), ନନ୍ଦଲା କଲ୍ୟାଣୀ (୩୩), ଲ ବାରିକ (୫୨), ସାହେବ ମେହେର(୪୦), ରାଜୁ ବେହେରା(୪୦)ଙ୍କୁ କୋର୍ଟ ଚାଲାଣ କରିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏହି ଚଢ଼ଉରେ ଅବକାରୀ ନିରୀକ୍ଷକ ହୀରାବତୀ ଥାଟି, ସହ ନିରୀକ୍ଷକ ବୃନ୍ଦାବତୀ ଭୋଇ, ରୀକ୍ଷ ପଟେଲ, ଏ ଏସଆଇ ମରନାଥ ବିଶୋଇ, କନଷ୍ଟେବଳ ମଧୁସୂଦନ ସିଂ, ଗିରେନ୍ଦ୍ର କଟା, ପୂର୍ଣ୍ଣିମା କଟା, ବୈଜନ୍ତି ଶବର, ପୁରୋହିତ ବନଛୋର ପ୍ରମୁଖ ସାମିଲ ଥିଲେ।

# ସକାରାତ୍ମକ ଜୀବନ ଶୈଳୀ ସମ୍ପର୍କିତ ଆଲୋଚନାଚକ୍ର

**ବୌଦ୍ଧ, ୧୩।୨(ସମିସ):** ବୌଦ୍ଧ ରାଜବାଟୀସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ କେନ୍ଦ୍ରରେ ସକାରାତ୍ମକ ଜୀବନ ଶୈଳୀର ଆଧାର ଆଧ୍ୟାତ୍ମିକ ଚିନ୍ତନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବି କେ ସରୋଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ମାମିନା, ବରିଷ୍ଠ ନାଗରିକ ସମିତି ସଭାପତି ଶିବ ପ୍ରସାଦ ମିଶ୍ର, ବରିଷ୍ଠ ସମାଜସେବୀ ଚିତ୍ତ ରଞ୍ଜନ ଦାଶ ଯୋଗ ଦେଇ ଆଧ୍ୟାତ୍ମକ ଚିନ୍ତନ ହିଁ ସକାରାତ୍ମକ ଜୀବନ ଶୈଳୀର ଆଧାର ବୋଲି ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ ସହରର ବିଭିନ୍ନ ବର୍ଗର ଲୋକ, ବୁଦ୍ଧିଜୀବୀ ଓ କେନ୍ଦ୍ରର ସଦସ୍ୟ ଯୋଗ ଦେଇଥିଲେ।

# ଓଡ଼ିଆ ଅସ୍ମିତାକୁ ଉପହାସ




**ବୌଦ୍ଧ, ୧୩।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ସମସ୍ତ ପଞ୍ଚାୟତରେ ବିକଶିତ ଭାରତ -ଜୀ ରାମ ଜୀ ନାମରେ ଏକ ବ୍ୟାନର ଝୁଲୁଛି; ଯାହା ତ୍ରୁଟିପୂର୍ଣ୍ଣ ଓଡ଼ିଆ ଶବ୍ଦରେ ଲେଖାଯାଇଛି। ଏହି ବ୍ୟାନର କୁଆଡେ ପଞ୍ଚାୟତ ସମିତି ହରଭଙ୍ଗା ପକ୍ଷରୁ ଯୋଗାଇ ଦିଆଯାଇଛି; ଯେଉଁଥିରେ ପଞ୍ଚୟତ ସମିତି ବଦଳରେ କେଉଁ ଶବ୍ଦ ଲେଖାଯାଇଛି ତାହା ଓଡ଼ିଆ ଶବ୍ଦକୋଷରେ ସୁଦ୍ଧା ନାହିଁ। ଏଭଳି ଭାବେ ବ୍ଲକ କର୍ତ୍ତୃପକ୍ଷ ଓଡ଼ିଆ ଅକ୍ଷରକୁ ଉପହାସ କରିଛନ୍ତି। ତୁରନ୍ତ ସର୍ବସମ୍ମୁଖରେ ଭୁଲ୍ ମାଗି ସଂଶୋଧନ କରିବା ପାଇଁ ହରଭଙ୍ଗା ବ୍ଲକ ବିଜୁ ଜନତାଦଳ ସଭାପତି ପଙ୍କଜ ସାହୁ, ଅବକାଶ ସାହୁ, ସଞ୍ଜୟ ଦେହୁରୀ, ସୁଜ୍ଞାନ କର୍ଣ୍ଣ, ସୁଶାନ୍ତ ପ୍ରଧାନ, ଜ୍ୟୋତିର୍ମୟ ଦାସ, ବାସୁଦେବ ଦେହୁରୀ, ଗରୁଡ଼ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ସମ୍ପ୍ରତି ଓଡ଼ିଆ ଅସ୍ମିତାର ସରକାର ଚାଲିଥିବା ବେଳେ ଏଭଳି ତ୍ରୁଟିପୂର୍ଣ୍ଣ ଶବ୍ଦର ବ୍ୟବହାର ଆଦୌ ସମିଚୀନ ନୁହେଁ। ଯଦି ବିଡ଼ିଓ ତ୍ରୁଟି ସଂଶୋଧନ ନ କରନ୍ତି ବାଧହୋଇ ବିଜୁ ଜନତା ଦଳ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ଅଷ୍ଟମ ରାଜ୍ୟସ୍ତରୀୟ ବଉଳ ମହୋତ୍ସବ ଉଦ୍‌ଯାପିତ

**କଣ୍ଟାମାଳ, ୧୩।୨ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ବ୍ରାହ୍ମଣୀସ୍ଥିତ ବିଜୟ ମଣ୍ଡପରେ ଅଷ୍ଟମ ରାଜ୍ୟସ୍ତରୀୟ ବଉଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବଉଳ ନାଟ ଆଣ୍ଡ କଲଚର ଆସୋସିଏସନ ଅନୁକୂଲ୍ୟରେ ୨ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ କୋଶଲି କବି ହଳଧର ନାଗ ଯୋଗ, ଯୁବନେତା ଓମ୍‌ପ୍ରକାଶ ମିଶ୍ର, କିଶୋର ମେହେର, ସୁଧୀର ମହାକୁଡ଼, ଜିଲ୍ଲାପରିଷଦ ସଭ୍ୟା ସୁମିତ୍ରା ସାହୁ, ନାଟ୍ୟକାର ଦିଲ୍ଲୀପ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭ୍ୟ ରଞ୍ଜୁ ଅମାତ ସ୍ୱାଗତ ଭାଷଣ ପୂର୍ବକ ମଞ୍ଚ ପରିଚାଳନା କରିଥିଲେ। ସମୀର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ନାଟ୍ୟକାର ହରିହର ପ୍ରଧାନଙ୍କ ଲିଖିତ ଓ ନିର୍ଦ୍ଦେଶିତ ନାଟକ 'କୁହୁଡି'ରେ ବଉଳ ନାଟ୍ ଏଣ୍ଡ କଲ୍‌ଚରାଲ ଆସୋସିଏସନର କଳାକାର ଅଭିନୟ କରିଥିଲେ। ସେହିଭଳି ସୁମନ୍ତ ଭୋଇଙ୍କ ରଚିତ ଓ ସମୀର ସାହୁଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ବଳଦ'ରେ ବୀଣାପାଣି ସାହିତ୍ୟ କଳା ସଂସଦର କଳାକାର ଅଭିନୟ କରିଥିଲେ। କଟକ ଶିଳ୍ପୀ କଳାନିକେତନ କଳାକାର ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। କଣ୍ଟାମାଳ ବ୍ଲକ କଳା ସଂସ୍କୃତି ସଂଘର କଳାକାର ଲୋକକଳା ନୃତ୍ୟ କରିବେଷଣ କରିଥିଲେ। ସେହିଭଳି କଳାହାଣ୍ଡିର ଘୁମୁରା ପ୍ରଦର୍ଶିତ ହୋଇଥିଲା। ଲୁଇଶିଙ୍ଗା ସଙ୍ଗୀତ ସାଧନା ଅନୁଷ୍ଠାନର କଳାକାରଙ୍କ ପଞ୍ଚରଶି ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ବଉଳ ନାଟ୍ ଏଣ୍ଡ କଲଚରାଲ ଏସୋସିଏସନର ସଭାପତି ଅର୍ଜୁନ ପ୍ରଧାନ, ସମ୍ପାଦକ ନେପାଳ ପଲିଆ, ସୁକାନ୍ତ ପ୍ରଧାନ, ଶିବ କମ୍ପ, ହଳଧର କର୍ମୀ, କୁଶ ପ୍ରଧାନ, ମେନ ପାତ୍ର, ପ୍ରଦୀପ ଠେଲା, ଶାନ୍ତନୁ ନାଏକ ଅଜୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରେନ୍ଦ୍ର କର୍ଣ୍ଣ ଓ ବାମନ ଚରଣ ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ଜେଏମ୍‌ଏଫ୍‌ସି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଥୁଆମୂଳ ରାମପୁର, ୧୩।୨(ସମିସ)**

ସଡ଼କ ଦୁର୍ଘଟଣାକୁ କମାଇବା ଏବଂ ଯାତାୟତ ନିୟମ ପାଳନ ଏବଂ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ନିୟମ ଓ ପାଳନ ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଜେ.ଏ.ମ୍‌ଏଫ୍.ସି ପକ୍ଷରୁ ଶୁକ୍ରବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥୁଆମୂଳ ରାମପୁର ତାଲୁକ ଆଇନ୍ ସେବା କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଜେ.ଏମ୍.ଏଫ୍.ସି ଥୁଆମୂଳ ରାମପୁର ମାଜିଷ୍ଟ୍ରେଟ ଡ. ତାରିଣୀ ପ୍ରସାଦ ସାହୁଙ୍କ ତତ୍ୱାବଧାନରେ ପ୍ରଥମେ ସଡ଼କ ସୁରକ୍ଷା ଉପରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସ୍ଥାନୀୟ କୋର୍ଟ କାର୍ଯ୍ୟାଳୟଠାରୁ ଏକ ରାଲି ମାଧ୍ୟମରେ ସହର ପରିକ୍ରମା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁଥିରେ ତାଲୁକ ଆଇନ୍ ସେବା କମିଟିର ସଦସ୍ୟ ଏବଂ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା, ଅଧିକାର ଓ ସରକାରୀ ସହାୟତା ଯୋଜନା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗକୁ ନେଇ ଥୁଆମୂଳ ରାମପୁରର ଖଣ୍ଡୁଆଳ ବାବା ଖେଳ ପଡ଼ିଆ ସ୍ଥିତ ଜିମ୍ ହଲ୍ ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମାଜିଷ୍ଟ୍ରେଟ ଡ. ତାରିଣୀ ପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ କର୍ତ୍ତବ୍ୟ ଅନୁଷ୍ଠାନର କ୍ଷେତ୍ର ସଂଯୋଜକ ସୁଦର୍ଶନ ନାଏକ, ସ୍ଥାନୀୟ ସବ୍ ପୋଷ୍ଟ ମାଷ୍ଟର, ଆଇନଜୀବୀ ମନୋରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ମାଜିଷ୍ଟ୍ରେଟ୍ ଡ. ତାରିଣୀ ପ୍ରସାଦ ସାହୁ ପ୍ରବାସୀ ଶ୍ରମିକଙ୍କ ଆଇନଗତ ଅଧିକାର, ଶ୍ରମ ଆଇନ ଅନୁସାରେ ମିଳୁଥିବା ସୁବିଧା ଓ ନିଶୁଳ୍କ ଆଇନ ସହାୟତା ବିଷୟରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରିଥିଲେ। ଜେଏମ୍‌ଏଫ୍‌ସିର ମୁଖ୍ୟ କିରାଣୀ ଅଶୋକ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ କୋର୍ଟ କର୍ମଚାରୀ ସହଯୋଗ କରିଥିଲେ।



# ପ୍ରେରଣା ମହିଳା ସଂଗଠନ ଖୋଲିଲା ବର୍ତ୍ତନ ଭଣ୍ଡାର



**ନୂଆପଡ଼ା, ୧୩।୨ (ସମିସ):** ନୂଆପଡ଼ା ବସଷ୍ଟାଣ୍ଡ ପରିସରରେ ପ୍ରେରଣା ମହିଳା ସଂଗଠନ ତରଫରୁ ବର୍ତ୍ତନ ଭଣ୍ଡାର ଶୁକ୍ରବାର ସନ୍ଧ୍ୟାରେ ଶୁଭାରମ୍ଭ ହୋଇଛି। ଏହାକୁ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ଉଦ୍‌ଘାଟନ କରିଛନ୍ତି। ସଂଗଠନର ସଂଯୋଜକ ଯାଜ୍ଞସେନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଢୋଲକିଆଙ୍କ ସମେତ ସାମାଜିକ କର୍ମୀ ଶେଖର ଜୈନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ସାମ୍ବାଦିକ ସଙ୍ଘ (ଜାନ)ସଭାପତି ଘନଶ୍ୟାମ ଭୋଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ଘନଶ୍ୟାମ ଭୋଇ, ଲୋକସମ୍ପର୍କ ଅଧିକାରୀ ବିଜ୍ଞାପତି ପଣ୍ଡା ଓ ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଚାଉନସିଲର ଉପସ୍ଥିତ ଥିଲେ। ପ୍ଲାଷ୍ଟିକ ବର୍ଜନ କରି ଷ୍ଟିଲ ବର୍ତ୍ତନ ବ୍ୟବହାର କରିବା ଉପରେ ପ୍ରେରଣା ସଂଗଠନ ଏକ ବିପ୍ଳବ ଆରମ୍ଭ କରିଛି। ଏଥି ପାଇଁ ଯାହାବି ସହଯୋଗ ଦରକାର କରାଯିବ ବୋଲି ବିଧାୟକ କହିଥିଲେ।


ସକାଳ THE SAKALA



# ହୀରାକୁଦରୁ କେବେ ଉଡ଼ିବ 'ଉଡାନ୍'

ସମ୍ବଲପୁର, ୧୩।୨ (ସମିସ): ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁରର ହୀରାକୁଦକୁ ୨୦୨୨ ମସିହାରେ 'ଉଡାନ୍' ୫.୦ରେ ସାମିଲ କରାଯାଇଥିଲା। ଏହି ଘୋଷଣାକୁ ପ୍ରାୟ ୪ବର୍ଷ ବିତିଗଲାଣି, କିନ୍ତୁ ଏଯାଏ ହୀରାକୁଦ (ଜମାଦାରପାଲି) ଏୟାରଷ୍ଟ୍ରିପ୍‌ର ରନ୍-ୱେ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ, ଉନ୍ନତୀକରଣ ତଥା ଆନୁସଙ୍ଗିକ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ରାଜ୍ୟର ବିଭିନ୍ନ ଅଞ୍ଚଳରେ 'ଉଡାନ୍' ଯୋଜନାରେ ବିମାନ ଉଡ଼ାଣ ଭରିଛି। କିନ୍ତୁ ଏଠାରେ ତାହାର ବ୍ୟତିକ୍ରମ ଘଟିଛି। ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟରେ ଡବଲ୍ ଇଞ୍ଜିନ ସରକାର ଆସିବା ସହ ସମ୍ବଲପୁର ବିଧାୟକ ଓ ସାଂସଦ ଶାସକ ଦଳର ହୋଇଥିବାରୁ ସମ୍ବଲପୁରବାସୀ ଶୀଘ୍ର ହୀରାକୁଦ୍‌ରୁ ବିମାନ ଉଡ଼ିବା ଆରମ୍ଭ ହେବ ବୋଲି ଆଶା କରିଥିଲେ। କିନ୍ତୁ ଏ ଦିଗରେ କୌଣସି ଅଗ୍ରଗତି ନହେବା ସମ୍ବଲପୁରବାସୀଙ୍କୁ ନିରାଶ କରିଛି।

ସମ୍ବଲପୁରରେ ଜାତୀୟ ପ୍ରତିଷ୍ଠାନ ଆଇଆଇଏମ୍ ସମ୍ବଲପୁର ସହିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ଭିମସାର, ସୈନିକ ସ୍କୁଲ, ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର ଆଦି ରହିଛି। ଶିକ୍ଷାକ୍ଷେତ୍ରରେ ଅଭିଜ୍ଞ ଶିକ୍ଷକଙ୍କୁ ରାଜ୍ୟ ବାହାରୁ ଆସି ପାଠପଢ଼ାଇ ଫେରିଯିବା ସକାଶେ ବିମାନସେବା ସହଜସାଧ ହେବ। ପୁଣି ଗୁରୁତର ରୋଗୀଙ୍କ ଜୀବନରକ୍ଷା ପାଇଁ କମ ସମୟ ମଧ୍ୟରେ ବିଶେଷଜ୍ଞ ଡାକ୍ତର ଆସି ପହଞ୍ଚିବା ସକାଶେ ବିମାନସେବା ଅତ୍ୟାବଶ୍ୟକ। ହୀରାକୁଦ ନଦୀବନ୍ଧ, ଡେବ୍ରିଗଡ଼ ଅଭୟାରଣ୍ୟ, ସମଲେଶ୍ୱରୀ ପୀଠ ଆଦିକୁ ଦେଶବିଦେଶରୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ବିମାନ ଯୋଗାଯୋଗ ସାମ୍ପ୍ରତିକ ସମୟରେ ଅପରିହାର୍ଯ୍ୟ।



## ୧୯୫୦ରୁ ଆରମ୍ଭ ହୋଇଥିଲା ଜମାଦାରପାଲି ଏୟାରଷ୍ଟ୍ରିପ୍

୧୯୫୦ ଦଶକରେ ଆରମ୍ଭ ହୋଇଥିବା ସମ୍ବଲପୁର ସହର ଉପକଣ୍ଠସ୍ଥ ଜମାଦାରପାଲି (ହୀରାକୁଦ) ଏୟାରଷ୍ଟ୍ରିପ୍‌ରେ ଛୋଟ ବିମାନ ଓ ହେଲିକେପ୍ଟର ଉଡ଼ାଣ ଏବଂ ଅବତରଣ କରିଥାଏ। ଏହାର ରନ୍‌ୱେ ୧୨୮୦ ମିଟର ଲମ୍ବ ଓ ୧୮ ମିଟର ଓସାର ରହିଛି। ଏହି ସ୍ଥାନର ଅକ୍ଷାଂଶ ୨୧.୫୮୦୮ ଡିଗ୍ରୀ (ଉତ୍ତର) ଓ ଦ୍ରାଘିମା ୮୪.୦୦୫୫ ଡିଗ୍ରୀ (ପୂର୍ବ) ରହିଛି। ଭୁବନେଶ୍ୱରରୁ ଏହି ଏୟାରଷ୍ଟ୍ରିପ୍ ଆକାଶମାର୍ଗରେ ୨୪୦ କିଲୋମିଟର ଥିବା ବେଳେ ଝାରସୁଗୁଡ଼ାରୁ ୩୭ ଓ ରାଉରକେଲାରୁ ୧୧୨ କିଲୋମିଟର ରହିଛି। ଏଠାରେ ପାଚେରୀ ନିର୍ମାଣ ସହ ଏକ ବିଶ୍ରାମଗୃହ ମଧ୍ୟ ରହିଛି। ଏହା ପରିବହନ ବିଭାଗ ଅଧୀନରେ ରହିଛି ଏବଂ ପୂର୍ତ୍ତ ବିଭାଗ ଏହାର ରକ୍ଷଣାବେକ୍ଷଣ କରୁଛି।

ଏହି ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ପାଇଁ ୨୦୧୫ମସିହାରେ ତତ୍କାଳୀନ ଜିଲ୍ଲାପାଳ ହୀରାକୁଦ ବନ୍ଧ ଯୋଜନା ନାମରେ ଥିବା ସମ୍ବଲପୁର ତହସିଲର ସଂଗୁଲପାଲି ମୌଜାର ୬୧.୦୭ ଏକର ଜମିକୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗକୁ ହସ୍ତାନ୍ତର କରିବାକୁ ଜଳସେଚନ ବିଭାଗ ଆୟୁକ୍ତ ତଥା ସଚିବଙ୍କୁ ପତ୍ର ଲେଖିଥିଲେ। ପରବର୍ତ୍ତୀ ଜିଲ୍ଲାପାଳମାନେ ମଧ୍ୟ ଉଦ୍ୟମ ଜାରି ରଖିଛନ୍ତି। ଏହାସହ ଏୟାରଷ୍ଟ୍ରିପ୍‌ର ପରିବର୍ଦ୍ଧିତକରଣ ପାଇଁ ଗୌଡ଼ପାଲି ମୌଜାର ୨୪.୨୩ ଏକର, ଗୌଡ଼ପାଲି ମୌଜାର ବିଦ୍ୟୁତ୍ ଓ ଜଳସେଚନ ବିଭାଗ ଅଧୀନରେ ଥିବା ୮.୫୭ଏକର, ତାଲବ ମୌଜାର ୬.୧୯ ଏକର ଏବଂ ସଂଗୁଲପାଲି ମୌଜାର ହୀରାକୁଦ ନଦୀବନ୍ଧ ଯୋଜନା ଅଧୀନରେ ଥିବା ୦.୯୭ ଏକର ଜମିକୁ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରିବାକୁ ପତ୍ର କରାଯାଇଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ଜମି ଏୟାରଷ୍ଟ୍ରିପ୍ ସକାଶେ ଉପଲବ୍ଧ ହୋଇନାହିଁ। ଏହା ସରକାରଙ୍କ ପ୍ରତିବଦ୍ଧତାକୁ ସୂଚାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

'ଉଡେ ଦେଶ୍‌କି ଆମ୍ ନାଗରିକ୍' (ଉଡାନ୍) ଯୋଜନା ଅଗମ୍ୟ, ଅପହଞ୍ଚ ସ୍ଥାନକୁ ଆକାଶ ମାର୍ଗରେ ସଂଯୋଗ ତଥା ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଏବଂ ପର୍ଯ୍ୟଟନ ବୃଦ୍ଧି ସହ ସାଧାରଣ ଲୋକଙ୍କୁ ସୁଲଭ ଦରରେ ବିମାନସେବା ଯୋଗାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର 'ଉଡାନ୍' ଯୋଜନା ୨୦୧୭ ମସିହାରେ ଆରମ୍ଭ ହୋଇଥିଲା। ବହୁ ବିଳମ୍ବରେ ଯୋଜନାର ପଞ୍ଚମ ପର୍ଯ୍ୟାୟ ବା ଉଡାନ୍-୫.୦ରେ ଗତ ୨୦୨୨ ମସିହା ସେପ୍ଟେମ୍ବର ୮ ତାରିଖରେ ଓଡ଼ିଶାର ମାଲକାନଗିରି ସହିତ ସମ୍ବଲପୁରର ହୀରାକୁଦ (ଜମାଦାରପାଲି) ଏୟାରଷ୍ଟ୍ରିପ୍‌କୁ ସାମିଲ କରାଯାଇଥିଲା। ଉକ୍ତ ପଞ୍ଚମ ପର୍ଯ୍ୟାୟରେ ଦେଶର ୫୪ଟି ପର୍ଯ୍ୟଟନସ୍ଥଳୀ, ବନ୍ୟଜନ୍ତୁ ସଂରକ୍ଷଣସ୍ଥଳ ତଥା ଧାର୍ମିକସ୍ଥଳକୁ ଅନ୍ତର୍ଭୁକ୍ତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୧୬ ମସିହା ଜାନୁଆରୀରେ ସମ୍ବଲପୁର ଜମାଦାରପାଲି ଏୟାରଷ୍ଟ୍ରିପ୍‌ରୁ ମାତ୍ର ଦୁଇ ସପ୍ତାହ ପାଇଁ ୯ ଆସନ ବିଶିଷ୍ଟ ବିମାନ ଉଡ଼ିଥିଲା। ଘଣ୍ଟାକ ମଧ୍ୟରେ ଭୁବନେଶ୍ୱରରୁ ସମ୍ବଲପୁର ଓ ସମ୍ବଲପୁରରୁ ଭୁବନେଶ୍ୱରକୁ ଯିବା ଆସିବା ହୋଇପାରୁଥିଲା। ସମ୍ବଲପୁରକୁ ପ୍ରଥମକରି ଉଡ଼ିଥିବା ଏୟାର ଓଡ଼ିଶାର ୯ ଆସନ ବିଶିଷ୍ଟ ବିମାନର ଦେୟ ଥିଲା ମାତ୍ର ୨୦୦୦ରୁ ୨୫୦୦ ଟଙ୍କା। ସେତେବେଳେ ଭୁବନେଶ୍ୱରରୁ ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, ଜୟପୁରକୁ ବିମାନ ସଂଯୋଗ ଯୋଜନା କରାଯାଇ ଅଧିକ ଆସନ ବିଶିଷ୍ଟ ବିମାନସେବା ମଧ୍ୟ ନିୟମିତ ଭାବେ ଚଳାଚଳ କରିବ ବୋଲି ସରକାରୀସ୍ତରରେ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ୧୫ ଦିନ ପରେ ଉକ୍ତ ବିମାନସେବା ହଠାତ୍ ବନ୍ଦ ହୋଇଯାଇଥିଲା।

'ଉଡାନ୍' ଯୋଜନାରେ ସମ୍ବଲପୁରର ହୀରାକୁଦରେ ବିମାନସେବା ଯୋଗାଇବା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଆନ୍ତରିକତାର ଅଭାବ ରହିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି।

# ନରସିଂହପୁର ବନାଞ୍ଚଳରେ ପୁଣି ଦନ୍ତା ମୃତ

## ହାତୀ ବଂଶର ସୁରକ୍ଷା ନେଇ ବଢୁଛି ପ୍ରଶ୍ନବାଚୀ

କଟକ, ୧୩।୨(ସମିସ): ନରସିଂହପୁର ବନାଞ୍ଚଳ ଏବେ ହାତୀମାନଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ନିୟମିତ ବ୍ୟବଧାନରେ ହାତୀ ମୃତ୍ୟୁ ଘଟୁଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ପୁଣି ଏକ ୭ବର୍ଷର ଦନ୍ତା ହାତୀର ମୃତ୍ୟୁ ହୋଇଛି। ଶୁକ୍ରବାର ସକାଳେ ବରସିଙ୍ଗା ସେକ୍ସନ ଅନ୍ତର୍ଗତ ବଳିକିଆରୀ ସଂରକ୍ଷିତ ଜଙ୍ଗଲର ଏକ ନାଳ ନିକଟରୁ ବନବିଭାଗ ହାତୀର ମୃତଦେହ ଉଦ୍ଧାର କରିଛି। ହାତୀ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବାରୁ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଖବର ପାଇ ଆରସିସିଏଫ୍ ସଞ୍ଜୟ କୁମାର ସ୍ୱାଇଁ, ଆଠଗଡ଼ ଡିଏଫ୍ଓ ଡ. ଚିଚିଲିଚି ବିଶ୍ୱାଳ ଏବଂ ପଶ୍ଚିମାଞ୍ଚଳ ବନ ଅଧିକାରୀ ପ୍ରଦୀପ ନାୟକ ପ୍ରମୁଖ ପ୍ରାଣୀ ଚିକିତ୍ସକଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହାତୀର ଶବ ବ୍ୟବଚ୍ଛେଦ ପରେ ତାକୁ ସେହି ସ୍ଥାନରେ ପୋତି ଦିଆଯାଇଥିବା ବେଳେ ମୂଲ୍ୟବାନ ଦାନ୍ତ ଦୁଇଟିକୁ ବନ ବିଭାଗ ଜବତ କରିଛି। ସଂଗୃହୀତ ନମୁନା ପରୀକ୍ଷା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଗତ ମାସରେ ଏକ ମାଈ ହାତୀର ମୃତ୍ୟୁ ଏବଂ ନିକଟରେ ବଡ଼ମ୍ବା ଜଙ୍ଗଲରେ



ହାତୀଛୁଆ କୂଅରେ ଖସିପଡ଼ିବା ଭଳି ଘଟଣା ବନବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହାତୀ ସୁରକ୍ଷା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ କ୍ଷେତ୍ରସ୍ତରରେ ଏହାର କୌଣସି ପ୍ରଭାବ ଦେଖିବାକୁ ମିଳୁନାହିଁ ବୋଲି ବନ୍ୟପ୍ରାଣୀପ୍ରେମୀମାନେ ଅଭିଯୋଗ କରିଛନ୍ତି।

# ପ୍ରେମିକା ଫଟୋ ଭାଇରାଲ କରି ଅବକାରୀ ଏଏସ୍ଆଇ ଗିରଫ

ବ୍ରହ୍ମପୁର, ୧୩।୨ (ସମିସ): ପ୍ରେମିକାକୁ ବ୍ଲାକମେଲ୍ କରିବା ସହ ତାଙ୍କର କିଛି ଆପତ୍ତିଜନକ ଫଟୋ ଭାଇରାଲ କରିବା ଅଭିଯୋଗରେ ଜଣେ ଅବକାରୀ ଏଏସ୍ଆଇଙ୍କୁ ବାନ୍ଧିଛି ପୁଲିସ। ଗିରଫ ଏଏସ୍ଆଇ ଜଣକ ହେଲେ, ଅନୁଗୁଳ ଆଠମଲ୍ଲିକ ଅବକାରୀ ଥାନାରେ କାର୍ଯ୍ୟରତ ସୁରେନ୍ଦ୍ର ପ୍ରଧାନ (୩୯)। ସୁରେନ୍ଦ୍ରର ଘର ଝାରସୁଗୁଡ଼ା ହଂସ ମର୍କଟପଲ୍ଲୀରେ। ପୁଲିସ ତା' ନିକଟରୁ ୨ଟି ମୋବାଇଲ ଜବତ କରିଛି। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଏଏସ୍ଆଇ ସୁରେନ୍ଦ୍ର ଆଜକୁ ପ୍ରାୟ ୬ ମାସ ତଳେ ବ୍ରହ୍ମପୁର ଅବକାରୀ ବିଭାଗରେ କାର୍ଯ୍ୟରତ ଥିଲେ। ସେହି ସମୟରେ ଇନ୍‌ଷ୍ଟାଗ୍ରାମରେ ଜଣେ ମହିଳାଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। କଥାବାର୍ତ୍ତାରୁ ଦୁହିଁଙ୍କ ମଧ୍ୟରେ ନିବିଡ଼ତା ବଢ଼ିଥିଲା। ପରେ ସୁରେନ୍ଦ୍ର ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ଏହି ସମୟରେ ସେ ଚତୁରତାର ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ନେଇଥିଲା। ପରେ ଉକ୍ତ ଫଟୋକୁ ଭାଇରାଲ୍ କରିବାର ଧମକ ଦେଇ ମହିଳାଙ୍କୁ ବ୍ଲାକମେଲ୍ କରିଥିଲା। ତାଙ୍କଠାରୁ ଟଙ୍କା ହଡ଼ପ କରିଥିଲା। ମହିଳାଜଣଙ୍କ ଅନନ୍ୟୋପାୟ ହୋଇ ସୁରେନ୍ଦ୍ରଙ୍କୁ ଫୋନ-ପେ' ଜରିଆରେ ୪୦ ହଜାର ଟଙ୍କା ଦେଇଥିଲେ। ତେବେ ସେଥିରେ ସନ୍ତୁଷ୍ଟ ନହୋଇ ସୁରେନ୍ଦ୍ର ଅଧିକ ଟଙ୍କା ଦାବି କରିବାରୁ ମହିଳାଜଣଙ୍କ ବାଧ ହୋଇ ବ୍ରହ୍ମପୁର ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ସାଇବର ଥାନାରେ ନମ୍ବର୧୩/୨୬ରେ ଏକ ମାମଲା ରୁଜୁ କରିଥିଲା। ପୁଲିସ ଘଟଣାର ତଦନ୍ତ କରି ଏଏସ୍ଆଇ ସୁରେନ୍ଦ୍ରଙ୍କୁ କାବୁ କରି ବ୍ରହ୍ମପୁର ଆଣିଥିଲା।

## ରାଜ୍ୟରେ ବଢୁଛି ଅଗ୍ନିକାଣ୍ଡଜନିତ ଦୁର୍ଘଟଣା

# ଏକ ମାସ ମଧ୍ୟରେ ୧୫୬୮ଟି ଅଧିକ ମାମଲା

ଭୁବନେଶ୍ୱର,୧୩।୨(ସମିସ): ରାଜ୍ୟରେ ବଢୁଛି ଅଗ୍ନିକାଣ୍ଡ ଭଳି ଦୁର୍ଘଟଣା। ଗତବର୍ଷ ଶେଷ ମାସରେ ଯେତିକି ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ଘଟି ନ ଥିଲା; ଚଳିତବର୍ଷର ପ୍ରଥମ ମାସରେ ଏହାଠାରୁ ଅଧିକ ଅଗ୍ନିକାଣ୍ଡ ଘଟିଛି। ୨୦୨୫ ଡିସେମ୍ବର ତୁଳନାରେ ୨୦୨୬ ଜାନୁଆରୀ ମାସରେ ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା କଲ୍‌ରେ ଉଲ୍ଲେଖନୀୟ ବୃଦ୍ଧି ରେକର୍ଡ କରାଯାଇଛି। ୨୦୨୫ ଡିସେମ୍ବରରେ ମୋଟ ୩୬୫୬ କଲ୍ ରେକର୍ଡ କରାଯାଇଛି। ସେଥିରେ ୧୭୮୮ଟି ଅଗ୍ନିଶମ ସମ୍ବନ୍ଧୀୟ ହୋଇଥିଲା ବେଳେ ୧୮୬୮ଟି ସ୍ୱତନ୍ତ୍ର ସେବା କଲ୍ ରହିଛି। ୨୦୨୬ ଜାନୁଆରୀ ମାସରେ ମୋଟ ୫୨୨୨କଲ ରେକର୍ଡ କରାଯାଇଥିଲା ବେଳେ ସେଥିରେ ୩୨୫୬ଟି ଅଗ୍ନିଶମ ସମ୍ବନ୍ଧୀୟକଲ୍‌ଓ୧୯୬୬ଟି ସ୍ୱତନ୍ତ୍ର ସେବା କଲ୍ ରହିଛି।

୨୦୨୫ ଡିସେମ୍ବର ମାସରେ ମାମଲା ସଂଖ୍ୟା ୧୨୭୯ ଥିବାବେଳେ ୨୦୨୬ ଜାନୁଆରୀରେ ତାହା ୧୩୭୦କୁ ବୃଦ୍ଧି ପାଇଛି। ବିଭିନ୍ନ ଦୁର୍ଘଟଣାରେ ମୋଟ ୧୩୫୮ ପଶୁଙ୍କୁ ଉଦ୍ଧାର କରାଯାଇଛି। ସେହିପରି ସଡ଼କ ଦୁର୍ଘଟଣା ସଂଖ୍ୟା ୪୧୦ରୁ ୪୩୧କୁ ବୃଦ୍ଧି ପାଇଛି। କିନ୍ତୁ ଏଥିରେ ୪୫୭ଜଣଙ୍କ ଜୀବନ ରକ୍ଷା କରାଯାଇଛି। ପାଣିରେ ବୁଡ଼ିଯିବା ମାମଲା ୮୦ରୁ ୭୪କୁ ସାମାନ୍ୟ ହ୍ରାସ ପାଇଛି।

**ପୀତବାସ ହତ୍ୟା ମାମଲା**

# ବିକ୍ରମଙ୍କ ଚିକିତ୍ସା ସମୀକ୍ଷା ପାଇଁ ୬ ଜଣିଆ ଡାକ୍ତରୀ ଟିମ୍

ବ୍ରହ୍ମପୁର,୧୩।୨(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସ୍ୱାସ୍ଥ୍ୟ ଖରାପ ଯୋଗୁଁ ଗତ ମଙ୍ଗଳବାରଠାରୁ ତାଙ୍କୁ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଗଲ୍ ବ୍ଲାଡର୍ ଷ୍ଟୋନ, ପାଇଲ୍ସ

## ହ୍ୱିଲ୍ ଚେୟାରରେ ଆଣି କରାଗଲା 'ସିଟି ସ୍କାନ' ଓ 'କୋଲୋନୋସ୍କୋପି'

ଓ ଦାନ୍ତ ରୋଗ ସହ ଗୋଡ଼ରେ ଯନ୍ତ୍ରଣା ଭଳି ଏକାଧିକ ରୋଗରେ ପୀଡ଼ିତ ବିକ୍ରମଙ୍କ ଉତ୍ତମ ଚିକିତ୍ସା ଓ ତାହାର ସମୀକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ୬ ଜଣିଆ ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର୍ ଡାକ୍ତର ଦୁର୍ଗାମାଧବ ଶତପଥୀଙ୍କ ନେତୃତ୍ୱରେ ଗଠିତ ଟିମ୍‌ରେ ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର୍ ଡାକ୍ତର ଶିବପ୍ରସାଦ ପଟ୍ଟନାୟକ, ସର୍ଜରୀ ପ୍ରଫେସର୍ ଡାକ୍ତର ମନୋଜ ସେଠୀ, ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର୍ ଡାକ୍ତର ସୁଧୀର ମହାପାତ୍ର, ସର୍ଜରୀ ବିଭାଗୀୟ ଡାକ୍ତର ଅନୀଲ ଜେନା, ଗ୍ୟାଷ୍ଟ୍ରୋ ଇଣ୍ଟେଷ୍ଟିନାଲ ସର୍ଜରୀ ବିଭାଗ ମୁଖ୍ୟ ଡାକ୍ତର ସତ୍ୟପ୍ରସାଦ ସାମନ୍ତରାୟ ଏବଂ ଭେଷଜ ବିଭାଗ ମୁଖ୍ୟ ଡାକ୍ତର ସରିତା ବେହେରା ରହିଛନ୍ତି।

ଟିମ୍‌ର ପରାମର୍ଶକ୍ରମେ ଆଜି ସନ୍ଧ୍ୟାରେ ବିକ୍ରମ ପଣ୍ଡାଙ୍କ ସିଟି ସ୍କାନ୍ ସହ କୋଲୋନୋସ୍କୋପି ପାଇଁ ରେଡିଓଲୋଜି ବିଭାଗକୁ



କଡ଼ା ସୁରକ୍ଷା ମଧ୍ୟରେ ହ୍ୱିଲ ଚେୟାର୍‌ରେ ଅଣାଯାଇଥିଲା। ସେପଟେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ତୃତୀୟ)ଙ୍କ କୋର୍ଟରେ ଥିବା ବେଳେ ବିକ୍ରମଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କିତ ରିପୋର୍ଟ ଜେଲ୍ କର୍ତ୍ତୃପକ୍ଷଙ୍କୁ କୋର୍ଟ ମାଗିଥିଲେ। ସମସ୍ତ ନିଦାନ ଓ ଚିକିତ୍ସା ରିପୋର୍ଟ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କଠାରୁ ସଂଗ୍ରହ କରି ଜେଲ କର୍ତ୍ତୃପକ୍ଷ ତାହାକୁ କୋର୍ଟରେ ଦାଖଲ କରିବେ।

ବର୍ତ୍ତମାନ ଡାକ୍ତରଖାନାର ସର୍ଜରୀ ବିଭାଗ 'ୟୁନିଟ-୩'ର ୩୧୭ ନମ୍ବର ଶଯ୍ୟାରେ ବିକ୍ରମଙ୍କ ଚିକିତ୍ସା ଜାରି ରହିଛି। ପାଇଲସ୍ ବା ମଳକଣ୍ଟକ ଥିବା ସତ୍ତ୍ୱେ ବିକ୍ରମଙ୍କୁ ଜେଲ୍ ଖାଦ୍ୟ ପ୍ରଦାନ କରାଯାଉଛି। ଯାହା ବର୍ତ୍ତମାନ ପରିସ୍ଥିତିରେ ବିକ୍ରମଙ୍କ ପାଇଁ ଉଚିତ ନୁହେଁ ବୋଲି ଦର୍ଶାଇ ଡାକ୍ତରଙ୍କ ପରାମର୍ଶକ୍ରମେ ଖାଦ୍ୟ ପ୍ରଦାନ କରିବାକୁ ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ ପିଟିସନ୍ ଜରିଆରେ କୋର୍ଟଙ୍କୁ ଅନୁରୋଧ କରିଛନ୍ତି। ସେହିଭଳି, ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁନଥିବା ଯୋଗୁଁ ତାଙ୍କ ପରିବାର ସଦସ୍ୟଙ୍କୁ ତାଙ୍କ ନିକଟରେ ରହିବାକୁ ଅନୁମତି ପ୍ରଦାନ କରିବାକୁ ମଧ୍ୟ ଆଉ ଏକ ପିଟିସନ୍ ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ ଦାଖଲ କରିଥିବା ଜଣାପଡ଼ିଛି।

ସେପଟେ ବିଭିନ୍ନ ବିଭାଗର ଡାକ୍ତରଙ୍କ ଦ୍ୱାରା ଆବଶ୍ୟକ ଚିକିତ୍ସା ଜାରି ରହିଥିବା ବେଳେ ଜେଲ ମାନୁଆଲ ଅନୁସାରେ ତାଙ୍କୁ ଜେଲ୍ ଖାଦ୍ୟ ପ୍ରଦାନ କରାଯାଉଛି। ଏଣୁ, ଜେଲ୍ କର୍ତ୍ତୃପକ୍ଷଙ୍କ ଅନୁମତି ପରେ ହିଁ ବିକ୍ରମଙ୍କୁ ମେଡିକାଲ ଖାଦ୍ୟ ପ୍ରଦାନ କରାଯାଇପାରିବ ବୋଲି ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ଡା. ଦୁର୍ଗାମାଧବ ଶତପଥୀ ସୂଚନା ଦେଇଛନ୍ତି।

**ପୁଲିସ ପଞ୍ଝାରେ ସାଇବର୍ ଠକଙ୍କ ୨ ଏଜେଣ୍ଟ**

# ଠକଙ୍କୁ ଭଡ଼ାରେ ଦେଉଥିଲେ ବ୍ୟାଙ୍କ ପାସବୁକ୍

ବଲାଙ୍ଗିର,୧୩।୨(ସମିସ): ସାଇବର୍ ଠକେଇ ପାଇଁ ଭଡ଼ାରେ ଲାଗିଛି ଶହଶହ ବ୍ୟାଙ୍କ ଜମାଖାତା। ଅଳ୍ପ କିଛି ଟଙ୍କା ପାଇଁ ଦଲାଲମାନେ ସାଧାରଣ ଲୋକଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ଭଡ଼ାରେ ତାକୁ ସାଇବର୍ ଠକଙ୍କୁ ଦେଉଛନ୍ତି। ସେହି ବ୍ୟାଙ୍କ ଜମାଖାତାରେ କୋଟିକୋଟି ଟଙ୍କାର କାରବାର ହେଉଛି। ଏଭଳି ବେଆଇନ କାରବାର ଚଳାଇଥିବା ସାଇବର୍ ଠକଙ୍କ ୨ ଏଜେଣ୍ଟ ବଲାଙ୍ଗିର ପୁଲିସ୍ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ, ଚୁଡ଼ାପାଲି ଗାଁର ଦେବାଶିଷ କାନ୍ତି ଓ ସୌମ୍ୟରଞ୍ଜନ କବାଟ। ସେମାନଙ୍କଠାରୁ ପୁଲିସ ଦୁଇଟି ବାଇକ୍, ଗୋଟିଏ କାର୍, ୨୦ଟି ବ୍ୟାଙ୍କ ପାସବୁକ୍, ୧୫ଟି ଚେକବୁକ୍, ୧୦ଟି ଡେବିଟ୍ କାର୍ଡ, ଗୋଟିଏ ପିଓଏସ ମେସିନ, ୮ଟି ମୋବାଇଲ, ୫ଟି ସିମକାର୍ଡ ଜବତ କରିଛି। ଏହାସହ ଦୁଇ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଛି। ଏହାସହ ସେମାନଙ୍କୁ ଆଜି ପୁଲିସ କୋର୍ଟଚାଲାଣ କରିଛି।

- ୨ ଜମାଖାତାରେ ୬ ମାସରେ ୫ କୋଟି ଠକେଇ ଟଙ୍କା କାରବାର
- ପୁଲିସ ହାତରେ ଜିଲ୍ଲାର ୯୯୨ ଜମାଖାତାର ତାଲିକା

ପୁଲିସ ସୂଚନାନୁଯାୟୀ, ଅଭିଯୁକ୍ତଦ୍ୱୟ ବଲାଙ୍ଗିର ସଦର ଓ ଲୋଇସିଂହା ବ୍ଲକ୍ ଅଞ୍ଚଳର ପ୍ରାୟ ୩ ଶହ ଲୋକଙ୍କୁ ବିଭିନ୍ନ ଆଳ ଦେଖାଇ ସେମାନଙ୍କ ନାମରେ କରେଣ୍ଟ ଓ କର୍ପୋରେଟ୍ ଜମାଖାତା ଖୋଲାଇଥିଲେ। ଏଥିପାଇଁ ସେମାନଙ୍କୁ ହଜାରେରୁ ଦୁଇ ହଜାର ଟଙ୍କା ଦେଇଥିଲେ। ଉକ୍ତ ଜମାଖାତାକୁ ସେମାନେ ପଶ୍ଚିମବଙ୍ଗର ସାଇବର୍ ଠକମାନଙ୍କୁ ଭଡାରେ ଦେଇଥିଲେ। ଠକଙ୍କ ପାଖରୁ ଏମାନେ ଜମାଖାତା ପିଛା ୫ରୁ ୧୦ ହଜାର ଟଙ୍କା କମିସନ ନେଇଥିବା ପୁଲିସ ଜାଣିବାକୁ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସାଇବର୍ ଠକଙ୍କୁ ବିକିଥିବା ଜମାଖାତା ମଧ୍ୟରୁ ୨ଟି ଜମାଖାତାରେ ଗତ ୬ ମାସ ମଧ୍ୟରେ ୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର କାରବାର ହୋଇଛି। ଜିଲ୍ଲାରେ ଏହିଭଳି ୯୯୨ ସନ୍ଦେହଜନକ ବ୍ୟାଙ୍କ ଜମାଖାତା ରହିଛି ବୋଲି ପୁଲିସ କହିଛି।

**ଠିକାଦାରଙ୍କ ମିଳିତ ମହାମଞ୍ଚର ଚେତାବନୀ**

# ୨୦ରୁ ରାଜ୍ୟବ୍ୟାପୀ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ

ଭୁବନେଶ୍ୱର, ୧୩।୨(ସମିସ): ଆସନ୍ତା ୨୦ ତାରିଖରେ ସାରା ରାଜ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ନିମନ୍ତେ ଚେତାବନୀ ଦେଇଛି ଠିକାଦାର ମିଳିତ ମହାମଞ୍ଚ। ଅଲ୍ ଓଡ଼ିଶା ଠିକାଦାର ମହାସଂଘ, ଅଲ୍ ଓଡ଼ିଶା ଠିକାଦାର ୱେଲଫେୟାର ଆସୋସିଏସନ ଓ ଅଲ୍ ଓଡ଼ିଶା ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର ଆସୋସିଏସନ ପକ୍ଷରୁ ଗଠିତ ମହାମଞ୍ଚ ଆବାହକ ଅନୀଲ କୁମାର ମହାଲିକଙ୍କ ନେତୃତ୍ୱରେ ଗଠିତ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଆସନ୍ତା୧୮ ତାରିଖସୁଦ୍ଧା ସରକାର ପୂର୍ତ୍ତ ବିଭାଗର ସର୍କୁଲାର ୦୭୭୬୪୬୦୦୨୨୦୨୫୧୭୩ (୩.୧.୨୬)କୁ ରଦ୍ଦ କରି ଟେଣ୍ଡର ମୂଲ୍ୟକୁ ଶୂନ ପ୍ରତିଶତକୁ କମ୍ ନିମନ୍ତେ ନୂତନ ଆଇନ ପ୍ରଣୟନ, ଏସ୍ଓଆର ସ୍ଥିରୀକରଣ, ଟେଣ୍ଡର ସୀମା ବୃଦ୍ଧି, ଏକ ରାଜ୍ୟ ଏକ ଆଇନ, ଖଣିଜ ଦ୍ରବ୍ୟ ସମସ୍ୟା, ଜରିମାନା ଛାଡ, ଦରଦାମ ବୃଦ୍ଧି ହିସାବ ପ୍ରମୁଖ ଏହି ଦାବିଗୁଡ଼ିକ ଉପରେ ବିଚାର ନ କରନ୍ତି, ତେବେ ଆସନ୍ତା ୨୦ ତାରିଖ ଠାରୁ ରାଜ୍ୟର ସମସ୍ତ ଚାଲୁଥିବା ନିର୍ମାଣ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦିଆଯିବ ଓ ଭୁବନେଶ୍ୱରର ରାଜରାସ୍ତାରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ମହାମଞ୍ଚ ଚେତାବନୀ ଦେଇଛି।

ଏଥିସହିତ ଓଡ଼ିଆ ଠିକାଦାରମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରାଯାଉଛି। ଯଦି ସରକାର ଆଲୋଚନା ମାଧ୍ୟମରେ ଏହାର ସ୍ଥାୟୀ ସମାଧାନ ନ କରନ୍ତି, ତେବେ ଓଡ଼ିଆ ଅସ୍ମିତା ଓ ରାଜ୍ୟର ଅର୍ଥନୈତିକ ମେରୁଦଣ୍ଡ ବିପନ୍ନ ହେବ। ଠିକାଦାରମାନଙ୍କ ସହିତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଜଡିତ ପ୍ରାୟ ୭୪ ଲକ୍ଷ ଲୋକଙ୍କ ଜୀବିକା ବିପଦରେ ପଡ଼ିବ। ଆଗାମୀ ଦିନରେ କାର୍ଯ୍ୟବନ୍ଦ ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଲେ ସେଥିପାଇଁ ସରକାର ସଂପୂର୍ଣ୍ଣ ଦାୟୀ ରହିବେ ବୋଲି ଆବାହକ ଶ୍ରୀ ମହାଲିକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ଏଓସିଏ, ଅଧ୍ୟକ୍ଷ ପ୍ରଭାତ ଦାସ, ଅନିଲ ମହାଲିକ, ଏଓସିଏ ସମ୍ପାଦକ ଦିଲୀପ କୁମାର ଜେନା, ଏଓସିଡବ୍ଲୁଏ,ଅଧ୍ୟକ୍ଷ ଜଗଦୀଶ ପାତ୍ର, ଶ୍ରୀ ଏଓସିଡବ୍ଲୁଏ, ସାଧାରଣ ସମ୍ପାଦକ ବିଭୂତି ଜେନା, ଏଓସିଇଏ, ଅଧ୍ୟକ୍ଷ ଆଶିଷ କୁମାର ସୋମ, ଏଓସିଇଏ, ସାଧାରଣ ସମ୍ପାଦକ ଭଗବାନ ବିଶ୍ୱାଳଏବଂ ରାଜ୍ୟର ଅନ୍ୟାନ୍ୟ ଠିକାଦାରଙ୍କ ଉପସ୍ଥିତ ରହିଥିଲେ।

**ଜାଇକା ବନ ପ୍ରକଳ୍ପ ଜାତୀୟ କର୍ମଶାଳା**

# ସବୁଜ ଅର୍ଥନୀତି ପାଇଁ 'କାଷ୍ଠ ରୂପାନ୍ତରଣ' ଓ 'ଶିଳ୍ପ ସହବନ୍ଧନ' ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୩।୨(ସମିସ): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ଥିବା ଓଡ଼ିଶା ବନ ସଂରକ୍ଷଣ ପ୍ରକଳ୍ପ (ଓଏଫ୍ଏସଡିପି-୨) ଏବଂ ଜାପାନ ଇଣ୍ଟରନ୍ୟାସନାଲ କୋଅପରେସନ ଏଜେନ୍ସି(ଜାଇକା)ର ମିଳିତ ଆନୁକୂଲ୍ୟରେ ଜାଇକା ସହାୟତାପ୍ରାପ୍ତ ବନ ପ୍ରକଳ୍ପଗୁଡ଼ିକର ୧୪ତମ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ 'ଉଡ୍ ଟ୍ରାନ୍ସଫର୍ମେସନ' ଏବଂ 'ଫରେଷ୍ଟ ସାର୍ଟିଫିକେସନ' ଉପରେ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ଏଥିରେ ଫରେଷ୍ଟ ଷ୍ଟିୱାର୍ଡଶିପ୍ କାଉନସିଲ୍ (ଏଫ୍ ଏସ ସି) ଏବଂ "ପ୍ରମାଣ' ଭଳି ବ୍ୟବସ୍ଥାଗୁଡ଼ିକ କିପରି କାଠକୁ ଏକ ସ୍ଥାୟୀ ସାମଗ୍ରୀ ଭାବରେ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ଅପରିହାର୍ଯ୍ୟ, ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସ୍ଥାୟୀ କାଠ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଜଙ୍ଗଲ ପ୍ରମାଣୀକରଣକୁ ପ୍ରୋତ୍ସାହନ ଦେବା ଏବଂ




କୃଷି-ବନୀକରଣ ମାଧ୍ୟମରେ ଦେଶ ତଥା ବିଦେଶର ଚାହିଦା ପୂରଣ କରିବା ପାଇଁ ବିଶେଷଜ୍ଞମାନେ ମତବ୍ୟକ୍ତ କରିଥିଲେ।

ବିଭାଗୀୟ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ବିଭିନ୍ନ ରାଜ୍ୟ ଏବଂ ଜାଇକା ଭଳି ଆନ୍ତର୍ଜାତୀୟ ସଂସ୍ଥା ମଧ୍ୟରେ ସହଯୋଗ ଭାରତର ଜଙ୍ଗଲ କ୍ଷେତ୍ରକୁ ଜଳବାୟୁ ପରିବର୍ତ୍ତନର ସାମ୍ନା କରିବା ପାଇଁ ଅଧିକ ଶକ୍ତିଶାଳୀ କରିବ। ବନ ସୁରକ୍ଷା ସମିତି (ଭି.ଏସ୍.ଏସ୍) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚଜି)ର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ।

ଏଥିରେ ଜାଇକା ଇଣ୍ଡିଆର ବରିଷ୍ଠ ପ୍ରତିନିଧି ୱାକାମାଟ୍‌ସୁ ଏଇଜି, ବିଶେଷଜ୍ଞ ସିଦ୍ଧାର୍ଥ ପରମେଶ୍ୱରନ୍, କହିଥିଲେ ଯେ ଜଳବାୟୁ ଅନୁକୂଳ ପରିବେଶ, କାଠର ରୂପାନ୍ତରଣ ଏବଂ ଡିଜିଟାଲ ଜ୍ଞାନକୌଶଳର ବ୍ୟବହାର ଆଗାମୀ ଦିନରେ ସହଯୋଗର ମୁଖ୍ୟ ଆଧାର ହେବ। ଜାପାନର ବିଶେଷଜ୍ଞ ଏବଂ ବେସରକାରୀ ସଂସ୍ଥାମାନଙ୍କ ସହ ମିଶି ନୂତନ ଜ୍ଞାନକୌଶଳର ପ୍ରୟୋଗ କରାଯିବ, ଯାହା ଉଭୟ ଦେଶ ପାଇଁ ଲାଭଦାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଓଏଫ୍ଏସଡିପି ପ୍ରକଳ୍ପ ନିର୍ଦ୍ଦେଶକ ଜି. ରାଜେଶ ପରିଚାଳନା କରିଥିବା ବେଳେ ଶେଷରେ ଯୁଗ୍ମ ନିର୍ଦ୍ଦେଶକ ସ୍ୱୟମ୍ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାର ଲିଙ୍ଗଗତ ସମାନତା କୃଷି ବିଧିବ୍ୟବସ୍ଥା ନିମନ୍ତେ କର୍ମଶାଳା ଅନୁଷ୍ଠିତ




ଭୁବନେଶ୍ୱର,୧୩।୨(ସମିସ): ଶୁକ୍ରବାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଆନ୍ତର୍ଜାତୀୟ ଖାଦ୍ୟ ନୀତି ଅନୁସନ୍ଧାନ ସଂସ୍ଥାନ (ଆଇଏଫ୍‌ପିଆରଆଇ) ଏବଂ ଗେଟ୍ସ ଫାଉଣ୍ଡେସନ୍ ମିଳିତ ସହଯୋଗରେ ଅନୁଷ୍ଠିତ କର୍ମଶାଳାକୁ ଶ୍ରୀ ସିଂହଦେଓ ଉଦ୍‌ଘାଟନ କରିଛନ୍ତି। ଓଡିଶା ଏକମାତ୍ର ରାଜ୍ୟ ଯେଉଁଠି ମହିଳାଙ୍କ ନିମନ୍ତେ ଉଦ୍ଦିଷ୍ଟ କୃଷି ଯନ୍ତ୍ରପାତି ବନାଯିବା ନେଇ ଏକ ନିର୍ଦ୍ଦେଶାବଳୀ ପ୍ରଣୟନ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ମହିଳା ଏବଂ ଶିଶୁ ବିକାଶ ବିଭାଗର କମିଶନର ତଥା ସଚିବ ଡ. ମୃଣାଳିନୀ ଦର୍ଶୱାଲ ଆନ୍ତଃବିଭାଗୀୟ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ମହିଳା ସଶକ୍ତିକରଣକୁ କେବଳ ଏକାକୀ ଭାବେ ସଶକ୍ତ କରାଯାଇପାରିବ ନାହିଁ; ବରଂ ଲିଙ୍ଗଗତ ସମ୍ବେଦନଶୀଳ କକ୍ଷ ମାଧ୍ୟମରେ କୃଷି, ମହିଳା ଏବଂ ଶିଶୁ ବିକାଶ ଏବଂ ତଥ୍ୟ ବ୍ୟବସ୍ଥାରେ ସମନ୍ୱୟ ପାଇଁ ସୁଯୋଗ ସୃଷ୍ଟି କରିବ, ଯାହାକି ମହିଳା ନେତୃତ୍ୱାଧୀନ ବିକାଶକୁ ତ୍ୱରାନ୍ୱିତ କରି ସଫଳ ରୂପାୟନ ଦିଗରେ ସାହାଯ୍ୟ କରିବ ବୋଲି ମତବ୍ୟକ୍ତ କରିଛନ୍ତି। ବିଭାଗୀୟ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ଏଫପିଆରଆଇ ଦକ୍ଷିଣ ଏସିଆର ନିର୍ଦ୍ଦେଶକ ଡ. ଶାହିଦୁର ରସିଦ ପ୍ରମୁଖ ଯୋଗଦେଇ ଏହି ପଦକ୍ଷେପ କେବଳ ଲକ୍ଷ୍ୟ ମଧ୍ୟରେ ସୀମିତ ନ ରହି ଫଳାଫଳରେ ପ୍ରତିଫଳିତ ହେବା ସହ ଏହି ମଡେଲ ଆଗାମୀ ଦିନରେ ଅନ୍ୟ ରାଜ୍ୟ ଏବଂ ଦକ୍ଷିଣ ଏସିଆର ଦେଶଗୁଡ଼ିକ ପାଇଁ ଏକ ଦୃଷ୍ଟାନ୍ତ ସାଜିବ ବୋଲି କହିଛନ୍ତି। ଏହି ଅବସରରେ ଦୁଇ ସଫଳ ମହିଳା "ମିଲେଟ ରାଣୀ' ଡ. ରାଇମତି ଘିଉରିଆ ଏବଂ ମରାମତିରେ ପାରଦର୍ଶିତା ଲାଭ କରିଥିବା ରୀନା ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। କର୍ମଶାଳାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ପୂର୍ବତନ କେନ୍ଦ୍ର ସଚିବ ଟି ନନ୍ଦ କୁମାରଙ୍କ ସମେତ ବିଭାଗୀୟଅଧିକାରୀମାନେ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିପାରେ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲ୍‌କୁ ସୁଧାରିବାକୁ ଚେଷ୍ଟା କରନ୍ତୁ।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅତିଥି ସତ୍କାରରେ ସମୟ ବିତିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**କର୍କଟ:** ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଉଧାର ଟଙ୍କା ଫେରିପାଇବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ଉଚ୍ଚଶିକ୍ଷା ଲାଗି ଉତ୍ତମ ସମୟ।

**ଧନୁ:** ଅନ୍‌ଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଅନୁକୂଳ ସମୟ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରନ୍ତୁ। କିଛି କଥାକୁ ନେଇ ଚିନ୍ତାରେ ରହିପାରନ୍ତି। ହଜିଯାଇଥିବା ଜିନିଷ ଫେରିପାଇବେ।

**ମୀନ:** ନିଜ ପସନ୍ଦର କାର୍ଯ୍ୟ କରି ଖୁସି ହେବେ। ପାରିବାରିକ ଜୀବନ ସୁଖମୟ ହେବ। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ପ୍ରେମ ବ୍ୟାପାରରେ ସଫଳ ହେବେ ।

## ଆଜିର ଇତିହାସ

- ୧୯୨୦- ସିକାଗୋରେ ମହିଳା ମତଦାତା ଲିଗ୍ ସ୍ଥାପନା।
- ୧୯୩୩- ବଲିଉଡ୍ ଅଭିନେତ୍ରୀ ମଧୁବାଲାଙ୍କ ଜନ୍ମ।
- ୧୯୩୯ - ଜର୍ମାନ୍ ଯୁଦ୍ଧପୋତ ବିସ୍‌ମାର୍କର ଆରମ୍ଭ।
- ୨୦୦୫- ଭିଡିଓ ସେୟାରିଂ ୱେବସାଇଟ୍ ୟୁଟ୍ୟୁବ୍‌ର ଆରମ୍ଭ ହେଲା।
- ୨୦୧୯ - ଜାମ୍ମୁ କାଶ୍ମୀରର ସିଆର୍‌ପିଏଫ୍ କ୍ୟାମ୍ପରେ ଆତଙ୍କୀ ଆକ୍ରମଣ, ୪୦ ଯବାନ ସହିଦ।

## 'ମହାବତାର'
### ଭଗବାନ ପର୍ଶୁରାମଙ୍କ ଭୂମିକାରେ ଭିକି



ବଲିଉଡ୍ ଅଭିନେତା ଭିକି କୌଶଲଙ୍କ ଫିଲ୍ମ 'ଛାବା' ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହେବା ପରେ ତାଙ୍କ ହାତକୁ ଏବେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟରୁ ଅଫର୍ ଆସୁଛି। ସେ ମଧ୍ୟ ଏବେ ଦେଖିଚାହିଁ ଫିଲ୍ମ ସାଇନ୍ କରୁଛନ୍ତି। ଦର୍ଶକେ ଏବେ ତାଙ୍କ ଆଗାମୀ ଫିଲ୍ମ 'ଲଭ୍ ଆଣ୍ଡ ୱାର୍'କୁ ଅପେକ୍ଷା କରିଛନ୍ତି। ଅପରପକ୍ଷରେ ଭିକି 'ମହାବତାର' ଫିଲ୍ମରେ ଲିଡ୍ ରୋଲରେ ନଜର ଆସିବା କଥା ଘୋଷଣା ହେବା ପରେ ତାଙ୍କ ପ୍ରଶଂସକମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଇତିମଧ୍ୟରେ ଏହାର ପୋଷ୍ଟର୍ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। 'ଛାବା' ଭଳି 'ମହାବତାର'ରେ ମଧ୍ୟ ଭିକିଙ୍କ ଲୁକ୍‌ରେ ପରିବର୍ତ୍ତନ ଦେଖାଯିବ ବୋଲି ପୋଷ୍ଟର୍‌ରୁ ଜଣାପଡୁଛି। ଏଥିରେ ଭଗବାନ ପର୍ଶୁରାମଙ୍କ ଭୂମିକାରେ ଅଭିନୟ କରିବା ପାଇଁ ଭିକିଙ୍କୁ ଶାରୀରିକ ସ୍ତରେ ମଧ୍ୟ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ପଡ଼ିବ ବୋଲି କୁହାଯାଉଛି। ଏହି ଫିଲ୍ମ ପାଇଁ ତାଙ୍କୁ ୧୦-୧୨ କେଜି ଓଜନ ବଢ଼ାଇବାକୁ ପଡ଼ିବ। ତେବେ ଏତେ ଶୀଘ୍ର ଭିକି ତାଙ୍କ ଓଜନ ବଢ଼ାଇବେ ନାହିଁ। କାରଣ ସେ ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଅପ୍ରେଲ୍‌ରେ ଏହାର ସୁଟିଂ ସରିଯିବ। ଏହାପରେ ସେ 'ମହାବତାର' ପାଇଁ ନିଜକୁ ପ୍ରସ୍ତୁତ କରିବେ। ଏହି ସମୟରେ ସେ ନିଜ ଓଜନ ବଢ଼ାଇବା ସହ ଯୋଦ୍ଧା ଭୂମିକା ପାଇଁ ବିଭିନ୍ନ ପ୍ରକାରର ତାଲିମ୍ ମଧ୍ୟ ନେବେ ବୋଲି ଜଣାପଡ଼ିଛି। ଦିନେଶ ବିଜାନଙ୍କ ମ୍ୟାଡକକ୍ ଫିଲ୍ମସ୍ ଏହାର ନିର୍ମାଣ କରୁଛନ୍ତି। ଅମର କୌଶିକ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏହି ଫିଲ୍ମ ଆସନ୍ତା କ୍ରିସ୍‌ମାସ୍ ଅବସରରେ ପରଦାକୁ ଆସିବ। ଫିଲ୍ମରେ ଅତି ଉଚ୍ଚମାନର ଗ୍ରାଫିକ୍ସ ଓ ଭିଏଫ୍‌ଏକ୍ସର ବ୍ୟବହାର କରାଯିବ।

## ଋତୁର ନାଁ ପ୍ରେମ
### ଭାଲେଣ୍ଟାଇନ୍ସ ଡେ'



ପ୍ରେମ ଶାଶ୍ୱତ, ଚିରନ୍ତନ, ନୈସର୍ଗିକ ଏହି ବାର୍ତ୍ତା ନେଇ ପ୍ରତିବର୍ଷ ଫେବୃୟାରୀ ୧୪ରେ ଭାଲେଣ୍ଟାଇନ୍ସ ଡେ' ବା ପ୍ରେମ ଦିବସ ପାଳନ କରାଯାଏ। ରୋଜ୍ ଡେ'ରୁ ଆରମ୍ଭ ହୋଇଥିବା ଏହି ପ୍ରେମ ସପ୍ତାହ ପ୍ରପୋଜ୍ ଡେ, ଚକୋଲେଟ୍ ଡେ, ଟେଡି ଡେ, ପ୍ରମିଜ୍ ଡେ, ହଗ୍ ଡେ, କିସ୍ ଡେ ଶିଡ଼ି ଚଢ଼ି ଭାଲେଣ୍ଟାଇନ୍ସ ଡେ'ରେ ପହଞ୍ଚେ। ପ୍ରେମୀ ଯୁଗଳଙ୍କ ପାଇଁ ଏହା ଏକ ବହୁ ପ୍ରତୀକ୍ଷିତ ଦିନ। ଦୁଇ ହୃଦୟର ମିଳନରେ ଆରମ୍ଭ ହୁଏ ପ୍ରେମ । ପ୍ରେମ ସଫଳ କିମ୍ବା ବିଫଳ ହୋଇପାରେ କିନ୍ତୁ ଅନୁଭବ ସବୁବେଳେ ଅନନ୍ୟ। ସମାଜର ଆକଟ ପାଇଁ ପ୍ରେମ କେବେ ଯନ୍ତ୍ରଣା ଦିଏ ଆଉ କେବେ ଦୁଇ ହୃଦୟର ମିଳନ ଆତ୍ମାକୁ ଶାନ୍ତି ଦେଇଥାଏ । ପ୍ରକୃତିର ସିନା ୬ ଋତୁ ହେଲେ ସେଥିରେ ପ୍ରେମର ଋତୁ ମିଶିଲା ପରେ ହୋଇଯାଏ ସାତ ଋତୁ। ଏହି ସାତ ଋତୁକୁ ପ୍ରେମ ଋତୁ ବୋଲି କୁହାଯାଏ। ସେହିପରି ଇତିହାସ ହେଉ କି କିମ୍ବଦନ୍ତୀ । ସବୁଥିରେ ସ୍ୱତନ୍ତ୍ର ସ୍ଥାନ ପାଇଛି ପ୍ରେମ । କେଦାର ଗୌରୀ ହୁଅନ୍ତୁ କି ହୀର ରାଞ୍ଝା, ଲୈଲା ମଜନୁ। ଏସବୁର ଉଦାହରଣ ପ୍ରେମୀଯୁଗଳଙ୍କ ପାଇଁ ପ୍ରେରଣା । ସତ୍ୟ, ତ୍ରେତୟା, ଦ୍ୱାପର, କଳି ପ୍ରତ୍ୟେକ ଯୁଗରେ ପ୍ରେମ ରହିଆସିଛି, ଆଉ ଆସନ୍ତାକାଲି ବି ରହିବ। ଆଧୁନିକତାର ସ୍ପର୍ଶରେ ଭାଲେଣ୍ଟାଇନ୍ସ ଡେ'କୁ ନୂଆ ପରିଚୟ ଦେଇଛନ୍ତି ଆଜିର ଯୁବପିଢ଼ି । ବସନ୍ତ ଋତୁର ମଳୟ ପବନରେ ପୁଲକିତ ହୋଇଉଠେ ପ୍ରେମୀ ଯୁଗଳଙ୍କ ମନ ଏବଂ ହୃଦୟ । ଗୋଲାପ ଦିଆନିଆରୁ ପଡ଼ିଥାଏ ପ୍ରେମ ସପ୍ତାହର ମୂଳଦୁଆ। ପ୍ରେମ ସପ୍ତାହର ଅନ୍ତିମ ଦିନରେ ନିଜର ମନର ମଣିଷ ଆଗରେ ହୃଦୟର କଥା କହି ଭାଲେଣ୍ଟାଇନ୍ସ ଡେ'କୁ ସ୍ୱତନ୍ତ୍ର କରିବା ପାଇଁ ଯୁବପିଢ଼ି କୌଣସି ସୁଯୋଗକୁ ହାତଛଡ଼ା କରନ୍ତି ନାହିଁ । ରଙ୍ଗ ବେରଙ୍ଗର ଗୋଲାପ ଫୁଲ ସାଙ୍ଗକୁ ଚକୋଲେଟ୍, ଟେଡି ବିୟର, କାର୍ଡ ଦେଇ ପ୍ରେମଦିବସ ପାଳନ କରନ୍ତି ପ୍ରେମପକ୍ଷୀ । ଏହି ଦିନରେ ପ୍ରେମୀଯୁଗଳ ହୃଦୟ ଯୋଡ଼ିବା ସହ ଭବିଷ୍ୟତ ପାଇଁ ସୁନେଲି ସ୍ୱପ୍ନ ଦେଖନ୍ତି । ଯେତେ ବି ବାଧାବିଘ୍ନ ଆସୁ ନା କାହିଁକି ଜୀବନ ସାରା ଏକାଠି ରହିବାକୁ ପରସ୍ପରକୁ କଥା ଦେଇଥାନ୍ତି। ଭାଲେଣ୍ଟାଇନ୍ସ ଡେ'ରେ କିଏ ବିତିଯାଇଥିବା ଦିନର ମିଠାମିଠା ସ୍ମୃତିକୁ ମନେ ପକାଏ ତ ଆଉ କିଏ ନୂଆନୂଆ ଆରମ୍ଭ ହୋଇଥିବା ସମ୍ପର୍କକୁ ମଜଭୁତ କରିବାକୁ ଚେଷ୍ଟା କରେ। ପ୍ରେମର ପରିଭାଷା ପରିପ୍ରକାଶ କରିବା ପାଇଁ ଗୋଟିଏ ଜୀବନ କ'ଣ ସାତ ଜନ୍ମ ମଧ୍ୟ କମ୍ ପଡିଯାଇଥାଏ । ତଥାପି ଗୋଟିଏ ଦିନ ନିଜ ମନର ମଣିଷ ସହ ଏକାନ୍ତରେ କାଟିବା ଉଦ୍ଦେଶ୍ୟରେ ପ୍ରେମୀ ଯୁଗଳ ଭାଲେଣ୍ଟାଇନ୍ସ ଡେକୁ ସାରା ବର୍ଷ ଅପେକ୍ଷା କରିଥାନ୍ତି। ଏସବୁ ଭିତରେ ବି ପ୍ରେମକୁ ଗୋଟିଏ ଦିବସ କିମ୍ବା ଗୋଟିଏ ସପ୍ତାହ ଭିତରେ ବାନ୍ଧି ରଖିବା ଅସମ୍ଭବ । ମଣିଷର ମୃତ୍ୟୁ ପରେ ବି ତା ପ୍ରେମ ଅନ୍ୟ ପାଇଁ ଉଦାହରଣ ସାଜେ। ସେଥିପାଇଁ ତ ରୋମିଓ ଜୁଲିଏଟଙ୍କଠୁ ଆରମ୍ଭ କରି ଅନେକ ପ୍ରେମୀଯୁଗଳଙ୍କ ପ୍ରେମ କାହାଣୀ ଆଜି ବି ଅମର ହୋଇ ରହିଛି । ତେବେ ଭାଲେଣ୍ଟାଇନ୍ସ ଡେ'ରେ କୌଣସି ଦିବସର ନାଁ ନୁହେଁ, ରୋମ୍‌ର ଜଣେ ସନ୍ଥଙ୍କ ନାମ। ଭାଲେଣ୍ଟାଇନ୍ସ ଡେ'ର ପର୍ବ ଆରମ୍ଭ ହୁଏ ରୋମାନ ରାଜତ୍ୱ କାଳରୁ । ରୋମରେ ସେତେବେଳେ ଶାସନ କରୁଥାନ୍ତି ଅତି ନିଷ୍ଠୁର ଶାସକ କ୍ଲାଉଡିୟସ୍ ଦ୍ୱିତୀୟ । ଅତି କ୍ରୁର ଓ କଠୋର ଶାସନ ପାଇଁ ତାଙ୍କର ସେନା ବାହିନୀରେ କୌଣସି ଯୁବକ ଯୋଗ ଦେବାକୁ ଅନିଚ୍ଛା ପ୍ରକାଶ କରୁଥିଲେ । ତାଙ୍କର ଭ୍ରାନ୍ତ ଧାରଣା ଥିଲା ଯେ, ରାଜ୍ୟର ସବୁ ଲୋକେ ସେମାନଙ୍କର ପ୍ରିୟଜନ ଓ ପରିବାରଙ୍କ ସହ ଅୟସ ଆରାମରେ ଜୀବନ ବିତାଉଥିବାରୁ ସେନାବାହିନୀରେ କେହି ଯୋଗ ଦେଉନାହାଁନ୍ତି। ସେଥିପାଇଁ ସେ ବିବାହ ଆଦି ମାଙ୍ଗଳିକ କାର୍ଯ୍ୟରେ ନିଷେଧାଦେଶ ଜାରି କରିଥିଲେ ଏବଂ ଆଉ ଏକ ତାଙ୍କର ଧାରଣା ଥିଲା ଯେ ସେନାବାହିନୀର ସିପାହୀମାନେ ସେମାନଙ୍କ ପ୍ରେମିକା ସହ ସଂପର୍କ ରଖିବା ବା ବିବାହ କରିବା ଦ୍ୱାରା ଶକ୍ତିହୀନ ହୋଇଯିବେ। ସେଥିପାଇଁ ସେମାନଙ୍କୁ ନାନା କଟକଣା ଜାରି କରିଥିଲେ । ସେହି ରାଜ୍ୟରେ ଭାଲେଣ୍ଟାଇନ୍ ନାମକ ସନ୍ଥ ରହୁଥିଲେ। ସେ ରାଜାଙ୍କ ନିର୍ଦ୍ଦେଶକୁ ବିରୋଧ କରି ପ୍ରଜା ଓ ସୈନ୍ୟମାନଙ୍କୁ ପ୍ରେମ କରିବା ପାଇଁ ପ୍ରୋତ୍ସାହିତ କରୁଥିଲେ। ଏପରିକି ସେ ଲୁଚିଲୁଚି ଅନେକ ବାହାଘର ମଧ୍ୟ କରାଇଥିଲେ। ଏହା ଜଣାପଡ଼ିବା ପରେ ରାଜାଙ୍କ କ୍ରୋଧର ଶିକାର ହୋଇଥିଲେ ସନ୍ଥ ଭାଲେଣ୍ଟାଇନ୍। ତାଙ୍କୁ ବନ୍ଦୀ କରାଯାଇଥିଲା। ଖ୍ରୀଷ୍ଟାବ୍ଦ ୨୬୯ରେ ଫେବୃଆରୀ ୧୪ ତାରିଖରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ସେବେଠାରୁ, ଏହି ଦିନଟିକୁ ପ୍ରେମ ଏବଂ ସମର୍ପଣର ପ୍ରତୀକ ଭାବରେ ବିବେଚନା ହେଲା ଓ ଫେବୃଆରୀ ୧୪କୁ ଭାଲେଣ୍ଟାଇନ୍ସ ଡେ' ଭାବରେ ପାଳନ ଆରମ୍ଭ ହେଲା। ସନ୍ଥ ଭାଲଣ୍ଟୋଇନ୍‌ଙ୍କ ମୃତ୍ୟୁକୁ ଇତିମଧ୍ୟରେ ଶହ ଶହ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ଏହି ଦିନଟି ବିଶ୍ୱବାସୀଙ୍କୁ ପ୍ରେମ ହିଁ ଜୀବନ ବୋଲି ବାର୍ତ୍ତା ଦେଇଚାଲିଛି ।

## ଦୟାଳୁ ଚୋର
### ଘରେ ଛାଡ଼ିଗଲା ୨୦ ଟଙ୍କା

ତେଲେଙ୍ଗାନାରୁ ଚୋରିକୁ ନେଇ ଏକ ମଜାଦାର ଘଟଣାଟିଏ ସାମ୍ନାକୁ ଆସିଛି। ଘଟଣାଟି ରଙ୍ଗାରେଡ୍ଡି ଜିଲ୍ଲା ମହେଶ୍ୱରମ୍ ଗାଁରେ ଘଟିଛି। ଚୋରଟିଏ ଚୋରି କରିବା ଉଦ୍ଦେଶ୍ୟରେ ଏହି ଗାଁର ଜଣକ ଘରେ ପଶିଥିଲା। ହେଲେ ସେଠାରେ ତା'କୁ କାଣି କଉଡ଼ିଟିଏ ବି ମିଳିଲା ନାହିଁ। କିଛି ନ ପାଇ ସେ ନିରାଶ ହୋଇ ଘରୁ ବାହାରିବା ପୂର୍ବରୁ ନିଜ ପକେଟ୍‌ରୁ ୨୦ ଟଙ୍କା କାଢ଼ି ଟେବୁଲ୍ ଉପରେ ରଖିଦେଲା। କେବଳ ସେତିକି ନୁହେଁ, ଯିବା ପୂର୍ବରୁ ଫ୍ରିଜ୍‌ରେ ଥିବା ପାଣିବୋତଲକୁ ନେଇ ପଳାଇଗଲା। ଚୋରର ଏହି କାର୍ଯ୍ୟକଳାପ ସିସିଟିଭିରେ ରେକର୍ଡ ହୋଇଛି। ସେହିପରି ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଏହା ଖୁବ୍ ଭାଇରାଲ ହେଉଛି। ଏହା ଉପରେ ଲୋକେ ମଧ୍ୟ ବେଶ୍ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି। ଏହାପୂର୍ବରୁ ଏଭଳି ଏକ ଘଟଣା ନୋଏଡାରେ ଘଟିଥିଲା। ଏକ ଚୋର ଗ୍ୟାଙ୍ଗ ପ୍ରଥମେ ନୋଏଡା ସେକ୍ଟର ୨୫ରୁ ଜଣକ ଘରୁ ୩ ଲକ୍ଷ ଟଙ୍କାର ଅଳଙ୍କାର ଚୋରାଇ ଥିଲେ। ଏହାପରେ ନୋଏଡା ସେକ୍ଟର ୮୩ର ଏକ ଘରକୁ ଯାଇ ପକୁଡ଼ି ତିଆରି କରିଥିଲେ ଓ ଖାଇ ସାରିବା ପରେ ଆରାମ କରିଥିଲେ। ସେଠାରେ ବିଡ଼ି ଟାଣି ବାଥରୁମ୍‌ରେ ପାନଛେପ ପକାଇ ଚାଲି ଯାଇଥିଲେ।



## ଜାଗର ଜାଳିବା ପରବ ପାଳିବା



ନଳିନୀ ଦାଶ

ବରଷକେ ଥରେ ହସ ଖୁସି ନେଇ
ଜାଗର ପରବ ଆସିଛି
ପାଳିବା ଶିବଙ୍କ ଜନମ ଦିନଟି
ନୂଆ ଆଶା ମନେ ଜାଗିଛି ।
କିଆ ଚମ୍ପାଫୁଲ ବେଲପତ୍ର ମାଳ
ଗଳାରେ ଦେବାରେ ଲଗେଇ
ବଉଳ ଗୟସ ମାଳା ଗୁନ୍ଥି ନେଇ
ତ୍ରିଶୂଳେ ବାନ୍ଧିବା ଗୁଡ଼େଇ ।
ଗାଈକ୍ଷୀର ଢାଳି ଧୂପ ଦୀପ ଦେଇ
ଗାଇବା ବାବାଙ୍କ ଭଜନ
ଅଗତିର ଗତି ପ୍ରଭୁ ଭୋଳାନାଥ
ଆଶିଷ କରିବେ ପ୍ରଦାନ ।
ନଡ଼ିଆ କଦଳୀ ଭୋଗ ବାଢ଼ିଦେବା
ହୋଇବେ ମନ୍ଦିରେ ପ୍ରସନ୍ନ
ଉଜାଗର ରହି ଜାଗର ଜାଳିବା
କରିବା ଶିବଙ୍କ ଦର୍ଶନ ।
ଦେବ ଦାନବଙ୍କ ସାଗର ମନ୍ଥନେ
ବାସୁକୀ ଗରଳ ପିଇଲ
ପୃଥିବୀକୁ ତୁମେ ମହା ବିପଦରୁ
ମହେଶ ଉଦ୍ଧାର କରିଲ ।
ବିଷର ପ୍ରଭାବେ ଚେତାଶୂନ୍ୟ ହୋଇ
ପ୍ରଭୁହେ କରିଲ ଶୟନ
ଦେବଗଣ ମାନେ ଅଖଣ୍ଡ ପ୍ରଦୀପ
ଜାଳିଲେ ଫେରିଲା ଜୀବନ ।
ସେଦିନୁ ଭକତ ସ୍ମରଣେ କରିଲେ
ମହାଶିବରାତ୍ରୀ ପାଳନ
ଦରଶନ କରି ପୁଣ୍ୟ ଲଭିଥାନ୍ତି
କଷଣ ହୁଅଇ ଖଣ୍ଡନ ।
ଜାଗର ଡିଥିରେ ପୁଣ୍ୟ ମହାଦୀପ
ମନ୍ଦିର ଚୂଡ଼ାରେ ଜଳଇ
ଚାରୋଟି ବିଧିରେ ମହା ଶିବରାତ୍ରୀ
ତୁମର ପାଳନ ହୁଅଇ ।
ଶିବ ପଞ୍ଚାକ୍ଷର ଗାଇ କରିଥାନ୍ତି
କେତକୀ ଫୁଲକୁ ଅର୍ପଣ
ଅନ୍ଧାର ଦୂରେଇ ଆଲୋକ ଦିଅନ୍ତି
ହୁଏ ମହାଦୀପ ଉଠାଣ । ■

ଭିକାରିପଡ଼ା, ନୟାଗଡ଼

## ପ୍ରହେଳିକା

- ରାତି ପାହିଯାଏ ଉଜାଗରରେ
  ଦୀପ ଜାଳୁଥାନ୍ତି ଶିବ ମନ୍ଦିରେ
  ପ୍ରଭୁଙ୍କ ନାମକୁ ତୁଣ୍ଡରେ ନେଇ
  ମାନସିକ କେତେ କରନ୍ତି ଯାଇ
  ଶିବଙ୍କର ମୁଖ୍ୟ ପରବ ଇଏ
  ନାମଟି ତାହାର କହିବ କିଏ ?
  
  ଉ-ଶିବରାତ୍ରୀ

- ଏମିତି ଅଟଇ ଦରବଟିଏ
  ବାଦ୍ୟଯନ୍ତ୍ର ବୋଲି ଦୁନିଆ କୁହେ
  ପାରମ୍ପରିକ ଧ୍ୱନି ଦିଅଇ ସିଏ
  ଶିବଙ୍କ ହାତରେ ସେ ଶୋଭାପାଏ?
  
  ଉ-ଡମ୍ବରୁ

- ଏମିତି ଠାକୁର ଅଟନ୍ତି ସିଏ
  ମଶାଣିରେ ପୁଣି ରୁହନ୍ତି ଯିଏ
  ମନ୍ଦିରରେ ସିଏ ପୂଜା ପାଆନ୍ତି
  ହଳାହଳ ବିଷ ପାନ କରନ୍ତି
  ବାଘଛାଲକୁ ସେ ଦେହରେ ନାଇ
  ତାଣ୍ଡବନୃତ୍ୟ କରନ୍ତି ସେହି
  ସଭିଙ୍କର ପ୍ରିୟ ଠାକୁର ସିଏ
  ନାମଟି ତାଙ୍କର କହିବ କିଏ?
  
  ଉ-ଶିବ

- ଗୋଡ଼ ନ ଥାଇବି ଚାଲଇ ସିଏ
  ଶିବଙ୍କ ଗଳାରେ ହାର ସେ ହୁଏ
  ନିଜ ଶରୀରରେ ବିଷକୁ ଭରି
  ଜଙ୍ଗଲରେ ରୁହେ ଘର ସେ କରି
  ଜୀବନ ନାଶଇ ଆଘାତ ଦେଲେ
  ନାମଟି ତାହାର କହିଲ ପିଲେ ?
  
  ଉ-ସାପ



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର

## ମହା ଶିବରାତ୍ରୀ




ଗୋପୀନାଥ ଦାଶ

ଆଲୋକ ମାଳାରେ ଝଲସି ଉଠୁଛି
ଶିବାଳୟ କି ମନୋରମ
ମହା ଶିବରାତ୍ରୀ ପାଇଁ ଉତ୍ସବ ମୁଖର
ନଗର ସହର ଗ୍ରାମ।
ଫାଲ୍‌ଗୁନ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ଅଟେ
ରୁଦ୍ରଙ୍କ ବିଶିଷ୍ଟ ଦିନ
ଉପବାସ ରହି ବ୍ରତୀ ଗଣ ସର୍ବେ
କରନ୍ତି ଶମ୍ଭୁ ପୂଜନ।
ବେଲ ପତ୍ର,ଫୁଲ,ଫଳ,ଭୋଗ ଲଗାଇ
ଲିଙ୍ଗରେ ଢାଳନ୍ତି କ୍ଷୀର
ଗଙ୍ଗାଧର,ମହାଦେବ, ବ୍ୟୋମକେଶ ଦେବ
ଗାଇ ଶିବ ପଞ୍ଚାକ୍ଷର।
ଉଜାଗରେ ରହି ଧୂପ,ଦୀପକୁ ଜାଳି
ଲଗାଇ ପଞ୍ଚାନନେ ମନ
ମଧ୍ୟ ରାତ୍ରରେ ଯେବେ ଉଠିବ ମହାଦୀପ
କରିବେ ପଣା ପାନ।
ଆଶୁତୋଷ, ତ୍ରିଲୋଚନ, ଶଙ୍କର ମହାପ୍ରଭୁ
କରିବେ ଯେ ଆଶିଷ
ଲୋକନାଥ, ଧବଳେଶ୍ୱର, ଗୁପ୍ତେଶ୍ୱର, କପିଳାଶ
ଭକ୍ତଙ୍କ ଭିଡ଼ ଅଶେଷ।
ହୃଦୟୁ ଭକତି ଚନ୍ଦ୍ରଶେଖର, ନୀଳକଣ୍ଠ
ହାତଯୋଡ଼ି କରୁ ଗୁହାରି
ସାହା ହୋଇଥିବ ସବୁବେଳେ ମହେଶ୍ୱର
ବିପଦୁ କରିବ ପାରି। ■

ବରପାଲିପଡ଼ା, ବଲାଙ୍ଗିର

## ସୁମନ

## ସାନୁର ଶିବଭକ୍ତି



ସାନୁ ତା'ର ପିତାମାତାଙ୍କୁ ଅନୁସରଣ କରି ସବୁବେଳେ ଦେବଦେବ ମହାଦେବଙ୍କୁ ପୂଜା ଆରାଧନା କରେ। ସାନୁ ଭାରି ଶାନ୍ତଶିଷ୍ଟ ଓ ମେଳାପି। ଭଲ ପାଠ ମଧ୍ୟ ପଢ଼େ। ସେଥିପାଇଁ ସମସ୍ତେ ତାକୁ ଭାରି ସ୍ନେହ ଆଦର କରନ୍ତି। ପଡ଼ୋଶୀ ଘରର ନଟିଆ କିନ୍ତୁ ତାକୁ ଭାରି ଈର୍ଷା କରେ। ନଟ କୁହେ, ଆମରି ଘର ପାଖେ ରହି ସାନୁ ସମସ୍ତଙ୍କର ପ୍ରିୟ ହୋଇଯାଉଛି ହେଲେ ମୋତେ କେହି ଭଲ ପାଉନାହାଁନ୍ତି। ନିଜର ଦୁର୍ଗୁଣ ନଟକୁ ଦେଖାଯାଏ ନାହିଁ। କାହାର ଉନ୍ନତି ହେଲେ ବା ଅନ୍ୟ କେହି ପ୍ରଶଂସା ପାଇଲେ ନଟ ସହିପାରେ ନାହିଁ। ମହାଶିବରାତ୍ରୀ ଆସିଲା। ଅନେକ ଭକ୍ତ ମହାଦେବଙ୍କୁ ଭୋଗ ସମର୍ପଣ କରୁଥାନ୍ତି। ସେଦିନ ମହାଦେବଙ୍କ ନିକଟକୁ ପଣା ନେଇ ଭୋଗ କରିବାକୁ ଗଲା ନଟ। ମନ୍ଦିରର ପୂଜକ ପଣା ପୂଜା କରିସାରିବା ପରେ ପ୍ରସାଦକୁ ବାହାରେ ରଖିଦେଉଥାନ୍ତି। ନଟର ତ ମନରେ ଭକ୍ତିଭାବ ନ ଥାଏ ବରଂ ସାନୁକୁ ହଇରାଣ କରିବାକୁ ସୁଯୋଗ ଖୋଜୁଥାଏ। ସାନୁ କେତେବେଳେ ଆସିବ ସେ ଚାହିଁଥାଏ। ଏହି ସମୟରେ ନଟର ପଣା ଗିନାଟି ବଦଳ ହୋଇଗଲା। ଏକାଭଳି ଆଉ ଏକ ପଣା ଗିନାଟିଏ ସେଠାରେ ଥୁଆ ହୋଇଥାଏ। ନଟ ଏହା ଜାଣି ନ ଥାଏ। ଦୂରରୁ ଦେଖିଲା ସାନୁ ବି ମନ୍ଦିରକୁ ଭୋଗ ଥାଳି ଆଣି ଆସୁଛି। ଭୋଗ ହୋଇଥିବା ପଣାରୁ ଅଧା ପିଇ ସାରି ନଟ ବାକିତକ ପଣାରେ କିଛି ଜିନିଷ ମିଶାଇବାକୁ ଚେଷ୍ଟା କଲା। ଏହି ସମୟରେ ନଟର ମୁଣ୍ଡ ବୁଲାଇବାକୁ ଲାଗିଲା। ତାକୁ ସାମ୍ନାରେ ନାଗସାପ ଦେଖାଗଲା। ସାନୁ ତା ନିକଟରେ ପହଁଞ୍ଚି ସାରିଥିଲା। ନଟ ନାଗସାପ ନାଗସାପ କହି ଅଚେତ ହୋଇଗଲା। ସବୁଲୋକ ସେଠାରେ ରୁଣ୍ଡ ହୋଇଗଲେ। ଚେତା ଫେରିବା ପରେ ସାନୁକୁ ହାତ ଯୋଡ଼ିଲା ନଟ। କହିଲା, ମୁଁ ତୋ ପାଇଁ ମନ୍ଦ ଚିନ୍ତା କରୁଥିଲି ବୋଲି ମୋତେ ମହାଦେବ ଶାସ୍ତି ଦେଲେ। ସାମ୍ନାରେ ପଡ଼ିଥିବା ପାଳ ଦଉଡ଼ିଟିକୁ ଧରି ସାନୁ କହିଲା ଏଇଟାକୁ ତୁ ନାଗସାପ କହୁଛୁ କି ନଟ ? ତୋତେ କ'ଣ ନିଶା ହୋଇଯାଇଛି କି ? ଏହି ସମୟରେ ଜଣେ ଭକ୍ତ ଆସି କହିଲେ, ମୋର ଭାଙ୍ଗ ପଣା ଗିନାଟି ବଦଳ ହୋଇଯାଇଛିରେ ନଟ। ତୋ ପଣାଗିନାଟା ନେ। ସାନୁ ବୁଝିପାରିଲା ନଟ ଭାଙ୍ଗ ପଣା ପିଇଦେଇଛି। ସେଦିନଠୁ ନଟ ଭଲପିଲା ହେବା ପାଇଁ ଶପଥ କଲା। କେବେ କାହାରିକୁ ଅସୁବିଧାରେ ପକାଇବି ନାହିଁ ବୋଲି ମନେମନେ ସଂକଳ୍ପ କଲା। ନଟ ସାନୁକୁ କହୁଥିଲା, ତୋର ଶିବଭକ୍ତି ଆଗରେ ମୁଁ ହାର୍ ମାନିଲି। ନଟ କାନ୍ଧରେ ହାତ ପକାଇ ସାନୁ ମହାଦେବଙ୍କ ପାଖକୁ ଗଲା । ଦୁହେଁ ମୁଣ୍ଡିଆ ମାରି ଘରକୁ ଫେରିଲେ। ■



ଶୁଭନାରାୟଣ ଶତପଥୀ

ବିଜିପୁର, ବ୍ରହ୍ମଗିରି, ପୁରୀ





ସୋନାଲି ବାରିକ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବିସିପୁର, ମୟୂରଭଞ୍ଜ






ସାନ୍‌ଭିକା ସ୍ୱାଇଁ
ପ୍ରଥମ ଶ୍ରେଣୀ
ରିଭର ବ୍ୟାଙ୍କ ଇଣ୍ଟରନାସନାଲ ସ୍କୁଲ
ନିମାପଡ଼ା





ଦିବ୍ୟାଂଶ ମହାପାତ୍ର
ୟୁକେଜି
ଲଣ୍ଡନ କିଡ୍‌ସ ପ୍ରିସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ଋତୱିକ୍ ମହାନ୍ତି
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର

## ବ୍ଲେସିଂ ମୁଜାରବାନି ଓ ବ୍ରାଡ୍ ଇଭାନ୍ସଙ୍କ ଘାତକ ବୋଲିଂ

# ଅଷ୍ଟ୍ରେଲିଆକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କଲା ଜିମ୍ବାୱେ

**କଲମ୍ବୋ,୧୩।୨(ଏଜେନ୍ସି):** ଡିଫେଣ୍ଡିଂ ଦିନିକିଆ ଏବଂ ୨୦୨୧ର ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୨୩ ରନ୍‌ରେ ହରାଇ ଜିମ୍ବାୱେ ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ପୁରୁଷ ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ଏବଂ ସବୁଠାରୁ ବୃହତ୍ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହା ଫଳରେ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ବିଶ୍ୱକପ୍ ମୁକାବିଲାରେ ଜିମ୍ବାୱେ ଅପରାଜିତ ରହିଛି। ୨୦୦୭ରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ମଧ୍ୟ ଅଷ୍ଟ୍ରେଲିଆକୁ ହରାଇଥିଲା ଜିମ୍ବାୱେ। କଲମ୍ବୋର ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍-ବି' ମୁକାବିଲାରେ ବ୍ରିଆନ୍ ବେନେଟ୍‌ଙ୍କ ଅପରାଜିତ ୬୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ ହରାଇ ୧୬୯ ରନ୍ କରିଥିଲା। ଜବାବରେ ୧୭୦ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଅଷ୍ଟ୍ରେଲିଆ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ପ୍ରଥମ ୪ ଓଭରରେ ୨୯ ରନ୍ ସ୍କୋରରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ବିପଦରୁ ଦଳ ଆଉ ଉଦ୍ଧାର ହୋଇ ନ ପାରି ୧୯.୩ ଓଭରରେ ୧୪୬ ରନ୍ କରି ଅଲଆଉଟ ହୋଇଯାଇଥିଲା।




ଦଳ ପକ୍ଷରୁ କେବଳ ମ୍ୟାଟ ରେନ୍‌ଶା ସର୍ବାଧିକ ୬୫ ଓ ଗ୍ଲେନ୍ ମ୍ୟାକ୍ସୱେଲ ୩୧ ରନ୍ କରି ଜିମ୍ବାୱେ ବୋଲରଙ୍କର କିଛିଟା ମୁକାବିଲା କରିଥିଲେ। ଅତ୍ୟନ୍ତ ଶୃଙ୍ଖଳିତ ବୋଲିଂ, ଚମତ୍କାର ଫିଲ୍ଡିଂ ଓ ଚିତ୍ତାକର୍ଷକ କ୍ୟାଚ୍ ନେବା ଫଳରେ ଜିମ୍ବାୱେର ଏହି ଅତ୍ୟାବଶ୍ୟକ ବିଜୟ ସମ୍ଭବ ହୋଇଥିଲା। ଦଳ ପକ୍ଷରୁ ବୋଲିଂରେ ଦୁଇ ଫାଷ୍ଟ ବୋଲର ବ୍ଲେସିଂ ମୁଜାରବାନି ୪ଟି ଓ ବ୍ରାଡ୍ ଇଭାନ୍ସ ୩ଟି ୱିକେଟ ଅକ୍ତିଆର କରି ଜିମ୍ବାୱେକୁ ଉତ୍କଣ୍ଠାପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ଦଳ ପକ୍ଷରୁ ୪ ଓଭରରେ ୧୭ ରନ୍ ଦେଇ ସର୍ବାଧିକ ୪ଟି ୱିକେଟ ନେଇଥିବା ମୁଜାରବାନିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଦଳର ବରିଷ୍ଠ ଖେଳାଳି ବ୍ରେଣ୍ଡାନ୍ ଟେଲର୍ ଆହତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ବେନ୍ କରାନ୍‌ଙ୍କୁ ସାମିଲ କରାଯାଇଛି।

ଏହି ବିଜୟ ଫଳରେ ବିଶ୍ୱକପ୍ ଗ୍ରୁପ୍-ବି' ଏବେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଛି। ଦ୍ୱିତୀୟ ରାଉଣ୍ଡ ମୁକାବିଲା ପରେ ଶ୍ରୀଲଙ୍କା ଓ ଜିମ୍ବାୱେ ୨ଟି ଲେଖାଏଁ ମ୍ୟାଚ୍ ଖେଳି ୪ ପଏଣ୍ଟ ଲେଖାଏଁ ପାଇ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମୁକାବିଲା ପରେ କେଉଁ ଦୁଇ ଦଳ ସୁପର-୮'କୁ ଉନ୍ନୀତ ହେବେ, ତାହା ଆପାତତଃ ସ୍ପଷ୍ଟ ହୋଇଯିବ। ଅଷ୍ଟ୍ରେଲିଆ ଫେବରାଇଟ୍ ହୋଇଥିଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କ ଅନୁପସ୍ଥିତି ଓ ଏବେ ସାମିଲ ହୋଇଥିବା ଖେଳାଳିଙ୍କ ଫର୍ମହୀନତା ଦଳକୁ ଏଭଳି ଅଡୁଆ ସ୍ଥିତିରେ ପକାଇଛି। ଏହି ଗ୍ରୁପ୍‌ର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ମୁକାବିଲା ଫେବୃଆରୀ ୧୬ରେ ଶ୍ରୀଲଙ୍କା ସହ ଅଷ୍ଟ୍ରେଲିଆ ଓ ଫେବୃଆରୀ ୧୯ରେ ଶ୍ରୀଲଙ୍କା ସହ ଜିମ୍ବାୱେର ମୁକାବିଲା ହେବ। ଶ୍ରୀଲଙ୍କାକୁ ଅଷ୍ଟ୍ରେଲିଆ ହରାଇଦେଲେ ଶେଷ ମ୍ୟାଚ୍‌ର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇବ। ନଚେତ ଅଷ୍ଟ୍ରେଲିଆକୁ ପଛରେ ପକାଇ ଜିମ୍ବାୱେ ଗ୍ରୁପ୍‌ର ଦ୍ୱିତୀୟ କିମ୍ବା ପ୍ରଥମ ଦଳ ଭାବେ ସୁପର-୮'ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

### ସଂକ୍ଷିପ୍ତ ସ୍କୋର

**ଜିମ୍ବାୱେ ଇନିଂସ : ୧୬୯/୨, ୨୦ ଓଭର** (ବ୍ରିଆନ ବେନେଟ-ଅପରାଜିତ-୬୪, ଟି. ମାରୁମାନି-୩୫, ରିୟାନ ବର୍ଲ-୩୫, ସିକନ୍ଦର ରାଜା-ଅପରାଜିତ-୨୫, କାମେରନ ଗ୍ରୀନ୍-୧/୬, ମାର୍କସ ଷ୍ଟୋଇନିସ-୧/୧୭)।

**ଅଷ୍ଟ୍ରେଲିଆ ଇନିଂସ : ୧୪୬/୧୦, ୧୯.୨ ଓଭର** (ମ୍ୟାଟ ରେନ୍‌ଶା-୬୫, ଗ୍ଲେନ୍ ମ୍ୟାକ୍ସୱେଲ-୩୧, ଟ୍ରାଭିସ୍ ହେଡ-୧୭, ବ୍ଲେସିଂ ମୁଜାରବାନି-୪/୧୭, ବ୍ରାଡ୍ ଇଭାନ୍ସ-୩/୨୩)।

### ଅଷ୍ଟ୍ରେଲିଆ ବିପକ୍ଷରେ ଜିମ୍ବାୱେର ବିଜୟ

| ବ୍ୟବଧାନ | ଫର୍ମାଟ | ଭେନ୍ୟୁ | ସମୟ/ଟୁର୍ଣ୍ଣାମେଣ୍ଟ | ଅଧିନାୟକ |
|---|---|---|---|---|
| ୧୩ ରନ୍ | ଦିନିକିଆ | ଟ୍ରେଣ୍ଟବ୍ରିଜ୍ | ୧୯୮୩ ବିଶ୍ୱକପ୍ | ଡନ୍‌କାନ ଫ୍ଲେଚର |
| ୫ ୱିକେଟ | ଟି-୨୦ | କେପ୍‌ଟାଉନ୍ | ୨୦୦୭ ବିଶ୍ୱକପ୍ | ପ୍ରସ୍ପର ଉତ୍ସେୟା |
| ୩ ୱିକେଟ | ଦିନିକିଆ | ହରାରେ | ୨୦୧୪ ଦ୍ୱିପାକ୍ଷିକ | ଏଲଟନ ଚିଗୁମ୍ବୁରା |
| ୩ ୱିକେଟ | ଦିନିକିଆ | ଟାଉନ୍ସଭିଲେ | ୨୦୨୨ ଦ୍ୱିପାକ୍ଷିକ | ରେଗିସ୍ ଚାକାଭା |
| ୨୩ ରନ୍ | ଟି-୨୦ | କଲମ୍ବୋ | ୨୦୨୬ ବିଶ୍ୱକପ୍ | ସିକନ୍ଦର ରାଜା |

# କାନାଡ଼ାକୁ ହରାଇଲା ୟୁଏଇ



**ନୂଆଦିଲ୍ଲୀ,୧୩।୨(ଏଜେନ୍ସି):** ସ୍ଥାନୀୟ ଅରୁଣ ଜେଟ୍‌ଲି ଷ୍ଟାଡ଼ିୟମରେ ଶୁକ୍ରବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ର ୨୦ତମ ମ୍ୟାଚ୍‌ରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ୨ ବଲ ବାକିଥାଇ ୫ ୱିକେଟରେ କାନାଡ଼ାକୁ ପରାସ୍ତ କରିଛି। ୟୁଏଇ ଦ୍ରୁତ ବୋଲର ଜୁନେଦ ସିଦ୍ଦିକ୍ ୫ ୱିକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। କାନାଡ଼ା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ଜବାବରେ ୟୁଏଇ ୧୯.୪ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୟୁଏଇ ତରଫରୁ ଆୟୁଷ ଶର୍ମା ୭୪ ଓ ଶୋଏବ ଖାନ୍ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ କାନାଡ଼ାର ସାଦ୍ ବିନ ଜାଫର ୩ ୱିକେଟ ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା କାନାଡ଼ା ପକ୍ଷରୁ ହର୍ଶ ଠାକ୍‌ରେ ୫୦, ନବନୀତ ଧଲିୱାଲ ୩୪, ଶ୍ରେୟସ ମୋଭା ୨୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ୟୁଏଇ ତରଫରୁ ଜୁନୈଦ୍ ସିଦ୍ଦିକ୍ ୫ଟି ସଫଳତା ପାଇଥିଲେ।

## ● ସାଇତେଜାଙ୍କ ଅର୍ଦ୍ଧଶତକ, ହରମିତ୍‌ଙ୍କୁ ୪ ୱିକେଟ

# ୟୁଏସ୍‌ଏର ପ୍ରଥମ ବିଜୟ


**ଚେନ୍ନଇ,୧୩।୨ (ଏଜେନ୍ସି):** ଉଦୀୟମାନ ବ୍ୟାଟର ସାଇତେଜା ମୁକମ୍ମଲଙ୍କ ଦ୍ରୁତ ଅର୍ଦ୍ଧଶତକ ଓ ହରମିତ ସିଂହଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତବିଶ୍ୱକପ୍ ଗ୍ରୁପ୍-ଏ' ମୁକାବିଲାରେ ୟୁନାଇଟେଡ ଷ୍ଟେଟ୍ ଅଫ୍ ଆମେରିକା (ୟୁଏସ୍‌ଏ) ୯୩ ରନ୍‌ରେ ନେଦରଲାଣ୍ଡସକୁ ହରାଇ ପ୍ରଥମ ବିଜୟ ହାସଲ କରିଛି। ପୂର୍ବରୁ ଏହି ଗ୍ରୁପ୍‌ରେ ଭାରତଠାରୁ ୨୯ ଓ ପାକିସ୍ତାନଠାରୁ ୩୨ ରନ୍‌ରେ ହାରିଥିବା ୟୁଏସ୍‌ଏ ଆସନ୍ତା ରବିବାର ନାମିବ୍ୟା ସହ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ସାଇତେଜା ୫୧ବଲ୍‌ରେ ୭୯, ଶୁଭମ ରଞ୍ଜନେ ୨୪ ବଲ୍‌ରେ ଅପରାଜିତ ୪୮, ଅଧିନାୟକ ମୋନାକ ପଟେଲ ୨୨ ବଲ୍‌ରେ ୩୬ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ୟୁଏସ୍‌ଏ ୬ ୱିକେଟରେ ୧୯୬ ରନ୍ କରିଥିଲା। ପ୍ରତିପକ୍ଷ ଦଳର ବାସ୍ ଡି ଲିଡ୍ ୩୭ ରନ୍‌ରେ ୩ଟି ୱିକେଟ ପାଇଥିଲେ। ଜବାବରେ ହରମିତ ସିଂହ ୪ଟି, ଶାଡ୍‌ଲୀ ଭାନ୍ ସ୍କାଲକ୍ୱିକ୍ ୩ଟି ଓ ମହମ୍ମଦ୍ ମୋହସିନ ୨ଟି ୱିକେଟ ନେବା ଫଳରେ ୧୯୭ ରନ୍‌ର ଲକ୍ଷ୍ୟକୁ ପିଛା କରି ନେଦରଲାଣ୍ଡସ ୧୫.୫ ଓଭରରେ ୧୦୩ ରନ୍ କରିଥିଲା। ଡି ଲିଡ୍ ସର୍ବାଧିକ ୨୩, ସ୍କଟ ଏଡ୍‌ୱାର୍ଡ୍ସ ୨୦ ରନ୍ କରିବାକୁ ସମର୍ଥ ହୋଇଥିଲେ।

# ଆଇପିଏଲ ୨୦୨୬: ପରାଗ ରାଜସ୍ଥାନ ଅଧିନାୟକ

**ନୂଆଦିଲ୍ଲୀ,୧୩।୨(ଏଜେନ୍ସି):** ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପୂର୍ବରୁ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ଏକ ବଡ଼ ଘୋଷଣା କରିଛି। ସଞ୍ଜୁ ସାମସନ ଚେନ୍ନାଇ ସୁପର କିଙ୍ଗ୍‌ସ (ସିଏସ୍‌କେ)କୁ ବଦଳି ହେବା ପରେ ୨୪ ବର୍ଷୀୟ ରିଆନ ପରାଗଙ୍କୁ ରାଜସ୍ଥାନର ପରବର୍ତ୍ତୀ ଅଧିନାୟକ ଭାବେ ନିଯୁକ୍ତି ମିଳିଛି। ପରାଗ ପୂର୍ବରୁ ମଧ୍ୟ ଏହି ଦାୟିତ୍ୱ ତୁଲାଇ ସାରିଛନ୍ତି। ଗତ ସଂସ୍କରଣରେ ସାମସନ ଆହତ ହେବା କାରଣରୁ ପରାଗ ୮ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଥିଲେ।

## ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍

# ଫାଇନାଲ୍‌ରେ ପ୍ରମୋଦ ଭଗତ



**ଭୁବନେଶ୍ୱର,୧୩।୨(ସମିସ):** ଅଲିମ୍ପିକ୍ ଚାମ୍ପିଅନ ଓଡ଼ିଶାର ପ୍ରମୋଦ ଭଗତ ବିଡ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମେ ଖେଳାଯାଇଥିବା ଏସ୍‌ଏଲ୍-୩ ସିଙ୍ଗଲ୍ସ ସେମିଫାଇନାଲ ମୁକାବିଲାରେ ସେ ୨୧-୧୯, ୨୧-୧୭ରେ ଥାଇଲାଣ୍ଡର ମୋଙ୍ଗଖୋନ ବୁନ୍‌ସୁନ୍‌ଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ କ୍ୱାର୍ଟରଫାଇନାଲରେ ସେ ନିଜ ଦେଶର ଉମେଶ ବିକ୍ରମ କୁମାରଙ୍କୁ ୨୧-୧୭, ୨୧-୧୩ ସେଟ୍‌ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏସ୍‌ଏଲ-୩ ଏସ୍‌ଏଲ-୪ ସେମିଫାଇନାଲରେ ପ୍ରମୋଦ ଓ ତାଙ୍କ ପାର୍ଟନର ସୁକାନ୍ତ କଦମ ୨-୦ ସେଟ୍‌ରେ ଦକ୍ଷିଣ କୋରିଆ ଯୋଡି ଚୋ ଏନ୍ ଓ ଲୀ ଏସ୍ ଯୋଡିଙ୍କୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରଛନ୍ତି। ପ୍ରମୋଦଙ୍କ ଏହି ସଫଳତା ଫଳରେ ଭାରତକୁ ଦୁଇଟି ପଦକ ଜିତିବା ସ୍ୱଷ୍ଟ ହୋଇଛି। ପ୍ରମୋଦଙ୍କ ଖେଳ ଖୁବ ଉଚ୍ଚକୋଟୀର ହୋଇଥିବାରୁ ସେ ଆହୁରି ଅଧିକ ସଫଳତା ପାଇବେ ବୋଲି ତାଙ୍କ କୋଚ୍ ଶିବପ୍ରସାଦ ଦାସ ଆଶା ପ୍ରକାଶ କରିଛନ୍ତି।

## ତମାଣ୍ଡୋ ପ୍ରିମିୟର ଲିଗ୍

# କାକଟପୁର ଏମ୍‌ସିସିର ବିଜୟ

**ଭୁବନେଶ୍ୱର,୧୩।୨(ସମିସ):** ତମାଣ୍ଡୋ ପ୍ରିମିୟର ଲିଗ୍‌ର ଶୁକ୍ରବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଭୁବନେଶ୍ୱରର ଆଦିତ୍ୟ ଏକାଦଶକୁ ୪ ୱିକେଟରେ ପରାସ୍ତ କରିଛି କାକଟପୁରର ଏମ୍‌ସିସି ଏକାଦଶ। କ୍ରମାଗତ ଦ୍ୱିତୀୟ ବିଜୟ ଫଳରେ କାକଟପୁର ସେମିଫାଇନାଲ ଖେଳିବା ଆଶା ଉଜ୍ଜ୍ୱଳ ହୋଇଛି। ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଦିତ୍ୟ ଏକାଦଶ ୫ ୱିକେଟରେ ୨୩୪ ରନ୍ କରିଥିଲା। ଦଳ ପକ୍ଷରୁ ଶୁଭମ ଶତ୍ରୁଜିତ ୫୩ ବଲ୍‌ରେ ଅପରାଜିତ ୧୦୪, ଶାନ୍ତନୁ ଦାସ ୨୫ ବଲ୍‌ରେ ୩୯ ଓ ଅରବିନ୍ ସିଂ ୯ ବଲ୍‌ରେ ଅପରାଜିତ ୩୪ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବିଭୁତି ଗୋଛାୟତଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା।




ଜବାବରେ ୨୩୫ ରନ୍‌ର ଲକ୍ଷ୍ୟକୁ ପିଛା କରି କାକଟପୁର ୧୯.୨ ବା ମ୍ୟାଚ୍‌ର ଶେଷ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପ୍ରବୀଣ କୁମାର ୩୫ ବଲ୍‌ରେ ୭୧, ଦୁର୍ଗାପ୍ରସାଦ ବେହେରା ୨୫ ବଲ୍‌ରେ ୪୪ ଓ ଅଙ୍କୁଶ ତ୍ରିପାଠୀ ୧୩ ବଲ୍‌ରେ ୩୦ ରନ୍‌ର ଯୋଗଦାନ ଦେଇଥିଲେ। ପରାଜିତ ଦଳ ପକ୍ଷରୁ ଜାମଳା ଭଞ୍ଜନ ମହାପାତ୍ର ସର୍ବାଧିକ ୪ଟି ୱିକେଟ ପାଇଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ପ୍ରବୀଣ କୁମାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସୁକାନ୍ତ କୁମାର ବେହେରା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ବିଜେତା ୱାରିୟର୍ସ, ବ୍ରହ୍ମପୁର ଓ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ ମଧ୍ୟରେ ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଖେଳାଯିବ। ଆଜିର ମ୍ୟାଚ୍‌କୁ ବିଭୁପ୍ରସାଦ ଚୌଧୁରୀ ଓ ସୌମେନ୍ଦ୍ର ପାତ୍ର ପରିଚାଳନା କରିଥିଲେ।

## ପାକିସ୍ତାନ ବିପକ୍ଷ ମୁକାବିଲା ରବିବାର

# ଅଭିଷେକ, ସଞ୍ଜୁଙ୍କ ପାଇଁ ଭାରତର ଚିନ୍ତା

**ନୂଆଦିଲ୍ଲୀ,୧୩।୨ (ଏଜେନ୍ସି):** ଭାରତ ଓ ପାକିସ୍ତାନ ମଧ୍ୟରେ ହାଇପ୍ରୋଫାଇଲ ଟି-୨୦ ବିଶ୍ୱକପ୍ ମୁକାବିଲା ଶ୍ରୀଲଙ୍କାର କଲମ୍ବୋରେ ଆସନ୍ତା ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ଖେଳ ନୁହେଁ ଯେଉଁ ଦଳ ଚାପକୁ ସହଜରେ ହଜମ କରିପାରିବ, ସେହି ଦଳ ବିଜୟୀ ହେବ ବୋଲି କୁହାଯାଉଛି। ଏବେ ଉଭୟ ଦେଶ ମଧ୍ୟରେ ଆଉ ଏକ ବିଶ୍ୱକପ୍ ମୁକାବିଲା ହେବାକୁ ଯାଉଛି। ଏହି ବିଶ୍ୱକପ୍‌ରେ ସୁରକ୍ଷା କାରଣରୁ ଭାରତରେ ନ ଖେଳିବା ଲାଗି ବାଂଲାଦେଶ ଦାବି କରିଥିଲା। ବାଂଲାର ଦାବି କାଟ ଖାଇଥିଲା ଓ ତାହାକୁ ବିଶ୍ୱକପ୍‌ରୁ ବାଦ୍ ଦିଆଯାଇଥିଲା। ତୃତୀୟ ପକ୍ଷ ଭାବେ ବାଂଲାକୁ ସମର୍ଥନ ଦେଇ ଭାରତ ବିପକ୍ଷ ମ୍ୟାଚ୍ ବୟକଟ୍ କରିଥିଲା। କିନ୍ତୁ ଆଇସିସିର ପ୍ରଚେଷ୍ଟା ଯୋଗୁଁ ଭାରତ ସହ ଖେଳିବାକୁ ପାକିସ୍ତାନ ରାଜି ହୋଇଥିଲା। ଫଳରେ ଏହି ମୁକାବିଲାର ଆକର୍ଷଣ ଆହୁରି ବଢ଼ାଇଦେଇଛି।




ଗତକାଲି ଭାରତ ୯୩ ରନ୍‌ରେ ଦୁର୍ବଳ ନାମିବ୍ୟାକୁ ପରାସ୍ତ କରିଛି। କିନ୍ତୁ ପାକିସ୍ତାନ ମୁକାବିଲା ପୂର୍ବରୁ ଭାରତର ଦୁଇ ଖେଳାଳିଙ୍କ ଅସୁବିଧା ଦଳର ଚିନ୍ତା ବଢ଼ାଇଦେଇଛି। ଅଭିଷେକ ଆହତ ହୋଇଥିବାରୁ ପାକିସ୍ତାନ ବିପକ୍ଷ ମ୍ୟାଚ୍ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ସେହିପରି ତାଙ୍କ ସ୍ଥାନରେ ନାମିବ୍ୟା ବିପକ୍ଷରେ ମ୍ୟାଚ୍ ଖେଳିଥିବା ସଞ୍ଜୁ ସାମସନ ୮ଟି ବଲ୍‌ରୁ ୨୨ ରନ୍ କରିଥିଲେ ମଧ୍ୟ ତାଙ୍କ ଫର୍ମକୁ ନେଇ ଦଳର ଚିନ୍ତା ବଢ଼ିଛି। ସଞ୍ଜୁ ୬ଥର ସୁଯୋଗ ପାଇଥିଲେ ମଧ୍ୟ ଥରେ ୩୦ ରନ୍ ଅତିକ୍ରମ କରି ପାରି ନାହାନ୍ତି।

### ବର୍ଷା ବିଗାଡ଼ିପାରେ ମୁକାବିଲାର ରୋମାଞ୍ଚ

ଚଳିତ ଟି-୨୦ ବିଶ୍ୱକପ୍‌ରେ ରବିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଶ୍ରୀଲଙ୍କା ରାଜଧାନୀ କଲମ୍ବୋରେ ଆୟୋଜନ ହେବାକୁ ଥିବା ମ୍ୟାଚ୍ ବର୍ଷା କାରଣରୁ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ଏହି ହାଇଭୋଲ୍ଟେଜ ମ୍ୟାଚ୍‌ର ମଜା ବିଗାଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଅନୁମାନ କରାଯାଉଛି। ପାଣିପାଗ ବିଭାଗ ଅନୁଯାୟୀ, ରବିବାର କଲମ୍ବୋର ପ୍ରାୟ ୬୦ ପ୍ରତିଶତ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଯଦି ଏପରି ହୁଏ, କ୍ରିକେଟ ପ୍ରଶଂସକମାନେ ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱୀତାମୂଳକ ମ୍ୟାଚ୍ ଦେଖିବାରୁ ବଞ୍ଚିତ ହେବେ। ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ମ୍ୟାଚ୍ ଗୋଟିଏ ଦିନ ପୂର୍ବରୁ ଶନିବାର ସକାଳ ୯ଟାରେ ଦ୍ୱିପହର ୩ଟା ପର୍ଯ୍ୟନ୍ତ ପ୍ରାୟ ୩୫ ପ୍ରତିଶତ ବର୍ଷା ହେବ। ସେହିପରି ମ୍ୟାଚ୍ ଦିନ ୨୪ ଘଣ୍ଟା ବର୍ଷାର ଆଶଙ୍କା ରହିଛି। ବିଶେଷ କରି ସକାଳ ୯ଟାରୁ ଦ୍ୱିପହର ୩ଟା ପର୍ଯ୍ୟନ୍ତ ୫୦ରୁ ୬୦ ପ୍ରତିଶତ ବର୍ଷା ଆଶଙ୍କା ରହିଛି। ସେହିପରି ମ୍ୟାଚ୍ ସମୟରେ ଅର୍ଥାତ ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ୧୦ରୁ ୨୦ ପ୍ରତିଶତ ବର୍ଷା ଆଶଙ୍କା ରହିଛି। ଭାରତ ଓ ପାକିସ୍ତାନ ସେମାନଙ୍କ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଯଦି ବର୍ଷା ଯୋଗୁ ମ୍ୟାଚ୍ ବାତିଲ ହୁଏ, ତେବେ ଦୁଇ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିବେ। ସାଧାରଣତଃ ଡିସେମ୍ବରରୁ ଫେବୃଆରୀ ମଧ୍ୟରେ ଶ୍ରୀଲଙ୍କାର ଉତ୍ତର ଭାଗରେ ପ୍ରବଳ ବର୍ଷା ହୋଇଥାଏ।

## ■ ସିକେ ନାଇଡୁ ଟ୍ରଫି

# ମୁମ୍ବାଇ ବିପକ୍ଷରେ ଓଡ଼ିଶା ୧୬୯ ରନରେ ସୀମିତ

**ଭୁବନେଶ୍ୱର, ୧୩।୨ (ସମିସ):** ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୫ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ଏହାର ୭ମ ମ୍ୟାଚରେ ମୁମ୍ବଇକୁ ଭେଟିଛି। ମୁମ୍ବଇ ସଚିନ ତେନ୍ଦୁଲକର ଜିମଖାନା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ଦୟନୀୟ ପ୍ରଦର୍ଶନ କରିଛି। ପ୍ରଥମ ପାଳିରେ ଓଡ଼ିଶା ମାତ୍ର ୮୫.୪ ଓଭରରେ ୧୬୯ ରନରେ ଅଲଆଉଟ୍ ହୋଇଯାଇଛି। ଓଡ଼ିଶା ପକ୍ଷରୁ ଓମ ଟି ମୁଣ୍ଡେ ସର୍ବାଧିକ ୭୭ ରନ କରିଥିଲେ। ଯେଉଁଥିରେ ସେ ୧୧ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ସେହିଭଳି ଦିନେଶ ମାଝିଙ୍କ ବ୍ୟାଟରୁ ୪୩ ରନର ଉପଯୋଗୀ ପାଳି ଦେଖିବାକୁ ମିଳିଥିଲା। ଅନ୍ୟ ସମସ୍ତ ବ୍ୟାଟର ନିରାଶ କରିଥିଲେ। ଘରୋଇ ମୁମ୍ବଇ ପକ୍ଷରୁ ସୂର୍ଯ୍ୟାଂଶ ଶେଡଗେ ଓ ହିମାଂଶୁ ସିଂ ସଫଳ ବୋଲର ରହିଥିଲେ। ଉଭୟଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା।

## ପ୍ରଶାନ୍ତ ମେମୋରିଆଲ ଆଇନଜୀବୀ କ୍ରିକେଟ

# ସିନେଷ୍ଟାର, କମିଶନରେଟ୍ ପୁଲିସ୍ ବିଜୟୀ

**ଭୁବନେଶ୍ୱର, ୧୩।୨ (ସମିସ):** ଭୁବନେଶ୍ୱର ବାର ଆସୋସିଏସନ ଆନୁକୂଲ୍ୟରେ ବିଜେବି ପଡ଼ିଆରେ ଚାଲିଥିବା ପ୍ରଶାନ୍ତ ରାଉତରାୟ ମେମୋରିଆଲ୍ ଅଲଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଏଥିରେ ଆୟୋଜକ ଭୁବନେଶ୍ୱର ବାର ସଂଘ ଓ ବୋର୍ଡ ଅଫ୍ ରେଭିନ୍ୟୁ ସାମ୍ନାସାମ୍ନି ହେବ। ଏଥିପୂର୍ବରୁ ଶୁକ୍ରବାର ବିଶ୍ରାମ ଦିବସରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶା ସିନେଷ୍ଟାର ଏକାଦଶ ୯୦ ରନରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓଏସ୍‌ଜା)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସିନେଷ୍ଟାର ଦଳ ସନ୍ଦୀପ ମିଶ୍ର (୮୩ ରନ, ୩୦ ବଲ୍) ଓ ଆକାଶ ହୋତା (୬୭ ରନ, ୨୧ ବଲ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୧୫ ଓଭରରେ ୪ ୱିକେଟରେ ୨୨୭ ରନ କରିଥିଲା। ଓସଜାର ଶକ୍ତିପ୍ରସାଦ ନନ୍ଦ, ଚକ୍ରଧର ମାଝୀ, ତୁଷାର ସେନାପତି ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ଜବାବରେ ଓସ୍‌ଜା ଏହି ବିଶାଳ ଲକ୍ଷ୍ୟକୁ ପିଛା କରି ୪ ୱିକେଟରେ ୧୩୭ ରନ କରିବାକୁ ସମର୍ଥ ହୋଇଥିଲା। ଓପନର ତୁଷାର ସେନାପତି ୫୪ ଓ ପ୍ରଫୁଲ୍ଲ ସାହୁ ୨୪ ରନ କରିଥିଲେ। ସନ୍ଦୀପ ମିଶ୍ରଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବରୁ ଅନ୍ୟ ଏକ ମ୍ୟାଚରେ କମିଶନରେଟ ପୁଲିସ ୪୪ ରନରେ ପ୍ରଶାସକ ଏକାଦଶକୁ ହରାଇଥିଲା। ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି, ଜଗନ୍ନାଥ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



## ରାଉରକେଲା ଲେଗ୍ ପ୍ରୋ-ଲିଗ୍ ହକି

# ବେଲଜିୟମ୍‌ର ହ୍ୟାଟ୍ରିକ୍ ବିଜୟ

**ରାଉରକେଲା,୧୩।୨(ସମିସ):** ସ୍ଥାନୀୟ ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଚାଲିଥିବା ୨୦୨୬ ପୁରୁଷ ପ୍ରୋ-ଲିଗ୍ ହକିର ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ବେଲଜିୟମ ୫-୨ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଛି। ଏହା ଫଳରେ ଦଳ ଏଠାରେ ୩ଟି ମ୍ୟାଚ୍ ଖେଳି ୩ଟିରେ ବିଜୟୀ ହୋଇଛି। ଏଠାରେ ଦଳ ଆର୍ଜେଣ୍ଟିନାକୁ ୨ଥର ଓ ଭାରତକୁ ଥରେ ପରାସ୍ତ କରିଛି। ଭାରତ ସହ ଦଳ ଦ୍ୱିତୀୟ ମ୍ୟାଚ୍ ଖେଳିବ। ଭାରତ ତାହାର ପ୍ରଥମ ଦୁଇଟି ମ୍ୟାଚ୍‌ରେ ବେଲଜିୟମ (୩-୧) ଓ ଆର୍ଜେଣ୍ଟିନାଠାରୁ (୮-୦) ଶୋଚନୀୟ ପରାଜୟ ବରଣ କରିଛି। ଆସନ୍ତାକାଲି ଦଳ ବେଲଜିୟମ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ମ୍ୟାଚ୍‌ରେ ଦଳ କିଛିଟା ସମ୍ମାନ ରକ୍ଷା କରିବ ବୋଲି ଆଶା କରାଯାଉଛି। ହରମନପ୍ରୀତ ସିଂହଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳରେ ୫ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି।




# ଆଜିଠୁ ଆଇଏସ୍‌ଏଲ୍: ଖେଳିବନି ଚର୍ଚ୍ଚିଲ ବ୍ରଦର୍ସ

**ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି):** ବହୁ ବାଦବିବାଦ ଓ ଅନିଶ୍ଚିତତା ମଧ୍ୟରେ ଶେଷରେ ଭାରତୀୟ ଘରୋଇ ଫୁଟ୍‌ବଲର ଫ୍ରାଞ୍ଚାଇଜଭିତ୍ତିକ ପ୍ରତିଯୋଗିତା ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ୍)ର ୧୨ତମ ସଂସ୍କରଣ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁଯାଉଛି। ଡିଫେଣ୍ଡିଂ ଚାମ୍ପିଅନ ମୋହନବାଗାନ ଓ ୩ଥରର ଉପବିଜେତା କେରଳା ବ୍ଲାଷ୍ଟର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। କୋଲକାତାର ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଏହି ମ୍ୟାଚ୍ ସନ୍ଧ୍ୟା ୫ଟାରେ ଆରମ୍ଭ ହେବ। ସେହିଭଳି ରାତି ୭ଟା ୩୦ରେ ଏଫ୍‌ସି ଗୋଆ ଓ ଇଣ୍ଟର କାଶୀ ଦ୍ୱିତୀୟ ମ୍ୟାଚରେ ପରସ୍ପରକୁ ଭେଟିବେ। ଗୋଆର ଜବାହରଲାଲ ନେହରୁ ଷ୍ଟାଡିୟମରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ସୋମବାର ପଞ୍ଜାବ ଏଫ୍‌ସି ବିପକ୍ଷରେ ଖେଳି ଓଡ଼ିଶା ଏଫ୍‌ସି ଅଭିଯାନ ଆରମ୍ଭ କରିବ। ଚଳିତ ସଂସ୍କରଣରେ ୧୪ଟି ଦଳ ଟାଇଟଲ୍ ପାଇଁ ଲଢ଼େଇ କରିବେ। ସିଙ୍ଗଲ ଲେଗ୍ ରାଉଣ୍ଡ-ରବିନ ଫର୍ମାଟରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଫଳରେ ପ୍ରତ୍ୟେକ ଦଳ ୧୩ଟି ଲେଖାଏ ମ୍ୟାଚ ଖେଳିବେ। ଯେଉଁ ଦଳ ଶୀର୍ଷରେ ରହିବ ଚାମ୍ପିଅନ ଘୋଷିତ ହେବ। ଏଥର ମୋଟ୍ ୯୧ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଫ୍ୟାନକୋଡ୍‌ରେ ମ୍ୟାଚର ସିଧାପ୍ରସାରଣ କରାଯିବ।

କିନ୍ତୁ ଗତଥରର ଆଇ-ଲିଗ୍ ଚାମ୍ପିଅନ ହୋଇଥିବା ଚର୍ଚ୍ଚିଲ ବ୍ରଦର୍ସକୁ ଏଥର ଖେଳିବାକୁ ସୁଯୋଗ ମିଳିବ ନାହିଁ ବୋଲି ଏଆଇଏଫ୍‌ଏଫ୍ ସ୍ୱଷ୍ଟ କରିଛି। ଘଟଣାରୁ ଜଣାଯାଇଛି, ଚର୍ଚ୍ଚିଲ ବ୍ରଦର୍ସ ଗତଥର ଚାମ୍ପିଅନ ହୋଇଥିଲେ ମଧ୍ୟ କିଛି ବୈଷୟିକ ତ୍ରୁଟି ଯୋଗୁ ଦ୍ୱିତୀୟ ସ୍ଥାନରେ ଥିବା ଇଣ୍ଟର କାଶୀ ସିଏଏସ୍‌ରେ ମକଦ୍ଦମା କରିଥିଲା। ଏହାର ବିଚାର କରି ସିଏଏସ୍ ଇଣ୍ଟର କାଶୀ ଚାମ୍ପିଅନ ଘୋଷିତ କରିଥିଲେ ଓ ଏହି ଦଳ ଚଳିତବର୍ଷ ଆଇଏସ୍‌ଏଲ୍‌ରେ ସ୍ଥାନ ପାଇଛି। ଫଳରେ ଚର୍ଚ୍ଚିଲ ବ୍ରଦର୍ସ ବିଦା ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS